بسم الله الرحمن الرحيم نحمده ونصلى على رسوله الكريم

ସମ୍ପାଦକୀୟ

## ରୌଦ୍ର ତାପରେ ଜଳୁଥିବା ଲୋକେ !

ଯଦି ଖୁଦାଙ୍କ ଏହି ପ୍ରତିଶ୍ରୁତି ସତ୍ୟ ଅଟେ ଯେ ତା ତରଫରୁ ଯିଏ ମଧ୍ୟ ଦୂତ ଆସିଛନ୍ତି ତାଙ୍କ ସହିତ ଥଟ୍ଟା ପରିହାସ କରାଯାଇଛି, ତେବେ ଏହା ନିଶ୍ଚିତ ଥିଲା ଯେ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍‌ଙ୍କ ସହିତ ମଧ୍ୟ ଥଟ୍ଟା ପରିହାସ ହେବ । ମସିହ ମଉଦଙ୍କ ମୁଖାଲିଫତ୍ (ବିରୋଧ) ହେବା ତାଙ୍କ ସତ୍ୟତାର ପ୍ରମାଣ ଅଟେ, ମିଥ୍ୟାର ନୁହେଁ । ଓ୍ଵଲେମା ବୋଲାଉଥିବା ଲୋକେ ଓ ମୁଲା ଗଣ ଯେଉଁମାନେ ବିଶେଷତଃ ମସିହ୍ ମଉଦ୍ ଆ:ସଙ୍କ ମୁଖାଲିଫତ୍ କରିଛନ୍ତି ସେମାନେ ବହୁତ ଅଭାଗା ଅଟନ୍ତି ଯେ ନିଜେ ମଧ୍ୟ ପଥଭ୍ରଷ୍ଟ ହେଲେ ଓ ନିଜ କୌମ୍ (ଜାତି) କୁ ମଧ୍ୟ ପଥଭ୍ରଷ୍ଟ କରାଇଲେ । କୁର୍‌ଆନ୍ ଓ ହଦିସ୍ ମୁତାବକ ମସିହ୍ ଇବ୍‌ନେ ମରିୟମ୍ ମୃତ୍ୟୁବରଣ କରିସାରିଛନ୍ତି ଓ ପବିତ୍ର କୁରୁଆନ୍ ଦୃଷ୍ଟିକୋଣରୁ ମୃତ ବ୍ୟକ୍ତି ପୁନର୍ବାର ସଂସାରକୁ ଆସେନାହିଁ । ଆଁ ହଜ୍‌ରତ୍ ସ:ଆ:ସ ଯେଉଁ ମସିହ୍‌ଙ୍କ ଅବତୀର୍ଣ୍ଣ ନିମନ୍ତେ ଭବିଷ୍ୟବାଣୀ କରିଥିଲେ ସେ ତାଙ୍କ ବିଷୟରେ କହୁଛନ୍ତି ଯେ ମସିହ୍ ମଉଦ୍ ତୁମ ଭିତରୁ ହେବେ ଅର୍ଥାତ୍ ମୁହମ୍ମଦ୍‌ଙ୍କ ଉମ୍ମତ୍ (ସମ୍ପ୍ରଦାୟ) ଭିତରୁ ପ୍ରକଟ ହେବେ । ମୁସଲମାନ୍ ଓ୍ଵଲେମା ପବିତ୍ର କୁରୁଆନ୍ ଓ ହଦିସ୍‌ର ବିପରୀତ ଅତ୍ୟନ୍ତ ପଥଭ୍ରଷ୍ଟତାର ଅକିଦା (ବିଶ୍ଵାସ) କୁ ଆପଣାଇ ବସିଛନ୍ତି ଯେ ଉକ୍ତ ମସିହ୍ ଇବ୍‌ନେ ମରିୟମ୍ ଯିଏ ଦୁଇ ହଜାର ବର୍ଷ ପୂର୍ବେ ବନି ଇସ୍‌ରାଇଲ୍‌ର ନବୀ ରୂପେ ଆସିଥିଲେ, ସେ ଏପର୍ଯ୍ୟନ୍ତ ଆକାଶରେ ଜିବୀତ ବସିଛନ୍ତି । ଏବଂ ସେ ହିଁ ସଶରୀରେ ଆକାଶରୁ ଅବତୀର୍ଣ୍ଣ ହେବେ । ତା ହେଲେ ସେ କେବେ ଅବତୀର୍ଣ୍ଣ ହେବେ ? ସେ ତ ଅବତୀର୍ଣ୍ଣ ହୋଇପାରିବେ ନାହିଁ । କାରଣ ତାଙ୍କର ମୃତ୍ୟୁ ହୋଇସାରିଛି । କିନ୍ତୁ ଅଲ୍ଲାଃତାଲା ତାର କରୁଣା ଓ ଦୟା ବଳରୁ ଉମ୍ମତେ ମହମଦୀୟା ଅର୍ଥାତ୍ ଇସ୍‌ଲାମ୍‌ରେ ଯେଉଁ ମସିହ୍‌ଙ୍କୁ ଅବତୀର୍ଣ୍ଣ କଲେ ଅର୍ଥାତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିୟାନୀ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ଆ:ସଙ୍କୁ, ତାଙ୍କର ଏମାନେ ମୁଖାଲିଫତ୍ କରୁଛନ୍ତି । ଅଲ୍ଲାଃଙ୍କ ମାମୁର୍ (ପ୍ରେରିତ ଦୂତ)ଙ୍କ ବିରୁଦ୍ଧାଚରଣ କାହିଁକି କରାଯାଏ । ଏ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି–

### ସ୍ଵର୍ଗୀୟ ଅନୁଷ୍ଠାନର ମୁଖାଲିଫତ୍ (ବିରୋଧ)ହେବାର ଅସଲ କାରଣ

ଯେବେ ଜଣେ ନବୀ ବା ରସୁଲ୍ ଖୁଦାଙ୍କ ତରଫରୁ ଆବିର୍ଭାବ ହୁଅନ୍ତି ଓ ତାଙ୍କ ଫିର୍‌କା (ଗୋଷ୍ଠୀ)ର ଲୋକମାନଙ୍କୁ ଲୋକେ ଏକ ଭାଗ୍ୟବାନ୍, ସତ୍ୟନିଷ୍ଠ, ଉତ୍ସାହିତ ଓ ଉନ୍ନତି କରୁଥିବାର ଦେଖନ୍ତି ସେତେବେଳେ ସେ ସମୟରେ ଥିବା କୌମ୍‌ଙ୍କ ମନରେ ନିଶ୍ଚିତ ରୂପେ ଏକ ପ୍ରକାର ଦ୍ଵେଷ ଓ ଇର୍ଶାଭାବ ସୃଷ୍ଟି ହୋଇଥାଏ । ବିଶେଷ ରୂପେ ପ୍ରତ୍ୟେକ ଧର୍ମର ଧର୍ମଗୁରୁ ଓ ଧର୍ମର ଠିକାଦାରମାନେ ବହୁତ ଇର୍ଶାଭାବ ପୋଷଣ କରିଥାନ୍ତି । କାରଣ ସେହି ଦୈବି ପୁରୁଷଙ୍କ ଆବିର୍ଭାବ ହେବାଯୋଗୁ ସେମାନଙ୍କର ଆମଦାନୀ ଓ ମାନ ମର୍ଯ୍ୟାଦାରେ ହାନୀ ଘଟିଥାଏ.... ଓ୍ଵଲେମା ଓ ତଥାକଥିତ ସନ୍ଥମାନଙ୍କ ଗୋଷ୍ଠୀ ସର୍ବଦା ନବୀ ଓ ରସୁଲ୍‌ଙ୍କ ସଙ୍ଗେ ଇର୍ଶା କରି ଆସିଛନ୍ତି, କାରଣ ଖୁଦାଙ୍କ ନବୀ ଓ ମାମୁର୍‌ଙ୍କ ଆବିର୍ଭାବ ସମୟରେ ସେମାନଙ୍କ ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇଯାଇଥାଏ । କାରଣ ସେମାନଙ୍କ ନିକଟରେ ଦୁର୍ବଳତା ଥାଏ ଓ (ଅଲ୍ଲାଃଙ୍କ) ଜ୍ୟୋତିରୁ ବହୁତ କମ୍ ଅଂଶ ପାଇଥାନ୍ତି । ଖୁଦାଙ୍କ ନବୀ ଓ ରସୁଲ୍‌ଙ୍କ ସହିତ ସେମାନଙ୍କର ଶତୃତା କେବଳ ନିଜସ୍ଵ ଥାଏ । ସମ୍ପୂର୍ଣ୍ଣ ରୂପେ ନିଜ ମନଦ୍ଵାରା କବଳିତ ହୋଇ (ଇଶ୍ଵର ପ୍ରେରିତ ଦୂତ)ଙ୍କୁ ଦୁଃଖ ପହଂଚାଇବା ପାଇଁ ଯୋଜନା କରନ୍ତି । ଏବଂ ବେଳେବେଳେ ସେମାନେ ହୃଦୟରେ ଏ କଥା ଅନୁଭବ ମଧ୍ୟ କରିଥାନ୍ତି ଯେ ସେମାନେ ଖୁଦାଙ୍କ ଏକ ପବିତ୍ର ଭକ୍ତଙ୍କୁ ଅକାରଣରେ ଦୁଃଖ ପହଂଚାଇ ଖୁଦାଙ୍କ ଦଣ୍ଡର ଅଧିକାରୀ ହୋଇଯାଇଛନ୍ତି । ଏବଂ ତାଙ୍କର କାର୍ଯ୍ୟକଳାପ ଦ୍ଵାରା ତାଙ୍କ ମନର ଭାବନା ଅଭିବ୍ୟକ୍ତ ହୋଇଥାଏ । କିନ୍ତୁ ପୁଣି ମଧ୍ୟ ତାଙ୍କ ଇର୍ଶାର ବହ୍ନି ଶତୃତାର ଖାଇ ଆଡକୁ ଟାଣିନିଏ । ଏହି ସବୁ କାରଣ ଥିଲା ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ସମୟରେ ମୁଶରିକ୍ (ବହୁ ଇଶ୍ଵରବାଦୀ), ୟୁହୁଦୀ ଓ ଇସାଇମାନଙ୍କ ଓ୍ଵଲେମା ମାନଙ୍କୁ ନା କେବଳ ସତ୍ୟ ଗ୍ରହଣ କରିବାରୁ ବଂଚିତ କଲା ବରଂ ଭୀଷଣ ଶତୃତା କରିବା ନିମନ୍ତେ ପ୍ରବର୍ତାଇଲା ।

(ଗଭର୍ଣ୍ଣମେଂଟ୍ ଅଂଗ୍ରେଜୀ ଏବଂ ଜିହାଦ୍, ରୁହାନି ଖଜାଏନ୍, ଖଣ୍ଡ–୧୭, ପୃଷ୍ଠା–୩)

### ଯେଉଁମାନେ ମସିହ୍ ମଉଦ୍‌ଙ୍କୁ ଗ୍ରହଣ କଲେନାହିଁ ସେମାନଙ୍କର ଉଦାହରଣ (ଦୃଷ୍ଟାନ୍ତ)

ଆଁ ହଜ୍‌ରତ୍ ସ:ଆ:ସଙ୍କ ତାଗିଦ୍ ନିର୍ଦ୍ଦେଶ ଅଛି ଯେ ଯେବେ ତୁମେ ଇମାମ୍ ମେହେଦୀଙ୍କୁ ପାଅ ତେବେ ତାକୁ ମୋର ସଲାମ ପହଂଚାଇ ଦିଅ । ଆଉ ଗୋଟିଏ ହଦିସ୍‌ରେ କହୁଛନ୍ତି ଯଦି ବରଫ ପାହାଡ଼ରେ ଆଣ୍ଠୁରେ ଘୁସୁରି ଘୁସୁରି ତାଙ୍କ ନିକଟରେ ପହଂଚିବାକୁ ହୁଏ, ତେବେ ପହଂଚ ଓ ତାଙ୍କ ହାତରେ ବୟତ୍ କର । ଓ୍ଵଲେମା ବୋଲାଉଥିବା ଲୋକେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଏହି ଅତ୍ୟନ୍ତ ଗୁରୁତ୍ଵପୂର୍ଣ୍ଣ ନିର୍ଦ୍ଦେଶକୁ ଭୁଲାଇଦେଲେ ଓ ସଲାମ୍ ପହଂଚାଇବା ପରିବର୍ତେ ତାଙ୍କର ଭୀଷଣ ବିରୋଧ କଲେ । ଏହାର ଉଦାହରଣ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏପରି ଜଣେ ବ୍ୟକ୍ତିଙ୍କର ଦେଇଛନ୍ତି କି ସେ ବହୁତ ଭୋକିଲା ଥିବ ଓ କିସମ କିସମର ସୁକ୍ଷମ ଖାଦ୍ୟରେ ପରିପୁର୍ଣ୍ଣ ଦସ୍ତରଖାନ୍ (ଖାଦ୍ୟ ଟେବୁଲ) କୁ ଫିଙ୍ଗିଦେଇ ଭୋକରେ ନିଃଶେଷ ହୋଇଯିବ । ଆପଣ ଆ:ସ କହୁଛନ୍ତି:–

ଦୁଃଖର ବିଷୟ କି ଚଉଦ ସଦିରୁ ବାଇଶି ବର୍ଷ ବିତିଗଲାଣି ଓ ଆମ ଦାବୀର ସମୟକୁ ଏତେ ବର୍ଷ ହୋଇଗଲାଣି ଯେ ଯେଉଁ ଲୋକମାନେ ମୋ ଦାବୀର ପ୍ରାରମ୍ଭ ସମୟରେ ପେଟ ଭିତରେ (ଅର୍ଥାତ୍ ମା' ପେଟରେ) ଥିଲେ ସେମାନଙ୍କ ସନ୍ତାନମାନେ ମଧ୍ୟ ଯୌବନ ଅବସ୍ଥାରେ ପହଂଚି ଗଲେଣି । କିନ୍ତୁ ଆପଣମାନେ ଏପର୍ଯ୍ୟନ୍ତ ବୁଝିପାରୁନାହାଁନ୍ତି ଯେ ମୁଁ ହେଉଛି ସତ୍ୟବାଦି ଓ ବାରମ୍ବାର ଏହା କହୁଛନ୍ତି ଯେ ଆମେ ତୁମକୁ ଏଥିଯୋଗୁ ମାନୁନାହୁଁ କି ଆମ ହଦିସ୍‌ରେ ଲେଖାଅଛି ଯେ ତିରିଶିଟି ଦଜ୍ଜାଲ୍ ଆସିବେ ।

ହେ ଅଭାଗା କୌମ (ଜାତି) ! କଣ ତୁମ ଭାଗରେ ଦଜ୍ଜାଲ ରହିଗଲେ । ତୁମେମାନେ ସବୁଆଡୁ ଏପରି ନିଃଶେଷ ହୋଇଯାଇଅଛ ଯେପରି ଗୋଟିଏ ଶସ୍ୟକ୍ଷେତ୍ରକୁ ରାତ୍ରି ସମୟରେ କେଉଁସବୁ ଅଚିହ୍ନା ପଶୁ ନିଃଶେଷ କରିଦିଅନ୍ତି । ତୁମମାନଙ୍କର ଆଭ୍ୟନ୍ତରିଣ ଅବସ୍ଥା ମଧ୍ୟ ବହୁତ ଖରାପ ହୋଇଗଲାଣି ଓ ବାହ୍ୟ ଆକ୍ରମଣ ମଧ୍ୟ ଶେଷ ସୀମାରେ ପହଂଚି ସାରିଲାଣି । ସଦି (ଶତାବ୍ଦି) ର ପ୍ରାରମ୍ଭରେ ଯେଉଁ ମୋଜଦ୍ଦିଦ୍ (ସଂସ୍କାରକ) ଆସିଥାନ୍ତି ତାହା ବୋଧହୁଏ (ନଉଜୁବିଲ୍ଲାଃ) ଖୁଦା ଭୁଲିଯାଇଛନ୍ତି ଅର୍ଥାତ୍ ଏଥରକ ଯଦି ଶତାଢିର ମୁଣ୍ଡରେ ଆସିଲେ, ତେବେ ତୁମ କଥା ଅନୁସାରେ ଜଣେ ଦଜ୍ଜାଲ ଆସିଲେ । ତୁମେମାନେ ମାଟିରେ ମିଶିଗଲଣି କିନ୍ତୁ ଖୁଦା ତୁମର କିଛି ଖବର ନେଇନାହାଁନ୍ତି । ତୁମେ ବିଦ୍‌ଆତ୍ (ନୁଆ ନୁଆ ଇସ୍‌ଲାମ୍ ବାହାର ପ୍ରଥା) ରେ ବୁଡି ଗଲଣି କିନ୍ତୁ ଖୁଦା ତୁମକୁ ଉଦ୍ଧାର କଲେନାହିଁ । ତୁମ ନିକଟରୁ ଆଧାତ୍ମିକତା ଚାଲିଗଲାଣି । ସତ୍ୟନିଷ୍ଠତାର ଗନ୍ଧ ମଧ୍ୟ ନାହିଁ । ସତ କୁହ, ବର୍ତମାନ ତୁମଠାରେ ଆଧାତ୍ମିକତା କେଉଁଠି ଅଛି, ଖୁଦାଙ୍କ ସହିତ ସମ୍ପର୍କର ଚିହ୍ନ କେଉଁଠି, ତୁମ ନିକଟରେ ଦୀନ୍ (ଧର୍ମ) କଣ ? କେବଳ ଜିହ୍ଵାର ଚତୁରତା ଓ ଦୁଷ୍ଟତାରେ ପରିପୁର୍ଣ୍ଣ ଝଗଡ଼ା କରିବା, ଓ ଘୃଣାଭାବ ଦ୍ଵାରା ଉଦ୍‌ଗାର (ଯୋଶ୍) ହୋଇ ଅନ୍ଧପରି ଆକ୍ରମଣ କରିବା । ଖୁଦାଙ୍କ ନିକଟରୁ ଏକ ନକ୍ଷତ୍ର (ତାରା) ବାହାରିଲା । କିନ୍ତୁ ତୁମେମାନେ ତାକୁ ଚିହ୍ନିଲ ନାହିଁ । ଓ ତୁମେମାନେ ଅନ୍ଧାରକୁ ଗ୍ରହଣ କଲ । ତେଣୁ ଖୁଦା ତୁମକୁ ଅନ୍ଧାର ଭିତରେ ଛାଡ଼ିଦେଲା ।

ବର୍ତମାନ ଏପରି ଅବସ୍ଥାରେ ତୁମ ଭିତରେ ଓ ଅନ୍ୟ କୌମ ଭିତରେ କି ପ୍ରଭେଦ ଅଛି । କଣ ଅନ୍ଧମାନଙ୍କ ଭିତରୁ ଜଣେ ଅନ୍ଧ କହିପାରିବ ଯେ ତୁମ ଅବସ୍ଥାଠାରୁ ମୋ ଅବସ୍ଥା ଉତ୍ତମ ବୋଲି ।

*ଅବଶିଷ୍ଟାଂଶ ପୃଷ୍ଠା–୨୧ ରେ ଦେଖନ୍ତୁ....*

ସାପ୍ତାହିକ ଓଡ଼ିଆ ବଦର୍ "ମସିହ୍ ମଉଦ୍ ଆ:ସ ବିଶେଷାଙ୍କ"

## ସୂଚୀପତ୍ର


| କ୍ର.ନଂ | ସୂଚୀପତ୍ର | ପୃଷ୍ଠା |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ପବିତ୍ର କୁରୁଆନ୍ ଓ ହଦିସ୍ ନବୱତ୍ରେ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହେବାର ଖବର | ୨ |
| ୩ | ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ବାଣୀ | ୩ |
| ୪ | ୨୩ ମାର୍ଚ୍ଚ ୟୋମେ ମସିହ୍ ମଉଦ୍ ଆ:ସ ଉପଲକ୍ଷେ: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବଙ୍କ ଖୁତ୍‌ବା ଜୁମା | ୪ |
| ୫ | ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ–(ଉଦାର ମନୋଭାବ, ସହନଶୀଳତା ଓ ଅଦମ୍ୟ ଉତ୍ସାହ ଆଲୋକରେ) | ୯ |
| ୬ | ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ସତ୍ୟତା (ଚେତାବନୀ ଓ ଶୁଭସମ୍ବାଦ ମୂଳକ ଭବିଷ୍ୟବାଣୀ ଆଧାରରେ) | ୧୩ |
| ୭ | ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ଦ୍ଵିତୀୟ ଓ୍ଵତନ୍ (ସ୍ଵଦେଶ) – ସିଆଲକୋଟ୍ | ୧୮ |

# ପବିତ୍ର କୋରାନ୍ ଓ ଆହାଦିସ୍ ନବୱିରେ ମସିହ୍ ମଉଦ୍ ଓ ମେହ୍ଦୀ ମାହୁଦ୍ ଆଲୈହିସ୍ ସଲାତୋ ୱସ୍ ସଲାମ୍ଙ୍କ ଆବିର୍ଭାବ ହେବାର ଖବର

❁ هُوَ الَّذِیۡ بَعَثَ فِی الۡاُمِّیّٖنَ رَسُوۡلًا مِّنۡهُمۡ یَتۡلُوۡا عَلَیۡهِمۡ اٰیٰتِهٖ وَ یُزَکِّیۡهِمۡ وَ یُعَلِّمُهُمُ الۡکِتٰبَ وَ الۡحِکۡمَۃَ ٭ وَ اِنۡ کَانُوۡا مِنۡ قَبۡلُ لَفِیۡ ضَلٰلٍ مُّبِیۡنٍ ۙ﴿۳﴾ وَّ اٰخَرِیۡنَ مِنۡهُمۡ لَمَّا یَلۡحَقُوۡا بِهِمۡ ؕ وَ هُوَ الۡعَزِیۡزُ الۡحَکِیۡمُ ﴿۴﴾ (الجمعۃ:3)

ଅର୍ଥାତ୍- ସେ (ଅଲ୍ଲାଃ) ହିଁ ଏକ ନିରକ୍ଷର ସମ୍ପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି; (ସେ ନିରକ୍ଷର ହେବା ସତ୍ତ୍ୱେ) ସେମାନଙ୍କୁ ଅଲ୍ଲାଃଙ୍କ ଆଦେଶାବଳୀକୁ ପାଠକରି ଶୁଣାଉଛନ୍ତି, ଓ ସେମାନଙ୍କୁ ପବିତ୍ର କରାଉଛନ୍ତି, ଓ ସେମାନଙ୍କୁ (ଧର୍ମ) ଗ୍ରନ୍ଥ ଓ ତତ୍ତ୍ୱଶିକ୍ଷା ଦେଉଛନ୍ତି, ଅଥଚ ସେମାନେ ଏଥି ପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ ରହିଥିଲେ । ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ ସେ ତାହାକୁ ପ୍ରେରଣ କରିବେ, ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାଁନ୍ତି; ଏବଂ ସେ ହିଁ ପରାକ୍ରମୀ (ଓ) ତତ୍ତ୍ୱଜ୍ଞ । (ସୁରତୁଲ୍ ଜୁମା, ଆୟତ:୩,୪)

ସୟଦ୍ନା ହଜ୍ରତ୍ ଖଲିଫତୁଲ୍ ମସିହ୍ ରାବେ ରହେମୁଲ୍ଲାହୁ ତାଲା ଏହି ଆୟତ ଗୁଡ଼ିକୁ ବ୍ୟାଖ୍ୟା କରି କହୁଛନ୍ତି:- ଏହି ଆୟତରେ ଯେଉଁ ଶେଷ ଦଳଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି ତାଙ୍କ ଭିତରେ ଏହି ରସୁଲଙ୍କର ଆବିର୍ଭାବ ହେବା ମଧ ବର୍ଣ୍ଣନା କରାଯାଇଛି, ଯାହାର ବର୍ଣ୍ଣନା ପୂର୍ବ ଆୟତରେ ହୋଇଅଛି ।

(هُوَ الَّذِیۡ بَعَثَ فِی الۡاُمِّیّٖنَ رَسُوۡلًا)

କିନ୍ତୁ ଏହି ଆୟତ୍‌ର ଶେଷରେ ଉକ୍ତ ଚାରିଟି ଅଲ୍ଲାଃଙ୍କ ବିଶେଷ ଗୁଣ ବର୍ଣ୍ଣନା କରାଯାଇନାହିଁ ଯାହା ଆୟତ ନଂ-୨ ର ଶେଷରେ ବର୍ଣ୍ଣନା ହୋଇଛି । ବରଂ କେବଳ ଅଜିଜ୍ ଓ ହକିମ୍ ଏହି ଦୁଇଟି ଗୁଣକୁ ପୁନରାବୃତି କରାଯାଇଛି, ଯେଉଁଥିରୁ ଜଣାପଡୁଛି ଯେ ଯେଉଁ ରସୁଲଙ୍କ ବିଷୟରେ ପ୍ରଥମେ ବର୍ଣ୍ଣନା କରାଯାଇଛି ସେ ପୁନର୍ବାର ନିଜେ ଆବିର୍ଭାବ ହେବେନାହିଁ ବରଂ ତାଙ୍କ ଅନୁରୂପ ଆଉ କେହି ଆବିର୍ଭାବ ହେବେ ଯେ ଶରିୟତି ନବୀ ହେବେନାହିଁ । ମଜାର କଥା ଏହା ଯେ ହଜ୍ରତ୍ ଇସା ଆ:ସ ଙ୍କ ସମ୍ପର୍କରେ ମଧ ଏହି ଦୁଇଟି ଅଲ୍ଲାଃଙ୍କର ବିଶେଷ ଗୁଣ ବର୍ଣ୍ଣନା କରାଯାଇଛି । ଯେପରିକି କହୁଛନ୍ତି:-

بَلۡ رَّفَعَهُ اللّٰهُ اِلَیۡهِ ؕ وَ کَانَ اللّٰهُ عَزِیۡزًا حَکِیۡمًا (النساء:159)

❁ وَ اِذۡ قَالَ عِیۡسَی ابۡنُ مَرۡیَمَ یٰبَنِیۡۤ اِسۡرَآءِیۡلَ اِنِّیۡ رَسُوۡلُ اللّٰهِ اِلَیۡکُمۡ مُّصَدِّقًا لِّمَا بَیۡنَ یَدَیَّ مِنَ التَّوۡرٰىۃِ وَ مُبَشِّرًۢا بِرَسُوۡلٍ یَّاۡتِیۡ مِنۡۢ بَعۡدِی اسۡمُهٗۤ اَحۡمَدُ ؕ فَلَمَّا جَآءَهُمۡ بِالۡبَیِّنٰتِ قَالُوۡا هٰذَا سِحۡرٌ مُّبِیۡنٌ ﴿۷﴾ وَ مَنۡ اَظۡلَمُ مِمَّنِ افۡتَرٰی عَلَی اللّٰهِ الۡکَذِبَ وَ هُوَ یُدۡعٰۤی اِلَی الۡاِسۡلَامِ ؕ وَ اللّٰهُ لَا یَهۡدِی الۡقَوۡمَ الظّٰلِمِیۡنَ ﴿۸﴾

(ସୁରା ସଫ୍ ଆୟତ-୭,୮)

**ଅର୍ଥାତ୍** - ଏବଂ (ସ୍ମରଣକର) ଯେତେବେଳେ ମରିୟମ୍-ନନ୍ଦନ ଇସା ନିଜ ସମ୍ପ୍ରଦାୟକୁ କହିଲେ, "ହେ ଇସ୍ରାଇଲୀୟ ସନ୍ତାନମାନେ ! ଆମ୍ଭେ ଅଲ୍ଲାଃଙ୍କ ତରଫରୁ ତୁମମାନଙ୍କ ନିକଟକୁ ରସୁଲ୍ ଭାବରେ ଆସିଅଛୁ; ଯାହା (ଅର୍ଥାତ୍ ଯେଉଁବାଣୀ) ଆମ୍ଭର ଆଗମନ ପୂର୍ବରୁ ଅବତୀର୍ଣ୍ଣ ହୋଇଅଛି, ଅର୍ଥାତ୍ ତୌରାତ୍, ଆମ୍ଭେ ତାହାର ଭବିଷ୍ୟବାଣୀର ସତ୍ୟତା ପ୍ରତିପାଦିତ କରୁଅଛୁ, ଏବଂ ଏପରି ଜଣେ ରସୁଲଙ୍କ ସମ୍ବନ୍ଧରେ ସୁସମାଚାର ଦେଉଅଛୁ କି ଯିଏ ଆମ୍ଭପରେ ଆସିବେ, ଯାହାଙ୍କର ନାମ ଅହମଦ୍ ହେବ"; (କିନ୍ତୁ) ଏହାପରେ ଯେତେବେଳେ ସେ ରସୁଲ୍ ପ୍ରମାଣ ସହିତ ଆସିଥିଲେ, ସେତେବେଳେ ସେମାନେ କହିଥିଲେ, "ଏହା ସ୍ପଷ୍ଟ ପ୍ରତାରଣା" । ଏବଂ ତାଠାରୁ ଅଧିକ ଅତ୍ୟାଚାରୀ କିଏ ହୋଇପାରେ ଯେ ଅଲ୍ଲାଃଙ୍କ ନାମରେ ମିଥ୍ୟା ରଚନା କରେ ଅଥଚ ତାହାଙ୍କୁ ଇସଲାମ୍ (ଧର୍ମ) ପ୍ରତି ଡକାଯାଉଛି ? ଏବଂ ଅଲ୍ଲାଃ ଅତ୍ୟାଚାରୀମାନଙ୍କୁ କଦାପି ସତ୍‌ପଥ ପ୍ରଦର୍ଶନ କରାନ୍ତି ନାହିଁ ।

**ଆୟତ ନଂ-୭ ର ବ୍ୟାଖ୍ୟାରେ ସୟଦ୍ନା ହଜ୍ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କହୁଛନ୍ତି:-** ଏହି ଆୟତରେ ରସୁଲେ କରିମ୍ ସ:ଆ:ସଙ୍କ ପେଶଗୋଇ ଅଛି ଯାହା ଇଞ୍ଜିଲ୍ ବର୍‌ନବାସରେ ଲେଖାହୋଇଅଛି । ଇସାଇମାନେ ଏହାକୁ ମିଥ୍ୟା ଇଞ୍ଜିଲ୍ ରୂପେ ଅଭିହିତ କରୁଛନ୍ତି କିନ୍ତୁ ଏହା ପୋପ୍‌ଙ୍କ ଲାଇବ୍ରେରିରେ ଅବସ୍ଥିତ । ଏତଦ୍‌ଭିନ୍ନ ଏହା ମଧ ଦଲିଲ୍ ଅଛି ଯେ ପ୍ରଚଳିତ ଅନାଜିଲରେ "ଫାରେ କଲିଫ୍" ର ଖବର ଦିଆଯାଇଛି ଯାହାର ଅର୍ଥ ହେଉଛି "ଅହେମଦ୍" । ତେଣୁ ଏହି ଆୟତରେ ରସୁଲେ କରିମ୍ ସ:ଆ:ସଙ୍କୁ ପରୋକ୍ଷ ରୂପେ ଓ ଆପଣ ସ:ଆ:ସଙ୍କ ଜଣେ ବରୋଜ୍ (ଅନୁରୂପ)ଙ୍କ ବିଷୟକୁ ପ୍ରତ୍ୟକ୍ଷ ରୂପେ ପର ସୁରା(ଅଧ୍ୟାୟ) ରେ ଖବର ଦିଆଯାଇଛି ।

**ଆୟତ ନଂ-୮ ର ବ୍ୟାଖ୍ୟା କରି ହଜୁର୍ ର:ଅ କହୁଛନ୍ତି:-** ଏହି ଆୟତରେ ଏ କଥା ପ୍ରକାଶ କରାଯାଇଛି ଯେ ଆଁ ହଜ୍ରତ୍ ସ:ଆ:ସଙ୍କ ବରୋଜି(ଅନୁରୂପ)ଙ୍କ ବିଷୟରେ ବିଶେଷ ଧ୍ୟାନ ଦେବା ଉଚିତ୍, ଯାହା ଏକ ପ୍ରତ୍ୟେକ୍ଷ ପେଶଗୋଇ ଅଟେ କିନ୍ତୁ ଇସ୍‌ଲାମ୍ ଆଡ଼କୁ ତାଙ୍କୁ ଡକାଯିବ । ମୁହମ୍ମଦ୍ ସ:ଆ:ସ ତ ନିଜେ ସଂସାରକୁ ଇସଲାମ୍ ଆଡ଼କୁ ଡାକୁଥିଲେ ।

## ତୁମର ଇମାମ୍ ତୁମମାନଙ୍କ ମଧ୍ୟରୁ ହେବେ

● عَنْ اَبِیْ هُرَیْرَةَ رَضِیَ اللّٰهُ عَنْهُ قَالَ : قَالَ رَسُوْلُ اللّٰهِ صَلَّی اللّٰهُ عَلَیْهِ وَسَلَّمَ : کَیْفَ اَنْتُمْ اِذَا نَزَلَ ابْنُ مَرْیَمَ فِیْکُمْ وَاِمَامُکُمْ مِنْکُمْ وَفِیْ رِوَایَةٍ فَاَمَّکُمْ مِنْکُمْ (بخاری کتاب الانبیاء)

ଅର୍ଥାତ୍-ହଜ୍ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରି କହୁଛନ୍ତି ଯେ ଆଁ ହଜ୍ରତ୍ ସ:ଆ:ସ କହିଲେ ତୁମର ଅବସ୍ଥା କେତେ ସଙ୍କଟାପନ୍ନ ହେବ ଯେବେ ଇବ୍‌ନେ ମରିୟମ୍ (ଅର୍ଥାତ୍ ମସିହ୍‌ଙ୍କ ଅନୁରୂପ) ତୁମ ଭିତରେ ପ୍ରକଟ ହେବେ ଓ ତୁମର ଇମାମ୍ ହେବେ ଓ ତୁମମାନଙ୍କ ମଧ୍ୟରୁ ହେବେ (ବୁଖାରୀ କିତାବୁଲ୍ ଅମ୍ବିୟା) । ଆଉ ଗୋଟିଏ ରିୱାୟତ୍‌ରେ ଆସିଛି ଯେ ତୁମମାନଙ୍କ ମଧ୍ୟରୁ ହେବାର କାରଣ ହେଉଛି ସେ ତୁମମାନଙ୍କର ଇମାମତ୍ କାର୍ଯ୍ୟ ସମ୍ପାଦନ କରିବେ ।

## ମସିହ୍ ମଉଦ୍ ଆଲୈହିସ୍ ସଲାତୋ ୱ ସଲାମ୍ଙ୍କ କାର୍ଯ୍ୟ

● عَنْ اَبِیْ هُرَیْرَةَ رَضِیَ اللّٰهُ عَنْهُ عَنِ النَّبِیِّ صَلَّی اللّٰهُ عَلَیْهِ وَسَلَّمَ قَالَ : لَا تَقُوْمُ السَّاعَةُ حَتّٰی یَنْزِلَ عِیْسَی بْنُ مَرْیَمَ حَکَمًا مُقْسِطًا وَاِمَامًا عَدْلًا فَیَکْسِرَ الصَّلِیْبَ وَیَقْتُلَ الْخِنْزِیْرَ وَیَضَعَ الْجِزْیَةَ وَیَفِیْضَ الْمَالُ حَتّٰی لَا یَقْبَلَهُ اَحَدٌ

(ସୁନନେ ଇବ୍‌ନେ ମାଜା କିତାବୁଲ୍ ଫିତନ୍.....ଖୋରୁଜେ ଯାଜୁଜ୍ ୱ ମାଜୁଜ୍)

ଅର୍ଥାତ୍-ହଜ୍ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍ରତ୍ ସ:ଆ:ସ କହୁଛନ୍ତି ଯେପର୍ଯ୍ୟନ୍ତ ଇସା ଇବ୍‌ନେ ମରିୟମ୍ ଯିଏ ନ୍ୟାୟାଧିଶ ହାକିମ ଓ ନ୍ୟାୟବନ୍ତ ଇମାମ୍ ଭାବେ ଆବିର୍ଭାବ ହୋଇ ନଆସିଛନ୍ତି ସେପର୍ଯ୍ୟନ୍ତ କୟାମତ୍ ହେବନାହିଁ । (ଯେବେ ସେ ଆବିର୍ଭାବ ହେବେ ତେବେ) ସେ ସଲିବ୍ (କ୍ରୁଶ) କୁ ଭାଙ୍ଗିବେ, ଖିନ୍‌ଜିର୍ (ଘୁଷୁରି)କୁ ହତ୍ୟା କରିବେ, ଜିଜିଆ (ଟ୍ୟାକ୍‌ସ)ର ପ୍ରଥାକୁ ଶେଷ କରିବେ ଓ ଏପରି ଧନ ବଂଟନ କରିବେ ଯାହାକୁ ଲୋକମାନେ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେବେନାହିଁ ।

## ଇମାମ୍ ମେହେଦୀ ଓ ମସିହ୍ ମଉଦ୍‌ଙ୍କ ଯୁଗ

● عَنْ حُذَیْفَةَ بْنِ یَمَانٍ قَالَ : قَالَ رَسُوْلُ اللّٰهِ صَلَّی اللّٰهُ عَلَیْهِ وَسَلَّمَ : اِذَا مَضَتْ اَلْفٌ وَمِائَتَانِ وَاَرْبَعُوْنَ سَنَةً یَبْعَثُ اللّٰهُ الْمَهْدِیَّ (النجم الثاقب جلد 2 صفحہ 209)

ଅର୍ଥାତ୍-ହଜ୍ରତ୍ ହୁଜେଫାବିନ୍ ୟମାନ୍ ର:ଅ ବର୍ଣ୍ଣନା କରୁଛନ୍ତି କି ରସୁଲେ କରିମ୍ ସ:ଆ:ସ କହିଲେ ୧୨୪୦ (ସାଲ୍) ପରେ ଅଲ୍ଲାଃତାଲା ମେହେଦୀଙ୍କୁ ପ୍ରେରଣ କରିବେ । (ନଜ୍‌ମୁ ସାକିବ୍, ଖଣ୍ଡ-୨, ପୃଷ୍ଠା-୨୦୯)

## ଆଁ ହଜ୍ରତ୍ ସ:ଆ:ସଙ୍କ ନିର୍ଦ୍ଦେଶ ଅଛି କି ଯେବେ ମସିହ୍ ମଉଦ୍ ଆ:ସଙ୍କ ଯୁଗ ପାଇବ ତେବେ ତାଙ୍କୁ ମୋର ସଲାମ୍ ପହଂଚାଇବ

● اَلَا اِنَّ عِیْسَی بْنَ مَرْیَمَ لَیْسَ بَیْنِیْ وَبَیْنَهُ نَبِیٌّ وَلَا رَسُوْلٌ اَلَا اِنَّهُ خَلِیْفَتِیْ فِیْ اُمَّتِیْ مِنْ بَعْدِیْ اَلَا اِنَّهُ یَقْتُلُ الدَّجَّالَ وَیَکْسِرُ الصَّلِیْبَ وَیَضَعُ الْجِزْیَةَ وَتَضَعُ الْحَرْبُ اَوْزَارَهَا اَلَا مَنْ اَدْرَکَهُ فَلْیَقْرَأْ عَلَیْهِ السَّلَامَ (طبرانی الاوسط والصغیر)

ଅର୍ଥାତ୍-ସଚେତନ ହୋଇଯାଅ କି ଇସା ଇବ୍‌ନେ ମରିୟମ୍ (ମସିହ୍ ମଉଦ୍) ଓ ମୋ ସମୟ ମଧ୍ୟରେ ଆଉ କେହି ନବୀ ଓ ରସୁଲ୍ ହେବେନାହିଁ । ଖୁବ୍ ଶୁଣିରଖ ଯେ ମୋ ପରେ ଏ ଉମ୍ମତ୍‌ରେ ମୋର ଖଲିଫା ହେବ । ସେ ନିଶ୍ଚିତ ରୂପେ ଦଜ୍ଜାଲ୍‌କୁ ହତ୍ୟା କରିବ । ସଲିବ୍ (ଅର୍ଥାତ୍ କ୍ରୁଶ ପ୍ରଥା)କୁ ଖଣ୍ଡ ଖଣ୍ଡ କରିଦେବ ଓ ଜିଜିଆକୁ ଶେଷ କରିଦେବ (ଅର୍ଥାତ୍ ଏହାର ପ୍ରଚଳନ ଉଠିଯିବ କାରଣ) ସେ ସମୟରେ (ଧର୍ମୀୟ) ଯୁଦ୍ଧର ପରିସମାପ୍ତି ଘଟିବ । ମନେରଖ ଯାହାକୁ ମଧ ତାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ମିଳିବ ସେ ତାଙ୍କୁ ମୋର ସଲାମ୍ ନିଶ୍ଚିତ ପହଂଚାଇବ । (ତିବ୍‌ରାନି)

## ଇମାମ୍ ମେହେଦୀଙ୍କ ବୟତ୍ କରିବା ନିମନ୍ତେ ତାଗିଦ୍ ନିର୍ଦ୍ଦେଶ

● فَاِذَا رَاَیْتُمُوْهُ فَبَایِعُوْهُ وَلَوْ حَبْوًا عَلَی الثَّلْجِ فَاِنَّهُ خَلِیْفَةُ اللّٰهِ الْمَهْدِیُّ

ଅର୍ଥାତ୍- ହେ ମୁସଲମାନ୍ ମାନେ ଯେବେ ତୁମେ ତାଙ୍କ ବିଷୟରେ ଜାଣିନେବ ତେବେ ଯଥାଶିଘ୍ର ତାଙ୍କ ହାତରେ ବୟତ୍ କରିନେବ ଯଦିଚ ତୁମ୍ଭକୁ ବରଫ ଉପରେ ଆଣ୍ଠେଇ ଆଣ୍ଠେଇ ଯିବାକୁ ପଡ଼େ । କାରଣ ସେ ଖୁଦାଙ୍କର ଖଲିଫା ଓ ମେହେଦୀ ହେବେ ।

*(ଅବୁଦାଉଦ୍ ବାବ୍ ଖୁରୁଜୁଲ୍ ମେହେଦୀ)*

# ମୁଁ ଖୁଦାଙ୍କ ତରଫରୁ ଏଥିପାଇଁ ପ୍ରେରଣ ହୋଇଅଛି କି ମୋ ହାତରେ ଖୁଦାତାଲା ଇସ୍‌ଲାମ୍‌କୁ ସମସ୍ତ ଦୀନ୍ (ଧର୍ମ) ଉପରେ ବିଜୟ ପ୍ରଦାନ କରାଇବେ ।

## ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ବାଣୀ

### ମୋତେ ଖୁଦାତାଲା ଏହି ଚଉଦ ସଦିର ପ୍ରାରମ୍ଭରେ ପ୍ରେରଣ କରିଛନ୍ତି ଯଦ୍ୱାରା ମୁଁ ପବିତ୍ର କୋରାନ୍‌ର ଉତମତା ଏବଂ ହଜ୍‌ରତ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ମହାନ୍ ବୈଭବକୁ ପ୍ରକାଶ କରିବି

"ହେ ଇସ୍‌ଲାମ୍‌ର ମହାନ୍ ବ୍ୟକ୍ତି ବିଶେଷ ଗଣ! ଖୁଦାତାଲା ଆପଣମାନଙ୍କ ହୃଦୟରେ ସବୁ ଫିର୍‌କା ମାନଙ୍କ ଠାରୁ ବଳି ପୁଣ୍ୟ ଇଚ୍ଛା ସୃଷ୍ଟି କରାନ୍ତୁ ଓ ଏହି ସଙ୍କଟାପର୍ଣ୍ଣ ସମୟରେ ଆପଣମାନଙ୍କୁ ନିଜର ପ୍ରିୟ ଦୀନ୍‌ର ସଚ୍ଚା ସେବକ ବନାନ୍ତୁ । ମୁଁ ବର୍ତ୍ତମାନ୍ କେବଳ ଅଲ୍ଲାଃଙ୍କ ଖାତିର୍ ଏହି ଜରୁରୀ ସୂଚନା ଦେଉଅଛି ଯେ ମୋତେ ଖୁଦାତାଲା ଏହି ଚଉଦ ସଦିର ପ୍ରାରମ୍ଭରେ ନିଜ ତରଫରୁ ମାମୁର୍ (ଦୂତ) କରି ଦୀନେ ମତିନ୍ (ଶ୍ରେଷ୍ଠଧର୍ମ) ଇସ୍‌ଲାମ୍‌ର ତଜ୍‌ଦିଦ୍ (ସଂସ୍କାର) ଓ ସହଯୋଗ କରିବା ପାଇଁ ପ୍ରେରଣ କରିଛନ୍ତି । ଯଦ୍ୱାରା ମୁଁ ଏହି ଅଶାନ୍ତ ଯୁଗରେ ପବିତ୍ର କୋରାନ୍‌ର ଉତମତା ଏବଂ ହଜ୍‌ରତ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ମହାନ୍ ବୈଭବ ପ୍ରକାଶ କରିବି ଓ ସେହି ସମସ୍ତ ଶତ୍ରୁମାନଙ୍କୁ, ଯେଉଁମାନେ ଇସ୍‌ଲାମ୍ ଉପରେ ଆକ୍ରମଣ କରୁଛନ୍ତି, ଉକ୍ତ ଜ୍ୟୋତି, ବରକାତ୍ (ବୈଭବ) ଓ ଐଶ୍ୱରିକ ଜ୍ଞାନ ସାହାଯ୍ୟରେ ସେମାନଙ୍କୁ ଉତର ଦେବି, ଯାହା ମୋତେ ପ୍ରଦାନ କରାଯାଇଅଛି" । *(ରୁହାନି ଖଜାଏନ୍, ଖଣ୍ଡ-୬, ବରକାତୁଦ୍ ଦୁଆ, ପୃଷ୍ଠା-୩୪)*

### ଖୁଦାତାଲା ମୋ ଲେଖନୀ ଦ୍ୱାରା ପ୍ରତ୍ୟେକ ଫିର୍‌କାଙ୍କ ଉପରେ ତର୍କକୁ ସମ୍ପୂର୍ଣ୍ଣ କରିଛନ୍ତି

ଆନୁମାନିକ କୋଡିଏ ବର୍ଷ ହୋଇଗଲାଣି । ମୋ ଉପରେ ଏହି ପବିତ୍ର କୋରାନ୍‌ର ଆୟତଟି ଏଲ୍‌ହାମ୍ (ସ୍ୱର୍ଗବାଣୀ) ହୋଇଥିଲା ଓ ତାହା ହେଉଛି ଏପରି-

هُوَ الَّذِیْۤ اَرْسَلَ رَسُوْلَهٗ بِالْهُدٰی وَدِیْنِ الْحَقِّ لِیُظْهِرَهٗ عَلَی الدِّیْنِ کُلِّهٖ

ଏବଂ ମୋତେ ଏହି ଏଲ୍‌ହାମ୍‌ଟିର ଅର୍ଥ ଏପରି ବୁଝାଇ ଦିଆଯାଇଥିଲା ଯେ ମୁଁ ଖୁଦାଙ୍କ ତରଫରୁ ଏଥିପାଇଁ ପ୍ରେରଣ କରାଯାଇଅଛି କି ମୋ ହାତରେ ଖୁଦାତାଲା ଇସ୍‌ଲାମ୍‌କୁ ସମସ୍ତ ଦୀନ୍ (ଧର୍ମ) ଉପରେ ବିଜୟ ପ୍ରଦାନ କରାଇବେ । ଏବଂ ଏଠାରେ ମନେରଖିବାକୁ ହେବ ଯେ ଏହା ପବିତ୍ର କୋରାନ୍‌ରେ ଗୋଟିଏ ମହାନ୍ ପେଶ୍‌ଗୋଇ (ଭବିଷ୍ୟବାଣୀ) ରୂପେ ଅଛି ଯାହା ବାବଦରେ ଗବେଷଣା କରୁଥିବା ଓ୍ୱଲେମା ମାନଙ୍କର ଏକମତ କି ଏହା ମସିହ୍ ମଉଦ୍‌ଙ୍କ ହାତରେ ହିଁ ସମ୍ପୂର୍ଣ୍ଣ ହେବ । ସୁତରାଂ ଯେତେକ ଅଉଲିଆ ଓ ଅବ୍‌ଦାଲ୍ (ମହାପୁରୁଷ ଗଣ) ମୋ ପୂର୍ବରୁ ଆସି ଚାଲିଯାଇଛନ୍ତି ସେମାନଙ୍କ ମଧ୍ୟରୁ କେହି ନିଜକୁ ଏହି ପେଶ୍‌ଗୋଇର ପ୍ରମାଣକ ରୂପେ ଅଭିବ୍ୟକ୍ତ କରିନାହାଁନ୍ତି ଏବଂ ନାଁ ଏ ଦାବୀ କରିଛନ୍ତି କି ଏହି ଉପର ବର୍ଣ୍ଣିତ ଆୟତଟି ମୋ ନିମନ୍ତେ ଏଲ୍‌ହାମ୍ ହୋଇଛି ବୋଲି । କିନ୍ତୁ ଯେତେବେଳେ ମୋର ସମୟ ଆସିଲା ସେତେବେଳେ ମୋ ଉପରେ ଏ ଏଲ୍‌ହାମ୍ ହେଲା ଓ ମୋତେ ବତାଇ ଦିଆଗଲା ଯେ ଏ ଆୟତ୍‌ର ପ୍ରମାଣକ ହେଉଛ ତୁମେ । ଏବଂ ତୁମ ହାତରେ ହିଁ ଓ ତୁମ ସମୟରେ ହିଁ ମୁଁ (ଅଲ୍ଲାଃ)ଦୀନେ ଇସ୍‌ଲାମ୍‌ର ଶ୍ରେଷ୍ଠତା କୁ ଅନ୍ୟଧର୍ମମାନଙ୍କ ଉପରେ ପ୍ରମାଣ କରିଦେବି । ସୁତରାଂ ଏହି ଅଲୌକିକ ଚମତ୍କାରଟି ମହୋତ୍ସବର ଜଲ୍‌ସାରେ ପ୍ରକାଶ ହୋଇଯାଇଛି ଓ ଏହି ଜଲ୍‌ସାରେ ମୋ ତକ୍‌ରିର୍ (ବକ୍ତବ୍ୟ) ହେବା ଅନ୍ୟ ସମସ୍ତ ତକ୍‌ରିର୍‌ର ମୁକାବିଲାରେ ପ୍ରତ୍ୟେକ ଫିର୍‌କାର ଓକିଲ୍ (ସମର୍ଥକ) ମାନଙ୍କୁ ଖୁସିରେ ହେଉ ବା ଦୁଃଖରେ ହେଉ ଏକଥା ମାନିବାକୁ ପଡ଼ିଥିଲା ଯେ ନିଶ୍ଚିତ ରୂପେ ଦୀନେ-ଇସ୍‌ଲାମ୍ ନିଜ ଉତମତା ଯୋଗୁ ପ୍ରତ୍ୟେକ ଧର୍ମଠାରୁ ଅଧିକ ଅଛି । ଓ ପୁଣି ଏଥିରେ ଶେଷ ହେଲାନାହିଁ ବରଂ ଖୁଦାତାଲା ମୋ ଲେଖନୀ ଦ୍ୱାରା ପ୍ରତ୍ୟେକ ଫିର୍‌କା ଉପରେ ଇତେମାମେ ହୁଜ୍ଜତ୍ (ତର୍କକୁ ସମ୍ପୂର୍ଣ୍ଣ) କରିଦେଲେ । *(ତରିୟାକୁଲ୍ କୁଲୁବ୍, ରୁହାନି ଖଜାଏନ୍, ଖଣ୍ଡ-୧୫, ପୃଷ୍ଠା-୨୩୨)*

### ମୁଁ ଜାଣିଛି ଯେ ନିଶ୍ଚିତ ରୂପେ ଖୁଦା ମୋତେ ସାହାଯ୍ୟ କରିବେ, ଯେପରି ସେ ସର୍ବଦା ନିଜ ରସୁଲ୍ (ପ୍ରେରିତ ଦୂତ) ମାନଙ୍କର ସାହାଯ୍ୟ କରି ଆସିଛି । ମୋ ମୁକାବିଲାରେ ଛିଡ଼ା ହେବାକୁ କେହି ନାହାଁନ୍ତି ।

"ଯେବେକି ମୁଁ ଏପର୍ଯ୍ୟନ୍ତ ଦେଢ଼ଶହ ପାଖାପାଖି ପେଶ୍‌ଗୋଇ (ସ୍ୱର୍ଗବାଣୀ) ଖୁଦାଙ୍କ ତରଫରୁ ପାଇ ନିଜ ଆଖିରେ ଦେଖିସାରିଛି ଯେ ଏଗୁଡିକ ସ୍ପଷ୍ଟ ରୂପେ ସମ୍ପୂର୍ଣ୍ଣ ହୋଇସାରିଛି । ତେବେ ମୁଁ ନିଜ ବିଷୟରେ ନବୀ ବା ରସୁଲ୍ ହେବାର ନାମକୁ କାହିଁକି ପ୍ରତ୍ୟାଖ୍ୟାନ କରିବି ଏବଂ ଯେବେକି ଖୁଦାତାଲା ଏହି ନାମ ମୋ ପାଇଁ ରଖିଛନ୍ତି । ତେବେ ମୁଁ କାହିଁକି ଏହାକୁ ରଦ୍ଦ କରିବି ବା ତା (ଖୁଦା) ଛଡ଼ା ଅନ୍ୟ କାହାକୁ କାହିଁକି ଡରିବି । ମୋତେ ଖୁଦାଙ୍କ ରାଣ ଯିଏ ମୋତେ ପ୍ରେରଣ କରିଛନ୍ତି ଓ ଯାହାଙ୍କ ଉପରେ ଇଫ୍‌ତରା (ମିଥ୍ୟାରୋପ) କରିବା ଲାନତି (ଅଭିଶପ୍ତ)ଙ୍କ କାର୍ଯ୍ୟ ଅଟେ । ଅର୍ଥାତ୍ ସେ ମୋତେ ମସିହ୍ ମଉଦ୍ ରୂପେ ପ୍ରେରଣ କରିଛନ୍ତି ଓ ମୁଁ ଯେପରି ପବିତ୍ର କୋରାନ୍‌ର ଆୟତ ଉପରେ ଇମାନ୍ (ବିଶ୍ୱାସ) ରଖିଅଛି ସେହିପରି ତିଳେମାତ୍ର ଫରକ ନ କରି ଖୁଦାଙ୍କ ସେହି ପ୍ରକାଶ୍ୟ ଓ୍ୱହି (ସ୍ୱର୍ଗବାଣୀ) ଉପରେ ଇମାନ୍ ଆଣିଛି, ଯାହା ମୋ ଉପରେ ଅବତୀର୍ଣ୍ଣ ହୋଇଅଛି, ଯାହାର ସତ୍ୟତା ତା (ଖୁଦା)ଙ୍କ ଲଗାତାର ନିଦର୍ଶନ ଦ୍ୱାରା ମୋ ଉପରେ ସ୍ପଷ୍ଟ ହୋଇଯାଇଛି ଏବଂ ମୁଁ ବୈତୁଲ୍ଲାଃ (ଖାନା କାବା)ରେ ଛିଡ଼ା ହୋଇ ଏ ରାଣ ଖାଇପାରିବି କି ସେହି ପବିତ୍ର ଓ୍ୱହି ଯାହା ମୋ ଉପରେ ଅବତୀର୍ଣ୍ଣ ହେଉଅଛି ତାହା ସେହି ଖୁଦାଙ୍କ ବାଣୀ ଅଟେ ଯିଏ ହଜ୍‌ରତ୍ ମୁସା, ହଜ୍‌ରତ୍ ଇସା ଓ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଉପରେ ନିଜର ବାଣୀ ଅବତୀର୍ଣ୍ଣ କରିଥିଲେ । ମୋ ପାଇଁ ପୃଥିବୀ ଓ ଆକାଶ ମଧ୍ୟ ସାକ୍ଷୀ ଦେଇଛନ୍ତି । ସେହିପରି ମୋ ପାଇଁ ଆକାଶ ମଧ୍ୟ ଓ ପୃଥିବୀ ମଧ୍ୟ କଥା କହିଛନ୍ତି କି ମୁଁ ହେଉଛି ଖଲିଫତୁଲ୍ଲାଃ (ଅଲ୍ଲାଃଙ୍କ ଖଲିଫା) । କିନ୍ତୁ ଏ ପେଶ୍‌ଗୋଇ ହେବା ଯୋଗୁ ଏହା ନିଶ୍ଚିତ ଥିଲା କି ଅମାନ୍ୟ ମଧ୍ୟ କରାଯିବ । ତେଣୁ ଯେଉଁମାନଙ୍କ ହୃଦୟରେ ପର୍ଦ୍ଦା ପଡ଼ିଯାଇଛି ସେମାନେ ଗ୍ରହଣ କରିବେ ନାହିଁ । ମୁଁ ଜାଣିଛି କି ନିଶ୍ଚିତ ରୂପେ ଖୁଦା ମୋତେ ସାହାଯ୍ୟ କରିବେ, ଯେପରି ସେ ସର୍ବଦା ନିଜର ରସୁଲ୍ ମାନଙ୍କର ସାହାଯ୍ୟ କରି ଆସିଛନ୍ତି । କେହି ନାହିଁ ଯେ ମୋ ମୁକାବିଲାରେ ଛିଡ଼ା ହୋଇପାରିବେ" । *(ରୁହାନି ଖଜାଏନ୍, ଖଣ୍ଡ-୧୮, ଏକ୍ ଗଲତିକା ଇଜାଲା, ପୃଷ୍ଠା-୨୧୦)*

### ଖୁଦାତାଲା ମୋତେ ଏ ଯୁଗର ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ପ୍ରେରଣ କରିଛନ୍ତି

ଏ ଭାବନା କଦାପି ସଠିକ୍ ନୁହେଁ ଯେ ଅମ୍ବିୟା (ନବୀମାନେ) ଆ:ସ ଦୁନିଆରୁ ବିନା ଉତରାଧିକାରୀରେ ଚାଲିଗଲେ ଓ ଏବେ ସେମାନଙ୍କ ବିଷୟରେ କିଛି ରାୟ ପ୍ରକାଶ କରିବା କେବଳ କାହାଣୀ ଛଡ଼ା ଆଉ କିଛି ଅଧିକ ମହତ୍ୱ ରଖୁନାହିଁ । ବରଂ ପ୍ରତ୍ୟେକ ଶତାବ୍ଦୀରେ ଆବଶ୍ୟକ ଅନୁଯାଇ ସମୟ ଅନୁସାରେ ସେମାନଙ୍କର ଉତରାଧିକାରୀ ଜନ୍ମ ହୋଇଆସିଛନ୍ତି ଓ ଏ ଶତାବ୍ଦୀରେ ଏ ଅଧମ (ଜନ୍ମ) ହୋଇଛି । ଖୁଦାତାଲା ମୋତେ ଏ ଯୁଗର ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ପ୍ରେରଣ କରିଛନ୍ତି, ଯଦ୍ୱାରା ସେହି ସବୁ ଭୁଲ୍ ଗୁଡିକ, ଯେଉଁଗୁଡିକ ଖୁଦାତାଲାଙ୍କ ବିଶେଷ ସାହାଯ୍ୟ ବିନା ବାହାରି ପାରିନଥାନ୍ତା, ତାହା ସବୁ ମୁସଲମାନଙ୍କ ଭାବନାରୁ ବାହାର କରାଯିବ ଏବଂ ଅମାନ୍ୟକାରୀଙ୍କୁ ସଚ୍ଚା ଓ ଜୀବନ୍ତ ଖୁଦାର ପ୍ରମାଣ ଦିଆଯିବ ଓ ଇସ୍‌ଲାମ୍‌ର ବୈଭବ ଏବଂ ବାସ୍ତବିକ ସତେଜ ନିଦର୍ଶନ ଦ୍ୱାରା ପ୍ରମାଣ କରାଇ ଦିଆଯିବ । ତେଣୁ ଏପରି ସବୁ ଘଟୁଅଛି । ପବିତ୍ର କୋରାନ୍‌ର ତତ୍ତ୍ୱଜ୍ଞାନ ପ୍ରକାଶ ହେଉଅଛି । ସୂକ୍ଷ୍ମ ଓ ଗୁଢ଼ତର ଅଲ୍ଲାଃଙ୍କ ବାଣୀ ଉନ୍ମୁକ୍ତ ହେଉଅଛି । ସ୍ୱର୍ଗୀୟ ନିଦର୍ଶନ ଓ ଅଲୌକିକତା ପ୍ରକାଶରେ ଆସୁଅଛି ଓ ଇସ୍‌ଲାମ୍‌ର ସୌନ୍ଦର୍ଯ୍ୟ, ଜ୍ୟୋତି ଓ ବରକତ୍ (ବୈଭବ) ଗୁଡିକର ଖୁଦାତାଲା ନୂତନ ରୂପେ ନିଜର କାନ୍ତି ପ୍ରଦର୍ଶନ କରୁଛନ୍ତି । ଯାହାର ଦେଖିବା ପାଇଁ ଆଖି ଅଛି ସେ ଦେଖନ୍ତୁ ଓ ଯାହାଙ୍କ ପାଖରେ ସଚ୍ଚା ଜୋସ୍ ଅଛି ସେ ଇଚ୍ଛା କରନ୍ତୁ ଓ ଯାହା ପାଖରେ ତିଳେମାତ୍ର ହୁବୁଲ୍ଲାଃ (ଈଶ୍ୱର ପ୍ରେମ) ଏବଂ ରସୁଲେ କରିମ୍‌ଙ୍କ (ସହିତ ପ୍ରେମ) ଅଛି ସେ ଉଠୁ ଓ ପରୀକ୍ଷା କରିନେଉ ଏବଂ ଖୁଦାତାଲାଙ୍କ ଏହି ପସନ୍ଦଯୋଗ୍ୟ ଜମାତ୍‌ରେ ଦାଖଲ ହୋଇଯାଉ, ଯାହାର ଭିତିପ୍ରସ୍ତର ସେ ନିଜ ପବିତ୍ର ହାତରେ ରଖିଛନ୍ତି । *(ବରକାତୁଦ୍ ଦୁଆ, ରୁହାନି ଖଜାଏନ୍, ଖଣ୍ଡ-୬, ପୃଷ୍ଠା-୨୪)*

### ମୋତେ ଖୁଦାତାଲା ପବିତ୍ର କୋରାନ୍‌ର ଜ୍ଞାନ ପ୍ରଦାନ କରିଛନ୍ତି ଓ ନିଜ ପୁସ୍ତକର ବାସ୍ତବିକ ତତ୍ତ୍ୱଜ୍ଞାନକୁ ମୋ ଉପରେ ସ୍ପଷ୍ଟ କରିଛନ୍ତି

ମୁଁ ପ୍ରତ୍ୟେକ ମୁସଲମାନଙ୍କ ସେବାରେ ଉପଦେଶ ସ୍ୱରୂପ କହୁଅଛି ଯେ ଇସ୍‌ଲାମ୍ ପାଇଁ ଜାଗନ୍ତୁ ଅର୍ଥାତ୍ ଇସ୍‌ଲାମ୍ ଭୀଷଣ ଫିତ୍‌ନା (ବିପତି) ରେ ପଡ଼ିଅଛି । ତାର ସାହାଯ୍ୟ କର ଅର୍ଥାତ୍ ଏବେ ସେ ଗରିବ ଅଟେ ଓ ମୁଁ ଏଇଥିପାଇଁ ଆସିଅଛି । ମୋତେ ଖୁଦାତାଲା

ଅବଶିଷ୍ଟାଂଶ ପୃଷ୍ଠା-୨୬ ରେ ଦେଖନ୍ତୁ............

# ଖୁତ୍‌ବା ଜୁମା

## ୨୩ ମାର୍ଚ୍ଚ ହେଉଛି ଜମାତ୍ ଅହେମଦୀୟା ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଦିବସ

**କାରଣ ଏହି ଦିନ ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ଆ.ସ ବୟତ ନେଇ ଜମାଅତର ମୂଳଦୁଆ ପକାଇଥିଲେ । ଆପଣ କୁହନ୍ତି- ହଜରତ ମୁହମ୍ମଦ ସ:ଆ:ସ ଯେଉଁ ପ୍ରତିଶୃତ ମସିହ ଓ ମେହଦିଙ୍କ ଆଗମନର ସୁସମ୍ବାଦ ଦେଇଥିଲେ ସେ ମୁଁ ଅଟେ ଏବଂ ମୁଁ ଏକେଶ୍ୱରବାଦକୁ ପ୍ରତିଷ୍ଠା କରି ଲୋକମାନଙ୍କ ହୃଦୟରେ ଈଶ୍ୱର ପ୍ରେମ ଉତ୍ପନ୍ନ କରିବା ନିମନ୍ତେ ପ୍ରେରିତ ।**

**ସେମାନେ ହେଉଛନ୍ତି ଅତ୍ୟାଚାରୀ, ଯେଉଁମାନେ ଏହା କହୁଛନ୍ତି କି ଆପଣ ଆ:ସଙ୍କ ଅନୁଗାମୀମାନେ ନଉଜୁବିଲ୍ଲାଃ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପଦମର୍ଯ୍ୟାଦା ଠାରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦାକୁ କମ୍ ଭାବୁଛନ୍ତି ।**

କାଳେ ସେମାନେ ବୁଝିପାରନ୍ତେ କି ଏ ଯୁଗର ହକମ୍ ଓ ଅଦଲ୍ (ନ୍ୟାୟଧିଶ ଓ ନ୍ୟାୟବନ୍ତ) ଓ ମସିହ୍ ଓ ମେହେଦୀ ହେଉଛନ୍ତି ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ । ଇସ୍‌ଲାମ୍‌ର ପ୍ରସାର, ଏକେଶ୍ୱରବାଦର ସ୍ଥାପନା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ବାସ୍ତବିକ ହୁକୁମତ୍ ଯାହା ହୃଦୟ ଭିତରେ କାଏମ୍ ହେବ, ଭୂମି ଉପରେ ନୁହେଁ, ତାହା ସବୁ ମସିହ୍ ମଉଦ୍‌ଙ୍କ ଜରିଆରେ ହିଁ କାଏମ୍ ହେବ । ଆପଣ ଆ:ସଙ୍କର ଜମାତ୍ ଜରିଆରେ ହିଁ ସ୍ଥାପନ ହେବ । କୌଣସି ତରବାରି, ବନ୍ଧୁକ, ଶକ୍ତି ବା ସନ୍ତ୍ରାସବାଦ ପ୍ରସାର କରିବା ଦ୍ୱାରା ଓ ଇସ୍‌ଲାମ୍ ନାମରେ ଅସହାୟକୁ ହତ୍ୟା କରିବା ଦ୍ୱାରା ପ୍ରସାର ହେବ ନାହିଁ ।

**୨୩ ମାର୍ଚ୍ଚ୍ ୟୋମେ ମସିହ୍ ମଉଦ୍ ଆ:ସ ଉପଲକ୍ଷେ: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ ଙ୍କ ଖୁତ୍‌ବା ଜୁମା ପ୍ରଦତ୍ତ: ୨୪ ମାର୍ଚ୍ଚ ୨୦୧୭କୁ ପାଠକଙ୍କ ନିମନ୍ତେ ଉପସ୍ଥାପନ କରାଯାଉଅଛି**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ -

اِيَّاكَ نَعْبُدُ وَاِيَّاكَ نَسْتَعِيْنُ - اِهْدِنَا الصِّرَاطَ الْمُسْتَقِيْمَ -

صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ ଏବଂ ସୁରେ ଫାତିହା ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଗତକାଲି ୨୩ ମାର୍ଚ୍ଚ ଥିଲା । ଜମାଅତ ଅହେମଦିୟା ଇତିହାସରେ ଏହି ଦିବସଟିର ବେଶ୍ ମହତ୍ୱ ରହିଛି । କାରଣ ଏହି ଦିନ ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ଆ.ସ ବୟତ ନେଇ ଜମାଅତର ରୀତିମତ ସ୍ଥାପନ କରିଥିଲେ । ଆପଣ କୁହନ୍ତି- ହଜରତ ମହମ୍ମଦ ସ.ଆ ଯେଉଁ ପ୍ରତିଶୃତ ମସିହ ଓ ମେହଦିଙ୍କ ଆଗମନର ସୁସମ୍ବାଦ ଦେଇଥିଲେ ସେ ମୁଁ ଅଟେ ଏବଂ ମୁଁ ଏକେଶ୍ୱରବାଦର ପ୍ରତିଷ୍ଠା କରି ଲୋକମାନଙ୍କ ହୃଦୟରେ ଈଶ୍ୱର ପ୍ରେମ ଉତ୍ପନ୍ନ କରିବା ନିମନ୍ତେ ପ୍ରେରିତ ।

ଆପଣ ଆହୁରି କୁହନ୍ତି ବର୍ତମାନ ଅଲ୍ଲାଃଙ୍କ ଇଚ୍ଛା ଏହି କି ଯେ ବିଶ୍ୱର ବିଭିନ୍ନ ସ୍ଥାନରେ ଯେପରିକି ୟୁରୋପ, ଏସିଆ ଆଦି ଦେଶମାନଙ୍କରେ ବସବାସ କରୁଥିବା ପ୍ରତ୍ୟେକ ପବିତ୍ର ହୃଦୟୀ ମନୁଷ୍ୟକୁ ଏକେଶ୍ୱରବାଦ ଅର୍ଥାତ ଗୋଟିଏ ଧର୍ମର ଧ୍ୱଜା ତଳେ ଏକତ୍ରିତ କରିଦେବା । ଏହା ହିଁ ଖୁଦାତାଲାଙ୍କ ଉଦ୍ଦେଶ୍ୟ ଅଟେ ଯେଉଁଥିପାଇଁ ମୁଁ ଏ ସଂସାରରେ ପ୍ରେରଣ କରାଯାଇଛି ସୁତରାଂ ତୁମେମାନେ ଏହି ଉଦ୍ଦେଶ୍ୟ ପୂରଣ କରିବାରେ ନମ୍ର, ଉତମ ବ୍ୟବହାର ଓ ଦୁଆ କରିବାରେ ଲାଗିପଡ଼ ।

*(ରେସାଲା ଅଲ୍ ଓ୍ୱସିୟତ୍, ରୁହାନି ଖଜାଏନ୍ ଖଣ୍ଡ-୨୦, ପୃଷ୍ଠା-୩୦୬-୩୦୭)*

ହଜୁର ଆ.ସ କୁହନ୍ତି ମୋତେ ଏହି ସମ୍ମାନ ହଜରତ ମହମ୍ମଦ ସ.ଆଙ୍କ ଆଜ୍ଞାକାରୀତା ଓ ଆପଣଙ୍କ ସହ ନିଷ୍ଠାପର ପ୍ରେମ ରଖିବା ଦ୍ୱାରା ପ୍ରାପ୍ତ ହୋଇଛି । ତେଣୁ ସମଗ୍ର ସଂସାରବାସୀଙ୍କୁ ମୋର ଏହି ସନ୍ଦେଶ ଯେ, ଏହି ରସୁଲ ସ.ଆଙ୍କୁ ପ୍ରେମ କରିବା ସହିତ ତାଙ୍କର ଆଜ୍ଞାବହତା ସ୍ୱୀକାର କର । ଏତତ୍ ଦ୍ୱାରା ଅଲ୍ଲାଃଙ୍କ ସହ ସମ୍ପର୍କ ସ୍ଥାପନ ହେବା ସହ ତୁମେ ପ୍ରକୃତ ଏକେଶ୍ୱରବାଦୀ ହୋଇପାରିବ ।

ଆପଣ ଆ:ସ କୁହନ୍ତି - ବର୍ତମାନ ସମଗ୍ର ମାନବ ଜାତି ନିମନ୍ତେ କୌଣସି ରସୁଲ ଓ ପାପରୁ ଉଦ୍ଧାରକାରୀ କେହି ନାହାନ୍ତି କିନ୍ତୁ କେବଳ ଜଣେ ଓ ସେ ହେଉଛନ୍ତି ହଜରତ ମହମ୍ମଦ ସ:ଆ:ସ । ଅତଏବ ତୁମେ ଚେଷ୍ଟା କର କି ଉକ୍ତ ନବୀଙ୍କ ସହ କିପରି ନିଷ୍ଠାପର ପ୍ରେମର ସମ୍ପର୍କ ସ୍ଥାପନ ହୋଇଯାଉ ଏବଂ ତାଙ୍କ ବ୍ୟତୀତ ଅନ୍ୟ କାହାରିକୁ ପ୍ରାଥମିକତା ଦିଅ ନାହିଁ । ଯଦ୍ୱାରା ଆକାଶରେ ତୁମେ ମୋକ୍ଷପ୍ରାପ୍ତକାରୀଙ୍କ ମଧ୍ୟରେ ଲେଖାଯିବ । ମନେରଖ ମୋକ୍ଷ ପାଇବା ଏହା ନୁହେଁ କି ଯାହା ମରଣ ଅନ୍ତେ ମିଳିଥାଏ ବରଂ ପ୍ରକୃତ ମୋକ୍ଷ ପ୍ରାପ୍ତକାରୀ ସେ ଯେ ଏହି ସଂସାରରେ ନିଜର ଜ୍ୟୋତି ପ୍ରକାଶିତ କରିଥାଏ । କିଏ ମୋକ୍ଷ ପ୍ରାପ୍ତ କରିଥାଏ ? ସେ ଯେ ବିଶ୍ୱାସ ରଖିଥାଏ କି ଅଲ୍ଲାଃ ହିଁ ସତ୍ୟ ଓ ହଜରତ ମହମ୍ମଦ ସ.ଆ ଅଲ୍ଲାଃ ଓ ସମସ୍ତ ସୃଷ୍ଟଜଙ୍କ ମଧ୍ୟରେ (ଏକ ମାତ୍ର) ଉଦ୍ଧାରକାରୀ । ଆକାଶ ତଳେ ତାଙ୍କ ସମତୁଲ୍ୟ କୌଣସି ଅବତାର ନାହାନ୍ତି ନା ପବିତ୍ର କୋରାନ ସମତୁଲ୍ୟ କୌଣସି ଧର୍ମ ପୁସ୍ତକ ଅଛି । ଅଲ୍ଲାଃଙ୍କର କୌଣସି ବ୍ୟକ୍ତି ବିଶେଷ ପାଇଁ ଏହି ନିୟମ ନାହିଁ କି ସେ ସଦାସର୍ବଦା ପାଇଁ ଜୀବିତ ରହିପାରିବ କିନ୍ତୁ ନିଜର ପ୍ରିୟ ନବୀ ହଜରତ ମହମ୍ମଦ ସ.ଆ ଯେ ସଦାସର୍ବଦା ପାଇଁ ଜୀବିତ ଅଟନ୍ତି ।

*(କଶ୍‌ତିନୁହ୍, ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୧୩-୧୪)*

ହଜରତ ମହମ୍ମଦ ସ.ଆଙ୍କ ସହ ଏପରି ପ୍ରେମ କରିବା ହଜୁର ଆ.ସଙ୍କ ଅମଳ ଓ ଲେଖନୀରୁ ସ୍ପଷ୍ଟ ପ୍ରକାଶିତ ହେଉଛି ଏବଂ ଆପଣ ନିଜ ମାନ୍ୟକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି ଏହି ପ୍ରେମ ଓ ମର୍ଯ୍ୟାଦାକୁ ସର୍ବଦା ନିଜ ସମ୍ମୁଖରେ ରଖିବେ । ଅତ୍ୟାଚାରୀ ଅଟନ୍ତି ସେମାନେ, ଯେଉଁମାନେ କହିଥାନ୍ତି କି ଅହେମଦି ଲୋକେ ହଜରତ ମସିହ ମଉଦ ଆ.ସଙ୍କୁ ହଜରତ ମହମ୍ମଦ ସ.ଆଙ୍କ ଅପେକ୍ଷା ଅଧିକ ସମ୍ମାନ ଓ ସତ୍କାର କରିଥାନ୍ତି । ଆଜିକାଲି ଆଲ୍‌ଜେରିଆରେ ଅହେମଦିମାନଙ୍କ ଉପରେ ଏହି ଆରୋପ ଲଗାଇ ସେମାନଙ୍କୁ ଜେଲ୍‌ରେ ବନ୍ଦ କରିଦିଆଯାଉଛି । ଏପରିକି ସେମାନେ ଅହେମଦି ମହିଳାମାନଙ୍କ ଉପରେ ମଧ ଅତ୍ୟାଚାର ଓ ମୁକଦ୍ଦମା କରିବା ଆରମ୍ଭ କରିଦେଲେଣି କିନ୍ତୁ ମହିଳାମାନେ ମୋତେ ପତ୍ର ଲେଖୁଛନ୍ତି କି ଆମେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରି ପ୍ରକୃତ ଏକେଶ୍ୱରବାଦ ଓ ହଜରତ ମହମ୍ମଦ ସ.ଆଙ୍କ ସ୍ତର ଓ ପଦମର୍ଯ୍ୟାଦାକୁ ଚିହ୍ନିବା ସହିତ ତାଙ୍କ ସହ ପ୍ରେମ କରିବାର ସୌଭାଗ୍ୟ ଅର୍ଜନ କରିଅଛୁ । ଏହାପରେ ଆମେ କିଭଳି ବିଶ୍ୱାସକୁ ହାତଛଡ଼ା କରିପାରିବୁ ।

ଯେଉଁସ୍ଥଳେ ମୁଁ ଅହେମଦିମାନଙ୍କ ପାଇଁ ଦୁଆ କରୁଅଛି କି ଅଲ୍ଲାଃତାଲା ସେମାନଙ୍କୁ ଏହି ବିପତିରୁ ଉଦ୍ଧାର କରନ୍ତୁ ସେହିସ୍ଥଳେ ଉକ୍ତ ମୁସଲମାନମାନଙ୍କ ପାଇଁ

ମଧ୍ୟ ଦୁଆ କରୁଅଛି କି ଅଲ୍ଲାଃତାଲା ସେମାନଙ୍କୁ ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଦାସଙ୍କୁ ସ୍ୱୀକାର କରିବାକୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ, ଯିଏ ଅଲ୍ଲାଃଙ୍କ ଅଙ୍ଗୀକାର ମୁତାବକ ଏକେଶ୍ୱରବାଦ ଓ ଇସଲାମର ପୁନଃ ପ୍ରତିଷ୍ଠା ନିମନ୍ତେ ଆସିଥିଲେ । ଏହି କାର୍ଯ୍ୟରେ ହଜୁର ଆ.ସ କିପରି ବ୍ୟାକୁଳ ରହୁଥିଲେ ତାହାର ଦୃଶ୍ୟ ଆପଣଙ୍କ ଲେଖାରୁ ଜଣାଯାଉଛି, ଯେପରିକି ଆପଣ ଅଲ୍ଲାଃଙ୍କୁ ନିଜ ହୃଦୟର ବେଦନା ଜଣାଇ ଗୋଟିଏ ସ୍ଥାନରେ କୁହନ୍ତି-

ମୋର ଆତ୍ମା ଅତ୍ୟନ୍ତ ନିଷ୍ଠାର ସହ ତୁମ ନିକଟକୁ ଏପରି ଆକର୍ଷିତ ହୋଇଚାଲିଛି ଯେମିତି ଗୋଟିଏ ପକ୍ଷୀ ନିଜ ବସାକୁ ଫେରିଯାଇଥାଏ । ଅତଏବ ମୁଁ ତୁମ ନିଦର୍ଶନ ଦେଖିବାର ପ୍ରବଳ ଆଗ୍ରହୀ କିନ୍ତୁ ନା ନିଜ ପାଇଁ ନା ନିଜ ସମ୍ମାନ ଅର୍ଜନ କରିବା ପାଇଁ ବରଂ ଏଥିପାଇଁ କି ମାନବ ଜାତି ତୁମ ଅସ୍ତିତ୍ୱକୁ ଚିହ୍ନି ତୁମ ମାର୍ଗ ଆପଣାଇନିଅନ୍ତୁ ଏବଂ ଯାହାକୁ ତୁମେ ପ୍ରେରଣ କରିଛ ତାହାର ଅସ୍ୱୀକାର କରି ଯେପରି ସେମାନେ ପଥଭ୍ରଷ୍ଟ ନହୁଅନ୍ତୁ ।'' ହଜୁର ଆ.ସ କୁହନ୍ତି ମୁଁ ସାକ୍ଷୀ ଦେଉଅଛି ଯେ ତୁମେ ମୋତେ ପ୍ରେରଣ କରିଛ ଏବଂ ମୋ ସମର୍ଥନରେ ବଡ଼ ବଡ଼ ନିଦର୍ଶନ ଦେଖାଇଲ । ଏପରିକି ସୂର୍ଯ୍ୟ ଓ ଚନ୍ଦ୍ରକୁ ମଧ୍ୟ ଆଦେଶ ଦେଲ ଯେ ଭବିଷ୍ୟବାଣୀ ଅନୁଯାୟୀ ରମଜାନର ଧାର୍ଯ୍ୟ ତାରିଖରେ ଗ୍ରହଣ ଲାଗନ୍ତୁ......। ମୁଁ ତୁମକୁ ଚିହ୍ନିଛି ଯେ ତୁମେ ହିଁ ମୋର ଅଲ୍ଲାଃ । ତେଣୁ ତୁମ ନାମ ଶୁଣିଲେ ମୋର ଆତ୍ମା ଏଭଳି ସତେଜ ଓ ବଳବାନ ହୋଇଉଠେ ଯେମିତି କ୍ଷୀର ଖାଉଥିବା ଛୁଆ ନିଜ ମାକୁ ଦେଖିଲେ ହୋଇଥାଏ କିନ୍ତୁ ଅଧିକାଂଶ ଲୋକ ମୋତେ ନା ଚିହ୍ନିଲେ ନା ସ୍ୱୀକାର କଲେ ।

*(ତରିଆକୁଲ୍ କୁଲୁବ୍, ରୁହାନି ଖଜାଏନ୍ ଖଣ୍ଡ-୧୫, ପୃଷ୍ଠା-୫୧୧)*

ଏଥିପାଇଁ ଯେଉଁସ୍ଥଳେ ହଜୁର ଆ.ସ ଅଲ୍ଲାଃଙ୍କ ସହ ପ୍ରେମ ଓ ତାଙ୍କର ମର୍ଯ୍ୟାଦା (ଲୋକମାନଙ୍କ ହୃଦୟରେ) ସ୍ଥାପନ କରିବା ନିମନ୍ତେ ବ୍ୟାକୁଳ ରହୁଥିଲେ ସେହିସ୍ଥଳେ ମାନବ ଜାତିର ଉଦ୍ଧାର ନିମନ୍ତେ ବ୍ୟତିବ୍ୟସ୍ତ ମଧ୍ୟ ରହୁଥିଲେ । ଓ କାହିଁକି ନହେବେ । ଆପଣ ହିଁ ତ ଶେଷ ଯୁଗରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ଅଲ୍ଲାଃତାଲାଙ୍କ ପ୍ରେମକୁ ଲୋକମାନଙ୍କ ହୃଦୟରେ ନା କେବଳ କାଏମ୍ କଲେ ବରଂ ନିଜେ ମଧ୍ୟ ଅଲ୍ଲାଃତାଲାଙ୍କ ପ୍ରେମରେ ବୁଡ଼ି ରହୁଥିଲେ । ଏବଂ ଆପଣ ସର୍ବଦା ଏଥିପ୍ରତି ଚିନ୍ତିତ ଥିଲେ କି କିପରି ଅଲ୍ଲାଃଙ୍କ ପ୍ରେମ ଓ ବାତ୍ସଲ୍ୟତାର ଅଗ୍ନୀ ସେମାନଙ୍କ ହୃଦୟରେ ଉତ୍ପନ୍ନ ହେବ । ଏଥିସମ୍ବନ୍ଧରେ ଆପଣ କୁହନ୍ତି-

''କେଡ଼େ ଦୁର୍ଭାଗ୍ୟ ତାହାର ଯାହାକୁ ଏପର୍ଯ୍ୟନ୍ତ ଜଣା ନାହିଁ କି ତାହାର ଜଣେ ପାଳନକର୍ତ୍ତା ଅଛି ଯେ ସର୍ବଶକ୍ତିମାନ । ଆମର ବୈକୁଣ୍ଠ ଆମ୍ଭର ଖୁଦା, ଆମ୍ଭର ଅସୀମ ଆନନ୍ଦ ଆମ୍ଭ ଈଶ୍ୱର ପ୍ରାପ୍ତିରେ ରହିଛି କାରଣ ଆମେ ତାଙ୍କୁ ଦେଖିନେଲୁ ଏବଂ ସମସ୍ତ ସୌନ୍ଦର୍ଯ୍ୟ ତାଙ୍କରିଠାରେ ପାଇଲୁ । ଏହି ସମ୍ପତି ହାସଲ କରିବା ଯୋଗ୍ୟ ଯଦିଚ ନିଜ ପ୍ରାଣର ଆହୁତି ଦେବାରେ ପ୍ରାପ୍ତ ହୁଏ ଏବଂ ଏହି ରତ୍ନ କ୍ରୟ କରିବା ଯୋଗ୍ୟ ଯଦିଚ ନିଜକୁ ସମ୍ପୂର୍ଣ ରୂପେ ହଜାଇ ଦେବାରେ ପ୍ରାପ୍ତ ହୁଏ । ହେ ଅଭାଗା(ମଣିଷ)! ଏହି ଝରଣା ନିକଟକୁ ଦୌଡ଼ କାରଣ ଏହା ତୁମକୁ ତୃପ୍ତି ପ୍ରଦାନ କରିବ । ଏହା ଜୀବନ ପ୍ରଦାନକାରୀ ଝରଣା ଯାହାକି ତୁମକୁ ରକ୍ଷା କରିବ । ମୁଁ କଣ କରିବି ଓ କିଭଳି ଏହି ସମ୍ବାଦକୁ ହୃଦୟରେ ସ୍ଥାପନ କରିବି, କେଉଁ ବାଦ୍ୟଯନ୍ତ୍ର ସାହାଯ୍ୟରେ ବଜାରରେ ଘୋଷଣା କରିବି କି ତୁମର ସୃଷ୍ଟିକର୍ତ୍ତା ହେଉଛନ୍ତି ଅଲ୍ଲାଃ । ଯଦ୍ୱାରା ଲୋକମାନେ ଶୁଣିପାରିବେ ଏବଂ କେଉଁ ଔଷଧରେ ଚିକିତ୍ସା କରିବି ଯଦ୍ୱାରା ଲୋକେ ଏଥିପ୍ରତି କର୍ଣ୍ଣପାତ କରିବେ ।

*(କଶ୍‌ତିନୁହ୍, ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୨୧-୨୨)*

ସୁତରାଂ ଉପରୋକ୍ତ ଗଦ୍ୟରେ କିଭଳି ବ୍ୟଥା ଓ ବେଦନା ରହିଛି ବରଂ ଏପରି କହିବା ଉଚିତ୍ କି ପ୍ରତ୍ୟେକ ଶବ୍ଦରେ ଦରଦ୍‌ର ଭିନ୍ନ ଭିନ୍ନ ଦିଗ ଅନ୍ତର୍ନିହିତ ରହିଛି ଏବଂ ପ୍ରତ୍ୟେକ ଶବ୍ଦରେ ଅନେକ ସ୍ତର ରହିଛି ଓ ପ୍ରତ୍ୟେକ ସ୍ତରରେ ଗଭୀର ରହସ୍ୟ ଲୁଚିରହିଛି ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବୁଝିବାର କ୍ଷମତା ମୁତାବକ ବୁଝିବାକୁ ଚେଷ୍ଟା କରିବା ଉଚିତ୍ । କିନ୍ତୁ ଯେଉଁ ପର୍ଯ୍ୟନ୍ତ ଜଣେ ତା ସାମର୍ଥ୍ୟ ଅନୁସାରେ ପହଂଚିବ ସେପର୍ଯ୍ୟନ୍ତ ସେ ଆଧାତ୍ମିକତାରେ ଅସାଧାରଣ ଉଚ୍ଚତା ଓ ଉନ୍ନତି ହାସଲ କରିପାରିବ । ପୁଣି ଖୁଦାତାଲାଙ୍କ ଉପାସନା ଓ ଖୁଦାତାଲାଙ୍କ ସହିତ ପ୍ରେମ ବାବଦରେ ଉପଦେଶ ଦେଇ କହୁଛନ୍ତି:-

''ଯଦି ତୁମେ ଈଶ୍ୱରଙ୍କର ହୋଇଯାଅ ତେବେ ଜାଣିରଖ ଯେ ଈଶ୍ୱର ତୁମର ଅଟନ୍ତି । ତୁମେ ସୟନ କରୁଥିବ ସେ ତୁମ ପାଇଁ ଜାଗି ବସିଥିବେ । ତୁମେ ଶତ୍ରୁଠାରୁ ଅଜଣା ଥିବ କିନ୍ତୁ ଅଲ୍ଲାଃ ତାହା ଉପରେ ନଜର ରଖିଥିବେ ଏବଂ ତାହାର ସମସ୍ତ ଯୋଜନା ପଣ୍ଡ କରିଦେବେ । ତୁମେ ଏପର୍ଯ୍ୟନ୍ତ ସୁଧା ଜାଣି ନାହଁ ଯେ ତୁମ ଅଲ୍ଲାଃ କେଉଁ କେଉଁ ଶକ୍ତିର ଅଧିକାରୀ । ଯଦି ତୁମେ ଜାଣିନିଅ ତୁମ ଉପରେ ଏପରି କୌଣସି ଦିନ ଆସିବ ନାହିଁ ଯେଉଁଥିରେ ତୁମେ ସଂସାରପ୍ରତି ବିମୁଖ ହୋଇ ଦୁଃଖିତ ନହୋଇଯିବ । ଜଣେ ବ୍ୟକ୍ତି ଯିଏ ନିଜ ପାଖରେ ଗୋଟିଏ ଖଜାନା (ସମ୍ପତି) ରଖିଥାଏ ସେ କଣ କେବେ ଏକ ପଇସା ନଷ୍ଟ ହେବା ଯୋଗୁଁ କାନ୍ଦେ ଓ ବିଳାପ କରି ମରିବାକୁ ଲାଗେ? ପୁଣି ଯଦି ତୁମକୁ ସେହି ଖଜାନାର ସୂଚନା ଥାଆନ୍ତା ଅର୍ଥାତ୍ ଖୁଦା ତୁମର ସବୁ ସମୟରେ କାର୍ଯ୍ୟରେ ଆସିଥାଆନ୍ତି ବୋଲି, ତେବେ ତୁମେ ଏ ସଂସାର ପଛରେ ପଡ଼ିନଥାନ୍ତ । ଖୁଦା ଗୋଟିଏ ପ୍ରିୟ ଖଜାନା ଅଟନ୍ତି । ତାଙ୍କର ସମ୍ମାନ କର । ଯଦ୍ୱାରା ସେ ତୁମର ପାଦେ ପାଦେ ସାହାଯ୍ୟ କରିବେ । ତା ବିନା ତୁମେ କିଛି ନୁହଁ ଓ ତୁମର ସାଧନ ଓ ଚେଷ୍ଟା ମୂଲ୍ୟହୀନ'' । ପୁଣି କହୁଛନ୍ତି ''ଅନ୍ୟ ଜାତିର ଅନୁସରଣ କରନାହିଁ, ଯେଉଁମାନେ ସମ୍ପୂର୍ଣ୍ଣ ରୂପେ ସାଧନ ଉପରେ ପଡ଼ି ରହିଛନ୍ତି'' (ସାସାଂରିକ ଓ ଭୌତିକବାଦ ବ୍ୟତୀତ ତାଙ୍କ ପାଖରେ କିଛି ନାହିଁ) ''ଓ ଯେପରି ସାପ ମାଟି ଖାଇଥାଏ ସେମାନେ ନିଚ୍ଛ ସାଧନର ମାଟି ଖାଇଛନ୍ତି । ଓ ଯେପରି ଗିର୍ଦ୍ଧିନୀ ଓ କୁକୁର ମୁର୍ଦ୍ଦାର ଖାଇଥାଏ ସେମାନେ (ମଧ୍ୟ) ମୁର୍ଦ୍ଦାର ଦେହରେ ଦାନ୍ତ ଗଳାଇଛନ୍ତି । ଓ ସେମାନେ ଖୁଦାଙ୍କ ଠାରୁ ବହୁତ ଦୂରରେ ଯାଇ ପଡ଼ିଛନ୍ତି.....'' ।

ପୁଣି କହିଲେ ଯେ ''....ମୁଁ ତୁମକୁ ଆବଶ୍ୟକ ଅନୁସାରେ ସାଧନ ଗୁଡ଼ିକର ବ୍ୟବହାର ପାଇଁ ମନା କରୁନାହିଁ'' । (କାର୍ଯ୍ୟ କରିବା, ବସ୍ତୁମାନଙ୍କ ଦ୍ୱାରା ଲାଭ ଉଠାଇବା ଓ ଭୌତିକ ଜିନିଷ ଗୁଡ଼ିକର ବ୍ୟବହାର କରିବାରୁ ମନା କରୁନାହିଁ) ''ବରଂ ସେଥିରୁ ମନାକରୁଅଛି କି ତୁମେ ଅନ୍ୟ କୌମ୍‌ଙ୍କ ପରି କେବଳ ସାଧନର ଭକ୍ତ ନହୋଇଯାଓ ଓ ସେହି ଖୁଦାଙ୍କୁ ଭୁଲି ନଯାଏ ଯିଏ ସେହି ସାଧନ ଗୁଡ଼ିକୁ ମଧ୍ୟ ଯୋଗାଇ ଦେଇଛନ୍ତି'' । (ଏହିପରି ଯେଉଁ ସାଧନ ଅଛି, ଯେଉଁ ଭୌତିକ ଜିନିଷ ଗୁଡ଼ିକ ଅଛି ତା ସବୁ ସେ ହିଁ ଯୋଗାଇ ଦେଇଛି । ସେଗୁଡ଼ିକ ଉପରେ ଭରଷା କରନାହିଁ ବରଂ ଖୁଦାଙ୍କ ପ୍ରତି ଦୃଷ୍ଟି ଦିଅ ଯିଏ ଏହି ସବୁ ବସ୍ତୁଗୁଡ଼ିକୁ ଯୋଗାଇଥାଏ) ତେବେ ତୁମେ ଗୋଟିଏ ଦିନ ମଧ୍ୟ ସଂସାର ପ୍ରାପ୍ତିରେ ଅତିବାହିତ କରିବ ନାହିଁ । ଯଦି ତୁମର ଦୃଷ୍ଟି ଶକ୍ତି ଅଛି ତେବେ ତୁମେ ଦେଖିପାରିବ ଯେ, ପ୍ରତ୍ୟେକ ସ୍ଥାନରେ ଅଲ୍ଲାଃ ହିଁ ବିଦ୍ୟମାନ, ବାକି ସବୁକିଛି ତୁଚ୍ଛ ।

*(କଶ୍‌ତି ନୁହ୍, ରୁହାନି ଖଜାଏନ, ଖଣ୍ଡ-୧୯, ପୃଷ୍ଠା- ୨୧,୨୨)*

ସୁତରାଂ ଏପରି ସମ୍ପର୍କ ଆତ୍ମକୁ ଅଲ୍ଲାଃଙ୍କ ସହ ସ୍ଥାପନ କରିବା ନିମନ୍ତେ ଚେଷ୍ଟା କରିବା ଉଚିତ୍ ଯାହା ଆପଣ ନିଜ ଅନୁଗାମୀଙ୍କ ଠାରୁ ଆଶା ବାନ୍ଧିଛନ୍ତି ।

ଯେପରିକି ମୁଁ କହିସାରିଛି ଏକେଶ୍ୱରବାଦ ଓ ଇସଲାମର ପୁନଃ ପ୍ରତିଷ୍ଠାର କାର୍ଯ୍ୟ ହଜୁର ଆ.ସଙ୍କୁ ହଜରତ ମହମ୍ମଦ ସ.ଆଙ୍କ ଆଜ୍ଞାକାରୀ ଓ ପ୍ରେମ କରିବା ଯୋଗୁଁ ପ୍ରାପ୍ତ ହେଲା । ସେହି ପ୍ରେମ ଓ ଭଲପାଇବାର ଦୃଶ୍ୟ ଆମେ ଆପଣଙ୍କଠାରେ ଦେଖୁଅଛୁ । ଏବଂ ଏପରି ଅସଂଖ୍ୟ ଘଟଣା ରହିଛି ।

ଗୋଟିଏ ଘଟଣାକୁ ରାଓ୍ୱି ବର୍ଣ୍ଣନା କରି କହୁଛନ୍ତି ଏକଦା ଆପଣ ଆ:ସ ମସ୍‌ଜିଦ୍ ମୁବାରକ୍‌ରେ ଏକୁଟିଆ ଟହଲୁଥିଲେ ଓ କିଛି ଗୁଣଗୁଣଉଥିଲେ । ଏବଂ ତା ସହିତ ଆପଣଙ୍କ ଆଖିରୁ ଅଶ୍ରୁ ବହି ଚାଲିଥିଲା । ଯେବେ ସେ ବ୍ୟକ୍ତିଜଣକ ପଚାରିଲେ ଯେ କି ପ୍ରକାର ଦୁଃଖ ହଜୁର୍ ଆପଣଙ୍କୁ ପହଂଚିଛି? ଏଥିରେ ହଜୁର୍ ଆ:ସ କହିଲେ- ମୁଁ ହଜ୍‌ରତ୍ ହସାନ୍‌ବିନ୍ ସାବିତ୍‌ଙ୍କ ଏହି ଶେର୍ (ପଦ) ପଢୁଥିଲି ଯାହାକୁ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମୃତ୍ୟୁ ସମୟରେ କହିଥିଲେ ତାହା ହେଉଛି ଏପରି-

كُنْتَ السَّوَادَ لِنَاظِرِيْ فَعَمِيَ عَلَيْكَ النَّاظِرُ
مَنْ شَاءَ بَعْدَكَ فَلْيَمُتْ فَعَلَيْكَ كُنْتُ أُحَاذِرُ

*(କୁନ୍‌ତସ୍ ସଓ୍ୱାଦା ଲି ନାଜିରି ଫଅମିୟା ଆଲୈକନ୍ ନାଜିରୁ*
*ମନ୍ ଶାଆ ବାଦକା ଫଲ୍‌ୟମୁତ୍ ଫଆଲୈକା କୁନ୍‌ତୁ ଉହାଜିରୁ)*

ଅର୍ଥାତ୍-ହେ ଖୁଦାଙ୍କ ପ୍ରିୟ ରସୁଲ୍! ତୁମେ ମୋ ଆଖିର ପିତୁଳା ଥିଲ, ଯାହା ଆଜି ତୁମର ମୃତ୍ୟୁ ଯୋଗୁ ଅନ୍ଧ ହୋଇଯାଇଛି । ଏବେ ତୁମ ପରେ ଯିଏ ଚାହୁଁ ମରୁ । ମୋତେ ତ (କେବଳ) ତୁମ ମୃତ୍ୟୁର ହିଁ ଡର ଥିଲା ଯାହା ହୋଇସାରିଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ-ଯେତେବେଳେ ମୁଁ ଏହି ପଦଟିକୁ ପଢୁଥିଲି ସେତେବେଳେ ମୋ ମନରେ ଏ ଇଚ୍ଛା ଜାଗ୍ରତ ହେଲା ଯେ କାଳେ ଏହି ପଦଟି ମୋ ମୁହଁରୁ ବାହାରିଥାଆନ୍ତା କି'' । ଏହି ପଦଟି ପଢ଼ି ଆପଣଙ୍କ ଆଖିରୁ ଅଜସ୍ର ଅଶ୍ରୁ ବୋହିଯିବା ଆପଣଙ୍କ ହୃଦୟର ଅବସ୍ଥାକୁ ପ୍ରତିପାଦନ କରୁଥିଲା । ତେଣୁ ସେ ଲୋକମାନେ ଏପରି ପ୍ରେମ ଓ ସ୍ନେହ ପ୍ରକାଶ କରିବାର ନିକଟରେ ବି ପହଂଚିପାରିବେ ନାହିଁ, ଯେଉଁମାନେ ଆପଣଙ୍କ ଉପରେ ଏପରି ଆରୋପ ଲଗାଉଛନ୍ତି କି ନଉଜୁବିଲ୍ଲାଃ (ଅଲ୍ଲାଃଙ୍କ ଶରଣ) ଆପଣ ଆ:ସ ନିଜକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଦମର୍ଯ୍ୟାଦା ଠାରୁ ଅଧିକା ଉଚ୍ଚା ଦରଜା ପ୍ରଦାନ କରିଥିଲେ ବୋଲି ।

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଆପଣ ଆ:ସଙ୍କ ଏହି ଭାବ ବିହୋଳ ଅବସ୍ଥାର ନକ୍‌ସାକୁ ଏପରି ଟାଣିଛନ୍ତି ଯେ ସେ ବ୍ୟକ୍ତି ଯିଏ ପ୍ରତ୍ୟେକ ପ୍ରକାରର ଦୁଃଖ କଷ୍ଟକୁ ସମ୍ମୁଖୀନ କଲେ, ଯାହାଙ୍କ ଉପରେ ବିରୋଧିମାନଙ୍କର ଅଗଣତି ଝଡ଼

ଚାଲିଲା, ଅଗଣତି କଷ୍ଟ ଓ ଦୁଃଖରେ ଦିନ ବିତିଲା, ହତ୍ୟାର ମୋକଦ୍ଦମା ଆପଣଙ୍କ ଉପରେ ଲାଗିଲା, ବନ୍ଧୁବାନ୍ଧବ ନିକଟ ସମ୍ପର୍କୀୟ ଓ ସାଙ୍ଗସାଥି ଏପରିକି ପିଲାମାନଙ୍କର ମୃତ୍ୟୁର ଦୃଶ୍ୟ ଦେଖିଲେ କିନ୍ତୁ ଆପଣଙ୍କ ନିକଟରେ ରହିଥିବା ଲୋକମାନେ କେବେ ଆପଣଙ୍କ ଚେହେରାରେ ବା ଆଖିରେ ଆପଣଙ୍କ ମନୋଭାବର ପ୍ରକାଶକୁ ଦେଖି ନାହାଁନ୍ତି କିନ୍ତୁ ଯେଉଁଠି ରସୁଲ୍‌ଙ୍କ ସହିତ ପ୍ରେମ ପ୍ରକାଶ କରିବାର ଅବସର ମିଳିଛି ସେତେବେଳେ ଆପଣଙ୍କ ଆଖିରୁ ବନ୍ୟା ପରି ଅଶ୍ରୁ ବହି ଯାଇଛି ।

*(ଉଦ୍ଧୃତ ସିରତେ ତୟବା, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ, ପୃଷ୍ଠା-୨୮-୩୦)*

ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିବା ପ୍ରେମର ନମୁନା ଆପଣଙ୍କ ଲେଖନୀରେ ଓ ମଲ୍‌ଫୁଜାତ୍‌ରେ ମଧ୍ୟ ଅଗଣତି ମିଳୁଅଛି । ଏକଦା ଇସଲାମ ବିରୋଧିମାନେ ହଜରତ ମହମ୍ମଦ ସ.ଆଙ୍କ ସମ୍ବନ୍ଧରେ ଯେଉଁ ଥଟ୍ଟା ପରିହାସ କରନ୍ତି, ସେଥିରେ ହଜୁର ଆ.ସ ନିଜ ବେଦନା ପ୍ରକାଶ କରି କୁହନ୍ତି- ମୋ ହୃଦୟକୁ କଦାପି କୌଣସି ଘଟଣା ଏପରି କଷ୍ଟ ଦେଇନଥାଏ ଯେପରିକି ବିରୋଧିମାନଙ୍କର ଆମ ପ୍ରିୟ ହଜୁର ସ.ଆଙ୍କ ସମ୍ବନ୍ଧରେ ଥଟ୍ଟା ପରିହାସ କରିବା ଦ୍ୱାରା ହୋଇଥାଏ । ସେମାନଙ୍କ ଦ୍ୱାରା ହୃଦୟ ବିଦାରକ କଷ୍ଟ ମିଳିଛି, ଯାହାକି ସେମାନେ ଉତମ ପୁରୁଷ ହଜରତ ମହମ୍ମଦ ସ.ଆଙ୍କ ସମ୍ବନ୍ଧରେ କରିବା ଦ୍ୱାରା ଆମ ହୃଦୟ କ୍ଷତ ବିକ୍ଷତ ହୋଇଯାଇଛି । ମୁଁ ଅଲ୍ଲାଃଙ୍କ ଶପଥ କରି କହୁଅଛି ଯଦି ମୋର ସମସ୍ତ ସନ୍ତାନ, ସନ୍ତାନଙ୍କ ସନ୍ତାନ, ମୋର ସମସ୍ତ ସାଥି ତଥା ସାହାର୍ଯ୍ୟକାରୀମାନଙ୍କୁ ମୋ ସମ୍ମୁଖରେ ହତ୍ୟା କରିଦିଆଯାଏ ଏବଂ ସ୍ୱୟଂ ମୋ ହାତ ଗୋଡ଼ କାଟି ଦିଆଯାଏ, ମୋ ଆଖିର ଡୋଳା କାଢି ଫିଙ୍ଗି ଦିଆଯାଏ ଏବଂ ମୋର ସମସ୍ତ ଆଶା ଆକାଂକ୍ଷାରୁ ମୋତେ ବଂଚିତ କରିଦିଆଯାଏ, ମୁଁ ନିଜର ସମସ୍ତ ଆନନ୍ଦ ଓ ଆରାମରୁ ବଂଚିତ କରିଦିଆଯାଏ ତଥାପି ମଧ୍ୟ ଏସବୁକିଛି ମୁକାବିଲାରେ ମୋତେ ଅଧିକ କଷ୍ଟ ହଜୁର ସ.ଆଙ୍କ ସମ୍ବନ୍ଧରେ ଅସଭ୍ୟ ଆଚରଣ କରିବା ଦ୍ୱାରା ହୋଇଥାଏ । ସୁତରାଂ ହେ ମୋର ସ୍ୱର୍ଗୀୟ ଆକା ! ତୁମେ ଆମ ଉପରେ ନିଜର କରୁଣା ଓ ସହଯୋଗର ଦୃଷ୍ଟି ପ୍ରଦାନ କର । ଏବଂ ଆମକୁ ଏହି ମହାନ୍ ବିପତିରୁ ମୁକ୍ତି ପ୍ରଦାନ କର'' ।

*(ଆଇନା କମାଲାତେ ଇସ୍‌ଲାମ୍, ରୁହାନି ଖଜାଏନ୍, ଖଣ୍ଡ-୫, ପୃଷ୍ଠା-୧୫, ଆରବୀ ପାରାର ଉର୍ଦ୍ଦୁ ଅନୁବାଦ)*

*(ସିରତେ ତୟବା, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ, ପୃଷ୍ଠା-୪୩,୪୪)*

କଣ ଏପରି କେହି ଅଛନ୍ତି ଯେ ଏଭଳି ଭାବନାର ପରିପ୍ରକାଶ କରିଛନ୍ତି । ପ୍ରେମ କରିବାର ଘୋଷଣା ତ ଅନେକ କରିଥାନ୍ତି କି ହଜରତ ମହମ୍ମଦ ସ.ଆଙ୍କ ନିର୍ମଳତା (ନାମୁସେ ରିସାଲତ୍) ଓ ଖତମେ ନବୁଓ୍ୱତ ନାମରେ ବିଭ୍ରାଟ, ବିଶୃଙ୍ଖଳା ଓ ରକ୍ତପାତ କରିଥାନ୍ତି କିନ୍ତୁ ହଜରତ ମହମ୍ମଦ ସ.ଆଙ୍କ ପଦମର୍ଯ୍ୟାଦା ଓ ସ୍ତର ସଂସାରବାସୀଙ୍କୁ ସ୍ୱୀକାର କରାଇବା ତଥା ଇସଲାମ ଓ କୋରାନକୁ ପରିବ୍ୟାପ୍ତ କରିବା ନିମନ୍ତେ ସେମାନେ କି ପ୍ରଚେଷ୍ଟା କରିଛନ୍ତି । ଦେଖ ହଜୁର ଆ.ସଙ୍କ ଶବ୍ଦ କେବଳ ମୁହଁର ଘୋଷଣା ନଥିଲା ବରଂ ଆପଣଙ୍କ ସହ ସମ୍ପର୍କିତ ଲୋକେ ଓ ଅନ୍ୟମାନେ ମଧ୍ୟ ସାକ୍ଷୀ ଦେଇଛନ୍ତି କି ଆପଣଙ୍କର ହଜୁର ସ.ଆଙ୍କ ସହ ପ୍ରେମ ଓ ଭଲପାଇବା ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟରୁ ସ୍ପଷ୍ଟ ପ୍ରମାଣିତ ହେଉଥିଲା । ସୁତରାଂ ଏହାକୁ ପ୍ରକାଶ କରି ଅମୃତସର୍‌ର ଗୋଟିଏ ଖବରକାଗଜ ଯାହାର ନାମ ''ଓ୍ୱକିଲ୍'' ଥିଲା ଓ ତାହା ଗଏର୍ ଅହେମଦୀମାନଙ୍କର ଖବରକାଗଜ ଥିଲା, ସେ ଆପଣ ଆ:ସଙ୍କ ମୃତ୍ୟୁ ପରେ ଲେଖିଲେ ଯେ ''ମିର୍ଜା ସାହେବ୍‌ଙ୍କର ମୃତ୍ୟୁ, ତାଙ୍କର କିଛି ଅନୁଯାୟିଙ୍କ ଭୀଷଣ ବିରୋଧ ହେବା ସତ୍ତ୍ୱେ ସଦାସର୍ବଦା ପାଇଁ ବିଚ୍ଛେଦ ହୋଇଯିବା ଦ୍ୱାରା ମୁସଲ୍‌ମାନ୍ ମାନଙ୍କୁ ହିଁ ବୁଦ୍ଧିଜିବୀ ମୁସଲ୍‌ମାନ୍ ମାନଙ୍କୁ ଏ ଅନୁଭବ କରାଇଦେଇଛି ଯେ ସେମାନଙ୍କର ଜଣେ ବଡ଼ ବ୍ୟକ୍ତି ତାଙ୍କଠାରୁ ବିଚ୍ଛେଦ ହୋଇଯାଇଛନ୍ତି ଏବଂ ତତ୍ ସହିତ ଇସ୍‌ଲାମ୍ ବିରୋଧି ଲୋକଙ୍କ ମୁକାବିଲାରେ ଇସ୍‌ଲାମ୍‌ର ଏହି ଉତମ ପ୍ରତିରକ୍ଷା ମଧ୍ୟ, ଯାହା ତାଙ୍କର ଜୀବନ ସହିତ ସଲଗ୍ନ ଥିଲା, ଶେଷ ହୋଇଯାଇଛି'' । ପୁଣି କହୁଛନ୍ତି- ''ମିର୍ଜା ସାହେବ୍‌ଙ୍କ ଲିଟରେଚର୍ ଗୁଡିକର ସମ୍ମାନ ଓ ମହାନତାକୁ ଯେବେ କି ସେ ନିଜର କାର୍ଯ୍ୟ ସମ୍ପାଦନ କରିସାରିଛନ୍ତି, ଆଜି ଆମେ ଏହାକୁ ସହୃଦୟତାର ସହ ମାନିବାକୁ ବାଧ ହେଉଛୁ'' ପୁଣି ଲେଖୁଛନ୍ତି- ''ଆସନ୍ତାକୁ ଆମର ପ୍ରତିରକ୍ଷାର ସିଲ୍‌ସିଲା କେତେ ବ୍ୟାପକ ହୋଇଯାଉନା କାହିଁ (ପ୍ରତିରକ୍ଷା ଯାହା ଇସ୍‌ଲାମ୍‌ର ପ୍ରତିରକ୍ଷା ଅଟେ କେତେବଡ଼ ହୋଇଯାଉ ନା କାହିଁ) ''ଅସମ୍ଭବ ଅଟେ କି ମିର୍ଜା ସାହେବ୍‌ଙ୍କ ଲେଖନୀକୁ ଉପେକ୍ଷା କରାଯାଇପାରିବ'' । (ବହଓ୍ୱଲା ସିରତେ ତୟବା, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ, ପୃଷ୍ଠା- ୪୫-୪୬) ସେହି ଲେଖା ଗୁଡିକୁ ବାଦ୍ ଦେଲେ ଇସ୍‌ଲାମ୍‌ର ପ୍ରତିରକ୍ଷା ସମ୍ଭବ ନୁହେଁ ।

ସୁତରାଂ ଆପଣଙ୍କର ଏ ସମସ୍ତ କାର୍ଯ୍ୟ ଅଲ୍ଲାଃଙ୍କ ଅନ୍ତିମ ଧର୍ମକୁ ଶ୍ରେଷ୍ଠ ଓ ସମ୍ପୂର୍ଣ୍ଣ ଧର୍ମ ପ୍ରମାଣିତ କରିବା ଉଦ୍ଦେଶ୍ୟରେ ଥିଲା ଏବଂ ହଜରତ ମହମ୍ମଦ ସ.ଆଙ୍କ ସହ ଭଲପାଇବା ଯୋଗୁଁ ଏହି ଆସନ ପ୍ରାପ୍ତ କରିବାର ତଥ୍ୟ ପ୍ରମାଣିତ କରିବା ନିମନ୍ତେ ଥିଲା । ସଂସାରବାସୀଙ୍କୁ ଅବଗତ କରାଇବା ନିମନ୍ତେ କି ହଜୁର ସ.ଆଙ୍କ ଆସନ ହିଁ ସର୍ବ ଶ୍ରେଷ୍ଠ ଅଟେ । ସମଗ୍ର ସଂସାର ଓ ସମସ୍ତ ଧର୍ମ ନିକଟରେ ସ୍ପଷ୍ଟ କରିବା ପାଇଁ କି ଇସଲାମ ପରି ଅନ୍ୟ କୌଣସି ଧର୍ମ ନାହିଁ ।

ଆପତିକାରୀମାନେ ଅପଣଙ୍କର ହଜୁର ସ.ଆଙ୍କ ସହ ପ୍ରେମ ଓ ଭଲପାଇବାର ଏସବୁ ତଥ୍ୟ ଥରେ ମାତ୍ର ପାଠ କରି ତାହାର ଗଭୀରତାରେ ପ୍ରବେଶ କରି ତ ଚିନ୍ତା କରନ୍ତୁ, ନଚେତ୍ ଏମିତି ଆପତି କରିବା ମୂର୍ଖାମୀ ନୁହେଁ ତ ଆଉ କଣ । ହଜୁର ଆ.ସ ଜଣେ ନିଷ୍ଠାପର ଶିସ୍ୟ ଓ କୃତଜ୍ଞ କୀତଦାସ ପରି ସର୍ବଦା କୁହନ୍ତି ମୋତେ ଏସବୁ କିଛି ମୋର ଆକା (ମୁନୀବ) ହଜରତ ମହମ୍ମଦ ସ.ଆଙ୍କ ଅସ୍ତୀତ୍ୱ ଯୋଗୁଁ ଓ ଆପଣଙ୍କ ଆଜ୍ଞାକାରୀ ହେବା ଯୋଗୁଁ ପ୍ରାପ୍ତ ହୋଇଛି । ସୁତରାଂ ଏହାକୁ ପ୍ରକାଶ କରି ଆପଣ ଗୋଟିଏ ସ୍ଥାନରେ କହୁଛନ୍ତି କି- ''ମୁଁ ସେହି ଖୁଦାଙ୍କ ରାଣ ଖାଇ କହୁଅଛି, ସେ ଯେପରି ଇବ୍ରାହିମ୍‌ଙ୍କ ସହିତ କଥାବାର୍ତ୍ତା ଓ ସମ୍ବୋଧନ କରିଛନ୍ତି ଓ ପୁଣି ଇସାହାଙ୍କ ସହିତ ଓ ଇସ୍‌ମାଇଲ୍ ସହିତ ଓ ୟାକୁବ୍‌ଙ୍କ ସହିତ ଓ ୟୁସୁଫ୍‌ଙ୍କ ସହିତ ଓ ମୁସାଙ୍କ ସହିତ ଓ ମସିହ୍ ଇବ୍‌ନେ ମରିୟମ୍‌ଙ୍କ ସହିତ ଏବଂ ସମସ୍ତଙ୍କ ପରେ ଆମର ପ୍ରିୟ ନବୀ ସ:ଆ:ସଙ୍କ ସହିତ ଏପରି ବାର୍ତ୍ତାଳାପ କରିଛନ୍ତି ଯେ ଆପଣ ସ:ଆ:ସଙ୍କ ଉପରେ ସମସ୍ତଙ୍କ ଠାରୁ ଅଧିକା ପ୍ରଜ୍ଜଳିତ ଓ ପବିତ୍ର ଓ୍ୱହି ଅବତୀର୍ଣ୍ଣ କରିଛନ୍ତି, ସେହିପରି ସେ (ଖୁଦା) ମୋ ଉପରେ ମଧ୍ୟ ନିଜର ବାର୍ତ୍ତାଳାପ ଓ ସମ୍ବୋଧନର ଗୌରବ ପ୍ରଦାନ କରିଛନ୍ତି । କିନ୍ତୁ ଏହି ଗୌରବ ମୋତେ କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଜ୍ଞାବହତା ସ୍ୱୀକାର କରିବା ଯୋଗୁ ହିଁ ପ୍ରାପ୍ତ ହୋଇଛି । ଯଦି ମୁଁ ହଜୁର ସ.ଆଙ୍କ ସମ୍ପ୍ରଦାୟ ଓ ଆପଣଙ୍କର ଆଜ୍ଞାକାରୀ ହୋଇନଥାନ୍ତି ଓ ଯଦି ମୋର ଅମଲ(କାର୍ଯ୍ୟ) ବିଶ୍ୱର ବଡ଼ ବଡ଼ ପାହାଡ଼ ସମତୁଲ୍ୟ ହୋଇଥାନ୍ତା, ତଥାପି ମଧ୍ୟ ମୁଁ କଦାପି ଅଲ୍ଲାଃଙ୍କ ସହ ବାର୍ତ୍ତାଳାପ କରିବାର ଏହି ସୌଭାଗ୍ୟ ପ୍ରାପ୍ତ କରିପାରିନଥାନ୍ତି'' ।

*(ତଜଲ୍ଲିଆତେ ଇଲାହିୟା, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୪୧୧-୪୧୨)*

ଏସବୁ ଶୁଣିବା ପରେ ଯଦି କେହି ହଜରତ ମସିହ ମଉଦ ଆ.ସଙ୍କ ଉପରେ ଆପତି କରେ ତେବେ ସେ ଅତ୍ୟାଚାରୀ, ମୂର୍ଖ ଓ ବିଭ୍ରାଟକାରୀ ବ୍ୟତୀତ ଆଉ କେହି ନୁହେଁ । ଏପରି ବ୍ୟକ୍ତିର ମାମଲା ଅଲ୍ଲାଃଙ୍କ ହାତରେ ରହିଛି, ଯେଉଁମାନେ ନିଜକୁ ବଡ଼ ବଡ଼ ମୌଲବି ବୋଲାଉଛନ୍ତି ।

ହଜରତ ମସିହ ମଉଦ ଆ.ସଙ୍କ ଆଗମନର ଉଦ୍ଦେଶ୍ୟ ଏକେଶ୍ୱରବାଦ ଓ ହଜରତ ମହମ୍ମଦ ସ.ଆଙ୍କ ପ୍ରକୃତ ସ୍ଥାନ ଓ ମର୍ଯ୍ୟାଦା ସ୍ପଷ୍ଟ କରିବା ସହିତ ସଂସାରବାସୀଙ୍କୁ ଆପଣଙ୍କ ଧ୍ୱଜା ତଳେ ଏକତ୍ର କରିବା ଥିଲା ତଥା ଅଲ୍ଲାଃ ଓ ତା ସୃଷ୍ଟିର କର୍ତବ୍ୟ ସମ୍ପାଦନ କରି ସେମାନଙ୍କୁ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନେଇବା ଓ ପୁଣ୍ୟ କର୍ମ ସମ୍ପାଦନ କରାଇବା ଥିଲା । ସୁତରାଂ ଆପଣ ଆ:ସ ଶରାୟତେ ବୟତ୍‌ରେ ମଧ୍ୟ ଏ ସର୍ତ ରଖିଛନ୍ତି ବରଂ ଦୁଇଟି ସର୍ତ ପ୍ରତ୍ୟକ୍ଷ ରୂପେ ଏହା ସହିତ ସମ୍ବନ୍ଧ ଅଛି ।

ତେଣୁ ଆପଣ ଶରାୟତେ ବୟତର ଚତୁର୍ଥ ସର୍ତରେ ଦରଜ କଲେ କି ''ସମସ୍ତ ମାନବ ଜାତି ଓ ବିଶେଷ କରି ମୁସଲମାନମାନଙ୍କ ପ୍ରତି ଉଗ୍ର ହୋଇ କୌଣସି ପ୍ରାଣୀଙ୍କ ଉପରେ ଅନୁଚିତ୍ ଭାବରେ କଷ୍ଟ ଦେବନାହିଁ''। (ବୟତ କରିବା ବ୍ୟକ୍ତି ଏହି ଶପଥ କରିବ) ''ନା ମୁହଁଦ୍ୱାରା, ନା ହାତଦ୍ୱାରା, ନା କୌଣସି ଅନ୍ୟ ମାଧ୍ୟମ ଦ୍ୱାରା''

ପୁନଃ ନବମ ସର୍ତରେ ଏହା ଦରଜ କଲେ କି ''ସମସ୍ତ ଜୀବଜଗତ ଉପରେ କେବଳ ଅଲ୍ଲାଃଙ୍କ ଖାତିର ଦୟା ଆଚରଣ କରିବା ଏବଂ ଯେପର୍ଯ୍ୟନ୍ତ ସମ୍ଭବ ନିଜ ସାମର୍ଥ୍ୟର ବିନିଯୋଗ କରି ମାନବ ଜାତିର ଉପକାର ସାଧିତ କରିବା ନିମନ୍ତେ ଚେଷ୍ଟା କରିବ'' । *(ଅଜାଲା ଅଓହାମ୍, ରୁହାନି ଖଜାଏନ୍, ଖଣ୍ଡ-୩, ପୃଷ୍ଠା-୫୬୪)*

ଅତଏବ ଏଥି ମୁତାବକ ଇସଲାମୀୟ ଶିକ୍ଷାର ଚର୍ଚ୍ଚା କରି ହଜୁର ଆ.ସ କୁହନ୍ତି- ''ଧର୍ମର ଦୁଇଟି ସମ୍ପୂର୍ଣ୍ଣ ବିଭାଗ ରହିଛି ଗୋଟିଏ ଅଲ୍ଲାଃଙ୍କ ସହ ପ୍ରେମ ଏବଂ ଅନ୍ୟଟି ତାଙ୍କର ସୃଷ୍ଟଜଙ୍କୁ ଭଲପାଇବା ଓ ସେମାନଙ୍କ ଅସୁବିଧା ଓ ଯନ୍ତ୍ରଣାକୁ ନିଜ ଯନ୍ତ୍ରଣା ମନେକରିବା ତଥା ସେଥିପାଇଁ ଦୁଆ କରିବା'' ।

*(ନସିମେ ଦାଓ୍ୱତ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୪୬୪)*

ପୁଣି ଆପଣ ଆ:ସ କହୁଛନ୍ତି- ''ଇସ୍‌ଲାମୀୟ ଶିକ୍ଷା ଅନୁସାରେ ଦୀନେ ଇସ୍‌ଲାମ୍‌ର କେବଳ ଦୁଇଟି ବିଭାଗ ଅଛି ବା ଏପରି କହିପାରିବା ଯେ ଏହି ଶିକ୍ଷା ଦୁଇଟି ବଡ଼ ଉଦ୍ଦେଶ୍ୟକୁ ନେଇ ପର୍ଯ୍ୟବେଶିତ'' । ଆପଣ କହୁଛନ୍ତି ଯେ- ''ପ୍ରଥମତଃ (ଏହା ଅଟେ କି) ଏକ ଇଶ୍ୱରକୁ ଜାଣିବା ଯେପରି ସେ ବାସ୍ତବରେ ବିଦ୍ୟମାନ ଅଟନ୍ତି ଓ ତାଙ୍କ

ସହିତ ପ୍ରେମ କରିବା ଏବଂ ତାଙ୍କ କଥାରେ ନିଜକୁ ପରିଚାଳିତ କରିବା ଯେପରି ପ୍ରେମ ଓ ଆଜ୍ଞାବହତାର ସର୍ତ ଅଛି'' । ପୁଣି କହୁଛନ୍ତି- ''ଦ୍ୱିତୀୟ ଉଦ୍ଦେଶ୍ୟ ଏହା ଅଟେ ଯେ ତା ଭକ୍ତମାନଙ୍କର ସେବା ଓ ତାଙ୍କ ସହାନୁଭୁତି ନିମନ୍ତେ ନିଜର ସମସ୍ତ ଶକ୍ତିକୁ ଖର୍ଚ୍ଚ କରିବା'' । (ପ୍ରତ୍ୟେକ ଶକ୍ତି ଓ ସାମର୍ଥ୍ୟକୁ ଖର୍ଚ୍ଚ କରିବା) ''ଏବଂ ସମ୍ରାଟଙ୍କ ଠାରୁ ନେଇ ସାଧାରଣ ମନୁଷ୍ୟ ପର୍ଯ୍ୟନ୍ତ ଯେଉଁମାନେ ଅନୁଗ୍ରହ କରିଛନ୍ତି ସେ ସମସ୍ତଙ୍କର କୃତଜ୍ଞତା ଜ୍ଞାପନ କରିବା'' ।

*(ତୋହ୍‌ଫା କୈସରିୟା, ରୁହାନି ଖଜାଏନ୍, ଖଣ୍ଡ-୧୨, ପୃଷ୍ଠା-୨୮୧)*

ସୁତରାଂ ଏହା ହେଉଛି ସେହି ଶିକ୍ଷା ଯାହା ଖୁଦାତାଲାଙ୍କ ସହିତ ପ୍ରେମ ଓ ତା ପରେ ତାର ମଖ୍‌ଲୁକ୍ (ପ୍ରାଣୀ)ଙ୍କ ସହିତ ବ୍ୟବହାର କରିବା ପାଇଁ ଅଛି ବା ଏପରି କହିପାରିବା ଯେ ଖୁଦାତାଲାଙ୍କ ପ୍ରେମ ଯୋଗୁଁ ତା ମଖ୍‌ଲୁକ୍‌ର ଅଧିକାର ପ୍ରଦାନ କରିବା ପ୍ରତି ଧ୍ୟାନ ଆକର୍ଷଣ ହୋଇଥାଏ ।

ଏ ସମ୍ବନ୍ଧରେ ଆପଣ ଆ:ସଙ୍କ ନିଜର ଅବସ୍ଥା ଓ ଅମଳ କଣ ଅଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କର ଏ ସମ୍ବନ୍ଧରେ କଣ ଅବସ୍ଥା ଥିଲା ? ଆପଣ କିପରି ଏହା ଉପରେ ଅମଳ କରୁଥିଲେ ? ଏହାର ସ୍ପଷ୍ଟୀକରଣ କରି ଗୋଟିଏ ସ୍ଥାନରେ ହଜୁର ଆ.ସ କୁହନ୍ତି - ''ମୁଁ ସମସ୍ତ ମୁସଲମାନ, ଖ୍ରୀଷ୍ଟଧର୍ମୀ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ପ୍ରକାଶ କରୁଅଛି୍‌ଯେ ସମଗ୍ର ବିଶ୍ୱରେ ମୋର କେହି ଶତ୍ରୁ ନାହାନ୍ତି ମୁଁ ମାନବ ଜାତିକୁ ଏପରି ପ୍ରେମ କରେ ଯେପରି ଜଣେ ଦୟାଳୁ ମାତା ନିଜ ପିଲାମାନଙ୍କୁ (ପ୍ରେମ) କରିଥାଏ ବରଂ ତାଠାରୁ ବଳି '' । ଆପଣ କହିଲେ ''ମୁଁ କେବଳ ସେହି ମିଥ୍ୟା ବିଶ୍ୱାସର ଶତ୍ରୁ ଅଟେ, ଯାହାଦ୍ୱାରା ସତ୍ୟର ହତ୍ୟା ହୋଇଥାଏ । ମାନବ ଜାତି ପ୍ରତି ଦୟା ଆଚରଣ କରିବା ମୋର କର୍ତବ୍ୟ । ମିଥ୍ୟା, ଶିରକ୍, ଅନ୍ୟାୟ ଅତ୍ୟାଚାର ଓ ଅସଭ୍ୟ ଅସଦାଚରଣ ଆଦିକୁ ଘୃଣା କରିବା ମୋର ନିୟମ'' ।

*(ଅର୍‌ବଇନ୍, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୩୪୪)*

ପୁଣି ଆପଣ ଆ:ସ ଆଉ ଏକ ସ୍ଥାନରେ ସ୍ପଷ୍ଟୀକରଣ ଦେଇ କହୁଛନ୍ତି ଯେ- ''ବାସ୍ତବରେ ପ୍ରତ୍ୟେକ ବସ୍ତୁ ନିଜ ସମ୍ପର୍କୀୟ ବସ୍ତୁକୁ ଭଲପାଇଥାଏ'' (ଜିନିଷ ଗୁଡିକ ଯଦି ଗୋଟିଏ ଜାତିର ବା ଗୋଟିଏ କିସମର ହୋଇଥାଏ ତେବେ ସେ ତାକୁ ପ୍ରେମ କରିଥାଏ) '' ଏପରିକି ପିମ୍ପୁଡିମାନେ ମଧ୍ୟ (ପିମ୍ପୁଡିମାନଙ୍କ ସହିତ ପ୍ରେମ କରିଥାନ୍ତି) ଯଦି କୌଣସି ବିଦ୍ୱେଷ ଭାବ ପ୍ରତିବନ୍ଧକ ନଥାଏ । ତେଣୁ ଯେଉଁ ବ୍ୟକ୍ତି ଖୁଦାତାଲାଙ୍କ ଆଡକୁ ଡାକୁଅଛି ଏହା ତା ପାଇଁ ଧାର୍ଯ୍ୟ ଅଟେ'' । କହିଲେ ଯେ ଯେଉଁ ବ୍ୟକ୍ତି ଖୁଦାତାଲାଙ୍କ ଆଡକୁ ଡାକୁଅଛି (ଆପଣ ଆ:ସ ଖୁଦାତାଲାଙ୍କ ଆଡକୁ ଡାକୁଛନ୍ତି) ତାଙ୍କ ପାଇଁ ଏହା ଧାର୍ଯ୍ୟ ଅଟେ ଯେ ସେ ସମସ୍ତଙ୍କଠାରୁ ଅଧିକ ପ୍ରେମ କରିବେ । ତେଣୁ ମୁଁ ମାନବଜାତିକୁ ସବୁଠାରୁ ଅଧିକ ପ୍ରେମ କରୁଅଛି । ହଁ ସେମାନଙ୍କର କୁକାର୍ଯ୍ୟ ଏବଂ ପ୍ରତ୍ୟେକ ପ୍ରକାରର ଜୁଲ୍‌ମ୍, ବ୍ୟଭିଚାର ଓ ବିଦ୍ରୋହର ମୁଁ ହେଉଛି ଶତ୍ରୁ । କୌଣସି ଜାତିର ମୁଁ ଶତ୍ରୁ ନୁହେଁ । ତେଣୁ ସେହି ଖଜାନା (ସମ୍ପତି) ଯାହା ମୋତେ ମିଳିଅଛି, ଯାହା ସ୍ୱର୍ଗର ସବୁ ସମ୍ପତି ଓ ନେମତର ଚାବି ଅଟେ, ସେହି ପ୍ରେମକୁ ମୁଁ ମନୁଷ୍ୟ ଜାତି ସମ୍ମୁଖରେ ଉପସ୍ଥାପନ କରୁଅଛି । ଏବଂ ଯାହା କିଛି ମାଲ୍ ମୋତେ ମିଳିଛି ତାହା ସବୁ ବାସ୍ତବରେ ହୀରା, ସୁନା, ରୂପା ପରି ଅଟେ । କୌଣସି ଅଚଳନ୍ତି ଜିନିଷ ନୁହେଁ । ଏହା ବହୁତ ସହଜରେ ମିଳିପାରିବ ଓ ସେହି ସମସ୍ତ ଦିରହମ୍, ଦୀନାର୍ ଓ ମୋତି ମାଣିକ ଉପରେ ସୁଲ୍‌ତାନୀ ସିକ୍‌କାର ଚିହ୍ନ ଅଛି'' । (ଅର୍ଥାତ୍-ସୁଲ୍‌ତାନୀ ସମ୍ରାଟଙ୍କ ମୁଦ୍ରାର ଚିହ୍ନ ଅଛି, କେଉଁ ସମ୍ରାଟ୍ ?) ''ଅର୍ଥାତ୍ ସେହି ସବୁ ସ୍ୱର୍ଗୀୟ ସାକ୍ଷୀ ମୋ ପାଖରେ ଅଛି ଯାହା ଅନ୍ୟପାଖରେ ନାହିଁ'' (ଅଲ୍ଲାଃତାଲା ମୋତେ ସହଯୋଗ କରୁଛନ୍ତି ଓ ମୋର ସାକ୍ଷୀ ଦେଉଛନ୍ତି) କହିଲେ ଯେ- ''ମୋତେ ବତାଇ ଦିଆଯାଇଛି କି ସମସ୍ତ ଦୀନ୍ ମଧ୍ୟରୁ ଦିନେ ଇସ୍‌ଲାମ୍ ସଚ୍ଚା ଅଟେ । ମୋତେ କୁହାଯାଇଛି ଯେ ସମସ୍ତ ହିଦାୟତ୍ ମାନଙ୍କ ମଧ୍ୟରୁ କେବଳ କୋରାନ୍‌ର ହିଦାୟତ୍ ହିଁ ତାର ସଠିକତା ଯୋଗୁଁ ସମ୍ପୂର୍ଣ୍ଣତାର ସ୍ଥାନରେ ଅଛି ଓ ତାହା ମାନବିକ ଅପମିଶ୍ରଣରୁ ପବିତ୍ର ରହିଛି । ମୋତେ ବୁଝାଇ ଦିଆଗଲା କି ସମସ୍ତ ରସୁଲଙ୍କ ମଧ୍ୟରୁ ସମ୍ପୂର୍ଣ୍ଣ ଶିକ୍ଷା ଦେବା ବାଲା ଓ ଉଚ୍ଚ ସ୍ତରର ପବିତ୍ର ଓ ସାରଗର୍ଭକ ଶିକ୍ଷା ଦେବାବାଲା ଓ ମନୁଷ୍ୟମାନଙ୍କ ଭିତରେ ସମସ୍ତଙ୍କଠାରୁ ଉଚ୍ଚତର ନମୁନା ଦେଖାଇବା ବାଲା କେବଳ ହଜ୍‌ରତ୍ ସୟଦ୍‌ନା ଓ ମୌଲାନା ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଅଟନ୍ତି ଓ ମୋତେ ଖୁଦାଙ୍କ ପବିତ୍ର ୱହି ଦ୍ୱାରା ସୂଚନା ଦିଆଯାଇଛି ଯେ ମୁଁ ତା ତରଫରୁ ମସିହ୍ ମଉଦ୍ ଓ ମେହେଦୀ ମାହୁଦ୍ ଏବଂ ଭିତର ଓ ବାହାରରେ ଥିବା ଇଖ୍‌ତିଲାଫାତ୍ ପାଇଁ ହକମ୍ (ନ୍ୟାୟଧିଶ) ଅଟେ । ଏ ଯେଉଁ ମୋ ନାମ ମସିହ୍ ଓ ମେହେଦୀ ରଖାଯାଇଛି ଏହି ଦୁଇଟି ନାମ ମୋତେ ରସୁଲୁଲ୍ଲାଃ ସ:ଆ:ସ ପ୍ରଦାନ କରିଛନ୍ତି । ଓ ପୁଣି ଖୁଦା ନିଜର ପରୋକ୍ଷ ବାର୍ତାଳାପ ଦ୍ୱାରା ଏହି ନାମଟିକୁ ମୋପାଇଁ ରଖିଛନ୍ତି । ଓ ପୁଣି ଏ ଯୁଗର ବର୍ତମାନ ଅବସ୍ଥା ଆଶା କରୁଛି ଯେ ଏହା ହିଁ ମୋର ନାମ ହେଉ'' ।

*(ଅର୍‌ବଇନ୍ ନଂ-୧, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୩୪୫)*

ଏସବୁ ଆପଣ ଏମିତି ଲେଖିଦେଇ ନାହାନ୍ତି କିମ୍ବା କେବଳ ଘୋଷଣା କରିଦେଇନାହାନ୍ତି କି ମୁଁ ମାନବ ଜାତିକୁ ସମସ୍ତଙ୍କଠାରୁ ଅଧିକ ଭଲପାଏ ବରଂ ଏହାର ପ୍ରତ୍ୟକ୍ଷ ଅମଳ କରିବାର ଦୃଷ୍ଟାନ୍ତ ମଧ୍ୟ ଆମକୁ ଆପଣଙ୍କ ଜୀବନରେ ଦେଖିବାକୁ ମିଳୁଅଛି । ଗୋଟିଏ ପଟେ ଆପଣଙ୍କ ମସିହ୍ ଓ ମେହେଦୀ ହେବାର ଦାବୀ ଓ ସେହି ଦାବୀର ତସ୍‌ଦିକ (ପ୍ରମାଣୀକରଣ) ପାଇଁ ଅଲ୍ଲାଃତାଲା ଯେବେ ଲୋକମାନଙ୍କ ନିମନ୍ତେ କିଛି ନିଦର୍ଶନ ପ୍ରକାଶ କରିଥାଏ, ଏପରି ନିଦର୍ଶନ (ଚିହ୍ନ) ଆପତି ବିପତି ସ୍ୱରୂପ ଥାଏ ତେବେ ଆପଣ ସ:ଆ:ସ ବ୍ୟାକୁଳ ହୋଇଯାଉଥିଲେ । ସୁତରାଂ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଘରର ଗୋଟିଏ ଭାଗରେ ରହୁଥିଲେ, ସେ ବର୍ଣ୍ଣନା କରୁଛନ୍ତି ଯେ ଯେଉଁଦିନ ଗୁଡିକରେ ତାଉନ୍ ବ୍ୟାପିଥିଲା ଓ ଗୋଟିଏ ଦିନରେ ଅସଂଖ୍ୟ ଲୋକେ ଏ ରୋଗର ଶିକାର ହୋଇଯାଉଥିଲେ ଓ ମୃତ୍ୟୁ ମୁହଁରେ ଯାଇ ପଡୁଥିଲେ । ମୌଲବୀ ଅବ୍‌ଦୁଲ୍ କରିମ୍ ସାବେହ୍ କହୁଛନ୍ତି ଯେ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପ୍ରାର୍ଥନା କରିବାର ଶୁଣିଛି । ଏପରି ପ୍ରାର୍ଥନା ଯାହା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ହଜ୍‌ରତ୍ ମୌଲବୀ ସାହେବ୍ କହୁଛନ୍ତି ଯେ ହଜରତ ମସିହ ମଉଦ ଆ.ସଙ୍କ (ଉକ୍ତ ଦୁଆ ପାଠ କଲାବେଳେ) ଶବ୍ଦରେ ଏଭଳି ବ୍ୟଥା ଓ ବେଦନା ଥିଲା କି ଏହି ଦୁଆ ଶୁଣିଥିବା ବ୍ୟକ୍ତିର ମଧ୍ୟ ପିତ ପାଣି ହୋଇଯିବ । (ଏହା ଶୁଣି ଏକ ଅଜବ ପ୍ରକାରର ଅବସ୍ଥା ହୋଇଯାଉଥିଲା) ''ଏବଂ ଆପଣ ଆ:ସ ଏପରି ଖୁଦାତାଲାଙ୍କ ନିକଟରେ ବିକଳତାର ସହିତ କାନ୍ଦୁଥିଲେ (ଓ ଏ ସବୁ ଦୁଃଖ ଯୋଗୁ ଆପଣଙ୍କର ଶବ୍ଦ ମଧ୍ୟ ବାହାରୁନଥିଲା) ଯେପରି କୌଣସି ସ୍ତ୍ରୀ ଲୋକ ଛୁଆ ଜନ୍ମ କରିବା ସମୟରେ ବ୍ୟାକୁଳ ହୁଏ'' । (ମୌଲବୀ ସାହେବ୍ କହୁଛନ୍ତି ଯେ) ମୁଁ ବହୁତ ମଗ୍ନ ହୋଇ ଶୁଣିଲି । ତେବେ (ମୁଁ ଜାଣିପାରିଲି ଯେ) ଆପଣ ଆ:ସ ଅଲ୍ଲାଃଙ୍କ ମଖ୍‌ଲୁକ୍‌ଙ୍କ ପାଇଁ ତାଉନ୍ ରୋଗର ଦଣ୍ଡରୁ ମୋକ୍ଷ ମିଳିବା ନିମନ୍ତେ ଦୁଆ କରୁଥିଲେ । ଦେଖ ତାଉନର ଦଣ୍ଡରୁ (ଲୋକମାନେ) ରକ୍ଷା ପାଇବା ନିମନ୍ତେ ଆପଣ ଏପରି ବ୍ୟାକୁଳ ହୋଇ ଦୁଆ କରୁଥିଲେ କି ହେ ଅଲ୍ଲାଃ ! ଯଦି ଏମାନେ ତାଉନ ଦ୍ୱାରା ନାଶ ହୋଇଯାନ୍ତି ତେବେ ତୁମର ଉପାସନା କିଏ କରିବ । *(ଉଦ୍ଧୃତ ସିରତେ ତୟବା, ଲେଖକ-ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ, ପୃଷ୍ଠା-୫୪)*

ସୁତରାଂ ଚିନ୍ତା କର ଗୋଟିଏ ଭବିଷ୍ୟବାଣୀ ଅନୁସାରେ ବିରୋଧୀମାନଙ୍କୁ ଦଣ୍ଡ ମିଳୁଅଛି କିନ୍ତୁ ଆପଣ ତାହାର ଦୂର ହେବା ନିମନ୍ତେ ଅତ୍ୟନ୍ତ ବ୍ୟଥାର ସହ ଦୁଆ କରୁଛନ୍ତି । ଏବଂ ଏହି ଅଜାବ୍ (ଦଣ୍ଡ) ଟଳିଯିବା ଯୋଗୁଁ ଏହା ସମ୍ଭବ ଯେ ବିରୋଧିମାନେ ସ୍ୱର ଉତୋଳନ କରିଥାନ୍ତେ । ଆପଣ ଆ:ସଙ୍କ ପେଶ୍‌ଗୋଇଟି ସନ୍ଦେହ ଘେରରେ ରହିଥାଆନ୍ତା କିନ୍ତୁ ମାନବଜାତି ସହିତ ଥିବା ସହାନୁଭୁତି ଏକଥାର ପରବାୟ କଲାନାହିଁ ଓ ଆପଣ ପ୍ରାର୍ଥନା କରିଚାଲିଲେ ଯେ ସେମାନଙ୍କୁ ଦଣ୍ଡରୁ ବଂଚାନ୍ତୁ । ଓ ବିଶ୍ୱାସକୁ ସୁରକ୍ଷା ରଖିବା ପାଇଁ ଆଉ କୌଣସି ରାସ୍ତା ଦେଖାଇଦିଅନ୍ତୁ । ଆପଣଙ୍କ ବିରୋଧିମାନେ ମଧ୍ୟ କେବେ ଏହା କହିପାରିବେ ନାହିଁ ଯେ ଆପଣ ଆ:ସ ସହାନୁଭୁତିର ଅବସରରେ ତାଙ୍କ ସହିତ ସହାନୁଭୁତି କଲେ ନାହିଁ ବୋଲି । ଏହିଭଳି ଅନେକ ଘଟଣା ଆପଣଙ୍କ ଜୀବନୀରୁ ମିଳୁଅଛି । ଗୋଟିଏ ଘଟଣା ବର୍ଣ୍ଣନା କରୁଛି-

ଯେବେ ମିନରତୁଲ୍ ମସିହ୍ ର ନିର୍ମାଣ ଆରମ୍ଭ ହେବାକୁ ଲାଗିଲା ତେବେ ସେଠାରେ ହିନ୍ଦୁମାନେ ପାଟିତୁଣ୍ଡ କଲେ କି ଏଥିଯୋଗୁ ଆମ ଘରେ ବେପର୍ଦ୍ଦଗୀ ହେବ । (ଅର୍ଥାତ୍ ଆମଘରର ଲୋକମାନେ ବେଇଜତ୍ ହେବେ) ଏହାର ତହ୍‌କିକ୍ (ଅନୁସନ୍ଧାନ) କରିବା ପାଇଁ ସରକାରଙ୍କ ତରଫରୁ ମାଜିଷ୍ଟ୍ରେଟ୍ ଆସିଲେ । ତାଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସବୁକଥା ବିସ୍ତାର ରୂପେ ବତାଇଲେ । ଏବଂ କହିଲେ ଯେ ଏହା ତ ଗୋଟିଏ ଚିହ୍ନ ସ୍ୱରୂପ ନିର୍ମାଣ ହେଉଛ । ଏଥିରେ ଆଲୋକ ଲଗାଯିବ ଯଦ୍ଦ୍ୱାରା ଏ ଇଲାକା ଆଲୋକିତ ହେବ । ବେପର୍ଦ୍ଦଗୀ (ଅନାବରଣ) ବିଲ୍‌କୁଲ୍ ହେବନାହିଁ । ଯଦି ସେମାନଙ୍କ ଘରେ ଅନାବରଣ ହେବ ତେବେ ଆମ ଘରେ ମଧ୍ୟ ହେବ । ତେଣୁ ଏହା ଭୁଲ୍ କଥା ଯେ ଏହା ଦ୍ୱାରା ଅନାବରଣ ହେବ ଓ ଏହା ସବୁ ବେକାର୍ ବାହାନା ଅଟେ । ମାଜିଷ୍ଟ୍ରେଟ୍‌ଙ୍କ ସହିତ ସେଠିକାର ଜଣେ ହିନ୍ଦୁ ଲାଲା ବୁଢ୍ଢାମଲ୍ ମଧ୍ୟ ଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ ଇଏ ଏଠାରେ ରହୁଛନ୍ତି ଅର୍ଥାତ୍ କାଦିଆନ୍‌ରେ ଆମର ପଡ଼ୋଶୀ ଅଟନ୍ତି ଓ ଏହି ସହରର ନିବାସୀ ଅଟନ୍ତି । ତାଙ୍କୁ ଜଣାଅଛି ଯେ ମୁଁ ସବୁବେଳେ ପଡ଼ୋଶୀ ମାନଙ୍କର ଓ ମଖ୍‌ଲୁକ୍‌ଙ୍କର ଧ୍ୟାନ ରଖିଥାଏ । ଏହି ଲାଲା ବୁଢ୍ଢାମଲ୍ ଯିଏ ଆପଣଙ୍କ ସାଥିରେ ଅଛନ୍ତି ତାଙ୍କୁ ପଚାରି ବୁଝନ୍ତୁ କି କେବେ ଏପରି ଅବସର ଆସିଥିବା ଯେଉଁଥିରେ ତାଙ୍କୁ ସାହାଯ୍ୟ କରିବାର ଆବଶ୍ୟକ ମୋର ଥିବ ଓ ମୁଁ ସେଥିରେ କୌଣସି ଅଭାବ

ରଖିଥିବି ବା କୌଣସି ପ୍ରକାରର ଲାଭ ପହଂଚାଇବା ପାଇଁ ମୋ ତରଫରୁ କେବେ କୌଣସି ପ୍ରତି ବନ୍ଧକ ହୋଇଥିବ । ଏବଂ ପୁଣି ତାଙ୍କଠାରୁ ପଚାରି ବୁଝନ୍ତୁ କି କଣ କେବେ ଏପରି ହୋଇଛି ଯେ ସେ (ଲାଲା ସାହେବ୍) ମୋତେ କ୍ଷତି ପହଂଚାଇବା ପାଇଁ କୌଣସି ଅବସର ପାଇଥିବେ ଓ ତାକୁ ହାତଛଡା କରିଦେଇଥିବେ । ସେ ସବୁବେଳେ ମୋତେ କ୍ଷତି ପହଂଚାଇଛନ୍ତି ଓ ମୁଁ ସବୁବେଳେ ତାଙ୍କୁ ଲାଭ ପହଂଚାଇଛି । ସେ ସମୟରେ ଲାଲା ସାହେବ୍ ସେଠାରେ ମାଜିଷ୍ଟ୍ରେଟ୍‌ଙ୍କ ସହିତ ଥିଲେ । ଉକ୍ତ କଥାକୁ ଅସ୍ୱୀକାର କରିବା ପାଇଁ ତାଙ୍କର ସାହସ ହେଲାନାହିଁ । ବରଂ ସେ ଲଜ୍ଜିତ ହୋଇ ମୁଣ୍ଡ ନୁଆଁଇ ବସିଥିଲେ । *(ଉଦ୍ଧୃତ ସିରତେ ତୟବା, ଲେଖକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ, ପୃଷ୍ଠା-୬୧-୬୩)*

ସୁତରାଂ ଏହା ଥିଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉଦାହରଣ କି କ୍ଷତି ପହଂଚାଉଥିବା ଲୋକମାନଙ୍କୁ ମଧ୍ୟ ମାନବିକ ସହାନୁଭୂତି ଯୋଗୁ ଲାଭ ପହଂଚାଉଥିଲେ । ମୌଲବି ମହମ୍ମଦ ହୁସେନ୍ ବଟାଲୱୀ ଯେ କି ଆପଣଙ୍କ ବିରୋଧାଚରଣରେ ଶୀର୍ଷରେ ଥିଲା ଏବଂ ଆପଣଙ୍କ ଉପରେ ଅମାନ୍ୟକାରୀର ଫତୱା ଲଗାଇ ନଉଜୁବିଲ୍ଲାଃ ଆପଣଙ୍କୁ ଦଜ୍ଜାଲ କହିଥିଲା । ସମଗ୍ର ଦେଶରେ ଆପଣଙ୍କ ବିରୋଧରେ ଘୃଣା ଓ ଶତ୍ରୁତାର ଅଗ୍ନି ପ୍ରଜ୍ୱଳିତ କରିଥିଲା । କିନ୍ତୁ ତାହା ବିରୁଦ୍ଧରେ ଗୋଟିଏ ମୁକଦ୍ଦମାରେ ଯେତେବେଳେ ଆପଣଙ୍କ ଓକିଲ ମୌଲବି ମହମ୍ମଦ ହୁସେନଙ୍କୁ ତାଙ୍କ ଖାନଦାନ ସମ୍ବନ୍ଧରେ କଟୁ ପ୍ରଶ୍ନ କରିଥିଲେ ସେତେବେଳେ ଆପଣ ତାଙ୍କୁ ଏପରି କରିବାକୁ ଦୃଢ଼ତାର ସହ ବାରଣ କଲେ । ଉକ୍ତ ଓକିଲ ଶ୍ରୀମାନ ଫଜଲ୍‌ଦୀନ୍ ସାହେବ ଜଣେ ଅଣଅହେମଦି ଥିଲେ । ସେ କୁହନ୍ତି ମିର୍ଜା ସାହେବ ଜଣେ ବିଚିତ୍ର ଲୋକ ତଥା ଅସାଧାରଣ ଚରିତ୍ରର ଅଧିକାରୀ ଥିଲେ । ଜଣେ ଆପଣଙ୍କର ଉଭୟ ସମ୍ମାନ ଓ ପ୍ରାଣ ହାନି ପ୍ରତି ଚେଷ୍ଟାରତ ଥିବା ସ୍ଥଳେ ତାହାର ସାକ୍ଷୀକୁ ଦୁର୍ବଳ କରିବା ନିମନ୍ତେ ଯେତେବେଳେ ତାହାକୁ ପ୍ରଶ୍ନ କରାଯାଏ ସେତେବେଳେ ଆପଣ ବାରଣ କରନ୍ତି କି ଏପରି ଅବାନ୍ତର ପ୍ରଶ୍ନ କରିବାର ମୁଁ କଦାପି ଅନୁମତି ପ୍ରଦାନ କରିବି ନାହିଁ । ଏହି ମୌଲବୀ ମହମ୍ମଦ୍ ହୁସେନ୍‌ଙ୍କ ସମ୍ବନ୍ଧରେ ନିଜର ଗୋଟିଏ ଆରବୀ ପଦରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହା ମଧ୍ୟ କହିଛନ୍ତି ଯେ-

قَطَعْتَ وِدَادًا قَدْ غَرَسْنَاهُ فِي الصِّبَا
وَلَيْسَ فُؤَادِيْ فِي الْوِدَادِ يُقَصِّرُ

*କତଅତା ୱିଦାଦନ୍ କଦ୍ ଗରସ୍‌ନାହୁ ଫିସ୍ ସବା*
*ୱ ଲୈସା ଫୁଆଦି ଫିଲ୍ ୱିଦାଦି ୟୁକସ୍‌ସିରୁ*

ଅର୍ଥାତ୍- ତୁ ପ୍ରେମର ଏହି ବୃକ୍ଷଟିକୁ ନିଜ ହାତରେ କାଟି ଦେଇଛୁ ଯାହାକୁ ଯୌବନ ଅବସ୍ଥାରେ ଆମେ ନିଜ ହୃଦୟରେ ଲଗାଇଥିଲେ । କିନ୍ତୁ ମୋ ହୃଦୟ କୌଣସି ପ୍ରକାରେ ଉକ୍ତ ପ୍ରେମରେ କମ୍ ବା ଅବହେଳା କରିବ ନାହିଁ । *(ଉଦ୍ଧୃତ ସିରତେ ତୟବା, ଲେଖକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ, ପୃଷ୍ଠା-୫୭-୫୯)*

ସେ ଯାହା ହେଉ ଏହା ଏକ ଉଦାହରଣ ଥିଲା । ଆପଣ ଆ:ସଙ୍କ ମିଶନ୍‌କୁ ନିଃଶେଷ କରିବା ପାଇଁ ଅନେକ ମୁସଲମାନ୍ ଓ୍ୱଲେମା ଚେଷ୍ଟା କଲେ, ଓ ବହୁତ ତଥାକଥିତ ଓ୍ୱଲେମାମାନେ ଆପଣ ଆ:ସଙ୍କ ବିରୋଧରେ ଫତୱା ଜାରି କଲେ, ଓ ଏପର୍ଯ୍ୟନ୍ତ ତାହା ଅବ୍ୟାହତ ରହିଛି । ଯାହାର ପରିଣାମ ସ୍ୱରୂପ ଆଜି ବିଶ୍ୱର ବିଭିନ୍ନ ମୁସଲମାନ ଦେଶମାନଙ୍କରେ ଆମର ବିରୋଧ କରାଯାଉଅଛି । ଏହା ଆମ ଉପରେ ହଜରତ ମସିହ ମଉଦ ଆ.ସଙ୍କର ହିଁ ପ୍ରଭାବ ଯେ ଆଜି ମଧ୍ୟ ଆମେ ଏହି ବିରୁଦ୍ଧାଚରଣର ଉତର ଉତମ ବ୍ୟବହାର ପ୍ରଦର୍ଶନ କରି ଦେଉଥାଉ ଏବଂ କଦାପି ପ୍ରଶାସନିକ ନିୟମ କାନୁନ୍ ଭଙ୍ଗ କରିନଥାଉ । ଅଲ୍ଲାଃ ସେମାନଙ୍କୁ ସଦବୁଦ୍ଧି ପ୍ରଦାନ କରନ୍ତୁ କି ଏହି ଯୁଗର ହାକିମ ଓ ନ୍ୟାୟ ବିଚାରକ ହଜରତ ମିର୍ଜା ଗୁଲାମ ଅହେମଦ କାଦିଆନୀ ହିଁ ଅଟନ୍ତି ଯେ କି ଇସଲାମର ପ୍ରଚାର ଓ ଏକେଶ୍ୱରବାଦର ପ୍ରତିଷ୍ଠା ତଥା ହଜରତ ମହମ୍ମଦ ସ.ଆଙ୍କ ପ୍ରକୃତ ଶାସନ ଯାହାକି ଧରା ପୃଷ୍ଠରେ ନୁହେଁ ବରଂ ହୃଦୟରେ ସ୍ଥାପିତ ହେବାର ଅଛି ହଜରତ ମସିହ ମଉଦ ଆ.ସ ଓ ଆପଣଙ୍କ ଜମାଅତ ମାଧ୍ୟମରେ ହିଁ ସାଧିତ ହେବ ନା କୌଣସି ତରୱାଲ କିମ୍ବା ବନ୍ଧୁକ କିମ୍ବା ଶକ୍ତି କିମ୍ବା ହିଂସା ଆଚରଣ ନା ଇସଲାମ ନାମରେ ଦଳିତ ତଥା ଅତ୍ୟାଚାରିତମାନଙ୍କୁ ହତ୍ୟା କରିବା ଦ୍ୱାରା କାଏମ୍ ହେବ । ୟୁରୋପ୍‌ରେ ଯେଉଁ ସବୁ ଘଟଣା ଘଟୁଅଛି ଏହା ସବୁ ଇସ୍‌ଲାମ୍ ନାମରେ କୌଣସି ଲୋକ ବା ଗୋଷ୍ଠୀ ଏପରି କରୁଛନ୍ତି ବା ଏଠି ଯେପରି ଲଣ୍ଡନ୍‌ରେ ଦୁଇ ଦିନ ପୂର୍ବେ ବହୁତ ନୃଶଂସତାର ସହିତ ନିରୀହ ମାନଙ୍କୁ ହତ୍ୟା କରାଗଲା । ରାସ୍ତାରେ ଚାଲୁଥିବା ଲୋକମାନଙ୍କ ଉପରେ କାର୍ ଚଢ଼ାଇ ଦିଆଗଲା । ଜଣେ ପୋଲିସ୍ କର୍ମୀଙ୍କୁ ହତ୍ୟା କରାଗଲା ତେବେ ଏହା ସବୁ ଏଥିଯୋଗୁ ହେଉଛି କି ଉକ୍ତ ତଥାକଥିତ ଓ୍ୱଲେମାମାନେ ଲୋକମାନଙ୍କର ଭୁଲ୍ ମାର୍ଗ ଦର୍ଶନ କରାଇ ସେମାନଙ୍କ ହୃଦୟରେ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ରୋପଣ କରିବା ପରିବର୍ତେ ଜୁଲମ୍, ହିଂସା ଓ ଅତ୍ୟାଚାରର ଭାବନା ସୃଷ୍ଟି କରିଦେଇଛନ୍ତି ।

ସୁତରାଂ ଏପରି ପରିସ୍ଥିତିରେ ଯେପରିକି ମୁଁ ପୂର୍ବରୁ ବହୁବାର କହି ଆସିଛି ଯେ, ଇସଲାମର ସୌନ୍ଦର୍ଯ୍ୟ ସଂସାରବାସୀଙ୍କୁ ଅବଗତ କରାଇବା ଏବଂ ଆମ୍ଭର ବିରୁଦ୍ଧାଚରଣର ଯେଉଁ ପ୍ରଶ୍ନ ଉଠୁଛି ତେବେ ଏହା ମନେରଖିବାକୁ ହେବ କି, ସେମାନେ ଆମର କୌଣସି କ୍ଷତି କରିପାରିବେ ନାହିଁ । ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କୁ ଏଥିପାଇଁ ପ୍ରେରଣ କରିଛନ୍ତି କି ଆପଣଙ୍କ ମାଧ୍ୟମରେ ଇସଲାମର ପ୍ରଚାର ପ୍ରସାର କରି ଆପଣଙ୍କୁ କୃତକାର୍ଯ୍ୟ କରିବେ । ସୁତରାଂ ଆମେ ଇସ୍‌ଲାମ୍‌ର ପ୍ରସାର କରିବା, ହତ୍ୟାକାଣ୍ଡ, ନିରୀହ ମାନଙ୍କୁ ହତ୍ୟା କରିବାର ଯେଉଁ ସବୁ କାର୍ଯ୍ୟ ହେଉଅଛି ସେହି ସବୁ କାର୍ଯ୍ୟଗୁଡ଼ିକୁ ଆମେ ପ୍ରତ୍ୟେକ ସ୍ଥାନରେ ନିନ୍ଦା କରିବା ଓ ତା ବିରୋଧରେ ସ୍ୱର ଉତୋଳନ କରିବାକୁ ପଡ଼ିବ ଓ ପିଡୀତ ମାନଙ୍କୁ ସହାନୁଭୂତି ଦେଖାଇବା ମଧ୍ୟ ଆମର କର୍ତବ୍ୟ ଅଟେ ।

ହଜ୍‌ରତ୍ ଅକଦସ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ- ''ହେ ସମସ୍ତ ଲୋକମାନେ ଶୁଣିରଖ କି ଏହା ତାର ଭବିଷ୍ୟବାଣୀ ଅଟେ ଯିଏ ଆକାଶ ଓ ପୃଥିବୀକୁ ତିଆରି କରିଛି । ସେ ନିଜର ଏହି ଜମାଅତ୍‌କୁ ସମସ୍ତ ଦେଶରେ ପ୍ରସାର କରିଦେବ ଓ ତର୍କ ଓ ଦଲିଲ୍ ଦ୍ୱାରା ସମସ୍ତଙ୍କ ଉପରେ ବିଜୟ ପ୍ରଦାନ କରିବ । ସେ ଦିନ ଆସୁଅଛି ବରଂ ନିକଟତର ଯେ ଏ ସଂସାରରେ କେବଳ ଗୋଟିଏ ହିଁ ଧର୍ମ ହେବ ଯାହାକୁ ସମ୍ମାନର ସହିତ ସମ୍ବୋଧନ କରାଯିବ । ଖୁଦା ଏହି ଧର୍ମ ଓ ଏହି ସିଲ୍‌ସିଲାରେ ବହୁତ ଐଶରିକ ବୈଭବ ପ୍ରଦାନ କରିବେ । ଏବଂ ସେ ସମସ୍ତଙ୍କୁ ଯେଉଁମାନେ ଏହାକୁ ନଷ୍ଟ କରିବା ପାଇଁ ଚିନ୍ତା କରୁଛନ୍ତି, ସେମାନଙ୍କୁ ଅସଫଳ ରଖିବେ ଓ ଏହି ବିଜୟ ସବୁବେଳ ପାଇଁ ଜାରି ରହିବ, ଏପରିକି କୟାମତ୍ (ମହାପ୍ରଳୟ) ଉପସ୍ଥିତ ହେବ । ଯଦି ଏବେ ମଧ୍ୟ ମୋ ସହିତ ଥଟ୍ଟା ପରିହାସ କରୁଅଛ ତେବେ ଏହି ଥଟ୍ଟା ଦ୍ୱାରା କଣ କ୍ଷତି ହେବ । କାରଣ କୌଣସି ଏପରି ନବୀ ହୋଇନାହାଁନ୍ତି ଯାହାଙ୍କ ସହିତ ଥଟ୍ଟା ପରିହାସ କରାନଯାଇଛି । ତେଣୁ ମସିହ୍ ମଉଦ୍‌ଙ୍କ ସହିତ ମଧ୍ୟ ଥଟ୍ଟା ପରିହାସ କରିବା ଅନିର୍ବାର୍ଜ୍ୟ ଥିଲା ଯେପରି ଅଲ୍ଲାଃତାଲା କହୁଛନ୍ତି-

يٰحَسْرَةً عَلَى الْعِبَادِ مَا يَأْتِيهِمْ مِّنْ رَّسُوْلٍ إِلَّا كَانُوْا بِهٖ يَسْتَهْزِءُوْنَ (يٰس:31)

*ଅର୍ଥାତ୍-ହାୟ ! (ଅବଜ୍ଞା-ପ୍ରବଣ) ପ୍ରାଣୀମାନଙ୍କ ନିକଟକୁ ଯେବେ ବି କୌଣସି ରସୁଲ୍ ଆସନ୍ତି, ସେତେବେଳେ ସେମାନେ ତାହାଙ୍କୁ ଘୃଣା ଚକ୍ଷୁରେ ଦେଖନ୍ତି (ଓ ଥଟ୍ଟା କରନ୍ତି)*

ସୁତରାଂ ଖୁଦାଙ୍କ ତରଫରୁ ଏ ନିଦର୍ଶନ ରହିଛି ଯେ ପ୍ରତ୍ୟେକ ନବୀଙ୍କ ସହିତ ଥଟ୍ଟା ପରିହାସ କରାଯିବ । କିନ୍ତୁ ଏପରି ବ୍ୟକ୍ତି ଯିଏ ସମସ୍ତ ଲୋକମାନଙ୍କ ସମ୍ମୁଖରେ ଆକାଶରୁ ଓହ୍ଲାଇବ ଓ ଫରିସ୍ତା ମାନେ ମଧ୍ୟ ତା ସହିତ ଥିବେ, ତାଙ୍କୁ କିଏ ଥଟ୍ଟା ପରିହାସ କରିବ ? ତେଣୁ ଏହି ଦଲିଲ୍ ଦ୍ୱାରା ମଧ୍ୟ ବୁଦ୍ଧିମାନ୍ ବ୍ୟକ୍ତି ବୁଝିପାରୁଥିବେ ଯେ ମସିହ୍ ମଉଦ୍‌ଙ୍କ ଆକାଶରୁ ଓହ୍ଲାଇବା କେବଳ ମିଥ୍ୟା ଭାବନା ଅଟେ । ମନେରଖ ଯେ କେହି ଆକାଶରୁ ଓହ୍ଲାଇବେ ନାହିଁ । ଆମର ସମସ୍ତ ବିରୋଧି ଯେଉଁମାନେ ଏବେ ଜୀବିତ ଅଛନ୍ତି, ସେମାନେ ସମସ୍ତେ ମରିବେ । ଏବଂ କେହି ସେମାନଙ୍କ ମଧ୍ୟରୁ ଇସା ଇବ୍‌ନେ ମରିୟମ୍ (ମରିୟମ୍ ନନ୍ଦନ)ଙ୍କୁ ଆକାଶରୁ ଓହ୍ଲାଇବାର ଦେଖିବେ ନାହିଁ ଏବଂ ପୁଣି ସେମାନଙ୍କର ସନ୍ତାନମାନେ ଯେଉଁମାନେ ବାକି ରହିଯିବେ, ସେମାନେ ମଧ୍ୟ ମରିବେ ଓ ସେମାନଙ୍କ ମଧ୍ୟରୁ ମଧ୍ୟ କେହି ଇସା ଇବ୍‌ନେ ମରିୟମ୍‌ଙ୍କୁ ଆକାଶରୁ ଓହ୍ଲାଇବାର ଦେଖିବେ ନାହିଁ । ଓ ପୁଣି ସନ୍ତାନଙ୍କ ସନ୍ତାନମାନେ ମରିବେ ଓ ସେମାନେ ମଧ୍ୟ ମରିୟମ୍‌ଙ୍କ ପୁତ୍ରକୁ ଆକାଶରୁ ଓହ୍ଲାଇବାର ଦେଖିବେ ନାହିଁ । ସେତେବେଳେ ଖୁଦା ସେମାନଙ୍କ ମନରେ ଅସ୍ଥିରତା ସୃଷ୍ଟି କରିବେ କି କ୍ରୁଶ ଉପରେ ବିଜୟ ହେବାର ଯୁଗ ମଧ୍ୟ ବିତିଗଲା ଓ ଦୁନିଆର ରୂପ ବଦଳିଗଲା କିନ୍ତୁ ମରିୟମ୍‌ଙ୍କ ପୁତ୍ର ଇସା ଏପର୍ଯ୍ୟନ୍ତ ଆକାଶରୁ ଓହ୍ଲାଇଲେ ନାହିଁ ! ତେବେ ଯାଇ ବୁଦ୍ଧିଜୀବିମାନେ ଏକଦମ୍ ଏହି ବିଶ୍ୱାସରୁ ଓହରିଯିବେ ଓ ଆଜିଠାରୁ ତୃତୀୟ ଶତାବ୍ଦୀ ମଧ୍ୟ ପୁରା ହୋଇନଥିବ ଯେ ଇସାଙ୍କ ପ୍ରତିକ୍ଷାରେ ରହିଥିବା ବ୍ୟକ୍ତିମାନେ, ସେ ମୁସଲମାନ୍ ହେଉ ବା ଇସାଇ ହୋଇଥାଉ, ଭୀଷଣ ନିରାଶା ଓ ଆତ୍ମସଂଶୟରେ ପିଡ଼ିତ ହୋଇ ଏପରି ମିଥ୍ୟା ପ୍ରଥାକୁ ଛାଡ଼ିଦେବେ ଓ ଦୁନିଆରେ ଗୋଟିଏ ହିଁ ଧର୍ମ ହେବ ଓ ଜଣେ ହିଁ ପେଶୱା (ମାର୍ଗଦର୍ଶକ) ରହିବେ । ମୁଁ ତ କେବଳ ଚାରା ରୋପଣ କରିବାକୁ ଆସିଅଛି । ଅତଏବ ମୋ ହାତରେ ସେହି ମଞ୍ଜିଟି ରୋପଣ କରାଗଲା, ବର୍ତମାନ ତାହା ବଢ଼ିବ, ଫୁଲିବ ଏବଂ ଏପରି କେହି ନାହିଁ ଯେ ତାକୁ ରୋକି ପାରିବେ'' ।

*(ତଜ୍‌କରତୁସ୍ ଶାହାଦତୈନ୍, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୬୬-୬୭)*

ଅଲ୍ଲାଃତାଲାଙ୍କ ମସିହଙ୍କ ଦ୍ୱାରା ରୋପିତ ଚାରା ବର୍ତମାନ ତାଙ୍କ କୃପାରୁ ବଢ଼ିବା ସହିତ ଫଳ ପୁଷ୍ପରେ ବିମଣ୍ଡିତ ହୋଇଚାଲିଛି । ଯଦି ଆମ୍ଭକୁ ତାହାର ସଜୀବ ସାଖା ହୋଇ ରହିବାର ଅଛି ତେବେ ଆମ୍ଭର କର୍ତବ୍ୟ ଯେ ଯେପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଲେଖନୀ ଓ କାର୍ଯ୍ୟରୁ ପ୍ରମାଣିତ ହୋଇସାରିଛି କି ଆମ୍ଭେ ଅଲ୍ଲାଃ ଓ ରସୁଲଙ୍କୁ ପ୍ରେମ, ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ପ୍ରେମ ଓ ନିଜର ଉତମ କର୍ମ, ମାନବ ଜାତି ସହ ଦୟା ଓ ପ୍ରେମ ଆଚରଣକୁ ଏପରି କରିବାକୁ ହେବ କି ଆମର ପ୍ରତ୍ୟେକ କାର୍ଯ୍ୟରୁ ଏହା ଦୃଷ୍ଟିଗୋଚର ହେଉଥିବ । ଅଲ୍ଲାଃତାଲା ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ତକ୍ରିର୍ ଜଲ୍ସା ସାଲାନା କାଦିଆନ୍-୨୦୧୭

# ସିରତ୍ ହଜ୍ରତ୍ ମସିହ୍ ମଉଦ୍ ଆ:ସ-ରୱାଦାରୀ ଓ ଉସ୍ଅତେ ହଉସଲା(ଉଦାର ମନୋଭାବ, ସହନଶୀଳତା ଓ ଅଦମ୍ୟ ଉତ୍ସାହ) ଆଲୋକରେ

(ମହମ୍ମଦ୍ ହମିଦ୍ କୌସର୍ ନାଜର୍ ଦାୱତେ ଇଲଲ୍ଲାଃ ମର୍କଜିୟା)

وَاِذْ قَالَ عِيْسَى ابْنُ مَرْيَمَ يٰبَنِيْٓ اِسْرَآءِيْلَ اِنِّيْ رَسُوْلُ اللّٰهِ اِلَيْكُمْ مُّصَدِّقًا لِّمَا بَيْنَ يَدَيَّ مِنَ التَّوْرٰىةِ وَمُبَشِّرًۢا بِرَسُوْلٍ يَّاْتِيْ مِنْۢ بَعْدِي اسْمُهٗٓ اَحْمَدُ ؕ فَلَمَّا جَآءَهُمْ بِالْبَيِّنٰتِ قَالُوْا هٰذَا سِحْرٌ مُّبِيْنٌ

(سورة الصف: 7)

ୱଇଜ୍ କାଲା.....ସିହ୍ରୁମ୍ ମୁବିନ୍
(ସୁରା ସଫ୍:୭)

ଗାଲିୟାଁ ସୁନ୍କର୍ ଦୁଆ ଦୋ
ପାକେ ଦୁଖ୍ ଆରାମ୍ ଦୋ
କିବିର୍କି ଆଦତ୍ ଯୋ ଦେଖୋ
ତୁମ୍ ଦେଖାଓ ଇନ୍କିସାର୍
ଗାଲିୟାଁ ସୁନ୍କେ ଦୁଆ
ଦେତା ହୁଁ ଉନ୍ ଲୋଗୋଁକୋ
ରହମ୍ ହୈ ଜୋଶ୍ ମେଁ
ଅଓର୍ ଗଏଜ୍ ଘଟାୟା ହମ୍ନେ

ସମ୍ମାନୀୟ ସଭାପତି ମହୋଦୟ ଓ ସମ୍ମାନୀୟ ଶ୍ରୋତାଗଣ ! ମୋ ବକ୍ତବ୍ୟର ବିଷୟ ହେଉଛି "ସିରତ୍ ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ୟାନି ଆପ୍କା ଉସ୍ଅତେ ହଓସଲା ଅଓର୍ ରୱାଦାରୀ" ଅର୍ଥାତ୍-ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କ ଜିବନୀ, ଉଦାର ମନୋଭାବ, ସନହଶୀଳତା ଓ ଅଦମ୍ୟ ଉତ୍ସାହ ଦୃଷ୍ଟିକୋଣରେ । ଏହି ଆୟତଟି ଯାହାକୁ ଆପଣମାନେ ଶୁଣି ସାରିଛନ୍ତି ତା ବିଷୟରେ ହଜ୍ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି "ମୁବଶିରମ୍ ବିରସୁଲିଁ ୟାତି ମିମ୍ ବାଦୀ ଇସ୍ମୁହୁ ଅହମଦ୍" ରେ ଏଥିପ୍ରତି ଇସାରା କରାଯାଇଛି ଯେ ଆଁ ହଜ୍ରତ୍ ସ:ଆ:ସଙ୍କର ଜଣେ ପ୍ରତିରୂପ ଶେଷ ଯୁଗରେ ପ୍ରକାଶ ହେବ । ଯେପରି ସେ ତାଙ୍କର ଗୋଟିଏ ହାତ ହେବ ଯାହାଙ୍କ ନାମ ଆକାଶରେ ଅହେମଦ୍ ହେବ ଓ ସେ ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ଙ୍କ ରୂପରେ ଜମାଲି (ସୌନ୍ଦର୍ଯ୍ୟପୁର୍ଣ୍ଣ) ଭାବେ ଦୀନ୍କୁ ପ୍ରସାର କରିବ" ।

*(ଅର୍ବଇନ୍ ନଂ-୧, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୪୨୧)*

ବର୍ତମାନ ଯୁଗରେ ଅଲ୍ଲାଃତାଲା ହଜ୍ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଦୀନେ ଇସ୍ଲାମ୍ (ଇସ୍ଲାମ ଧର୍ମ)ର ସୌନ୍ଦର୍ଯ୍ୟପୁର୍ଣ୍ଣ ପାର୍ଶ୍ୱକୁ ପ୍ରକାଶ କରି ସଂସାର ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ପ୍ରେରଣ କରିଛନ୍ତି । କିନ୍ତୁ ଏହା କଷ୍ଟକର ଅଟେ କି ଅଧିକାଂଶ ସଂସାରବାସୀ ଇସ୍ଲାମ୍ର ସୌନ୍ଦର୍ଯ୍ୟପୁର୍ଣ୍ଣ ଓ ଶାନ୍ତିପ୍ରିୟ ଶିକ୍ଷାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନୁହଁନ୍ତି । ଅଧିକାଂଶ ଲୋକେ ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ଓ ଆପଣଙ୍କ ଜମାତକୁ ଭୀଷଣ କଷ୍ଟ ଓ ଦୁଃଖ ପହଂଚାଉଛନ୍ତି । ହଜ୍ରତ୍ ମସିହ୍ ମଉଦ୍ ଆ:ସ ସେମାନଙ୍କ ଦ୍ୱାରା ଦିଆଯାଇଥିବା ଦୁଃଖ କଷ୍ଟକୁ ବହୁତ ଧୈର୍ଯ୍ୟ ଓ ସାହସିକତାର ସହିତ ବର୍ଦାସ୍ତ୍ କରଛନ୍ତି । ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ଓ ବିରୋଧିମାନଙ୍କର ଅବସ୍ଥାକୁ ଏହି ଉଦାହରଣ ଦ୍ୱାରା ବୁଝାଇ ଦିଆଯାଇପାରିବ ଯେ ଯେପରି ମା' ବାପା ବେମାର ହୋଇଯାଇଥିବା ପୁଅର ଆରୋଗ୍ୟ ଓ ସ୍ୱାସ୍ଥ୍ୟ ନିମନ୍ତେ ତାକୁ କଡ଼ୱା (ପିତା) ଔଷଧ ପିଆଇଥାନ୍ତି କିନ୍ତୁ ସେତେବେଳେ ପିଲାଟି ସେହି ଔଷଧକୁ ପିଇବା ପାଇଁ ପ୍ରସ୍ତୁତ ନଥାଏ । ସେ ନିଜ ମା'କୁ ହିଁ ହାତ ଓ ଗୋଡ ଦ୍ୱାରା ମାରିଥାଏ ଓ ଖଣ୍ଡିଆଖାବରା କରିଦିଏ । କିନ୍ତୁ ବୁଦ୍ଧିମାନ୍ ମା' ପିଲାର ମାଡ଼କୁ ବହୁତ ଧୈର୍ଯ୍ୟ ଓ ସାହସର ସହିତ ବର୍ଦାସ୍ତ କରିନିଏ । ଓ ପିଲାକୁ ସେପର୍ଯ୍ୟନ୍ତ ଛାଡ଼େ ନାହିଁ ଯେପର୍ଯ୍ୟନ୍ତ ତାକୁ ଔଷଧ ନ ପିଆଇଦେଇଛି । ଏହିଭଳି ଅବସ୍ଥାକୁ ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କିଛି ଏପରି ବର୍ଣ୍ଣନା କରୁଛନ୍ତି:-

"ମୁଁ ଏଥିପାଇ ମାମୁର୍ (ନିଯୋଜିତ) ହୋଇଛି ଯେଉଁ ପର୍ଯ୍ୟନ୍ତ ମୋ ଦ୍ୱାରା ହୋଇପାରିବ ସେହି ସମସ୍ତ ଭୁଲ୍ ଗୁଡିକୁ ମୁସଲ୍ମାନଙ୍କ ମଧ୍ୟରୁ ଦୂରେଇ ନେବି । ଓ ପବିତ୍ର ଚରିତ୍ର, ସହିଷ୍ଣୁତା, ଉଦାରତା, ନ୍ୟାୟ ଓ ସତ୍ୟତାର ମାର୍ଗ ଆଡକୁ ସେମାନଙ୍କୁ ଡାକି ଆଣିବି । ମୁଁ ସମସ୍ତ ମୁସଲ୍ମାନ୍, ଇସାଇ, ହିନ୍ଦୁ ଓ ଆର୍ଯ୍ୟମାନଙ୍କ ଉପରେ ଏକଥା ସ୍ପଷ୍ଟ କରୁଅଛି ଯେ ଏ ସଂସାରରେ କେହି ମୋର ଶତ୍ରୁ ନାହାଁନ୍ତି । ମୁଁ ମାନବ ଜାତି ସହିତ ଏପରି ପ୍ରେମ କରୁଛି ଯେପରି ସ୍ନେହଶୀଳ ମାତା ନିଜ ପିଲାମାନଙ୍କ ସହିତ କରେ ବରଂ ଏହାଠାରୁ ମଧ୍ୟ ଅଧିକା କରୁଅଛି । ମୁଁ କେବଳ ଉକ୍ତ ଭୁଲ୍ ପ୍ରଥା (କୁବିଶ୍ୱାସ) ର ଶତ୍ରୁ ଅଟେ ଯାହାଦ୍ୱାରା ସତ୍ୟର ହତ୍ୟା ହେଉଅଛି । ମାନବ ସହିତ ସହାନୁଭୁତି ଦେଖାଇବା ମୋ ପାଇଁ ଧାର୍ଯ୍ୟ ଅଟେ ଓ ମିଥ୍ୟା, ଶିର୍କ୍ (ଅଲ୍ଲାଃଙ୍କ ସମକକ୍ଷ ଅନ୍ୟକାହାକୁ କରିବା), ଅତ୍ୟାଚାର୍, ପ୍ରତ୍ୟେକ ପ୍ରକାର କୁକର୍ମ, ଅନ୍ୟାୟ ଅନିତୀ ଓ କୁଚରିତ୍ର ଠାରୁ ବେଜାର୍ ରହିବା ମୋର ନିୟମ ଅଟେ" ।

*(ଅର୍ବଇନ ନଂ-୧, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୩୪୪)*

ସମ୍ମାନୀୟ ଶ୍ରୋତାଗଣ ! ଯେବେ ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ସେହି ଭୁଲ୍ ବିଶ୍ୱାସ ଗୁଡିକୁ, ଯାହାଦ୍ୱାରା ସତ୍ୟର ହତ୍ୟା ହେଉଥିଲା, ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପନକରି ସେଗୁଡିକର ଖଣ୍ଡନ କଲେ । ତାର ସଂସ୍କାର ଆରମ୍ଭ କଲେ, ଫଳତଃ ଆପଣ ଭୀଷଣ କଷ୍ଟ ଓ ଦୁଃଖର ସମ୍ମୁଖୀନ ହେଲେ ଯାହାକୁ ବର୍ଦାସ୍ତ କରିବା ପାଇଁ ଆପଣ ପ୍ରସସ୍ଥ ହୃଦୟ, ଧୈର୍ଯ୍ୟ, ଉଦାରପୁର୍ଣ୍ଣ ଓ ସହନଶୀଳତାର ଉଚ୍ଚତମ ଉଦାହରଣ ଉପସ୍ଥାପନ କଲେ । ଏ ବିଷୟରେ କିଛି ଉଦାହରଣ ବର୍ଣ୍ଣନା କରାଯାଉଛି ।

ପ୍ରୀୟ ଶ୍ରୋତାଗଣ ! ଅପ୍ରେଲ୍ ୧୮୯୩ ମସିହାର ଘଟଣା । ଅମୃତ୍ସର୍ ନିକଟରେ ଅବସ୍ଥିତ ଗୋଟିଏ ସହର ଚଣ୍ଡିଆଲାଠାରେ ଖ୍ରୀଷ୍ଟିଆନ୍ ମାନଙ୍କର ଜଣେ ବଡ଼ ନେତା ଡାକ୍ତର ହେନେରି ମାର୍ଟିନ୍ କ୍ଲାର୍କ୍ ଖ୍ରୀଷ୍ଟିଆନ୍ ମାନଙ୍କ ତରଫରୁ ମୁସଲ୍ମାନ୍ ମାନଙ୍କୁ ମୁବାହିସା କରିବା ପାଇଁ ଲିଖିତ ଆହ୍ୱାନ ଦେଲା ଏବଂ ଏ ଘୋଷଣା କଲା ଯେ ମୁସଲ୍ମାନ୍ ମାନେ ନିଜର ଓଲେମା ଓ ଦୀନ୍ର ବୁଦ୍ଧିଜିବୀମାନଙ୍କୁ ଚଣ୍ଡିଆଲା ଆଣି ପ୍ରକୃତ ଦୀନ୍କୁ ଖୋଜନ୍ତୁ ନଚେତ୍ ଆଗକୁ ଚୁପ୍ ହୋଇ ରୁହନ୍ତୁ । ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ସେହି ଲିଖିତ ମୁବାହିସାର ପ୍ରସ୍ତାବକୁ ଗ୍ରହଣ କଲେ ଓ ୨୨ ମଇ ୧୮୯୩ ରୁ ୫ ଜୁନ୍ ୧୮୯୩ ମସିହା ୧୫ ଦିନ ପର୍ଯ୍ୟନ୍ତ ଉକ୍ତ ମୁବାହିସା ଅମୃତସର ଠାରେ ଜାରି ରହିଲା । ଅଲ୍ଲାଃଙ୍କ ଦୟାବଳରୁ ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ଙ୍କୁ ସେହି ମୁବାହିସାରେ ମହାନ୍ ସଫଳତା ପ୍ରାପ୍ତ ହେଲା । କିନ୍ତୁ ସେହି ସଫଳତା ଇସାଇ ମାନଙ୍କ ହୃଦୟରେ ଇର୍ଶା ଓ ପ୍ରତିଶୋଧର ବହ୍ନି ଲଗାଇଦେଲା । ଚାରିବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରତିଶୋଧ ନେବା ପାଇଁ କୌଣସି ଅବସର ମିଳିଲା ନାହିଁ । ୧୮୯୭ ମସିହାରେ ଡାକ୍ତର ମାର୍ଟିନ୍ କ୍ଲାର୍କ୍ ଏବଂ ତାଙ୍କର ସହଯୋଗୀମାନେ ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମଙ୍କ ଉପରେ ଗୋଟିଏ ମିଥ୍ୟା ଓ ଭିତିହୀନ ଆରୋପ ଲଗାଇଲେ କି ହଜ୍ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ (ଆଲୈହିସ୍ ସଲାମ୍) ଅବ୍ଦୁଲ୍ ହମିଦ୍ ନାମକ ଜଣେ ବ୍ୟକ୍ତିକୁ କାଦିଆନ୍ରୁ ଅମୃତ୍ସର୍ ମାର୍ଟିନ୍ କ୍ଲାର୍କ୍ଙ୍କୁ ହତ୍ୟା କରିବା ପାଇଁ ପଠରଇଛନ୍ତି । ହତ୍ୟା ଅଭିଯୋଗରେ ସେହି ମୋକଦ୍ଦମାର ଶୁଣାଣି ବଟାଲାଠାରେ ସେ ସମୟର ଇଂରେଜ ଡିଷ୍ଟ୍ରିକ୍ଟ୍ ମାଜିଷ୍ଟ୍ରେଟ୍ (DM) ଜିଲା ଗୁର୍ଦାସପୁର ପଞ୍ଜାବ ଶ୍ରୀମାନ୍ କ୍ୟାପ୍ଟେନ୍ ଡଗ୍ଲାସ୍ଙ୍କ ଅଦାଲତରେ ଆରମ୍ଭ ହେଲା । ଏହି ଶୁଣାଣି ଦଶଦିନ ପର୍ଯ୍ୟନ୍ତ ଜାରି ରହିଲା । ଲମ୍ବା ଓ ଗଭୀର ଅନୁଧ୍ୟାନ କରିବା ପରେ ତା-୨୦ ଅଗଷ୍ଟ ୧୮୯୭ ରିଖ ଦିନ ଡିଷ୍ଟ୍ରିଟ୍ ମାଜିଷ୍ଟ୍ରେଟ୍ କ୍ୟାପ୍ଟେନ୍ ଡାଗ୍ଲାସ୍ ସାହେବ୍ ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମଙ୍କୁ ସମ୍ମାନର ସହିତ ଦୋଷମୁକ୍ତ କରିଦେଲେ । ଓ ଆପଣଙ୍କୁ ସମ୍ବୋଧନ କରି କହିଲେ:-

"କଣ ଆପଣ ଡାକ୍ତର୍ ହେନେରି କ୍ଲାର୍କ୍ଙ୍କ ଉପରେ ମୋକଦ୍ଦମା ଚଳାଇବା ପାଇଁ ଚାହୁଁଛନ୍ତି କି ? ଯଦି ଆପଣ ମୋକଦ୍ଦମା କରିବାକୁ ଚାହାଁନ୍ତି ତେବେ ଆପଣଙ୍କୁ କାନୁନି ଅଧିକାର ଅଛି । ହଜ୍ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ସଙ୍ଗେ ସଙ୍ଗେ ଉତର ଦେଲେ କି- "ମୁଁ କୌଣସି ମୋକଦ୍ଦମା କରିବାକୁ ଚାହୁଁନାହିଁ । ମୋ ମୋକଦ୍ଦମା ଆକାଶରେ ଚାଲିଛି" । *(ସିରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍, ଲେଖକ- ୟାକୁବ ଅଲୀ ସାହେବ୍ ଇର୍ଫାନି)*

ସମ୍ମାନୀୟ ଶ୍ରୋତାଗଣ ! ଏହି ଘଟଣାର ଅତି କମ୍‌ରେ ତେରଶହ ବର୍ଷ ପୂର୍ବେ ଏହି ଭଳି ଗୋଟିଏ ଘୋଷଣା ପବିତ୍ର ମକ୍କାଠାରେ ସେ ସମୟରେ ହୋଇଥିଲା, ଯେବେ କି ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଜୀବନ ଶତ୍ରୁମାନେ ଆପଣଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ ଓ ସେମାନଙ୍କ ଅତ୍ୟାଚାରର ଇତିହାସ ସମସ୍ତଙ୍କ ସମ୍ମୁଖରେ ଥିଲା । ସେ ସମୟର କାନୁନ୍ ଓ ପ୍ରଥା ଅନୁସାରେ ଆପଣଙ୍କୁ କିସାସ (ପ୍ରତିଶୋଧ) ନେବାର ଅଧିକାର ଦିଆଯାଇଥିଲା । କିନ୍ତୁ ଆପଣ ସ:ଆ:ସ ଘୋଷଣା କଲେ "*ଲା ତସ୍‌ରିବା ଆଲୈକୁମୁଲ୍ ୟୋମ୍*'' ଅର୍ଥାତ୍ ଆଜି ତୁମମାନଙ୍କଠାରୁ କୌଣସି ପ୍ରତିଶୋଧ ନିଆଯିବନାହିଁ । ତୁମେମାନେ ସମସ୍ତେ ସ୍ୱାଧିନ । ସେହିପରି ବର୍ତମାନ ଯୁଗରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱିତୀୟ ଆବିର୍ଭାବର ପ୍ରକାଶ (ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍) ଅତ୍ୟନ୍ତ କଷ୍ଟ ଦେଉଥିବା ଶତ୍ରୁମାନଙ୍କ ବିଷୟରେ କହିଲେ- "ମୁଁ କୌଣସି ମୋକଦ୍ଦମା କରିବାକୁ ଚାହେଁନାହିଁ, ମୋ ମୋକଦ୍ଦମା ତ ଆକାଶରେ ଚାଲିଛି" । ଯେଉଁ ପ୍ରକାର ଧୈର୍ଯ୍ୟ, ସହନଶୀଳତା, ଉଦାରତା, ବିଶାଳ ହୃଦୟର ଉତମ ଉଦାହରଣର ଦୃଷ୍ଟାନ୍ତ ତାଙ୍କ ଆକା (ମୁନୀବ) ଉପସ୍ଥାପନ କଲେ । ଆପଣ ସ:ଆ:ସଙ୍କ ଦାସ ମଧ୍ୟ ସେହି ଶୈଳୀରେ ଅମଳ କଲେ ।

ପ୍ରିୟ ଶ୍ରୋତାଗଣ ! ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ପେଶ୍‌ଗୋଇକୁ ପ୍ରକାଶ୍ୟ ରୂପରେ ମଧ୍ୟ ପୁରା କରିବା ପାଇଁ ମସ୍‌ଜିଦ୍ ଅକ୍‌ସା କାଦିଆନ୍‌ରେ ମିନାରତୁଲ୍ ମସିହ୍ ନିର୍ମାଣ କରିବା ନିମନ୍ତେ ୧୩ ମାର୍ଚ୍ଚ ୧୯୦୩ ମସିହାରେ ଗୋଟିଏ ଇଟା ଉପରେ ଦୁଆ କରି ତାକୁ ମୂଳଦୁଆରେ ରଖିଲେ । ଯେବେ ମିନାରତୁଲ୍ ମସିହ୍ ନିର୍ମାଣ ହେବା ସମ୍ବନ୍ଧରେ କାଦିଆନ୍‌ର ବିରୋଧିମାନଙ୍କୁ ଜଣାପଡ଼ିଲା ତେବେ ସେମାନେ ସରକାରଙ୍କ ନିକଟରେ ଏହାର ଅଭିଯୋଗ କରିଦେଲେ ଏବଂ ମିନାରତୁଲ୍ ମସିହ୍‌ର ନିର୍ମାଣକୁ ରୋକିବା ପାଇଁ ଯଥାସମ୍ଭବ ଚେଷ୍ଟା ମଧ୍ୟ କଲେ । ସୁତରାଂ ଅନୁଧାନ ଓ ପ୍ରତ୍ୟେକ ପ୍ରକାରର ନିରୀକ୍ଷଣ କରିବା ପାଇଁ ସରକାରଙ୍କର ବଡ଼ ହାକିମ ତା-୦୮ ମଇ ୧୯୦୩ ରିଖ ଦିନ ତହ୍‌ସିଲ୍‌ଦାର୍ ସାହେବ୍ ବଟାଲାଙ୍କୁ କାଦିଆନ୍ ପଠାଇଲେ । ମସ୍‌ଜିଦ୍ ମୁବାରକ୍ ସହିତ ସଂଲଗ୍ନ ହୁଜ୍‌ରା (ଛୋଟ ଘର) ବଇତୁଲ୍ ଫିକର୍‌ରେ ତହ୍‌ସିଲ୍‌ଦାରଙ୍କର ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ସହିତ ସାକ୍ଷାତ୍ ହେଲା । ଏହି ଅବସରରେ ଅଭିଯୋଗ କରିଥିବା ଲୋକେ ମଧ୍ୟ ଉପସ୍ଥିତ ଥିଲେ । ହଜୁର୍ ଆଲୈହିସ୍ ସଲାମ୍ ତାଙ୍କୁ (ତହ୍‌ସିଲ୍‌ଦାର୍ ସାହେବଙ୍କୁ) ମିନାରତୁଲ୍ ମସିହ୍‌ର ନିର୍ମାଣ କରିବାର ଉଦ୍ଦେଶ୍ୟ ଓ କାରଣ ବତାଇଲେ । ଅଭିଯୋଗ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ବୁଢ଼ାମଲ୍ ସାହେବ ମଧ୍ୟ ପାଖରେ ବସିଥିଲେ । ହଜୁର୍ ତହ୍‌ସିଲ୍‌ଦାର୍ ସାହେବ୍‌ଙ୍କୁ ସମ୍ବୋଧନ କରି କହିଲେ ଯେ ଏହି ବୁଢ଼ାମଲ୍ ସାହେବ୍ ଯିଏ ଅଭିଯୋଗ କରିଛନ୍ତି, ସେ ମୋତେ ପିଲାଦିନୁ ଜାଣିଛନ୍ତି । ତାଙ୍କୁ ପଚାରି ବୁଝିନିଅ କି ପିଲାବେଳଠାରୁ ନେଇ ଆଜି ପର୍ଯ୍ୟନ୍ତ କଣ କେବେ ଏପରି ହୋଇଛି କି ମୋତେ ତାଙ୍କୁ ଲାଭ ପହଂଚାଇବାର ମୌକା ମିଳିଥିବ ଓ ମୁଁ ତାଙ୍କୁ ଲାଭ ନ ପହଂଚାଇଥିବି ? ଏବଂ ପୁଣି ତାଙ୍କୁ ପଚାରନ୍ତୁ କି କଣ କେବେ ଏପରି ହୋଇଛି କି ମୋତେ କଷ୍ଟ ପହଂଚାଇବାରେ ତାଙ୍କୁ କୌଣସି ଅବସର ମିଳିଥିବ ଓ ସେ ମୋତେ କଷ୍ଟ ନପହଂଚାଇଥିବେ । ରାଓ୍ୱି ବୟାନ୍ କରୁଛନ୍ତି ଯେ ବୁଢ଼ାମଲ୍ ସାହେବ ଲଜ୍ଜା ଅନୁଭବ କରି ମୁଣ୍ଡ ତଳକୁ କରି ନଇଁ ବସିରହିଲେ ଏବଂ ଗୋଟିଏ ଶବ୍ଦ ମଧ୍ୟ କହିପାରିଲେ ନାହିଁ ।

ପ୍ରିୟ ଶ୍ରୋତାଗଣ ! ଏହି ଘଟଣାରୁ ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ବିଶାଳ ହୃଦୟ ଓ ଉଦାର ମନୋଭାବ ଜଣାପଡୁଛି । ପିଲାରୁ ଯୁବକ ଓ ଯୁବକରୁ ବୟସ୍କ ପର୍ଯ୍ୟନ୍ତ ଉଣାଧିକେ ପଚାଶ ବର୍ଷ ହେବ ବୁଢ଼ାମଲ୍ ସାହେବ୍ ଆପଣ ଆ:ସଙ୍କୁ ଅନେକଥର କଷ୍ଟ ପହଂଚାଇଛନ୍ତି । ବୁଢ଼ାମଲ୍ ସାହେବ୍ ଆପଣଙ୍କ ସହିତ ଯେପରି ବ୍ୟବହାର କରନ୍ତୁ ନା କାହିଁ କିନ୍ତୁ ଆପଣ ଆ:ସ ତା ସହିତ ଉତମ ବ୍ୟବହାର କରୁଥିଲେ । ତତ୍ ସହିତ ଆପଣ ଆ:ସ ଜମାତ୍ ଅହେମଦୀୟାର ଲୋକମାନଙ୍କୁ ଯେଉଁ ସବୁ ଉପଦେଶ ଦେଉଥିଲେ ତା ଉପରେ ଅମଳ କରି ନିଜେ ଦେଖାଇଲେ ଯେ-

ଗାଲିଆଁ ସୁନ୍‌କର୍ ଦୁଆ ଦୋ
ପା କେ ଦୁଖ୍ ଆରାମ୍ ଦୋ

ଅର୍ଥାତ୍-*ଗାଳି ଶୁଣି ଆଶୀର୍ବାଦ ଦିଅ ଓ ଦୁଃଖ ବଦଳରେ ସୁଖ ଦିଅ ।*

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ପୁଣି କହୁଛନ୍ତି:- "ଆମର ଏ ନିୟମ କି ସମସ୍ତ ମାନବଜାତି ସହିତ ସହାନୁଭୁତି ରଖାଯାଉ । ଯଦି ଜଣେ ବ୍ୟକ୍ତି ତାର ଜଣେ ପଡୋଶୀ ହିନ୍ଦୁକୁ ଏ ଅବସ୍ଥାରେ ଦେଖୁଛି ଯେ ସେହି ହିନ୍ଦୁଙ୍କ ଘରେ ନିଆଁ ଲାଗିଯାଇଛି ଓ ଏଭଳି ଅବସ୍ଥାରେ ସେ ସାହାଯ୍ୟ କରିବା ନିମନ୍ତେ ନିଆଁ ଲିଭାଇବାକୁ ଯାଉନାହିଁ । ତେବେ ମୁଁ ସତ୍ୟ କହୁଅଛି କି ତା ସହିତ ମୋର କୌଣସି ସମ୍ପର୍କ ନାହିଁ । ଯଦି ଆମ ଶିଷ୍ୟମାନଙ୍କ ଭିତରୁ ଜଣେ ଏହା ଦେଖୁଅଛି କି ଜଣେ ଇସାଇକୁ ଆଉ କେହି ଜଣେ ହତ୍ୟା କରୁଅଛି ଓ ସେ ତା କବଳରୁ ତାକୁ ଉଦ୍ଧାର ନିମନ୍ତେ ସାହାଯ୍ୟ କରୁନାହିଁ ତେବେ ମୁଁ ତୁମକୁ ବିଲ୍‌କୁଲ୍ ଠିକ୍ କହୁଛି ଯେ ସେ ଆମ ମଧ୍ୟରେ ନୁହେଁ" ।
*(ସିରାଜେ ମୁନୀର, ରୁହାନି ଖଜାଏନ୍, ଖଣ୍ଡ-୧୨, ପୃଷ୍ଠା-୨୮)*

ସମ୍ମାନୀୟ ଶ୍ରୋତାଗଣ ! ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ବିରୋଧିମାନଙ୍କ ମଧ୍ୟରୁ ଆପଣ ସ:ଆ:ସଙ୍କ ନିଜ ଚାଚା ଅବୁ ଲହବ୍ ଏବଂ କିଛି ନିକଟ ସମ୍ପର୍କୀୟ ଆପଣଙ୍କ ବିରୋଧ କରିବାରେ ସର୍ବାଗ୍ରେ ଥିଲେ । ସେହିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିରୋଧ ଓ ଆପଣଙ୍କୁ କଷ୍ଟ ପହଂଚାଇବାରେ ଆପଣଙ୍କ ଚାଚା ପୁଅ ଭାଇ ଇମାମୁଦ୍ଦିନ୍ ଓ ମିର୍ଜା ନିଜାମୁଦ୍ଦିନ୍ ସର୍ବାଗ୍ରେ ଥିଲେ । ସେମାନେ ବେଳେବେଳେ କୌଣସି ଘୃଣ୍ୟ ବ୍ୟକ୍ତିଙ୍କୁ ଏହି ଉଦ୍ଦେଶ୍ୟ ନିମନ୍ତେ ନିୟୋଜିତ କରିଦେଉଥିଲେ କି ସେ ବ୍ୟକ୍ତିଜଣକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଗାଳି ଗୁଲଜ କରୁ । ସୁତରାଂ ବେଳେବେଳେ ଏପରି ଲୋକ ରାତିସାରା ଗାଳି ଗୁଲଜ କରି ଚାଲୁଥିଲା । ଶେଷରେ ଯେତେବେଳେ ସହ୍‌ରି (ରୋଜା ରଖିବା ନିମନ୍ତେ ଖାଦ୍ୟ ଖାଇବା)ର ସମୟ ହେଉଥିଲା, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ହଜ୍‌ରତ୍ ଉମ୍ମୁଲ୍ ମୁମିନୀନ୍ ର:ଅଙ୍କୁ କହୁଥିଲେ କି ଏବେ ସେହି ଲୋକଟିକୁ କିଛି ଖାଇବା ପଠାଇଦିଅ । ସେ ଥକି ଯାଇଥିବ । ତାର ଗଳା ଶୁଖି ଯାଇଥିବ । (ହଜ୍‌ରତ୍ ରସୁଲ୍ ବିବି ସାହିବା ସ୍ତ୍ରୀ ହାଫିଜ୍ ହାମିଦ୍ ଅଲି ସାହେବ୍) ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ କହିଲେ କି ଏପରି ବଦ୍‌ମାସ୍ ଲୋକଙ୍କୁ କିଛି ଦେବା କଥା ନୁହେଁ । ସେ ସମୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ- ଯଦି କିଏ ଖରାପ କାମ କରୁଛି ତେବେ ଖୁଦା ସେ ସବୁକୁ ଦେଖୁଛନ୍ତି । ଆମ ତରଫରୁ କୌଣସି ଏପରି କଥା ହେବା ଉଚିତ୍ ନୁହେଁ । *(ବହ୍ୱାଲା ସିରତୁଲ୍ ମେହେଦୀ, ଚତୁର୍ଥ ଭାଗ, ପୃଷ୍ଠା-୧୦୩, ରିଓ୍ୱାୟତ୍ ନଂ-୧୧୩୦)*

ସେହି ଦୁଇଭାଇ ମିର୍ଜା ଇମାମୁଦ୍ଦିନ୍ ଓ ମିର୍ଜା ନିଜାମୁଦ୍ଦିନ୍ ୫ ଜାନୁଆରୀ ୧୯୦୦ ମସିହା ଦିନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଆପଣଙ୍କ ସାହାବାମାନଙ୍କୁ ଦୁଃଖ ପହଂଚାଇବା ଓ ହଇରାଣ ହରକତ କରାଇବା ନିମନ୍ତେ ମସ୍‌ଜିଦ୍ ମୁବାରକ୍ ତଳେ ଥିବା ଗଳି ରାସ୍ତାକୁ ଇଟା କାନ୍ଥ ଦ୍ୱାରା ବନ୍ଦ୍ କରିଦେଲେ । ଫଳତଃ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବାମାନଙ୍କୁ ଓ ଅତିଥିମାନଙ୍କୁ ମସ୍‌ଜିଦ୍ ମୁବାରକ୍‌ରେ ପହଂଚିବା ପାଇଁ ଅନ୍ୟ ଏକ ଲମ୍ବା ରାସ୍ତା ଓ ଖରାପ ରାସ୍ତା ଦେଇ ଯିବାକୁ ପଡୁଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର କିଛି ସାହାବାମାନଙ୍କୁ ମିର୍ଜା ଇମାମୁଦ୍ଦିନ୍‌ଙ୍କ ପାଖକୁ ପଠାଇଲେ କି ତାଙ୍କୁ ବହୁତ ନମ୍ରତାର ସହିତ ବୁଝାନ୍ତୁ କି ସେ ଏହି ରାସ୍ତାକୁ ବନ୍ଦ ନକରନ୍ତୁ । କାରଣ ଏହା ଦ୍ୱାରା ଅତିଥିମାନଙ୍କୁ ବହୁତ କଷ୍ଟ ହେଉଅଛି । ଏବଂ ଏକଥା ମଧ୍ୟ ରଖିଲେ ଯେ ଯଦି ସେ ଚାହିଁବେ ମୋର ଆଉ କୌଣସି ଯାଗାକୁ ନିଜ ଇଛା ମୁତାବକ ଉକ୍ତ ଜାଗା ବଦଳରେ ନେଇପାରିବେ । ମିର୍ଜା ଇମାମୁଦ୍ଦିନ୍ ଏହା ଶୁଣି କ୍ରୋଧରେ ଜର୍ଜରିତ ହୋଇ କହିଲେ କି ସେ (ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ) ନିଜେ କାହିଁକି ଆସିଲା ନାହିଁ । ମୁଁ ତୁମକୁ ଜାଣିନାହିଁ । ପୁଣି ଆକ୍ଷେପ କରି କହିଲା ଯେ ଯେବେଠାରୁ (ତାକୁ) ଓ୍ୱହି (ସ୍ୱର୍ଗବାଣୀ) ହେବା ଆରମ୍ଭ ହୋଇଛି ଜଣାନାହିଁ ତାକୁ କଣ ହୋଇଯାଇଛି ?

ଆପଣ ଆ:ସ ଜିଲାର ବଡ଼ ହାକିମ୍ ଡେପୁଟି କମିଶନର୍ ଗୁରଦାସ୍‌ପୁର୍‌ଙ୍କ ପାଖକୁ ପ୍ରତିନିଧି ମଣ୍ଡଳ ପଠାଇ ନିଜର ଅସୁବିଧାକୁ ଦୂର କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ଡି.ସି ଙ୍କର ବ୍ୟବହାର ମଧ୍ୟ ଅତ୍ୟନ୍ତ ବିରୋଧପୁର୍ଣ୍ଣ ପ୍ରମାଣିତ ହେଲା । ଯେତେବେଳେ ଏହି ସବୁ ଅସୁବିଧାର ସମାଧାନ ନିମନ୍ତେ ସବୁ ରାସ୍ତା ବନ୍ଦ ହେବାର ଦେଖାଗଲା ତେବେ ଆପଣ ଆ:ସଙ୍କ ତରଫରୁ ଗୁରଦାସ୍‌ପୁର ଡିଷ୍ଟ୍ରିଟ୍ ଜଜ୍‌ଙ୍କ ଅଦାଲତରେ ମୋକଦ୍ଦମା ଦରଜ କରିଦିଆଗଲା । ତା-୧୨ ଅଗଷ୍ଟ ୧୯୦୧ ମସିହା ଦିନ ଉକ୍ତ ମୋକଦ୍ଦମାର ଫଇସଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସପକ୍ଷରେ ଦିଆଗଲା ଓ ଡିଷ୍ଟ୍ରିଟ୍ ଜଜ୍ ସାହେବ୍ ମିର୍ଜା ଇମାମୁଦ୍ଦିନ୍ (ମୁଦାଲା)ଙ୍କ ଉପରେ ମୋକଦ୍ଦମାର ଖର୍ଚ୍ଚ ବ୍ୟତୀତ ଏକଶହ ଟଙ୍କା ଜୋରିମନା ମଧ୍ୟ

ପକାଇଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଓକିଲ ହଜୁର୍‌ଙ୍କର ବିନା ଅନୁମତିରେ ବିନା ଖର୍ଚ୍ଚର ଡିଗ୍ରୀ ନେଇ ଏହାର ଆରମ୍ଭ କରିଦେଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେ ସମୟରେ ଗୁରଦାସ୍‌ପୁର୍‌ଠାରେ ରହୁଥିଲେ ଓ ଆପଣଙ୍କ କାଦିଆନ୍‌ରେ ଅନୁପସ୍ଥିତି ସମୟରେ ସରକାରୀ ଲୋକ କାଦିଆନ୍ ଆସିଲା । ମିର୍ଜା ଇମାମୁଦ୍ଦିନ୍ ତ ସେତେବେଳେ ମରି ସାରିଥିଲେ । କିନ୍ତୁ ମିର୍ଜା ନିଜାମୁଦ୍ଦିନ୍ ଜିବୀତ ଥିଲେ । କିନ୍ତୁ ତାଙ୍କର ଅବସ୍ଥା ଉକ୍ତ ଅତ୍ୟାଚାର ଯୋଗୁ ଏପରି ସଙ୍କଟାପନ୍ନ ହୋଇଯାଇଥିଲା କି ସେ ଉକ୍ତ ଅର୍ଥ ଅର୍ଥାତ୍ ଏକଶହ ଚାଳିଶି ଟଙ୍କା ପାଂଚ ଅଣା ସାତ ପାଇ ଦେବା ପାଇଁ ଅସମର୍ଥ ଥିଲେ ଓ କୁର୍କୀ ହେବା ଛଡ଼ା ଆଉ କୌଣସି ବାଟ ନଥିଲା । ତେଣୁ ମିର୍ଜା ନିଜାମୁଦ୍ଦିନ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିକଟକୁ ଉକ୍ତ ଅର୍ଥକୁ କ୍ଷମା କରିଦେବା ପାଇଁ ନିବେଦନ କଲେ ।

"ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ କାଦିଆନ୍‌ଠାରୁ ପାଖାପାଖି ୨୦ ମାଇଲ୍ ଦୂରରେ ଅବସ୍ଥିତ ଗୁରଦାସ୍‌ପୁର୍‌ଠାରେ ଏ ବାବଦରେ ଏତେଲା ମିଳିଲା, ସେତେବେଳେ ଆପଣ କହିଲେ କି ଏବେ ମୋତେ ରାତିରେ ନିଦ ହେବ ନାହିଁ । ବର୍ତ୍ତମାନ କାଦିଆନ୍ ଲୋକ ପଠାଯାଉ ଯିଏ ଯାଇ କହିବେ ଯେ ଆମ୍ଭେ ଉକ୍ତ ଖର୍ଚ୍ଚକୁ କ୍ଷମା ଦେଇଦେଲୁ । ଏହା ସହିତ ହଜୁର୍ ଆ:ସ କ୍ଷମା ମଧ୍ୟ ମାଗିଲେ କି ମୋ ଅଜାଣତରେ ଏହି ଡିଗ୍ରୀର ନିର୍ଦ୍ଦେଶ କାଦିଆନ୍ ପହଂଚିଛି" ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଅବସ୍ଥାର ନକ୍‌ସାକୁ ଏପରି ବର୍ଣ୍ଣନା କରୁଛନ୍ତି କି "ମୁଁ ରାଣ ଖାଇ କହୁଅଛି ଯେ ଯଦି କୌଣସି ବ୍ୟକ୍ତି ମୋତେ ହଜାର ଥର ଦଜ୍ଜାଲ୍ ଏବଂ କଜ୍ଜାବ୍ (ମିଥ୍ୟାବାଦୀ) ବୋଲି କହିଥିବ ଓ ମୋ ବିରୋଧରେ ପ୍ରତ୍ୟେକ ପ୍ରକାରର ଚେଷ୍ଟା କରିଥିବ କିନ୍ତୁ ସେ ସୁଲାହ୍ କରିବା ଇଚ୍ଛା କରିବ । ତେବେ ମୋ ମନରେ ଏ ଭାବନା କଦାପି ଆସିପାରିବ ନାହିଁ ଯେ ସେ ମୋତେ କଣ କହିଥିଲା ଓ ମୋ ସହିତ କିପରି ବ୍ୟବହାର କରିଥିଲା" । *(ମଲ୍‌ଫୁଜାତ୍, ଖଣ୍ଡ-୯, ପୃଷ୍ଠା-୭୪, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲଣ୍ଡ)*

ସମ୍ମାନୀୟ ଶ୍ରୋତାଗଣ ! ୨୮ ଜାନୁଆରୀ ୧୯୦୩ ମସିହା ଦିନ ଅହେମଦୀୟତ୍‌ର ଜଣେ ବିରୋଧି ମୌଲବୀ କରମ୍‌ଦୀନ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିରୋଧରେ ଗୋଟିଏ ମୋକଦ୍ଦମା ଦାଏର୍ କଲେ । ଏହି ମୋକଦ୍ଦମାଟି ଗୁରଦାସ୍‌ପୁର୍‌ର ଚନ୍ଦୁଲାଲ୍ ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀଙ୍କ ଅଦାଲତରେ କରାଯାଇଥିଲା, ଯିଏ ଜମାତ୍ ସମ୍ବନ୍ଧରେ ନିଜ ମନରେ ଘୃଣାଭାବ ରଖୁଥିଲା । ମୋକଦ୍ଦମାର ଶୁଣାଣୀ ସମୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ତାର ବ୍ୟବହାର ବିରୋଧିଙ୍କ ପରି ଥିଲା ଆପଣ ଆ:ସ ଉକ୍ତ ବ୍ୟବହାରକୁ ବହୁତ ଧୈର୍ଯ୍ୟର ସହିତ ବରଦାସ୍ତ କରୁଥିଲେ । ଏକଦା ମୋକଦ୍ଦମା ଚାଲିଥିବା ସମୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟାନ୍ ଦେବାର ଥିଲା । ସେହିଦିନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଦେଖିବା ଓ ଆପଣଙ୍କ ବୟାନ୍‌କୁ ଶୁଣିବା ପାଇଁ ଲୋକମାନେ ଅସାଧାରଣ ରୂପେ ଏକାଠି ହୋଇଥିଲେ । ସୁତରାଂ ଚନ୍ଦୁଲାଲ୍ ସେଦିନ ଅଦାଲତ ବାହାରେ ପଡ଼ିଆରେ କଚେରୀ ଲଗାଇଲେ ଓ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପ୍ରଶ୍ନ କଲେ ଯେ:- ଆପଣ କଣ ନିଦର୍ଶନ ଦେଖାଇବାର ମଧ୍ୟ ଦାବି କରିଛନ୍ତି କି ? ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଦମ୍ୟ ସାହସିକତାର ସହିତ କହିଲେ- ହଁ । ପୁଣି ଅଳ୍ପ ସମୟ ପରେ ବହୁତ ଜୋସ୍‌ର ସହିତ କହିଲେ- ଆପଣ ଯେକୌଣସି ନିଦର୍ଶନ ଦେଖିବାକୁ ଚାହିଁବେ ମୁଁ ଏହି ସମୟରେ ଦେଖାଇପାରିବି । ଏହି ଉତ୍ତର ଶୁଣି ମାଜିଷ୍ଟ୍ରେଟ୍ ଚୁପ୍ ରହିଗଲେ ଓ ଲୋକମାନଙ୍କ ଉପରେ ଏପରି ସ୍ୱଷ୍ଟ ଘୋଷଣା କରିବା ଦ୍ୱାରା ବହୁତ ପ୍ରଭାବ ପଡ଼ିଲା । ଆଉ ଗୋଟିଏ ଅବସରରେ ଶୁଣାଣି ସମୟରେ ମାଜିଷ୍ଟ୍ରେଟ୍ ଜଣକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ପ୍ରଶ୍ନ କଲେ ଯେ:- *ଇନ୍ନି ମୁହିନୁନ୍ ମନ୍ ଆରାଦା ଇହାନତକା* । କଣ ଏହ ଖୁଦା ଆପଣଙ୍କୁ ବତାଇଛନ୍ତି ? ଏଥିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ- ଏହା ଅଲ୍ଲାଃଙ୍କ ବାଣୀ ଅଟେ । ଓ ମୋ ସହିତ ତାର ଏହା ପ୍ରତିଶୃତି । ଅଲ୍ଲାଃ ମୋତେ ସମ୍ବୋଧନ କରି କହିଛନ୍ତି- "*ଜୋ ତେରି ଇହାନତ୍ ଚାହେଗା, ମୈଁ ଉସେ ଜଲିଲ୍ ଓ୍ୱ ରୁସୱ୍ୱା କରୁଙ୍ଗା* । ଅର୍ଥାତ୍- ଯିଏ ତୋର ଅପମାନ କରିବ ମୁଁ ତାକୁ ଲଜ୍ଜିତ କରାଇବି । ମାଜିଷ୍ଟ୍ରେଟ୍ କହିଲେ ଯିଏ ଆପଣଙ୍କର ଅପମାନ କରିବ ସେ କଣ ଲଜ୍ଜିତ ହେବ ? ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ- ନିଶ୍ଚିତ ହେବ । ପୁଣି ମାଜିଷ୍ଟ୍ରେଟ୍ କହିଲେ- ଯଦି ମୁଁ କରିବି ? ହଜୁର୍ ବହୁତ ସାହସର ସହିତ କହିଲେ- ସେ ଯିଏ କରୁ ନା କାହିଁକି । ମାଜିଷ୍ଟ୍ରେଟ୍ ଜଣକ ଦୁଇ ତିନିଥର ଏହି ପ୍ରଶ୍ନକୁ ପଚାରିଲେ । ହଜୁର୍ ଆ:ସ ବାରମ୍ବାର ଏହି ଉତ୍ତର ଦେଉଥିଲେ- "ସେ ଯିଏ ହେଉ ନା କାହିଁ" । ପୁଣି ମାଜିଷ୍ଟ୍ରେଟ୍ ନୀରବ ହୋଇଗଲେ ।

ମାଜିଷ୍ଟ୍ରେଟ୍ ଲାଲା ଚନ୍ଦୁଲାଲ୍ ତ ଚୁପ୍ ହୋଇଗଲା । କିନ୍ତୁ ସେ ଖୁଦା ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଏ ପ୍ରତିଶୃତି କରିଥିଲା, ସେ ଚନ୍ଦୁଲାଲ୍‌କୁ ଦେଖାଇଦେଲା କି ସେହି ପ୍ରତିଶୃତି ଅହକମୁଲ୍ ହାକେମିନ୍, ଅର୍ଥାତ୍ ସବୁ ହାକିମଙ୍କ ଉପରେ ହାକିମ ଥିବା ଖୁଦାଙ୍କ ତରଫରୁ ଥିଲା । ସରକାର କୌଣସି କାରଣ ବଶତଃ ଚନ୍ଦୁଲାଲ୍‌କୁ ତା ପୋଷ୍ଟ୍‌ରୁ ତଳକୁ ଖସାଇ ତଳ ଦରଜାର ମୁନ୍‌ସଫ୍ କରି ମୁଲ୍‌ତାନ୍ ପଠାଇଦେଲେ । କିଛି ଦିନ ପରେ ସେ ପେନ୍‌ସନ୍ ପାଇ ଲୁଧିଆନା ଚାଲିଗଲା । ସେଠାରେ ତାର ଅବସ୍ଥା ବହୁତ ଖରାପ ହୋଇଗଲା ଓ ମୁଣ୍ଡ ଖରାପ ହୋଇଗଲା । ଏହାପରେ ସେ ଏ ସଂସାର ଛାଡ଼ି ଚାଲିଗଲା ।

କୁଦ୍‌ରତ୍ ସେ ଅପନି ଜାତ୍ କା
ଦେତା ହୈ ହକ୍ ସବୁତ୍
ଉସ୍ ବେନିଶାଁ କି ଚେହ୍‌ରା ନୁମାଇଁ
ଯେହି ତୋ ହୈ ।

ପ୍ରିୟ ଶ୍ରୋତାଗଣ ! ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ୨୩ ମାର୍ଚ୍ଚ ୧୮୮୯ ମସିହା ଦିନ ଜମାତ୍ ଅହେମଦୀୟା ମୁସ୍‌ଲିମାର ଭିତି ପ୍ରସ୍ତର ପଞ୍ଜାବର ପ୍ରସିଦ୍ଧ ସହର ଲୁଧିଆନାଠାରେ ରଖିଲେ । ସେହି ସହରରେ ଆପଣଙ୍କ ସହିତ ହୋଇଥିବା ମୁଖାଲିଫତ୍ ବିଷୟରେ ଜଣେ ଐଶି ପୁରୁଷ ଗୁଲାବ୍ ଶାହ୍ ସାହେବ୍ ପେଶଗୋଇ କରିଥିଲେ କି ଇସା ଅର୍ଥାତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଲୁଧିଆନା ଆସିବେ ଓ ତାଙ୍କର ଏଠାରେ ଭୀଷଣ ମୁଖାଲିଫତ୍ ହେବ । ସୁତରାଂ ସେହିପରି ହିଁ ହେଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତିନି ଚାରିଥର ଲୁଧିଆନା ଯାଇଛନ୍ତି । ପ୍ରତ୍ୟେକଥର ସେଠାରେ ମୌଲବୀମାନେ ଭୀଷଣ ମୁଖାଲିଫତ୍ କରିଛନ୍ତି । କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଧୈର୍ଯ୍ୟ, ସହନଶୀଳତା ଓ ବିଶାଳ ହୃଦୟର ଅନୁକରଣୀୟ ଉଦାହରଣ ସ୍ଥାପନ କରିଛନ୍ତି । ଏବଂ ଅଲ୍ଲାଃତାଲା ମଧ୍ୟ ଆପଣଙ୍କୁ ଧୈର୍ଯ୍ୟର ଫଳ ପ୍ରଦାନ କଲେ ।

"ଅନେକ ବିରୋଧି ଓ ଇର୍ଶାଳୁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପାଖକୁ ଆସନ୍ତି ଓ କଥା କଥାରେ ଝଗଡ଼ା ମଧ୍ୟ କରନ୍ତି ଓ କିଛି ଲୋକେ ପରୀକ୍ଷା କରିବା ପାଇଁ ଓ ଆଉ କିଛି ଲୋକେ କେବଳ ଦେଖିବା ପାଇଁ ଆସୁଥିଲେ । ଦିନେ ବିରୋଧିମାନେ ପାଂଚଜଣ ଲୋକଙ୍କୁ ଫୁସୁଲା ଫୁସୁଲି କରି ପଠାଇଦେଲେ ଏବଂ କହିଲେ ଯେ ସେହି ଘରେ ଜଣେ ବ୍ୟକ୍ତି ରହୁଛନ୍ତି ଯିଏ ସବୁ ନବୀମାନଙ୍କୁ ଗାଳି ଦେଉଛି ଓ କୁରଆନ୍ ଏବଂ ରସୁଲଙ୍କୁ ମାନୁନାହିଁ । ସେହି ବିରୋଧି ଲୋକେ ବହୁତ କ୍ରୋଧାନ୍ୱିତ ହୋଇ ଏକାବେଳକେ ସେହି ଘର ଭିତରେ ପଶିଗଲେ, ଯେଉଁ ଘରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ରହୁଥିଲେ । ସେହି ସମୟରେ ଜଣେ ଅହେମଦୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଠାରୁ ଗୋଟିଏ ଆୟତର ଅର୍ଥ ପଚାରି ବୁଝୁଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେହି ଆୟତଟିର ଏପରି ବ୍ୟାଖ୍ୟା କଲେ ଯେ ସେହି ଲୋକମାନେ, ଯେଉଁମାନେ ଆକ୍ରମଣ କରିବା ପାଇଁ ଆସିଥିଲେ, ଅନେକ ସମୟ ପର୍ଯ୍ୟନ୍ତ ଚୁପ୍ ହୋଇ ବସିରହିଲେ । ଯେବେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନୀରବ ହୋଇଗଲେ ତେବେ ସେହି ବିରୋଧି ଆକ୍ରମଣକାରୀମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ହାତ ମିଳାଇଲେ ଓ ଆପଣଙ୍କ ପବିତ୍ର ହସ୍ତକୁ ଚୁମା ଦେଲେ । ଓ ଏହା କହିଲେ କି ଆପଣଙ୍କ ବିରୋଧି ଓ ଶତ୍ରୁମାନେ ଆମକୁ ଧୋକା ଦେଇଛନ୍ତି, ଯେଉଁମାନେ ଆପଣଙ୍କୁ କାଫିର୍ କହୁଛନ୍ତି, ସେମାନେ ନିଜେ କାଫର୍ ଅଟନ୍ତି । ଯଦି ଆପଣ ମୁସଲ୍‌ମାନ୍ ନୁହଁନ୍ତି ତେବେ ଆଉ କେହି ମଧ୍ୟ ମୁସଲ୍‌ମାନ୍ ନୁହଁନ୍ତି । ଯେତେବେଳେ ସେହି ଲୋକମାନେ ଫେରିଯାଇ ବାହାରକୁ ଆସିଲେ ସେମାନଙ୍କୁ ପଠାଇଥିବା ବିରୋଧିମାନେ କହିଲେ କି ମିର୍ଜା ଯାଦୁଗର ଅଟେ, ଯିଏ ତା ପାଖକୁ ଯାଏ ସେ ତାର ହୋଇ ରହିଯାଏ । (ତେଣୁ) ତା ପାଖକୁ କେହି ଯାଅନାହିଁ" । *(ବହ୍‌ୱାଲା ତାରିଖେ ଅହେମଦୀୟତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୩୪୯, ତଜ୍‌କରତୁଲ୍ ମେହେଦୀ, ପ୍ରଥମ ଖଣ୍ଡ, ପୃଷ୍ଠା-୧୦୪-୧୦୫)*

ଲୁଧିଆନାଠାରେ ଜଣେ ଗଏର୍ ଅହେମଦୀ (ଅଣ ଅହେମଦୀ) ଉପଦେଷ୍ଟା ବଜାରରେ ଛିଡ଼ା ହୋଇ ବହୁତ ଉତ୍ସାହିତ ହୋଇ ଏହା କହିଲା ଯେ ମିର୍ଜା ହେଉଛି କାଫିର୍ ଏବଂ ଯଦି କେହି ତାଙ୍କୁ ହତ୍ୟା କରିଦେବ ସେ ବହୁତ ପୁଣ୍ୟ ହାସଲ କରିବ ଓ ସେଥିଯୋଗୁ

ସ୍ୱର୍ଗରେ ଦାଖଲ ହେବ । ଜଣେ ଦେହାତି ଗାଁର (ଗାଉଁଲି ଲୋକ) ଯିଏ ହାତରେ ଗୋଟିଏ ବାଙ୍କବାଡ଼ି ଧରି ଛିଡ଼ା ହୋଇ ଏ ଭାଷଣ ଶୁଣୁଥିଲା ସେ ତା କଥାରେ ବହୁତ ପ୍ରଭାବିତ ହୋଇଗଲା ଓ ଚୁପ୍ ହୋଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଘର ପଚାରି ପଚାରି ଆପଣଙ୍କ ଆବାସସ୍ଥଳୀ ପର୍ଯ୍ୟନ୍ତ ପହଂଚିଗଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେହି ସମୟରେ ଦିୱାନ୍ ଖାନେରେ ବସି ବକ୍ତବ୍ୟ ପ୍ରଦାନ କରୁଥିଲେ । ଏବଂ ଆପଣଙ୍କର କିଛି ଅନୁଗାମୀ ଓ ଆଉକିଛି ଅଣ ଜମାତ୍ ଲୋକେ ଆପଣଙ୍କ ବକ୍ତବ୍ୟ ଶୁଣୁଥିଲେ । ସେହି ଦେହାତି ଗାଉଁଲି ଲୋକଟି ମଧ୍ୟ କାନ୍ଧରେ ଠେଙ୍ଗାଟିକୁ ପକାଇ ଘର ଭିତରେ ପ୍ରବେଶ କଲା ଓ କାନ୍ଥରେ ଆଉଜି ଛିଡ଼ା ହୋଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ଆକ୍ରମଣ କରିବା ନିମନ୍ତେ ମୌକାର ପ୍ରତିକ୍ଷାରେ ଲାଗି ରହିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କ ପ୍ରତି କୌଣସି ଧ୍ୟାନ ଦେଲେ ନାହିଁ ଓ ନିଜର ବକ୍ତବ୍ୟକୁ ଜାରି ରଖିଲେ । ସେ ମଧ୍ୟ ଶୁଣିବାକୁ ଲାଗିଲା । କିଛି ମିନିଟ୍ ପରେ ତା ହୃଦୟ ଉପରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବକ୍ତବ୍ୟର ଏପରି ପ୍ରଭାବ ପଡ଼ିଲା ଯେ ତା କାନ୍ଧରୁ ଠେଙ୍ଗାଟି ତଳେ ମାଟିରେ ପଡ଼ିଗଲା ଓ ସେ ବକ୍ତବ୍ୟଟିକୁ ଶୁଣିବା ପାଇଁ ବସିଗଲା ଓ ଶୁଣି ଚାଲିଲା । ଏପରିକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେବେ ନିଜର ବକ୍ତବ୍ୟ ଶେଷ କଲେ ସେତେବେଳେ ମଜ୍‌ଲିସ୍‌ର ଜଣେ ବ୍ୟକ୍ତି କହିଲେ କି ହୁଜୁର୍ ଆପଣଙ୍କର ଦାବିକୁ ମୁଁ ବୁଝିପାରିଲି ଓ ମୁଁ ହୁଜୁର୍‌ଙ୍କୁ ସଚ୍ଚା ବୋଲି ଜାଣୁଛି ଏବଂ ଆପଣଙ୍କ ଶିଶତ୍ୱରେ ମୁଁ ଦାଖଲ ହେବାକୁ ଚାହୁଁଛି । ଏହା ଶୁଣି ଦେହାତି ଗାଉଁଲି ଲୋକଟି, ଯିଏ ହତ୍ୟା କରିବା ଉଦ୍ଦେଶ୍ୟରେ ଆସିଥିଲା ସେ ଆଗକୁ ଆସି କହିଲା କି ମୁଁ ଜଣେ ବିରୋଧି ଉପଦେଷ୍ଟାଙ୍କ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କୁ ହତ୍ୟା କରିବା ପାଇଁ ଆସିଥିଲି । କିନ୍ତୁ ଆପଣଙ୍କ ବକ୍ତବ୍ୟ ମୋତେ ବହୁତ ଭଲ ଲାଗିଲା । ଆପଣଙ୍କ କଥା ଶୁଣିବା ପରେ ମୋତେ ଏ ବିଶ୍ୱାସ ହୋଇଯାଇଛି ଯେ ଗଏର୍ ଅହେମଦୀ ମୌଲବୀଙ୍କ ଉପଦେଷ୍ଟାମାନେ ବିନା କାରଣରେ ଶତୃତାରେ ଭରି ରହିଛନ୍ତି । ଆପଣ ନିଶ୍ଚିତ ରୂପେ ସତ୍ୟବାଦୀ ଅଟନ୍ତି ଏବଂ ମୁଁ ମଧ୍ୟ ଆପଣଙ୍କ ଶିଶତ୍ୱ ଗ୍ରହଣ କରିବା ପାଇଁ ଚାହୁଁଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ତାଙ୍କର ବୟତ୍ ଗ୍ରହଣ କରିନେଲେ ।

*(ବହଓ୍ୱାଲା ଜିକ୍‌ରେ ହବିବ୍, ସଂକଳନ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍, ପୃଷ୍ଠା-୧୪)*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମଧ୍ୟ ଜମାତ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ବିରୋଧିମାନଙ୍କର ବିରୋଧର ମୁକାବିଲାରେ ଧୈର୍ଯ୍ୟ, ସହନଶୀଳତା, ଉଦାରପଣିଆ ଓ ପ୍ରଶସ୍ତ ହୃଦୟର ଉଦାହରଣ ଉପସ୍ଥାପନ କରିବା ପାଇଁ ଉପଦେଶ ଦେଇ କହୁଛନ୍ତି:-

ତୁମ୍ ଦେଖୋଗେ କେ ଇନ୍‌ହି ମେ
ସେ କତ୍‌ରାତେ ମହବତ୍ ଟପ୍‌କେଁଗେ
ବାଦଲ୍ ଆଫାତ୍ ଓ ମସାଏବ୍ କେ
ଛାତେ ହେଁ ଅଗର୍ ଛାନେ ଦୋ
ଜବ୍ ସୋନା ଆଗ୍ ମେଁ ପଡ୍‌ତା ହୈ
ତୋ କୁନ୍ଦନ୍ ବନ୍‌କର୍ ନିକଲତା ହୈ
ଫିର୍ ଗାଲିଓଁ ସେ କ୍ୟୁଁ ଡରତେ ହୋ
ଦିଲ୍ ଜଲ୍‌ତେ ହେଁ ତୋ ଜଲ୍ ଜାନେ ଦୋ

ସମ୍ମାନୀୟ ଅତିଥିଗଣ ! ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଏବଂ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଶେଷ ଯୁଗରେ ତାଉନ୍ (ପ୍ଲେଗ୍) ରୋଗ ବ୍ୟାପିବା ବିଷୟରେ ଭବିଷ୍ୟବାଣୀ କରିଥିଲେ । ପୁଣି ସେହି ପେଶ୍‌ଗୋଇ ଗୁଡିକରୁ ଏହା ମଧ୍ୟ ଜଣା ପଡୁଛି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଇମାମ୍ ମେହେଦୀଙ୍କ ଆବିର୍ଭାବ ସମୟରେ ତାଙ୍କର ସତ୍ୟତାର ପ୍ରକାଶ ନିମନ୍ତେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ପବିତ୍ର ରମ୍‌ଜାନ୍ ମାସରେ ଗ୍ରହଣ ଲାଗିବ । ସୁତରାଂ ନିର୍ଦ୍ଧାରିତ ତାରିଖ ଗୁଡିକରେ ଉକ୍ତ ଗ୍ରହଣ ଲାଗିଲା ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ଦିବାଲୋକ ପରି ପ୍ରମାଣିତ ହୋଇଗଲା । ଅଲ୍ଲାଃତାଲା ପବିତ୍ର କୁର୍‌ଆନ୍‌ରେ ମଧ୍ୟ କହୁଛନ୍ତି କି-

وَاِذَا وَقَعَ الْقَوْلُ عَلَيْهِمْ اَخْرَجْنَا
لَهُمْ دَآبَّةً مِّنَ الْاَرْضِ تُكَلِّمُهُمْ

*ଓ୍ୱ ଇଜା ଓ୍ୱକଅଲ୍ କଓ୍ୱଲୁ ଆଲୈହିମ୍ ଅଖ୍‌ରଜ୍‌ନା ଲହୁମ୍ ଦାବ୍‌ବତମ୍ ମିନଲ୍ ଅର୍‌ଜି ତୁକଲ୍ଲିମୁହୁମ୍ (ସୁରତୁଲ୍ ନମଲ୍ : ୮୩)*

ଅର୍ଥାତ୍-ଏବଂ ଯେତେବେଳେ ସେମାନଙ୍କ ବିନାଶ ସଂକ୍ରାନ୍ତ ଭବିଷ୍ୟବାଣୀ ପୁର୍ଣ୍ଣ ହେବ, ସେତେବେଳେ ଆମ୍ଭେ ସେମାନଙ୍କ ପାଇଁ ପୃଥିବୀ ମଧ୍ୟରୁ ଏପରି ଏକ କୀଟ ସୃଷ୍ଟି କରିବୁ ଯାହା ସେମାନଙ୍କୁ ଦଂଶନ କରିବ ।

କସୁଫ୍ ଓ ଖସୁଫ୍ (ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ)ର ନିଦର୍ଶନ ପ୍ରକାଶ ହେବା ପରେ ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏହା ଜଣାଇଦେଲେ କି ଯଦି ଲୋକମାନେ ଏହି ନିଦର୍ଶନରୁ କୌଣସି ଲାଭ ନ ଉଠାଇବେ ଓ ତୁମକୁ ଗ୍ରହଣ ନ କରିବେ ତେବେ ସେମାନଙ୍କ ଉପରେ ଅଲ୍ଲାଃଙ୍କର ଗୋଟିଏ ଦଣ୍ଡ ପଡ଼ିବ ।

ଓ ଏହି ପେଶ୍‌ଗୋଇକୁ ପୁରା କରିବା ପାଇଁ ଆପଣଙ୍କ ହୃଦୟରେ ଏ ଭାବନା ଜାଗ୍ରତ ହେଲା କି ଆପଣ ଗୋଟିଏ ମହାମାରୀ ନିମନ୍ତେ ଦୁଆ କରିବେ । ସୁତରାଂ ଆପଣ ଆ:ସ ନିଜର ଗୋଟିଏ ଆରବୀ କସିଦା, ଯାହାକୁ ୧୮୯୪ ମସିହାରେ ପ୍ରକାଶ କରିଥିଲେ, ସେଥିରେ ନିଜର ସେହି ମନସ୍କାମନା ଓ ଦୁଆର ଚର୍ଚ୍ଚା କରିଛନ୍ତି:-

فَلَمَّا طَغَى الْفِسْقُ الْمُبِيدُ بِسَيْلِه
تَمَنَّيْتُ لَوْ كَانَ الْوَبَاءُ لِمُتَبِّرٌ
فَاِنَّ هَلَاكَ النَّاسِ عِنْدَ اُولِي النُّهٰى
اَحَبُّ وَ اَوْلٰى مِنْ ضَلَالٍ يُدَسِّرُ

ଫଲମ୍ମା ତଗଲ୍ ଫିସ୍‌କୁଲ୍ ମୁବିଦୁ
ବିସଇଲିହି ତମନ୍ନୈତୁ ଲୌକାନଲ୍
ଓ୍ୱବାଉଲ୍ ମୁତବ୍‌ବିରୁ
ଫଇନ୍ନା ହଲାକନ୍ ନାସି ଇନ୍‌ଦ ଉଲିନ୍
ନୁହା ଆହବ୍‌ବୁ ଓ୍ୱ ଅଲା ମିନ୍ ଜଲାଲି
ୟୁଦସ୍‌ସିରୁ

ଅର୍ଥାତ୍ - ଯେବେ ବିଧ୍ୱଂସକାରୀ ଦୁଷ୍କର୍ମ ଗୋଟିଏ ଝଡ଼ ସଦୃଶ ହୋଇ ବଢ଼ିଗଲା ତେବେ ମୁଁ ଅଲ୍ଲାଃତାଲାଙ୍କ ନିକଟରେ ଏହା ଚାହିଁଲି ଯେ ବୋଧହୁଏ ଗୋଟିଏ ମହାମାରୀ ପଡ଼ିବ, ଯିଏ ଲୋକମାନଙ୍କୁ ନିଃଶେଷ କରିଦେବ । କାରଣ ବୁଦ୍ଧିଜୀବିଙ୍କ ନିକଟରେ ଧ୍ୱଂସକାରୀ ଦୁଷ୍କର୍ମ ଓ ପାପାଚାରରେ ବୁଡ଼ିରହିବା ଅପେକ୍ଷା ମରିଯିବା ହିଁ ଶ୍ରେୟସ୍କର ।

ଯେବେ ଏହି ପେଶ୍‌ଗୋଇଟି ପୁରା ହେଲା ଓ ତାଉନ୍‌ର ମହାମାରୀ ହିନ୍ଦୁସ୍ତାନ୍ ଓ ପଞ୍ଜାବ୍‌ରେ ଆତଙ୍କ ଖେଳାଇଦେଲା, ଲୋକମାନେ ତାଉନ୍ ଦ୍ୱାରା ପୋକ ମାଛି ପରି ମରିବାକୁ ଲାଗିଲେ । ତେବେ ଆପଣ ଆ:ସ ପ୍ରଶସ୍ତ ହୃଦୟ, ଉଦାରତା, ବିନମ୍ରତା ଓ ସହାନୁଭୂତିର ଐଶ୍ୱରିକ ଶକ୍ତି ଅନ୍ତର୍ଗତ ତାଉନ୍ ଶେଷ ହୋଇଯିବା ପାଇଁ ପ୍ରାର୍ଥନା କରିବା ଆରମ୍ଭ କରିଦେଲେ । ହଜ୍‌ରତ୍ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ର:ଅ କହୁଛନ୍ତି କି ଯେଉଁ ସମୟରେ ପଞ୍ଜାବ୍‌ରେ ତାଉନ୍‌ର ପ୍ରଭାବ ଥିଲା ଓ ହଜାର୍ ହଜାର୍ ଲୋକେ ଗୋଟିଏ ଦିନରେ ଏହି ଘାତକ ରୋଗର ଶିକାର ହେଉଥିଲେ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏପରି ଦୁଆ କରୁଥିବାର ଶୁଣିଲେ । ହେ ମୋର ଅଲ୍ଲାଃ ! ଯଦି ଏହି ଲୋକମାନେ ତାଉନ୍‌ର ଦଣ୍ଡରେ ନିଃଶେଷ ହୋଇଯିବେ ତେବେ ପୁଣି ତୋର ଉପାସନା କିଏ କରିବ ?

ସମ୍ମାନସ୍ପଦ ଶ୍ରୋତାଗଣ ! ଯଦି କେହି ସାଂସାରିକ ବ୍ୟକ୍ତି ହୋଇଥାଆନ୍ତା ତେବେ ସେ ଖୁସି ହୁଅନ୍ତା । ସାଧାରଣ ଲୋକମାନଙ୍କୁ ଗର୍ବର ସହିତ ଏହା ମନାଇଥାଆନ୍ତା ଯେ ଦେଖିଲ, ତୁମେମାନେ ମୋତେ ମିଥ୍ୟାବାଦୀ ବୋଲି କହିଲ, ତେଣୁ ଏହି ତାଉନ୍ ଦ୍ୱାରା କିପରି ଶେଷ ହୋଇଯାଉଛ । କିନ୍ତୁ ଖୁଦାଙ୍କ ଏହି ମସିହ୍ ମଉଦ୍ ଆ:ସଙ୍କ ପ୍ରଶସ୍ତ ହୃଦୟ, ଉଦାରପଣିଆକୁ ଦେଖନ୍ତୁ କି ବିରୋଧି ମାନଙ୍କର ନିଃଶେଷ ହୋଇଯିବା ମଧ୍ୟ ତାଙ୍କୁ ବରଦାସ୍ତ ହେଉନାହିଁ । ତାଙ୍କ ପାଇଁ ମଧ୍ୟ ଦୁଆ କରୁଛନ୍ତି ଯେ *"ଆଏ ଅଲ୍ଲାଃ ଲୋଗୋଁ କୋ ତାଉନ୍ କି ବିମାରୀ ସେ ବଚା ଲେ, ଉନ୍‌କୋ ହିଦାୟତ୍ ଦେ, ତା କେ ୟେ ତେରି ଇବାଦତ୍ କରନେ ୱାଲେ ବନ୍‌ଯାଏଁ"* ଅର୍ଥାତ୍ - ହେ ଅଲ୍ଲାଃ ଲୋକମାନଙ୍କୁ ତାଉନ୍ ରୋଗରୁ ବଂଚାନ୍ତୁ । ସେମାନଙ୍କୁ ହିଦାୟତ୍ ଦିଅନ୍ତୁ, ଯଦ୍ଦ୍ୱାରା ସେମାନେ ତୋର ଉପାସନାକାରୀ ହୋଇଯିବେ । ଅଲ୍ଲାଃତାଲା ଆପଣଙ୍କ ଦୁଆକୁ ଗ୍ରହଣ କରି ଉକ୍ତ ଅଜାବ (ଦଣ୍ଡ) କୁ ଦୂର କରିଦେଲେ ।

ପୂର୍ବରୁ ଡାକ୍ତର ହେନେରି ମାର୍ଟିନ୍ କ୍ଲାର୍କ୍‌ଙ୍କ ତରଫରୁ କରାଯାଇଥିବା ମୋକଦ୍ଦମାର ଚର୍ଚ୍ଚା ହୋଇସାରିଛି । ସେହି ମୋକଦ୍ଦମାର ଗୋଟିଏ ଘଟଣା ଏପରି ହେଉଛି କି ଅହ୍‌ଲେ ହଦିସ୍ ର ଲିଡର୍ ମହମ୍ମଦ୍ ହୁସେନ୍ ବଟାଲୁଇ ସାହେବ୍, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଶତୃତାରେ ଏତେ ବଢ଼ିଯାଇଥିଲା ଯେ ସେ ଅଦାଲତ୍‌ରେ ଇସାଇମାନଙ୍କ ସହଯୋଗ ଓ ସାହାଯ୍ୟ କରିବା ପାଇଁ ହାଜିର୍ ହୋଇଗଲା ଏବଂ ଯେତେ ପ୍ରକାରର ମିଥ୍ୟା ଓ ଭିତିହୀନ ଆରୋପ କାହା ଉପରେ ଲଗାଇ ଦିଆଯାଇପାରେ, ସେ ଅଦାଲତରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ତାହା ସବୁ ଲଗାଇଲା । କିନ୍ତୁ ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଓକିଲ ଫଜଲ୍ ଦୀନ୍ ସାହେବ୍ ମୌଲବୀ ମହମ୍ମଦ୍ ହୁସେନ୍ ବଟାଲୁଇ ସାହେବ୍‌ଙ୍କ ଠାରୁ କ୍ଷମା ପ୍ରାର୍ଥନା କରି ଏପରି ପ୍ରଶ୍ନ କଲେ ଯଦ୍ଦ୍ୱାରା ତାଙ୍କର ଉଦ୍‌ଦ୍ରତା ବା ଚରିତ୍ର ଉପରେ ଦାଗ ଲାଗୁଥିଲା, ସେତେବେଳେ ସମସ୍ତ ଉପସ୍ଥିତ ଲୋକେ ଆଶ୍ଚର୍ଯ୍ୟ ହୋଇ ଏହା ଦେଖିଲେ ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଚୌକିରୁ ଉଠିଗଲେ ଓ

*ଅବଶିଷ୍ଟାଂଶ ପୃଷ୍ଠା-୨୬ ରେ ଦେଖନ୍ତୁ...*

ତକ୍‌ରିର୍ ଜଲ୍‌ସା ସାଲାନା କାଦିଆନ୍-୨୦୧୭

## ସଦାକତେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ (ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ସତ୍ୟତା) ଚେତାବନୀ ଓ ଶୁଭସମ୍ବାଦ ମୂଳକ ଭବିଷ୍ୟବାଣୀ ଆଧାରରେ

(ମୌଲାନା ସୁଲ୍‌ତାନ୍ ଅହେମଦ୍ ଜଫର, ନାଜିମ୍ ଇର୍‌ଶାଦ୍ ୱକ୍‌ଫେ ଯଦିଦ୍, କାଦିଆନ୍)

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି-

وَمَا نُرْسِلُ الْمُرْسَلِيْنَ اِلَّا مُبَشِّرِيْنَ وَمُنْذِرِيْنَ فَمَنْ اٰمَنَ وَاَصْلَحَ فَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ ○ وَالَّذِيْنَ كَذَّبُوْا بِاٰيٰتِنَا يَمَسُّهُمُ الْعَذَابُ بِمَا كَانُوْا يَفْسُقُوْنَ (سورة الانعام:50،49)

عٰلِمُ الْغَيْبِ فَلَا يُظْهِرُ عَلٰى غَيْبِهٖٓ اَحَدًا ○ اِلَّا مَنِ ارْتَضٰى مِنْ رَّسُوْلٍ (الجن:28،27)

ୱମା ନୁରସିଲା------ୟଫ୍‌ସୁକୁନ । (ଅନ୍‌ଆମ- ୪୯,୫୦) ଏବଂ ଆଲିମୁଲ୍ ଗଏବ------ମିର୍ ରସୁଲିନ୍ (ସୁରେ ଜିନ୍- ୨୭,୨୮)

ସମ୍ମାନୀୟ ସଭାପତି ମହୋଦୟ ଏବଂ ଉପସ୍ଥିତ ସଜ୍ଜନ ମଣ୍ଡଳି, ଅସ୍‌ସଲାମୋ ଆଲୈକୁମ୍ ୱ ରହମତୁଲ୍ଲାହେ ୱ ବରକାତୁହୁ ।

ଯେଉଁଭଳି ଆପଣମାନେ ଶୁଣିନେଲେ କି ମୋ ବକ୍ତୃତାର ବିଷୟବସ୍ତୁ "ସଦାକତେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଇନଜାରୀ ଓ ତବଶିରି ପେଶଗୋଇଓଁ କେ ଆଇନା ମେ" ।

ଅଧମ ଉପରେ ଯେଉଁ ପଂକ୍ତି ପାଠ କରି ଆସିଲା ତାହାର ଅନୁବାଦ ଏପରି ଅଟେ । ଆମ୍ଭେ ରସୁଲମାନଙ୍କୁ କେବଳ ସୁସମାଚାର ଦାତା ଓ ସତର୍କକାରୀ ଭାବେ ପ୍ରେରଣ କରୁ । ସୁତରାଂ ଯେଉଁମାନେ ବିଶ୍ୱାସ କରିବେ ଓ ନିଜକୁ ସଂଶୋଧନ କରିବେ ସେମାନଙ୍କ (ଭବିଷ୍ୟତ ପ୍ରତି) କୌଣସି ଭୟ ରହିବ ନାହିଁ ଓ ସେମାନେ ଦୁଃଖିତ ହେବେ ନାହିଁ ଏବଂ ଯେଉଁମାନେ ଆମ୍ଭର ନିର୍ଦ୍ଦଶନମାନଙ୍କୁ ଅସ୍ୱୀକାର କରିଛନ୍ତି ସେମାନଙ୍କୁ ସେମାନଙ୍କର ଅମାନ୍ୟ ଯୋଗୁଁ ଶାସ୍ତି ଦିଆଯିବ ।

ଶ୍ରୋତାଗଣ ! ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେହି ଲୋକମାନଙ୍କୁ, ଯେଉଁମାନେ ଆପଣଙ୍କ (ଅବତାର ହେବାର)ଦାବୀର ଘୋଷଣା କରିବାରେ ସନ୍ଦେହ ଘେରରେ ରହୁଥିଲେ, ସେମାନଙ୍କୁ କୁହନ୍ତି - ମୋ ଘୋଷଣା ପ୍ରତି ଯଦି ସନ୍ଦେହ ରହିଛି ଏବଂ ତୁମେ ସତ୍‌ପଥ ପ୍ରାପ୍ତ କରିବାକୁ ଇଚ୍ଛୁକ ତେବେ ସନ୍ଦେହ ଦୂର ହେବା ଅତ୍ୟନ୍ତ ସହଜ । କାରଣ ପ୍ରତ୍ୟେକ ଅବତାରଙ୍କ ସତ୍ୟବାଦୀ ହେବା ତିନୋଟି ଉପାୟରେ ଜଣାଯାଇଥାଏ । ପ୍ରଥମ ଜ୍ଞାନ ମାଧ୍ୟମରେ ଅର୍ଥାତ୍ ଦେଖିବା ଉଚିତ୍ ଯେ, ଯେଉଁ ସମୟରେ ଉକ୍ତ ଅବତାରର ଆଗମନ ହୋଇଛି ମଣିଷର ବୁଦ୍ଧି ସାକ୍ଷୀ ଦେଇଥାଏ କି ତାହାର ଆସିବାର ଆବଶ୍ୟକତା ଥିଲା କି ନାହିଁ ଏବଂ ଲୋକମାନେ ସେହି ସମୟରେ ଜଣେ ସୁଧାରକଙ୍କ ଆବଶ୍ୟକ ମଣୁଥିଲେ କି ନାହିଁ ।

ଦ୍ୱିତୀୟ ପନ୍ଥା ଅବତାରମାନଙ୍କ ଭବିଷ୍ୟବାଣୀ (ସୁସମ୍ବାଦ) ଅଟେ । ଅର୍ଥାତ୍ ଦେଖିବା ଉଚିତ୍ ଯେ ପୂର୍ବେ କୌଣସି ନବୀ ତାହା ପକ୍ଷରେ କିମ୍ବା ସେହି ଯୁଗରେ କୌଣସି ସୁଧାରକର ଆସିବାର ସୁସମ୍ବାଦ ଦେଇଛନ୍ତି କି ନାହିଁ । ତୃତୀୟ ପନ୍ଥା ନୁସ୍‌ରତେ ଇଲାହି (ଅଲ୍ଲାଃଙ୍କ ସାହାଯ୍ୟ) ଏବଂ ଦିବ୍ୟ ସହଯୋଗ ଅଟେ । ଅର୍ଥାତ୍ ଦେଖିବା ଉଚିତ୍ କି ତାହାକୁ କୌଣସି ଦିବ୍ୟ ଶକ୍ତି ସାହାଯ୍ୟ ସହଯୋଗର ହାତ ବଢ଼ାଉଛି କି ନାହିଁ? ଏହି ତିନିଗୋଟି ପନ୍ଥା ଜଣେ ସତ୍ୟବାଦୀ ଓ ଇଶ୍ୱର ପ୍ରେରିତକୁ ଚିହ୍ନିବା ନିମନ୍ତେ ପ୍ରାରମ୍ଭରୁ ଧାର୍ଯ୍ୟ ରହିଛି । ବର୍ତ୍ତମାନ ହେ ଭାଇମାନେ ! ଅଲ୍ଲାଃତାଲା ତୁମପାଇଁ ଦୟା ପୂର୍ବକ ଉକ୍ତ ତିନୋଟି ନିଦର୍ଶନ ମୋ ସପକ୍ଷରେ ଗୋଟିଏ ସ୍ଥାନରେ ଏକତ୍ର କରିଦେଇଛନ୍ତି । ବର୍ତ୍ତମାନ ଇଚ୍ଛାକଲେ ମୋତ ସ୍ୱୀକାର କର ଅବା ନକର କିନ୍ତୁ ଯଦି ବୁଦ୍ଧି ଓ ବିବେକ ଦୃଷ୍ଟିରେ ଦେଖ ତେବେ ତାହା ଚିତ୍କାର କରି ଏହି ଅନୁରୋଧ କରୁଅଛି ଏବଂ କାନ୍ଦୁଅଛି କି ମୁସଲମାନ ମାନଙ୍କୁ ବର୍ତ୍ତମାନ ଜଣେ ଆଧାତ୍ମିକ ସୁଧାରକଙ୍କ ଆବଶ୍ୟକ ରହିଛି । ବାହ୍ୟ ଓ ଆଭ୍ୟନ୍ତରୀଣ ଉଭୟ ଅବସ୍ଥା ଭୟଙ୍କର ଅଟେ ଏବଂ ମୁସଲମାନମାନେ ଏପରି ଗୋଟିଏ ବିରାଟ ଗାତର କଡରେ ଛିଡ଼ା ହୋଇଛନ୍ତି । ଯଦି ପୂର୍ବ ଭବିଷ୍ୟବାଣୀକୁ ଦେଖାଯାଏ ତେବେ ଜଣାଯିବ ଯେ ଦାନିଆଲ୍ ନବୀ ମଧ୍ୟ ମୋ ସମ୍ବନ୍ଧରେ ଓ ଏହି ଯୁଗ ସପକ୍ଷରେ ଭବିଷ୍ୟବାଣୀ କରିଥିଲେ । ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ମଧ୍ୟ କୁହନ୍ତି କି ଏହି ସମ୍ପ୍ରଦାୟରେ ମସିହ୍ ମଉଦ୍ ଜନ୍ମ ନେବେ । ଯଦି କାହାରିକୁ ଜଣା ନାହିଁ ତେବେ ସହି ବୁଖାରୀ ଓ ସହି ମୁସ୍‌ଲିମ୍‌କୁ ଦେଖି ନିଅ ଏବଂ ଯୁଗର ପ୍ରାରମ୍ଭରେ ସୁଧାରକ ଆସିବାର ସୁସମ୍ବାଦ ବିଷୟ ପଢ଼ିନିଅ । ପୁଣି ଯଦି ମୋ ସହିତ ଅଲ୍ଲାଃଙ୍କ ସାହାଯ୍ୟ ସହଯୋଗ ଥିବାର ଦେଖିବାକୁ ଚାହଁ ତେବେ ମନେରଖ ବର୍ତ୍ତମାନ ସୁଧା ଶହସ୍ର ନିଦର୍ଶନ ପ୍ରକାଶ ପାଇସାରିଲାଣି । (ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୨୪୧)

ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଅଲ୍ଲାଃଙ୍କ ପ୍ରଦତ୍ତ ଏକାଧିକ ଦିବ୍ୟ ସୁଚନା ଓ ଭବିଷ୍ୟବାଣୀକୁ ନିଜ ସତ୍ୟବାଦୀ ହେବାର ପ୍ରମାଣ ସ୍ୱରୂପ ଉପସ୍ଥାପନ କରି କୁହନ୍ତି- ମୋର ଏଭଳି କୌଣସି ଭବିଷ୍ୟବାଣୀ ନାହିଁ ଯାହା ପୂରଣ ନହୋଇଛି । କିମ୍ବା ତାହାର ଦୁଇ ଭାଗରୁ ଗୋଟିଏ ଭାଗ ପୂରଣ ନହୋଇଛି । ଯଦି ଜଣେ ଖୋଜିଖୋଜି ମରିଯାଏ ତେବେ ମଧ୍ୟ ଏଭଳି କୌଣସି ଭବିଷ୍ୟବାଣୀ ପାଇବ ନାହିଁ ଯାହାକି ମୋ ତୁଣ୍ଡରୁ ବାହାରିଥିବ ଯାହା ସମ୍ବନ୍ଧରେ ସେ କହିପାରିବ କି ତାହା ପୂରଣ ହୋଇନାହିଁ । କିନ୍ତୁ ନିର୍ଲଜ୍ଜତା କିମ୍ବା ଅଜ୍ଞାନତାରେ ଯାହା ଇଚ୍ଛା ତାହା କୁହନ୍ତୁ କିନ୍ତୁ ମୁଁ ସ୍ପଷ୍ଟରୂପେ କହୁଅଛି କି ମୋର ଶହସ୍ର ଭବିଷ୍ୟବାଣୀ ଅତ୍ୟନ୍ତ ସ୍ପଷ୍ଟତାର ସହିତ ପୂରଣ ହୋଇସାରିଛି, ଯାହାର ଲକ୍ଷାଧିକ ଲୋକ ସାକ୍ଷୀ ଅଛନ୍ତି । ଯଦି ଏହାର ଉଦାହରଣ ପୂର୍ବରୁ ଆସିଥିବା ଅବତାରଙ୍କ ମଧ୍ୟରେ ଦେଖାଯାଏ ତେବେ ହଜୁର୍ ସ:ଆ:ସଙ୍କ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଏହା ଦେଖିବାକୁ ମିଳୁନାହିଁ ।

*(ରୁହାନି ଖଜାଏନ୍, ଖଣ୍ଡ-୧, କଶ୍‌ତି ନୁହ୍, ପୃଷ୍ଠା-୬)*

ସ୍ରୋତାଗଣ ! ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ମଧ୍ୟ ପବିତ୍ର କୋରାନ୍‌ରେ ଦରଜ ଅନ୍ୟ ଅବତାରଙ୍କ ଭବିଷ୍ୟବାଣୀ ପରି ସତର୍କସୂଚକ ଓ ସୁସମ୍ବାଦ ରୂପକ ଉଭୟ ପ୍ରକାର ଅଟେ । ସମୟକୁ ଦୃଷ୍ଟିରେ ରଖି ଅଧମ ହଜୁର୍ ଆ:ସଙ୍କ ଶହସ୍ର ଭବିଷ୍ୟବାଣୀ ମଧ୍ୟରୁ ଏଠାରେ କିଛି ଉପସ୍ଥାପନ କରିବାକୁ ଚେଷ୍ଟା କରିବି । ଇନ୍‌ଶାଅଲ୍ଲାଃ ।

### ତବଶୀରି (ସୁସମ୍ବାଦ ଭିତିକ) ପେଶ୍‌ଗୋଇ (ଜମାଅତର ଉନ୍ନତି ସମ୍ବନ୍ଧରେ)-

୧୮୮୨ ମସିହା ମାର୍ଚ୍ଚ ମାସରେ ଆପଣଙ୍କୁ ସର୍ବପ୍ରଥମେ ଅଲ୍ଲାଃଙ୍କ ତରଫରୁ ଆଦେଶ ରୂପକ ଐଶରୀକ ବାଣୀ ହେଲାକି

يَا اَحْمَدُ بَارَكَ اللّٰهُ فِيْكَ مَا رَمَيْتَ اِذْ رَمَيْتَ وَلٰكِنَّ اللّٰهَ رَمٰى - اَلرَّحْمٰنُ عَلَّمَ الْقُرْاٰنَ لِتُنْذِرَ قَوْمًا مَّآ اُنْذِرَ اٰبَآؤُهُمْ وَلِتَسْتَبِيْنَ سَبِيْلُ الْمُجْرِمِيْنَ قُلْ اِنِّيْ اُمِرْتُ وَاَنَا اَوَّلُ الْمُؤْمِنِيْنَ

ୟା ଅହମ୍ ବାରକଲ୍ଲାଃ------ମୁମିନୀନ

*(ବରାହିନେ ଅହେମଦୀୟା, ଖଣ୍ଡ-୫)*

ଅର୍ଥାତ୍ ହେ ଅହେମଦ୍ ! ଅଲ୍ଲାଃତାଲା ତୁମକୁ ବିଭୁତି ପ୍ରଦାନ କରିଛନ୍ତି ଯାହା କିଛି ତୁମେ କରୁଅଛ ତାହା ତୁମେ ନୁହ ବରଂ ଅଲ୍ଲାଃ କରୁଛନ୍ତି । ସେହି ଅଲ୍ଲାଃ ତୁମକୁ କୋରାନ୍ ଶିଖାଇଲେ । ଅର୍ଥାତ୍ ତାହାର ରହସ୍ୟ ତୁମ ଉପରେ ଉନ୍ମୋଚନ କଲେ ଯଦ୍ୱାରା ତୁମେ ସେହି ଲୋକମାନଙ୍କୁ ସତର୍କ କରାଅ ଯାହାଙ୍କ ବାପ ଅଜା ସତର୍କ ହୋଇନଥିଲେ ଏବଂ ଅପରାଧୀମାନଙ୍କ ମାର୍ଗ ଖୋଲିଯିବ ଓ ସେମାନଙ୍କ ଦ୍ୱାରା ତୁମକୁ ଅସ୍ୱୀକାର କରିବା ବିଷୟ ସ୍ପଷ୍ଟ ହୋଇଯିବ । ସେମାନଙ୍କୁ କହିଦିଅ କି ମୁଁ ଅଲ୍ଲାଃଙ୍କ ତରଫରୁ ଆସଅଛି ଏବଂ ମୁଁ ସର୍ବପ୍ରଥମ ବିଶ୍ୱାସକାରୀ ଅଟେ ।

ଉପସ୍ଥିତ ସଜ୍ଜନ ମଣ୍ଡଳି ! ଏହି ଐଶରିକବାଣୀ ଜରିଆରେ ଅଲ୍ଲାଃତାଲା ଯେଉଁ ମହତ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଆପଣ ଆ:ସଙ୍କୁ ପ୍ରେରଣ କରିଥିଲେ ତାହା କୌଣସି ସାଧାରଣ ମିଶନ ନଥିଲା ବରଂ ସମଗ୍ର ବିଶ୍ୱରେ ସମସ୍ତ ଧର୍ମ ଉପରେ ଇସ୍‌ଲାମକୁ ବିଜୟ କରିବା ଲକ୍ଷ ନେଇ ଆପଣ ଆସିଥିଲେ । ସେତେବେଳେ ଆପଣଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ଅସହାୟ ଓ ଅଭାବ ଅନଟନ ପୂର୍ଣ୍ଣ ଥିଲା ତାହା ଚର୍ଚ୍ଚା କରି ହଜୁର ଆ.ସ ନିଜ ଭାଷାରେ ଏପରି କୁହନ୍ତି-

ଯେତେବେଳେ ମୁଁ ନିଜ ଉପରେ ଦୃଷ୍ଟି ଆକର୍ଷଣ କଲି ସେତେବେଳେ ନିଜକୁ (ସମସ୍ତଙ୍କ ମଧ୍ୟରେ) ଅଜଣା ଏବଂ ଆହାଦୁମ୍ ମିନନ୍ ନାସେ ପାଇଲି ଏଥିପାଇଁ କି ନା ମୁଁ କୌଣସି ସମ୍ଭ୍ରାନ୍ତ ପରିବାର କିମ୍ବା ଉଚ୍ଚ ଆସନରେ ଅଧିଷ୍ଠିତ ରଖୁଥିବା ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ସହ ସମ୍ପର୍କ ରଖିଥିଲି, ଯଦ୍ୱାରା ସେମାନେ ମୋତେ ବିଶ୍ୱାସ କରିଥାନ୍ତେ ଏବଂ ସେମାନେ ମୋ ଚାରିପଟେ ଘେରି ରହିଥାନ୍ତେ । ସେମାନେ ମୋ ବାପଅଜାଙ୍କ ଅନୁଗାମୀ ହୋଇଥିଲେ ମୋ କାମ ସହଜ ହୋଇଥାନ୍ତା । ନା ମୁଁ କୌଣସି ପ୍ରସିଦ୍ଧ ଜ୍ଞାନିଙ୍କ ବଂଶଧର ଥିଲି ଯଦ୍ୱାରା ଶହସ୍ର ଛାତ୍ର ମୋ ସହିତ ସମ୍ପର୍କ ରଖିଥାନ୍ତେ । ନା ମୁଁ କୌଣସି ବିଦ୍ୱାନ କିମ୍ବା ମହାନ ଜ୍ଞାନୀଙ୍କ ଠାରୁ ଶିକ୍ଷା ହାସଲ କରିଥିଲି ନା ପ୍ରମାଣପତ୍ର ଥିଲା ଯଦ୍ୱାରା ମୁଁ ନିଜ ଜ୍ଞାନ ଆଧାରରେ କିଛି କରିବାର ଭରସା ରଖିଥାନ୍ତି । ନା ମୁଁ କୌଣସି ସ୍ଥାନର ନବାବ, ହାକିମ କିମ୍ବା ସମ୍ରାଟ ଥିଲି ଯଦ୍ୱାରା ମୋ ଆଧିପତ୍ୟ ଓ ଆଦେଶରେ ସହସ୍ର ଲୋକେ ମୋର ଅନୁଗାମୀ ହୋଇ ଯାଇଥାନ୍ତେ ବରଂ ମୁଁ ତ ଜଣେ ଗରିବ ଅଚିହ୍ନା ଗ୍ରାମର ବାସିନ୍ଦା ଥିଲି ଏବଂ ସେ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କଠାରୁ ଅଲଗା ଥିଲି ଯାହାଙ୍କ ନିକଟରେ ବିଶ୍ୱବାସୀ ରୁଣ୍ଡ ହୋଇଥାନ୍ତି କିମ୍ବା ହୋଇପାରନ୍ତି । ଅତଃ ଉକ୍ତ ଐଶ୍ୱରିକବାଣୀ ପ୍ରାପ୍ତ ହେବା ପରେ ମୋତେ ଯାହାକିଛି ଅନୁଭବ ହେଲା ତାହା ମୋ ପାଇଁ ଏକ ପ୍ରାକୃତିକ ଅବସ୍ଥା ଥିଲା ଓ ମୁଁ ଏ କଥାରେ ଆଶ୍ରିତ ଥିଲି ଯେ ମୋ ଜୀବନକୁ କାଏମ୍ ରଖିବା ପାଇଁ ଖୁଦାତାଲା ଏକ ମହାନ୍ ପ୍ରତିଶ୍ରୁତି ଦ୍ୱାରା ମୋତେ ଆଶ୍ୱସ୍ତ କରିଥାନ୍ତେ । (ବରାହିନେ ଅହେମଦିୟା ଭାଗ-୫ ପୃ-୫୨-୫୪)

ସୁତରାଂ ଏପରି ସମୟରେ ଅଲ୍ଲାଃତାଲା

ଆପଣଙ୍କୁ ଅତ୍ୟନ୍ତ ପ୍ରେମଭରା ଉପାୟରେ ଆସ୍ୱଶନା ଦେଲେ ଓ ସୁସମ୍ବାଦ ଦେଇ କହିଲେ-

"لَا تَيْئَسْ مِنْ رَّوْحِ اللهِ اَلَا
اِنَّ نَصْرَ اللهِ قَرِيْبٌ - يَاْتِيْكَ مِنْ كُلِّ فَجٍّ
عَمِيْقٍ - يَاْتُوْنَ مِنْ كُلِّ فَجٍّ عَمِيْقٍ -
يَنْصُرُكَ اللهُ مِنْ عِنْدِهٖ - يَنْصُرُكَ رِجَالٌ
نُّوْحِيْ اِلَيْهِمْ مِّنَ السَّمَآءِ - وَلَا تُصَعِّرْ لِخَلْقِ
اللهِ وَلَا تَسْئَمْ مِّنَ النَّاسِ - اَصْحَابُ
الصُّفَّةِ وَمَا اَدْرَاكَ مَا اَصْحَابُ الصُّفَّةِ
تَرٰى اَعْيُنَهُمْ تَفِيْضُ مِنَ الدَّمْعِ -
يُصَلُّوْنَ عَلَيْكَ"

ଲାତେଈଅସ୍ ମିନ୍ ରୁହିଲ୍ଲାହି....ଆଲୈକା *(ବରାହିନେ ଅହେମଦିୟା ଭାଗ-୩ ପୃ-୨୩୮,୨୪୨)*

ଅର୍ଥାତ ଖବରଦାର ଅଲ୍ଲାଃଙ୍କ ସାହାଯ୍ୟ ତୁମ ନିକଟରେ । ସମସ୍ତ ଦୂରତା ସତ୍ୱେ ତାହା ତୁମ ନିକଟରେ ପହଂଚିବ ଏବଂ ଏଭଳି ମାର୍ଗରୁ ପହଂଚିବେ କି ସେହି ମାର୍ଗ ଲୋକମାନଙ୍କ ଯିବାଆସିବା ଏବଂ ଏଭଳି ବହୁଳ ସଂଖ୍ୟାରେ ତୁମ ନିକଟକୁ ଆସିବା ଦ୍ୱାରା ତାହା ଗାତ ହୋଇଯିବ । ତୁମର ସାହାଯ୍ୟ ସେହି ଲୋକମାନେ କରିବେ ଯାହାଙ୍କ ହୃଦୟରେ ଆମେ ଦିବ୍ୟବାଣୀ ପ୍ରକାଶ କରିବୁ । ମନେରଖ ସେହି ସମୟ ଆସୁଅଛି କି ଲୋକେ ଅତ୍ୟଧିକ ସଂଖ୍ୟାରେ ତୁମ ନିକଟକୁ ଆସିବେ । ଅତଃ ତୁମ ପାଇଁ ଅନିବାର୍ଯ୍ୟ କି ତୁମେ ସେମାନଙ୍କ (ସତ୍କାରରେ) ଅତିଷ୍ଠ ହେବ ନାହିଁ ଏବଂ ସେମାନଙ୍କର ଏଭଳି ସଂଖ୍ୟାଗରିଷ୍ଠତା ଦେଖି ଥକିଯିବ ନାହିଁ । ସେମାନଙ୍କ ମଧ୍ୟରେ ଏଭଳି ଲୋକ ମଧ୍ୟ ଥିବେ ଯେଉଁମାନେ ନିଜ ଜନ୍ମଭୂମିରୁ ପଳାୟନ କରି ତୁମ ନିକଟରେ ସ୍ଥାୟୀବାସିନ୍ଦା ଗ୍ରହଣ କରିବାକୁ ଆସିବେ । ସେହିମାନେ ଅଲ୍ଲାଃଙ୍କ ନିକଟରେ ଅସହାବେ ସୁଫା ଅଟନ୍ତି । ତୁମକୁ କଣ ଜଣା କି ସେମାନେ କିଭଳି ସମ୍ମାନ ଯୋଗ୍ୟ ଓ ବିଶ୍ୱାସରେ (ପୂର୍ଣ୍ଣ) ବ୍ୟକ୍ତିତ୍ୱ ଅଟନ୍ତି ଯେ ଆସହାବେ ସୁଫା ନାମରେ ନାମିତ ହେବେ । ସେମାନେ ବିଶ୍ୱାସରେ ଅତ୍ୟନ୍ତ ସୁଦୃଢ ଥିବେ । ତୁମେ ଦେଖିବ ଯେ, ସେମାନଙ୍କ ଚକ୍ଷୁରୁ ଅଶ୍ରୁ ଝରିପଡୁଥିବ । ସେମାନେ ତୁମ ଉପରେ ଦରୁଦ୍ ପ୍ରେରଣ କରିବେ ।

ମହାଶୟ ! ଏ ସମସ୍ତ ଭବିଷ୍ୟବାଣୀ ହଜରତ ମସିହ ମଉଦ ଆ.ସଙ୍କ ଜୀବନ ସ୍ପଷ୍ଟ ଭାବରେ ପୂରଣ ହେଲା ଏବଂ ଆଜି ସମଗ୍ର ବିଶ୍ୱ ଏହାର ସାକ୍ଷୀ ଅଟେ କି ଗୋଟିଏ ଛୋଟ ତଥା ଅଜଣା ଗ୍ରାମରୁ ସମ୍ପୂର୍ଣ୍ଣ ଅଚିହ୍ନା ବ୍ୟକ୍ତିଙ୍କୁ ଯେତେବେଳେ ସଂସାରର ସୁଧାର ନିମନ୍ତେ ମନୋନିତ କରାଗଲା ସେତେବେଳେ ଲୋକେ ଅଲ୍ଲାଃଙ୍କ ମସିହଙ୍କ ଆବିର୍ଭାବର ଖବର ଶୁଣି କାଦିଆନର ମାର୍ଗ ଧରିଲେ ଏବଂ ଦୀର୍ଘ ଦୂରତା ଅତିକ୍ରମ କରି ସେଠାରେ ପହଂଚିଲେ । ସେମାନଙ୍କ ମଧ୍ୟରୁ କେତେକ ସଦାସର୍ବଦା ପାଇଁ କାଦିଆନକୁ ଆପଣାଇ ନେଲେ ଓ ଅନ୍ୟମାନେ ଆପଣଙ୍କ ସହ ସାକ୍ଷାତ କରିବାର ସୌଭାଗ୍ୟ ଲାଭ କରି କିଛି ଦିନ ଅବସ୍ଥାନ କରି ନିଜ ପ୍ରଦେଶକୁ ଫେରିଯାଉଥିଲେ । ଯେବେ ସେହି ଭବିଷ୍ୟବାଣୀକୁ ୨୫ବର୍ଷ ଅତିବାହିତ ହେଲା ଏହା ପୂରଣ ହେବା ସମ୍ବନ୍ଧରେ ହଜୁର ଆ.ସ ସ୍ୱୟଂ କୁହନ୍ତି-

ଅଲ୍ଲାଃତାଲା ଉକ୍ତ ଭବିଷ୍ୟବାଣୀକୁ ପୂରଣ କରିବା ନିମନ୍ତେ ନିଜ ଭକ୍ତମାନଙ୍କୁ ମୋ ନିକଟକୁ ମୋଡ଼ିଦେଲେ ଏବଂ ସେମାନେ ଦଳ ଦଳ ହୋଇ କାଦିଆନ ଆସିଲେ ଏବଂ ଲୋକେ ଅର୍ଥ, ସାମଗ୍ରୀ ଓ ଏଭଳି ବହୁଳ ପରିମାଣରେ ଉପହାର ପ୍ରଦାନ କଲେ ଏବଂ ଏପର୍ଯ୍ୟନ୍ତ ଦେଇଚାଲିଛନ୍ତି ଯାହାକୁ ଗଣନା କରିବାକୁ ମୁଁ ଅସମର୍ଥ ।

ଆପଣ କୁହନ୍ତି କେତେକ ମୌଲବିମାନେ ଏଥିରେ ବାଧକ ସାଜିଥିଲେ ଏବଂ ସେମାନେ ପାରୁପର୍ଯ୍ୟନ୍ତ ଏ ଚେଷ୍ଟା କଲେ କି ଯେପରି ଲୋକେ ମୋ ନିକଟକୁ ନଆସନ୍ତୁ, କିନ୍ତୁ ସେମାନେ ନିଜର ସମସ୍ତ ଚେଷ୍ଟାରେ ଅସଫଳ ହେଲେ ଏବଂ ଶେଷରେ ପରିଣାମ ଏହା ହେଲା କି ମୋ ଜମାଅତ ପଞ୍ଜାବର ସମସ୍ତ ସହର ଓ ଗ୍ରାମରେ ପ୍ରସାରିତ ହୋଇଗଲା ଏବଂ ଭାରତ ବର୍ଷର ବିଭିନ୍ନ ପ୍ରଦେଶରେ ଏହି ଚାରା ରୋପିତ ହୋଇଗଲା ଏପରିକି ୟୁରୋପ ଓ ଆମେରିକାର କେତେକ ଇଂରେଜ ଇସଲାମ ସହ ପରିଚିତ ହୋଇ ଜମାଅତର ଅନ୍ତର୍ଭୁକ୍ତ ହେଲେ ଏବଂ ଏଭଳି ଦଳ ଦଳ ହୋଇ ଲୋକେ କାଦିଆନ ଆସିଲେ ଯେ ଘୋଡ଼ାଗାଡ଼ିର ବହୁଳ ଯିବା ଆସିବା ହେବା ଯୋଗୁ କାଦିଆନର ରାସ୍ତା ଭାଙ୍ଗିଗଲା ।

ହଜୁର ଆ.ସ କୁହନ୍ତି ଏହି ଭବିଷ୍ୟବାଣୀ ଉପରେ ଗଭୀର ଅନୁଧ୍ୟାନ କରିବା ଉଚିତ୍ ଏବଂ ବେଶ୍ ମଗ୍ନତାର ସହିତ ଚିନ୍ତା କରିବା ଉଚିତ୍ କାହାକୁ ବା ଜଣାଥିଲା ଏବଂ କାହାର ଧାରଣା ଥିଲା କି ଯେତେବେଳେ ମୁଁ ଏକ ଛୋଟ ବୀଜ ସଦୃଶ ବୁଣାଯାଇଥିଲି ଏବଂ ଏହାପରେ ଶହସ୍ର ଲୋକଙ୍କ ଗୋଡ଼ତଳେ ଦଳାଚକଟା ହେଲି ଏବଂ ଏହି ଛୋଟ ଲତାଟି ଉପରେ ଝଡ଼ ତୋଫାନ୍ ଆସିଲା ପୁଣି ବିରୁଦ୍ଧାଚରଣର ଏକ ସ୍ରୋତ ବହିଚାଲିଲା କିନ୍ତୁ ତଥାପି ସେ ସବୁରୁ ମୁଁ ରକ୍ଷା ପାଇଲି ଏବଂ ସେହି ବୀଜ ଅଲ୍ଲାଃଙ୍କ କୃପାରୁ ନଷ୍ଟ ହେଲା ନାହିଁ ବରଂ ବଢିଲା ଫୁଲିଲା ଏବଂ ଆଜି ଏକ ବିରାଟ ବୃକ୍ଷରେ ପରିଣତ ହୋଇଯାଇଛି । ଯାହାର ଛାଇ ତଳେ ଲକ୍ଷାଧିକ ଲୋକେ ଆରାମ କରୁଛନ୍ତି ଏସବୁ ଅଲ୍ଲାଃଙ୍କ କାର୍ଯ୍ୟ ଅଟେ ଯାହା ନିକଟରେ ପହଂଚିବା ମଣିଷର ସମର୍ଥ ବାହାରେ । (ହକିକତୁଲ୍ ଓହି ପୃଷ୍ଠା- ୨୪୯)

ମହାଶୟ ! ଏହା ୧୯୦୭ମସିହାର କଥା କିନ୍ତୁ ଆଜିକା ଦିନରେ ବର୍ଷ ସାରା ବହୁ ସଂଖ୍ୟାରେ ଲୋକେ ମସିହ ମଉଦ ଆ.ସଙ୍କ ପବିତ୍ର ଜନ୍ମପୀଠ କାଦିଆନକୁ ଅତିଥିମାନେ ଆସୁଛନ୍ତି ବିଶେଷକରି ବାର୍ଷିକ ଧର୍ମ ସମ୍ମିଳନୀ ଅବସରରେ ସମଗ୍ର ବିଶ୍ୱରୁ ଶହସ୍ର ସଂଖ୍ୟାରେ ପ୍ରଜ୍ୱଳିତ ଦ୍ୱୀପ ଅହେମଦିୟତ୍‌ର ପରୱାନାମାନେ (ଅହେମଦୀ ପ୍ରେମୀ) ହଜରତ ମସିହ ମଉଦ ଆ.ସଙ୍କ ପବିତ୍ର ବସ୍ତିକୁ ଟାଣିହୋଇ ଚାଲିଆସୁଛନ୍ତି ।

**ଆର୍ଥିକ ସାହାଯ୍ୟ-**

ସମ୍ମାନନୀୟ ଶ୍ରୋତାବୃନ୍ଦ ! ଅଲ୍ଲାଃତାଲା ସେହି ଭବିଷ୍ୟବାଣୀରେ ଏହା ମଧ୍ୟ ଦର୍ଶାଇଥିଲେ କି ଅଲ୍ଲାଃ ସ୍ୱୟଂ ତୁମର ସାହାଯ୍ୟ କରିବେ ଏବଂ ଏପରି ଲୋକେ ତୁମର ସାହାଯ୍ୟ କରିବେ ଯାହାଙ୍କୁ ଆମେ ଆକାଶରୁ ନିର୍ଦ୍ଦେଶ ଦେବୁ ।

ଏପରି ସମୟ ଥିଲା ଯେତେବେଳେ ଆପଣଙ୍କ ଭାଉଜ ନିଜ ରୋଷେଇ ଘରୁ ବଂଚିଯାଇଥିବା ବଳକା ଖାଦ୍ୟ ଆପଣଙ୍କ ନିକଟକୁ ପଠାଉ ଦେଉଥିଲେ । କିନ୍ତୁ ଅଲ୍ଲାଃଙ୍କ ଭବିଷ୍ୟବାଣୀ ମୁତାବକ ଆଜି ଶହସ୍ର ପରିବାର ଆପଣଙ୍କ ଭୋଜନାଳୟରୁ ଉପକୃତ ହେଉଛନ୍ତି । ଏହି ପୁରସ୍କାରର ଚର୍ଚ୍ଚା କରି ଆପଣ ନିଜର ଏକ ଆରବୀ ପଦ୍ୟରେ କୁହନ୍ତି-

لُفَاظَاتُ الْمَوَائِدِ كَانَ اُكُلِى
فَصِرْتُ الْيَوْمَ مِطْعَامَ الْاَهَالِى

ଲୁଫାଜାତୁ ମୱାଇଦି .......ଇହାଲି

ଅର୍ଥାତ ସମୟ ଥିଲା ଯେତେବେଳେ ମାଏଦା (ଖାଦ୍ୟ ଖାଇବା ସ୍ଥାନ)ରେ ବଂଚି ରହିଥିବା ଟୁକୁଡ଼ା ମୋର ଖାଦ୍ୟ ଥିଲା କିନ୍ତୁ ଆଜି ଏପରି ଅବସ୍ଥା ହୋଇଛି ଯେ ଅନେକ ପରିବାର ମୋ ଭୋଜନାଳୟରୁ ଖାଦ୍ୟ ଗ୍ରହଣ କରୁଛନ୍ତି ।

ଆଉ ଏକ ସମୟ ଥିଲା କି ବାର୍ଷିକ ଜଲସା ଅବସରରେ ଅତିଥିମାନଙ୍କୁ ଖାଦ୍ୟ ଖୁଆଇବା ନିମନ୍ତେ ଆପଣ ଆ:ସଙ୍କ ନିକଟରେ ଅର୍ଥର ଅଭାବ ଥିଲା । ହଜୁର ନିଜ ଶ୍ୱସୁର ଶ୍ରୀମାନ ମିର୍ ନାସିର ନୱାବ ସାହେବଙ୍କୁ କହିଲେ-

"ମୋ ପତ୍ନୀଙ୍କର କୌଣସି ଅଳଙ୍କାର ବିକ୍ରି କରି ଅତିଥିମାନଙ୍କ ଖାଇବାର ବ୍ୟବସ୍ଥା କରନ୍ତୁ କିନ୍ତୁ ଅଲ୍ଲାଃଙ୍କ ପ୍ରଦତ୍ତ ସୁସମ୍ବାଦ ମୁତାବକ ଆଜି ବିଶ୍ୱର ବିଭିନ୍ନ ଦେଶରେ କାଦିଆନର ଜଲସା ଶୈଳୀରେ ଗୋଟିଏ ଗୋଟିଏ ଜଲସାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଅଛି ଏବଂ ହଜରତ ମସିହ ମଉଦ ଆ.ସଙ୍କ ପ୍ରଚଳିତ ଲଙ୍ଗରଖାନାର ଶାଖା ବିଭିନ୍ନ ଦେଶରେ ଗଢିଉଠିଛି । ପୁଣି ଏପରି ସମୟ ଥିଲା ଯେତେବେଳେ ବରାହିନେ ଅହେମଦିୟାର ପ୍ରକାଶନ ନିମନ୍ତେ ସ୍ୱୟଂ ଆପଣଙ୍କୁ ଅମୃତସର ଯିବାକୁ ପଡୁଥିଲା ଏବଂ ତାହାର ପ୍ରକାଶନ ଖର୍ଚ୍ଚ ବହନ କରିବା ନେଇ ଆପଣ ଚିନ୍ତିତ ରହୁଥିଲେ କିନ୍ତୁ ଆଜି ଅଲ୍ଲାଃଙ୍କ କୃପାରୁ ଆପଣଙ୍କ ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ ଜମାଅତ ବର୍ଷକୁ କୋଟି ନୁହେଁ ବରଂ ଅରବ ଅରବ ଟଙ୍କା ଖର୍ଚ୍ଚ କରୁଅଛି । ଆଜି ବିଶ୍ୱବାସୀ ଏସବୁ ଦେଖି ଆଚମ୍ଭିତ ହେଉଛନ୍ତି କି ଗୋଟିଏ ଛୋଟ ଗରିବ ଜମାଅତକୁ ଏଭଳି ଅର୍ଥ କେଉଁଆଡୁ ଆସୁଅଛି । ସାଂସାରିକ ଭାବନା ରଖୁଥିବା ଲୋକଙ୍କୁ ଯେତେବେଳେ କିଛି ବୁଝାପଡ଼ି ନଥାଏ ସେତେବେଳେ ସେମାନେ କହିଦେଇଥାନ୍ତି କି ଏମାନଙ୍କୁ ଇସ୍ରାଇଲ୍ ଦେଶ ସାହାଯ୍ୟ କରୁଅଛି ଏକଦା ଏପରି ଏକ ଅବସରରେ ଜମାଅତର ତୃତୀୟ ଖଲିଫା କହିଲେ-

ଆମର ସମ୍ପତି ଆମେରିକା କିମ୍ବା କାନାଡ଼ାର ଡ଼ଲାର ନୁହେଁ ନା ପାଶ୍ଚାତ୍ୟ ଓ ବ୍ରିଟେନ୍‌ର ପାଉଣ୍ଡ ଅଟେ ବରଂ ଆମ୍ଭର ସମ୍ପତି ତ ସେହି ନିଷ୍ପାପର ହୃଦୟ ଅଟନ୍ତି ଯାହାକି ଏକ ପ୍ରଜ୍ୱଳିତ ଛାତିରେ କାର୍ଯ୍ୟ କରୁଅଛି । ଯେପର୍ଯ୍ୟନ୍ତ ଆମ ପାଖରେ ଏପରି ହୃଦୟ ରହିଥିବ ଏବଂ ଯେପର୍ଯ୍ୟନ୍ତ ଏଭଳି ଛାତିଙ୍କ ସଂଖ୍ୟା ବଢିଚାଲିଥିବ ଅର୍ଥାଭାବ ପାଇଁ କୌଣସି ଭୟ ନାହିଁ । ଆବଶ୍ୟକ ପଡ଼ିଲେ ଅଲ୍ଲାଃ ଆକାଶ ମାର୍ଗରୁ ଟଙ୍କା ବର୍ଷା କରିବେ । (ଖୁତବା ଜୁମା ୨୧ମାର୍ଚ୍ଚ ୧୯୭୫)

ଶ୍ରୋତାଗଣ ! ବର୍ତମାନ ଏ ଅଧମ ଏକ ଏଭଳି ଭବିଷ୍ୟବାଣୀର ଚର୍ଚ୍ଚା କରିବ ଯାହାର ପ୍ରକାଶ ହଜରତ ମସିହ ମଉଦ ଆ.ସଙ୍କ ସମୟଠାରୁ ଆଜି ପର୍ଯ୍ୟନ୍ତ ଅତ୍ୟନ୍ତ ଭବ୍ୟତାର ସହିତ ପୂରଣ ହୋଇଚାଲିଛି ହଜରତ ମସିହ ମଉଦ ଆ.ସଙ୍କୁ ଅଲ୍ଲାଃତାଲା ସୁସମ୍ବାଦ ଦେଇ କହିଲେ "ମୁଁ ତୁମ ପ୍ରଚାରକୁ ପୃଥିବୀର କୋଣେ ଅନୁକୋଣେ ପହଂଚାଇଦେବି"(ତଜକିରା ପୃ-୨୬୦, ଏଲହାମ୍ - ୧୮୯୮)

ଏହା ୧୮୯୮ ମସିହାର ଐଶ୍ୱରିକବାଣୀ ଅଟେ ସେତେବେଳେ ଆପଣଙ୍କ ଅନୁଗାମୀଙ୍କ ସଂଖ୍ୟା ଅଳ୍ପ କିଛି ହଜାର ଭିତରେ ସିମୀତ ଥିଲା । ଏ ଦୃଷ୍ଟିରୁ ଏହା ଏ ମହାନ୍ ପେଶଗୋଇ ରୂପେ ଅଭିହିତ ହେବ । କାରଣ ଆଜି ଜମାଅତ ବିଶ୍ୱର ୨୧୦ ଗୋଟି ଦେଶରେ ପ୍ରସାର ଲାଭ କରିସାରିଲାଣି ଏବଂ ଜମାଅତର ସଦସ୍ୟଙ୍କ ସଂଖ୍ୟା ଶହସ୍ରରୁ ବାହାରି କୋଟିରେ ପହଂଚିଗଲାଣି ।

ସମ୍ମାନନୀୟ ଶ୍ରୋତାଗଣ ! ଅଲ୍ଲାଃତାଲା ନିଜ ଅଙ୍ଗୀକାର ମୁତାବକ ଅର୍ଥାତ୍ "ମୁଁ ତୁମ ପ୍ରଚାରକୁ ପୃଥିବୀର କୋଣେ କୋଣେ ପହଂଚାଇଦେବି" । ଜମାଅତର ପ୍ରଚାର ନିମନ୍ତେ ବିଭିନ୍ନ ମାଧ୍ୟମ ପ୍ରଦାନ କରିଛନ୍ତି । ଉଦାହରଣ ସ୍ୱରୂପ ଆଜି ଖଲିଫାଙ୍କ ନେତୃତ୍ୱରେ ଇସଲାମର ପ୍ରଚାରକୁ ପୃଥିବୀର କୋଣ ଅନୁକୋଣେ ପହଂଚାଇବାକୁ ବିଶ୍ୱର ବିଭିନ୍ନ ସ୍ଥାନରେ ଅନେକ କାର୍ଯ୍ୟାଳୟ ସ୍ଥାପନ କରାଯାଇଅଛି । ଶହସ୍ର ଉସର୍ଗୀ, ମୁବଲିଗ୍ ଓ ମୁଅଲ୍ଲିମ୍ ପ୍ରଚାର ଓ ପ୍ରକାଶନ କାର୍ଯ୍ୟରେ

ଦିବାରାତ୍ରି ଲାଗିରହିଛନ୍ତି । ବିଶ୍ୱର ବିଭିନ୍ନ ଭାଷାରେ ପତ୍ରିକା ପ୍ରକାଶନ ନିମନ୍ତେ ଆଧୁନିକ ଛାପାକଳମାନ ସ୍ଥାପନ କରାଯାଇଛି । ବର୍ତମାନ ସୁଧା ୭୫ଟି ଭାଷାରେ ପବିତ୍ର କୋରାନର ଅନୁବାଦ ପ୍ରକାଶ ହୋଇସାରିଲାଣି । ସବୁଠାରୁ ବଳି ଆନ୍ତର୍ଜାତିକ ମୁସଲିମ୍ ଟେଲିଭିଜନ ଅହେମଦିୟା ପ୍ରତିଷ୍ଠା ହୋଇଅଛି, ଯାହାର ତିନିଗୋଟି ଚ୍ୟାନେଲ ସମଗ୍ର ବିଶ୍ୱରେ ୨୪ଘଂଟା ଏହି ପ୍ରସାରଣ କରୁଅଛି । *"ଇସମଉ ଶୌତସ ସମା....ଜାଅଲ୍ ମସିହ୍ ଜାଅଲ୍ ମସିହ୍"* ।

ଶ୍ରୋତାଗଣ ! ଆଜି ଏହି ଏମ.ଟି.ଏର ବରକତରେ ଆନ୍ତର୍ଜାତିକ ଅହେମହିୟା ଜମାଅତ ଉପରେ ପ୍ରତ୍ୟେକ ଜୁମାରେ ଏକ ନୂତନ ବୈଭବ ଉଦୟ ହେଉଅଛି ଏବଂ ସଂସାରର ୨୧୦ ଗୋଟି ଦେଶରେ ଜମାଅତର ମସଜିଦ୍ ଓ ନମାଜ ସେଂଟର ତଥା ନିଜ ନିଜ ଘରେ ବସି ଦରୁଦ୍ ଶରିଫ୍ ପଢ଼ି ନିଜ ପ୍ରିୟ ଆକାଙ୍କ ଖୁତବା ଶୁଣିବା ପ୍ରତିକ୍ଷାରେ ବସିରହୁଛନ୍ତି । ବର୍ତମାନ କେହି କୁହନ୍ତୁ କି ଏଭଳି ଅନ୍ୟ କାହାର ଖୁତବାକୁ ଆଗ୍ରହ ଓ ଆବେଗପୂର୍ଣ୍ଣତାର ସହ ଶୁଣାଯାଉଅଛି କି? କିମ୍ୱା କାହାର ବାର୍ତା ଏଭଳି ସଂସାରର କୋଣେ କୋଣେ ପହଂଚୁଅଛି କି?

ଶ୍ରୋତାଗଣ ! ଯଦିଓ ହଜରତ ମସିହ ମଉଦ ଆ.ସଙ୍କ ଜୀବନରେ ଏହି ବାର୍ତା ଭାରତବର୍ଷରୁ ବାହାରି ବିଭିନ୍ନ ଦେଶରେ ପହଂଚି ଯାଇଥିଲା । କିନ୍ତୁ ଆଜି ପଂଚମ ଖଲିଫାଙ୍କ ସମୟରେ ଜମାଅତ ଉପରେ ଅଲ୍ଲାଃଙ୍କ କୃପା ଓ ପୁରସ୍କାରର ଏଭଳି ମୁସଳାଧାର ବର୍ଷା ହେଉଅଛି ଯାହାର ଗଣନା କରିବା ସମ୍ଭବ ନୁହେଁ । ପଂଚମ ଖଲିଫାଙ୍କ ନେତୃତ୍ୱରେ ଜମାଅତ ଉନ୍ନତିର ନୂତନ ଲକ୍ଷ ହାସଲ କରିଚାଲିଛି ।

ହଜୁର ଅନଓ୍ୱର ଅ.ବ ଇସଲାମର ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ବ୍ରିଟିସ୍, ଡ଼ଚ୍ ଓ ୟୁରୋପର ପାର୍ଲିଆମେଂଟରେ ତଥା ଜର୍ମାନୀର ସାମରୀକ ମୂଖ୍ୟାଳୟ, କ୍ୟାପିଟଲ୍ ହିଲ ଆମେରିକା ଓ ଅନେକ ଶାନ୍ତି ସମ୍ମିଳନୀ ମାନଙ୍କରେ ଆପଣଙ୍କ ବକ୍ତୃତା ମାଧମରେ ଜମାଅତର ବାର୍ତା ପହଂଚିସାରିଲାଣି । ଇସଲାମର ଶାନ୍ତିପୂର୍ଣ୍ଣ ଶିକ୍ଷା ଉପରେ ଆଧାରିତ ଆପଣଙ୍କ ବାର୍ତା ୟୁରୋପ ଓ ଆମେରିକାର ବିଦ୍ୱାନ ଓ ସାଧାରଣ ତଥା ବିଶେଷ ଲୋକମାନଙ୍କୁ ଇସଲାମ ସମ୍ୱନ୍ଧରେ ନିଜର ଚିନ୍ତାଧାରା ବଦଳାଇବାକୁ ବାଧ କରିଦେଇଛି ।

ସମ୍ମାନନୀୟ ଶ୍ରୋତାଗଣ ! ଆଜି ସଂସାରୀ, ଅଜ୍ଞାନୀ ଓ ଶତ୍ରୁତାରେ ଜଳୁଥିବା ମୌଲବିମାନେ ଚିନ୍ତା କରୁଅଛନ୍ତି କି ଜମାଅତକୁ ୟୁରୋପର ସାହାଯ୍ୟ ମିଳୁଅଛି ଓ ଏଥିରେ ସେମାନେ ରକ୍ତରଞ୍ଜିତ ହୋଇଉଠୁଛନ୍ତି । ସମ୍ଭବତଃ ସେମାନେ (ନିଜ) ସାଂସାରିକ ଚଷମା ବାହାର କରି ଅନୁଧ୍ୟାନ କଲେ ଜାଣିପାରିବ ଯେ, ଜମାଅତକୁ ୟୁରୋପର ନୁହେଁ ବରଂ ଅଲ୍ଲାଃଙ୍କ ସାହାଯ୍ୟ ଓ ସହଯୋଗ ହାସଲ ଅଛି । ପ୍ରକୃତରେ ସେମାନଙ୍କ ଅଂଟା ଭାଙ୍ଗିଯାଇଛି ଓ ସେମାନଙ୍କ ସାହସ ସରିଗଲାଣି । ପ୍ରତ୍ୟେକ ଦିଗରୁ *କୁଲ୍ଲୁହୁମ୍ ଫିନ୍ ନା'ର୍* ଦୃଶ୍ୟମାନ ହେଉଅଛି । ସେମାନେ ଈର୍ଷାର ଅଗ୍ନିରେ ଜଳୁଛନ୍ତି ସେମାନଙ୍କ ଭାଗ୍ୟରେ କେବଳ ଅନ୍ୟକୁ ଦେଖି ଜଳିବା ଓ ଜଳି ଭଷ୍ମ ହେବା ଲେଖାଅଛି ।

ହଜରତ ମସିହ ମଉଦ ଆ.ସ ଅଲ୍ଲାଃଙ୍କ ପ୍ରତିଶୃତି ଆଧାରରେ ବେଶ୍ ଦୃଢତାର ସହିତ କୁହନ୍ତି–

ହେ ସମସ୍ତ ଲୋକମାନେ ଶୁଣିରଖ ! ଏହା ସେହି ସର୍ବ ଶକ୍ତିମାନର ଭବିଷ୍ୟବାଣୀ ଯିଏ ପୃଥିବୀ ଓ ଆକାଶକୁ ସୃଷ୍ଟି କରିଛନ୍ତି ସେ ନିଜର ଏହି ଜମାଅତକୁ ସମ୍ପୂର୍ଣ୍ଣ ବିଶ୍ୱରେ ପ୍ରସାର କରିଦେବେ ଓ ଦଲିଲ୍(ପ୍ରମାଣ)ଦ୍ୱାରା ସମସ୍ତଙ୍କ ଉପରେ (ଜମାଅତକୁ) ବିଜୟ ପ୍ରଦାନ କରିବେ । ସେହି ଦିନ ଆସୁଅଛି ବରଂ ଅତି ନିକଟରେ ଅଛି କି ସଂସାରରେ କେବଳ ଏହି ଗୋଟିଏ ଧର୍ମ ରହିଯିବ ଯାହାକୁ ସମ୍ମାନ ଦୃଷ୍ଟିରେ ଦେଖାଯିବ । ଅଲ୍ଲାଃ ଏହି ଧର୍ମ ଓ ଜମାଅତକୁ ଅତ୍ୟନ୍ତ ଉଚ୍ଚ ସ୍ତର ଓ ବରକତ୍ ପ୍ରଦାନ କରିବେ ଏବଂ ସେ ସମସ୍ତଙ୍କୁ ଯେ ଏହାକୁ ନଷ୍ଟ କରିବାକୁ ଚେଷ୍ଟା କରିବ ଅସମର୍ଥ କରିଦେବ । ଏହି ବିଜୟ ସଦାସର୍ବଦା ପାଇଁ ରହିବ ଶେଷରେ ସେହି ପ୍ରଳୟକାରୀ ଦିବସ ଆସିଯିବ । (ରୁହାନି ଖଜାଇନ୍ ଭାଗ-୨୦ ପୃ-୬୬)

**ସତର୍କସୂଚକ ଭବିଷ୍ୟବାଣୀ ଓ ବିରୋଧିମାନଙ୍କ କୁପରିଣତି**

ଶ୍ରୋତାଗଣ ! ବର୍ତମାନ ମୁଁ ନିଜ ବକ୍ତୃତାର ଦ୍ୱିତୀୟ ଭାଗ ଅର୍ଥାତ ସତର୍କସୂଚକ ଭବିଷ୍ୟବାଣୀ ମଧ୍ୟରୁ କିଛି ଚର୍ଚ୍ଚା କରୁଅଛି ।

ଅଲ୍ଲାଃତାଲା ପବିତ୍ର କୋରାନରେ କୁହନ୍ତି –

كَتَبَ اللّٰهُ لَاَغْلِبَنَّ اَنَا وَرُسُلِي

*କତବଲ୍ଲାହୁ ଲାଅଗ୍‌ଲିବନ୍ନା ଅନା ଓ ରୁସୁଲି*

ଅର୍ଥାତ ଅଲ୍ଲାଃ ଏହା ଧାର୍ଯ୍ୟ କରିସାରିଛନ୍ତି କି ମୁଁ ଓ ମୋ ଅବତାରମାନେ ହିଁ ଜୟଯୁକ୍ତ ହେବୁ । ଅବତାରଙ୍କ ଶତ୍ରୁମାନଙ୍କ ସମ୍ୱନ୍ଧରେ କହିଲେ–

اِنَّا مِنَ الْمُجْرِمِيْنَ مُنْتَقِمُوْنَ

*ଇନ୍ନା ମିନଲ୍ ମୁଜରିମିନା ମୁନ୍ ତକିମୁନ୍*

ଅର୍ଥାତ ଅପରାଧିମାନଙ୍କୁ ଦଣ୍ଡ ନଦେଇ ଆମେ ଛାଡ଼ିବୁ ନାହୁଁ ।

ନିଜର ଏହି ଚିରାଚରିତ ନିୟମ ଅନ୍ତର୍ଗତ ଅଲ୍ଲାଃ ନିଜ ଅବତାର ହଜରତ ମସିହ ମଉଦ ଆ.ସଙ୍କୁ ଯେଉଁଠି ସର୍ବୋଚ୍ଚ ସଫଳତା ଓ ଅସଂଖ୍ୟ ସୁସମ୍ୱାଦ ମଧ୍ୟ ପ୍ରଦାନ କଲେ ସେହିଠାରେ ଆପଣଙ୍କ ଶତ୍ରୁମାନଙ୍କୁ ଧ୍ୱଂସ କରିବା ଓ ସେମାନଙ୍କୁ ଅସଫଳ ଓ ଅକୃତକାର୍ଯ୍ୟ କରି ଲଜ୍ଜିତ ମଧ୍ୟ କଲେ । ଯେପରି ସେ କୁହନ୍ତି–

اِنِّي مُهِيْنٌ مَنْ اَرَادَ اِهَانَتَكَ

*ଇନ୍ନି ମୁହିନୁ ମନ୍ ଅରାଦା ଇହାନତକା ।*

ଅର୍ଥାତ ଯେ ତୁମର ଅସମ୍ମାନ କରିବାକୁ ଚିନ୍ତା କରିବ ମୁଁ ତାହାକୁ ଅପମାନିତ କରିବି । (ତଜକିରା ପୃ- ୨୭)

ଆହୁର କହିଲେ

وَنُمَزِّقُ الْاَعْدَاءَ كُلَّ مُمَزَّقٍ

ଅର୍ଥାତ୍ ମୁଁ ତୁମ ଶତୃମାନଙ୍କୁ ଖଣ୍ଡ ଖଣ୍ଡ କରିଦେବି (ତଜକିରା ପୃ-୫୫୦)

ପୁନଶ୍ଚ କହିଲେ

يَعْصِمُكَ اللّٰهُ مِنَ الْعِدَا
وَيَسْطُوْ بِكُلِّ مَنْ سَطَا

ୟାସିମୁକା......(ଅଲ୍ଲାଃ ଶତୃମାନଙ୍କ ଠାରୁ ତୁମକୁ ବଂଚାଇବେ ଓ ପ୍ରତ୍ୟେକ ଯିଏ ତୁମକୁ ଆକ୍ରମଣ କରୁଅଛି ଅଲ୍ଲାଃ ତା ଉପରେ ଆକ୍ରମଣ କରିବେ ।

(ତଜକିରା ପୃ- ୫୫୮)

ପୁଣି କହୁଛନ୍ତି:–

اِنَّ فِرْعَوْنَ وَهَامَانَ وَ
جُنُوْدَهُمَا كَانُوْا خَاطِئِيْنَ

*ଇନ୍ନା ଫିରଅଓନା...*(ଅର୍ଥାତ୍ ଯେଉଁ ଲୋକମାନେ ଫିରୋନ୍ ଓ ହାମାନ୍ ପ୍ରକୃତିର ଅଟନ୍ତି ଓ ସେମାନଙ୍କ ସହିତ ଯେଉଁ ସେନା ଅଛନ୍ତି ସେମାନେ ଭୁଲ୍ ରାସ୍ତାରେ ଥିଲେ)

ପୁଣି କହୁଛନ୍ତି:–

اِنِّي مَعَ الْاَفْوَاجِ اٰتِيْكَ بَغْتَةً

*ଇନ୍ନି ମାଅଲ୍ ଅଫ୍‌ଓାଜି...*(ଅର୍ଥାତ୍ ମୁଁ ସମସ୍ତ ଦଳବଳ ସହିତ ଅର୍ଥାତ୍ ଫରିସ୍ତା ମାନଙ୍କ ସହିତ ନିଦର୍ଶନ ଦେଖାଇବା ପାଇଁ ଅଚାନକ ତୁମ ପାଖକୁ ଆସିବି) *(ତଜକିରା ପୃ-୪୯୪)*

ଶ୍ରୋତାଗଣ ! ଉକ୍ତ ଭବିଷ୍ୟବାଣୀରେ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କୁ ବହୁ ବର୍ଷ ପୂର୍ବରୁ ଅବଗତ କରାଇ ଦେଇଥିଲେ କି ଆପଣ ଓ ଆପଣଙ୍କ ଜମାଅତର ବିରୁଦ୍ଧାଚରଣ ହେବ । ସେମାନେ ଆପଣଙ୍କ ଲକ୍ଷ ପୂରଣ ନହେବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବେ । ଆପଣଙ୍କୁ କୁହାଗଲା କି ଏହି ବିରୁଦ୍ଧାଚରଣରେ ବ୍ୟକ୍ତି ବିଶେଷ ଓ ସଙ୍ଗଠନମାନେ ମଧ୍ୟ ମୁକାବିଲାରେ ଆସିବେ ଏବଂ ପ୍ରଶାସନ ମଧ୍ୟ ଟକ୍କର ନେବାକୁ ଚେଷ୍ଟା କରିବ କିନ୍ତୁ ସର୍ବଶକ୍ତିମାନ ଓ ଅନ୍ତର୍ଯ୍ୟାମୀ ଅଲ୍ଲାଃ ସେମାନଙ୍କୁ ନିର୍ଯାତିତ ଓ ଅପମାନିତ କରିବେ ଏବଂ ସେମାନଙ୍କ ପାରସ୍ପରିକ ସମ୍ପର୍କରେ ଫାଟ ସୃଷ୍ଟି ହେବ । ଅତଏବ ଅହେମଦିୟତ୍‌ର ଇତିହାସରେ ଗୋଟିଏ ଗୋଟିଏ ଦିନ ଏହି ତଥ୍ୟକୁ ପ୍ରମାଣିତ କରୁଅଛି କି–

ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କ ସହ କରିଥିବା ସେହି ପ୍ରତିଶୃତି ମୁତାବକ ଆଚରଣ କରିଛନ୍ତି । ନିଃସନ୍ଦେହ ଶତ୍ରୁ ନିଜର ଦାନ୍ତ କାମୁଡି କ୍ଷତି ପହଂଚାଇବା ପାଇଁ ଚେଷ୍ଟା କରିଛି ଓ ସମସ୍ତ ପ୍ରକାରର ଉଚିତ୍ ଓ ଅନିଚିତ୍ ପନ୍ଥା ଗ୍ରହଣ କରିଛି କିନ୍ତୁ ଅଲ୍ଲାଃ ସେମାନଙ୍କ ସମସ୍ତ ଯୋଜନା ପଣ୍ଡ କରି ସେମାନଙ୍କ ଉପରକୁ ଫେରାଇ ଦେଇଛନ୍ତି ଏବଂ ହଜୁର ଆ.ସ ଓ ଆପଣଙ୍କ ଜମାଅତକୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟ ପ୍ରଦାନ କରିଛନ୍ତି ।

ସୁତରାଂ ଦେଖିନିଅ ! ହଜରତ ମସିହ ମଉଦ ଆ.ସଙ୍କର ବଡ଼ ଶତ୍ରୁ ଓ ସର୍ବପ୍ରଥମ ଅମାନ୍ୟକାରୀ ମୌ. ମହମ୍ମଦ ହୁସେନ ବଟାଲୁଓ୍ୱିର କଣ ପରିଣତି ହେଲା । ଯିଏ କହିଥିଲା କି ମୁଁ ହିଁ ଏହି ବ୍ୟକ୍ତିକୁ ଉଠାଇଛି ଓ ବର୍ତମାନ ମୁଁ ହିଁ ତାହାକୁ ତଳିତଳାନ୍ତ କରିଦେବି । କିନ୍ତୁ ଆଜି ସମଗ୍ର ବିଶ୍ୱରେ ଅଲ୍ଲାଃ ହଜରତ ମସିହ ମଉଦ ଆ.ସ ଓ ଆପଣଙ୍କ ଜମାଅତକୁ କିଭଳି ସମ୍ମାନ ଓ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । କିନ୍ତୁ ମୌ. ମହମ୍ମଦ ହୁସେନକୁ କିଭଳି ଅପମାନିତ କରି ଏକ ତରଫା କରିଦେଇଛନ୍ତି । ଆଜି ସମ୍ପୂର୍ଣ୍ଣ ବଟାଲାରେ ଯାଇ ମୌ. ମହମ୍ମଦ ହୁସେନଙ୍କ ସମ୍ୱନ୍ଧରେ ପଚାର ! କେହି ତାଙ୍କ ନାମ ମଧ୍ୟ ଜାଣନ୍ତି ନାହିଁ ଓ କେହି କହିପାରିବେ ନାହିଁ କି ତାଙ୍କ ଘର କେଉଁଠାରେ ଥିଲା ଏବଂ ତାଙ୍କୁ କେଉଁଠାରେ ସମାଧି ଦିଆଯାଇଛି । କିନ୍ତୁ ହଜୁର ଆ.ସଙ୍କ ବାର୍ତା ଆଜି ସମଗ୍ର ବିଶ୍ୱରେ ଗୁଞ୍ଜରଣ କରୁଅଛି ଏବଂ ସମଗ୍ର ବିଶ୍ୱରୁ ଆପଣଙ୍କ ପାଇଁ ଜୀବନ ଉତ୍ସର୍ଗ କରିବା ନିମନ୍ତେ କୋଟି କୋଟି ଲୋକ ଉପସ୍ଥିତ ଅଛନ୍ତି ।

ଏହିପରି ମୌ. ସନାଉଲ୍ଲାଃ ଅମୃତସରୀ ଯେ ନିଜକୁ କାଦିଆନ ବିଜୟୀ କହୁଥିଲା ହଜୁର ଆ.ସଙ୍କ ମୁବାହିଲାର ନିମନ୍ତ୍ରଣକୁ ସ୍ୱୀକାର କରିନପାରି ବାରମ୍ୱାର ଲେଖୁଥିଲା କି ସତ୍ୟବାଦୀଙ୍କ ଜୀବଦଶାରେ ମିଥ୍ୟାବାଦୀଙ୍କ ମୃତ୍ୟୁବରଣ ହେବା, ସତ୍ୟବାଦୀର କୌଣସି ପ୍ରମାଣ ନୁହେଁ । ବରଂ ମିଥ୍ୟାବାଦୀର ଉଦାହରଣ ଦେଇ କହିଲେ କି କୋରାନରୁ ପ୍ରମାଣିତ କି ମିଥ୍ୟାବାଦୀ ଦୀର୍ଘଜୀବି ହୋଇଥାନ୍ତି । ଅତଃ ଏହିପରି ହିଁ ହେଲା ତାହାକୁ ଦୀର୍ଘ ଜୀବନ ମିଳିଲା ଏବଂ ହଜରତ ମସିହ ମଉଦ ଆ.ସଙ୍କ ଦେହାନ୍ତ ପରେ ସେ ଅତ୍ୟନ୍ତ ଉତ୍କଣ୍ଠାରେ କହିଲା କି ସମ୍ଭବତଃ ବର୍ତମାନ ମିର୍ଜା ସାହେବଙ୍କ ସମସ୍ତ ପୁସ୍ତକଗୁଡ଼ିକୁ ଏକତ୍ରିତ କରି ଜଳାଇ ଦିଆଯିବା ଉଚିତ୍ ଯଦ୍ୱାରା ତାଙ୍କର ନାମ ନେବାବାଲା କେହି ରହିବେ ନାହିଁ । ତାହାର ପରିଣାମ ଏପରି ହେଲା କି ୧୯୪୭ ମସିହାର ବିଶୃଙ୍ଖଳା ସମୟରେ ତାଙ୍କ ଉପସ୍ଥିତିରେ ତାଙ୍କର ଏକ ମାତ୍ର ପୁତ୍ରକୁ (ଉପଦ୍ରବୀମାନେ) ବଳି ଦେଇ ମାରିଦେଲେ । ତାହାର ନିଜସ୍ୱ ପୁସ୍ତକାଳୟକୁ ତା ଆଖି ଆଗରେ ଜାଳିଦେଲେ ଯାହାକି ତାହାର ଅତ୍ୟନ୍ତ ପ୍ରିୟ ଥିଲା ଏବଂ ସେ ଅସଫଳ ଓ ଅକୃତକାର୍ଯ୍ୟ ହୋଇ ପୂର୍ଣ୍ଣ ଅଭିଳାଶା ନେଇ ଏହି

ସଂସାରରୁ ବିଦାୟ ନେଲା ଏବଂ ଅହେମଦିୟତ୍‌ର କୌଣସି କଥା କରିପାରିଲା ନାହିଁ ।

ଶ୍ରୋତାଗଣ ! ଏହି ଅବସରରେ ଅଧମ ସଂକ୍ଷିପ୍ତ ଭାବରେ କିଛି ଅନିଷ୍ଟକାରୀଙ୍କ ନାମ ଚର୍ଚ୍ଚା କରିଦେଉଛି ଯେଉଁମାନେ ହଜରତ ମସିହ ମଉଦ ଆ.ସଙ୍କ ବିନାଶ ହେବାର ସ୍ୱପ୍ନ ଦେଖୁଥିଲେ । ଆଉ କେତେକ ଆପଣଙ୍କ ଅମଙ୍ଗଳ କାମନା କରି ଦୁଆ କରୁଥିଲେ । ଆଉ କେତେକ ମୁବାହିଲା (ଧର୍ମତର୍କ) କରି ଏହି ସଂସାରରୁ ବିଦାୟ ନେଲେ ଯେପରି ମୌ. ନଜିର ହୁସେନ ଦେହ୍‌ଲଓ୍ୱି, ମୌ. ଗୁଲାମ ଦସ୍ତଗିର କୁସୁରି, ମୌ. ରଶିଦ୍ ଅହେମଦ୍ ଗଙ୍ଗୋହି, ଶାହ ଦିନ ଲୁଧୟାନୁଓ୍ୱି, ଆମେରିକାର ଜନ୍ ଆଲେକଜାଣ୍ଡାର ଡୁଇ, ମୌ. ଅବଦୁଲ୍ ମଜିଦ ଦେହ୍‌ଲଓ୍ୱି, ସାଦୁଲ୍ଲାଃ ଲୁଧୟାନୁଓ୍ୱି, ମୌ. ଅବଦୁଲ୍ ଅଜିଜ୍ ଓ ମୌ. ଅବଦୁଲ୍ଲାଃ ଇତ୍ୟାଦି ଏମାନେ ସମସ୍ତେ ମୁବାହିଲା କରି ଦୁର୍ଦଶା ଜନକ ମୃତ୍ୟୁବରଣ କରିଥିଲେ । ଏହିପରି ମହିଉଦ୍ଦିନ ଲଖୁକେ ଓ୍ୱାଲେ, ନୁର ମହମ୍ମଦ ଭଡ଼ିଚନ୍ଦ, ଚିରାଗଦ୍ଦିନ ଜମୁନି, ମୌ. ଗୁଲାମ ରସୁଲ ଅମୃତସରୀ, ଇସମାଇଲ୍ ଅଲୀଗଢୀ ଓ ମୌ. ମହମ୍ମଦ ହୁସେନ ଇତ୍ୟାଦି ସମସ୍ତେ ହଜୁର ଆ.ସଙ୍କ ଅମଙ୍ଗଳ କାମନା କରି ଏବଂ ଅଧିକାଂଶ ଏମାନଙ୍କ ମଧ୍ୟରୁ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । (ବ୍ୟାପକ ରୂପେ ଜାଣିବା ପାଇଁ ଦେଖନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସୁନ୍ଦର କୃତି ପୁସ୍ତକ "ହକିକତୁଲ୍ ଓହି")

ହଜରତ୍ ମସିହ୍ ମଉଦ୍ ଆ:ସ ଅଲ୍ଲାଃଙ୍କ ଅଙ୍ଗୀକାର ପୂରଣ ହେବାରେ କୃତଜ୍ଞତା ସ୍ୱରୂପ ପଦରେ ଲେଖିଛନ୍ତି -

*ଗଢ଼େ ମେଁ ତୁନେ ସବ୍*
*ଦୁଶ୍‌ମନ୍ ଉତାରେ*
*ହମାରେ କର୍‌ଦିଏ*
*ଊଁଚେ ମନାରେ*
*ମୁକାବିଲ୍ ପର୍ ମେରେ*
*ୟେ ଲୋଗ୍ ହାରେ*
*କାହାଁ ମରତେ ଥେ ପର୍*
*ତୁନେ ହିଁ ମାରେ*
*ଶରୀରୋଁ ପର୍ ପଡ଼େ*
*ଉନ୍‌କେ ଶରାରେ*
*ନା ଉନ୍‌ସେ ରୁକ୍ ସକେ*
*ମକ୍‌ସଦ୍ ହମାରେ*
*ଉନ୍‌ହେ ମାତମ୍ ହମାରେ*
*ଘର୍ ମେ ଶାଦି*
*ଫସୁବ୍‌ହାନଲ୍ ଲଜି*
*ଅଖ୍‌ଜଲ୍ ଅଆଦି*

ସମ୍ମାନୀୟ ଶ୍ରୋତାଗଣ ! ଏମାନେ ସେହି ପ୍ରତିଦ୍ୱନ୍ଦି ଥିଲେ ଯେଉଁମାନେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନରେ ହିଁ ଅଲ୍ଲାଃଙ୍କ ଅଙ୍ଗୀକାର ମୁତାବକ ଅପମାନିତ ଓ ନିନ୍ଦିତ ହେବାର ଗର୍ତ୍ତରେ ନିକ୍ଷେପ ହେଲେ । ଯଦିଓ ଆପଣଙ୍କ ଦେହାନ୍ତ ପରେ ମଧ୍ୟ ଅନେକ ବିଭ୍ରାଟ ଓ ବିଶୃଙ୍ଖଳା ମୁଣ୍ଡଟେକି ଥିଲା । ଯେପରିକି ୧୯୩୪ ମସିହାରେ ମଜ୍‌ଲିସ୍ ଏହେରାର୍ ଓ ଏହାରର ମାନଙ୍କ ମୁଖ୍ୟ ସୟଦ ଅତାଉଲ୍ଲା ଶାହ୍ ବୁଖାରୀ ଯିଏ ଅହେମଦୀମାନଙ୍କୁ ମସିହ୍‌ଙ୍କ ମେଣ୍ଢା କହି ପରିହାସ କରୁଥିଲା କି ଅହେମଦୀମାନଙ୍କ ମୂଳୋତ୍ପାଟନ କରିବା ନିମନ୍ତେ ଅନେକ ହାତ ଉଠିଛି, କିନ୍ତୁ ଅଲ୍ଲାଃ ତାହାର ବିନାଶ ମୋ ହାତରେ ଧାର୍ଯ୍ୟ କରିଛନ୍ତି । ସୁତରାଂ ଅଲ୍ଲାଃଙ୍କ ବିଧାନ ଅନୁଯାୟୀ ମଜ୍‌ଲିସେ ଅହେରାର ଓ ତାହାର ମୁଖ୍ୟଙ୍କ ଏଭଳି କୁପରିଣତି ଘଟିଲା କି ସଂସାରବାସୀ ତାହା ସ୍ୱଚକ୍ଷୁରେ ଦେଖିନେଲେ । ୧୯୭୪ ମସିହାରେ ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଜୁଲ୍‌ଫୁକାର ଅଲୀ ଭୁଟ୍ଟୋ ଯେଉଁ ମୌଲବୀମାନଙ୍କୁ ଖୁସିକରାଇବା ନିମନ୍ତେ ପାକିସ୍ତାନ ବିଧାନ ସଭାରେ ଅହେମଦୀମାନଙ୍କୁ ସଂଖ୍ୟାଲଘୁ କହି ମନେ ମନେ ଏହା ଭାବୁଥିଲା କି ବର୍ତ୍ତମାନ ମୋ ଆସନକୁ କେହି ଆନ୍ଦୋଳିତ କରିପାରବେ ନାହିଁ କିନ୍ତୁ *କଲ୍‌ବୁନ୍ ୟମୁତୁ ଆଲା କଲବିନ୍* ଦୃଷ୍ଟାନ୍ତ ସ୍ୱରୂପ ତାକୁ ସଂସାରର କୌଣସି ଶକ୍ତି ବିନାଶ ହେବାରୁ ରକ୍ଷା କରିପାରିଲା ନାହିଁ ।

ତା ପରେ ଆଉ ଜଣେ ସେନାଧକ୍ଷ ଯିଏ ଅହେମଦୀମାନଙ୍କୁ Cancer ନାମରେ ନାମିତ କରିଥିଲା ସେ ସାରାଜୀବନ ଅହେମଦୀମାନଙ୍କୁ କଷ୍ଟ ଦେବା ଓ ଖିଲାଫତ ବ୍ୟବସ୍ଥା ଉପରେ ହସ୍ତକ୍ଷେପ କରିବା ନିମନ୍ତେ ଏକ ଅତ୍ୟନ୍ତ ଅତ୍ୟାଚାର ଜନକ ଆଇନ୍ ପ୍ରଣୟନ କରିଥିଲା କିନ୍ତୁ ଅଲ୍ଲାଃତାଲା ଅଭୁତପୂର୍ବ ଭାବରେ ଚତୁର୍ଥ ଖଲିଫାଙ୍କୁ ସୁରକ୍ଷିତ ଭାବେ ଲଣ୍ଡନରେ ପହଂଚାଇଦେଲେ । ଦ୍ୱିତୀୟ ପାର୍ଶ୍ୱରେ ଏହି ଫିରୋନ୍‌କୁ ନିଜ ସୈନ୍ୟସାମନ୍ତ ସହ ଆଶ୍ଚର୍ଯ୍ୟଜନକ ଭାବରେ ଦୁର୍ଘଟଣାର ଶିକାର କରାଇ ଗଗନରେ ଏଭଳି ବିଛୁରିତ କରିଦେଲେ କି ତାହାର ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ମିଳିଲା ନାହିଁ । ସତ୍ୟ ଏହିକି ଯେ-ଫିରଓ୍ୱନ୍ ଓ ତାଙ୍କ ଭାମାନଙ୍କର ଏହିପରି ପରିଣତି ହୋଇଥାଏ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି-

ଏମାନେ ସମ୍ପୂର୍ଣ୍ଣ ରୂପେ ଭ୍ରମରେ ପଡ଼ିଛନ୍ତି ଓ ଏହା ସେମାନଙ୍କର ଦୁର୍ଭାଗ୍ୟ କି ଏମାନେ ମୋର ଅନିଷ୍ଟ କାମନା କରୁଛନ୍ତି । ମୁଁ ଏଭଳି ବୃକ୍ଷ ଯାହାକୁ ପରମେଶ୍ୱର ସ୍ୱୟଂ ନିଜ ହସ୍ତରେ ରୋପଣ କରିଛନ୍ତି । ଯିଏ ମୋତେ କାଟିବାକୁ ଚାହୁଁଛି ତାହାର ପରିଣାମ କାରୁନ, ୟହୁଦା ଇସ୍କ୍ରିୟୁତି ଓ ଅବୁଜହଲଙ୍କ ଠାରୁ ବେଶି ଅଧିକ କଣ ହେବ । ହେ ଲୋକମାନେ ! ଶୁଣିରଖ ମୋ ସାଥିରେ ସେହି ହାତ ରହିଛି ଯିଏ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୋ ହାତ ଛାଡିବ ନାହିଁ । ଯଦି ତୁମ ମହିଳାମାନେ ଓ ପୁରୁଷମାନେ, ତୁମ ଯୁବକ ଓ ବୃଦ୍ଧମାନେ, ତୁମ ଛୋଟ ଓ ବଡ଼ ସମସ୍ତେ ମିଳିତ ଭାବରେ ମୋ ବିନାଶ ନିମନ୍ତେ ଦୁଆ କରନ୍ତି, ଏପରିକି ସିଜଦା କରି କରି ସେମାନଙ୍କ ନାକ ନଷ୍ଟ ହୋଇଯାଏ ଓ ହାତ ଅଚଳ ହୋଇଯାଏ ତେବେ ମଧ୍ୟ ଅଲ୍ଲାଃ କଦାପି ତୁମ ଦୁଆ ସ୍ୱୀକାର କରିବେ ନାହିଁ ଏବଂ ଯେପର୍ଯ୍ୟନ୍ତ ସେ ନିଜର କାର୍ଯ୍ୟ ସମ୍ପାଦନ କରିଦେଇନାହାନ୍ତି ସେପର୍ଯ୍ୟନ୍ତ ଅଟକିଯିବେ ନାହିଁ । *(ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୪୯)*

ଶ୍ରୋତାଗଣ ! ଏ ଅଧମ ଗୋଟିଏ ବିଶିଷ୍ଟ ଭବିଷ୍ୟବାଣୀର ଚର୍ଚ୍ଚା କରିବାକୁ ଚାହେଁ-୧୮୯୬ ମସିହାର ଶେଷ ଭାଗରେ ପ୍ଲେଗ୍ ରୋଗ ମୁମ୍ବାଇ ଓ ଆଖପାଖ ଗାଁ ଗଣ୍ଡାରେ ନିଜର ପ୍ରଭାବ ବିସ୍ତାର କରିଥଲା ଏବଂ ସମସ୍ତ (ଅମୂଲ୍ୟ) ଜୀବନ ନେଇନେଲା । ଏପରି ଅବସ୍ଥାରେ କିନ୍ତୁ ପଞ୍ଜାବରେ ତାହାର ଚିହ୍ନବର୍ଣ୍ଣ ନଥିଲା । କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଖବର ଦେଲେ କି ପଞ୍ଜାବରେ ମଧ୍ୟ ପ୍ଲେଗ୍ ବିସ୍ତାର ଲାଭ କରିବ ଏବଂ ୧୮୯୮ ମସିହା ଫେବୃଆରୀ ମାସ ୬ ତାରିଖରେ କେବଳ ମାନବଜାତି ସହ ସହାନୁଭୁତି ଯୋଗୁ ଆପଣ ଏ ସମ୍ବନ୍ଧରେ ଏକ ପତ୍ରିକା ପ୍ରକାଶ କରି ଘୋଷଣା କରାଇଲେ କି ମୋତେ ଏଥି ସମ୍ବନ୍ଧରେ ଐଶରିକ ବାଣୀ ହୋଇଛି ଏବଂ ଜଣାଯାଉଛି ଅଲ୍ଲାଃଙ୍କ ଏହି ନିଷ୍ପତି ତକ୍‌ଦିରେ ମୁଅଲ୍ଲକ୍ ଅଟେ । ଯଦି ଲୋକେ ନିଜ ଅମଳ ସୁଧାରି ଦିଅନ୍ତି ଓ କ୍ଷମାପ୍ରାର୍ଥନା କରିବା ସହିତ ସଦ୍‌କା ଖୈରାତ (ଦାନଦକ୍ଷିଣା) କରନ୍ତି ତେବେ ଏହି ବିପତିରୁ ରକ୍ଷା ପାଇଯିବେ । ଆପଣ ସତର୍କ ପୂର୍ବକ କହିଲେ- ଅତ୍ୟନ୍ତ ଭୟଙ୍କର ଦିନ ଆସୁଅଛି ଏବଂ ବିପଦର ଦ୍ୱାରଦେଶରେ ଛିଡ଼ା ହୋଇଛି । *(ରୁହାନି ଖଜାଏନ୍, ଖଣ୍ଡ-୧୪୮, ପୃଷ୍ଠା-୩୬୩)*

ସମ୍ମାନୀୟ ଶ୍ରୋତାଗଣ ! ବିରୋଧିମାନେ ଉକ୍ତ ଭବିଷ୍ୟବାଣୀକୁ ନେଇ ବେଶ୍ ପରିହାସ କଲେ, ଗାଳି ଦେଲେ ଏବଂ ଭିନ୍ନ ଭିନ୍ନ ଆପତି ଅଭିଯୋଗ କଲେ କିନ୍ତୁ ଶେଷରେ ପ୍ଲେଗ୍ ପଞ୍ଜାବରେ ପ୍ରବେଶ କଲା ଏବଂ ଏଭଳି ଉତ୍ପାତ ଓ ତାଣ୍ଡବଲୀଳା କଲା କି ଯେପରି ପ୍ରଳୟ ଆସିଗଲା । ଶହସ୍ର ଗ୍ରାମ ଜନଶୂନ୍ୟ ହୋଇଗଲା ଓ ଶହ ଶହ ସହର ଖାଲି ହୋଇଗଲା ଏବଂ ଏକ କୋଟି କୋଡିଏ ଲକ୍ଷ ଜୀବନ ତା ଦ୍ୱାରା ଚାଲିଗଲା । *(ତାରିଖେ ଅହେମଦୀୟତ, ଖଣ୍ଡ-୨, ପୃଷ୍ଠା-୬)*

ଏପରି ପରିସ୍ଥିତିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଏହି ପ୍ଲେଗ୍ ଏଥିପାଇଁ ଆସିଛି କି ଅଲ୍ଲାଃଙ୍କ ପ୍ରେରିତ ଦୂତ ମସିହ୍‌ଙ୍କୁ ଅସ୍ୱୀକାର କରାଗଲା । ତାଙ୍କୁ ହତ୍ୟା କରିବାକୁ ଯୋଜନା କରାଗଲା, ତାଙ୍କର ନାମ କାଫିର (ଅମାନ୍ୟକାରୀ) ଓ ଦଜ୍ଜାଲ ରଖାଗଲା । ଅତଃ ଏହି ପ୍ରାଣଘାତକ ରୋଗ ମୋ ସତ୍ୟବାଦୀ ହେବାର ନିଦର୍ଶନ ଅଟେ । ଆପଣ କୁହନ୍ତି- "ଅଲ୍ଲାଃତାଲା ମୋତେ ଖବର ଦେଇଛନ୍ତି କି ସେ ମୋ ଜମାଅତ୍‌ର ଲୋକମାନଙ୍କୁ ପ୍ଲେଗ୍ ରୋଗରୁ ସୁରକ୍ଷିତ ରଖିବେ । ତେଣୁ ସେମାନଙ୍କୁ ଟିକା ନେବାର ଆବଶ୍ୟକତା ନାହିଁ ।

ଶ୍ରୋତାବୃନ୍ଦ ! ଏହି ଶ୍ରେଷ୍ଠତମ ଭବିଷ୍ୟବାଣୀର ଏକ ସୁନ୍ଦର ଦିଗ ଏହା ମଧ୍ୟ ଅଟେ ଯେପରି ଆପଣ କହିଲେ, ଅଲ୍ଲାଃତାଲା ମୋତେ ଖବର ଦେଇଛନ୍ତି *ଇନ୍ନହୁ ଆଓ୍ୱଲ୍ କରୟତା* ଅର୍ଥାତ୍ ସେ ଏହି ବସ୍ତି କାଦିଆନ୍‌କୁ ପ୍ଲେଗ୍‌ର ମହାମାରୀରୁ ସୁରକ୍ଷିତ ରଖିବେ । ହଜୁର୍ ଆ:ସ ନିଜ ବିରୋଧିମାନଙ୍କୁ ନିମନ୍ତ୍ରଣ କଲେ କି ଏହା ଅତ୍ୟନ୍ତ ସୁବର୍ଣ୍ଣ ସୁଯୋଗ କି ନିଜର ସତ୍ୟତା ପ୍ରତିପାଦନ କର ଏବଂ କାଦିଆନ୍ ବ୍ୟତୀତ କୌଣସି ସହରର ନାମ ନିଅ ଯାହାକି ଏହି ମହାମାରୀ ରୋଗରୁ ସୁରକ୍ଷିତ ରହିବ । ଜଣ ଜଣ ବିରୋଧିଙ୍କ ନାମ ନେଇ ଆପଣ ସେମାନଙ୍କୁ ଗୈରତ୍ ଦେଲେ । ଉଦାହରଣ ସ୍ୱରୂପ ଆପଣ କହିଲେ ଯେ- ମିଆଁ ସନ୍‌ସୁଦ୍ଦିନ୍ ଓ ତାଙ୍କର ଅଞ୍ଜୁମନ୍ ହିମାୟତେ ଇସ୍‌ଲାମ୍‌ର ସଦସ୍ୟମାନଙ୍କୁ ଆବଶ୍ୟକ ଅଛି ଯେ ସେମାନେ ଲାହୋର ସହର ପାଇଁ ପେଶ୍‌ଗୋଇ କରିଦିଅନ୍ତୁ କି ସେ ପ୍ଲେଗ୍‌ର ମହାମାରୀରୁ ସୁରକ୍ଷିତ ରହିବ । ସେହିପରି ଅବ୍‌ଦୁଲ୍ ଜବାର୍ ଓ ଅବ୍‌ଦୁଲ୍ ହକ୍‌ଙ୍କୁ କହିଲେ ଆପଣମାନେ ଅମୃତ୍‌ସର ସହର ବିଷୟରେ ଭବିଷ୍ୟବାଣୀ କରନ୍ତୁ । ପୁଣି ଦିଲ୍ଲୀରେ ଓ୍ୱହବି ମୁସଲ୍‌ମାନଙ୍କ କେନ୍ଦ୍ର ରହିଛି । ତେଣୁ ସେଠାକାର ନଜୀର ହୁସେନ୍ ଦେହେଲ୍‌ଓ୍ୱି ଓ ମୁହମ୍ମଦ୍ ହୁସେନ୍ ଦେହେଲ୍‌ଓ୍ୱି ଦିଲ୍ଲୀକୁ ସୁରକ୍ଷିତ ରଖିବା ପାଇଁ ଭବିଷ୍ୟବାଣୀ କରିବାକୁ ଆମନ୍ତ୍ରଣ କଲେ ଏବଂ ଅହେମଦ୍ ହୁସେନ୍ ଅମ୍‌ରୋହିକୁ କହିଲେ-ଆପଣଙ୍କୁ ଆବଶ୍ୟକ କି ଅମ୍‌ରୁହା ସହର ସୁରକ୍ଷିତ ରହିବା ପାଇଁ ଭବିଷ୍ୟବାଣୀ କରନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି-ମୋର ଏହି ନିଦର୍ଶନ ଅଛି କି ପ୍ରତ୍ୟେକ ବିରୋଧି ସେ ଅମ୍‌ରୁହାରେ ରୁହନ୍ତୁ ଅବା ଅମୃତସର୍‌ରେ ଅବା ଦିଲ୍ଲୀରେ ଅବା କଲିକତାରେ ଅବା ଲାହୋରରେ ଅବା ଗୋଲଡାରେ ଅବା ବଟାଲାରେ ଯଦି ସେ ନିୟମ କରି କହିଦିଏ କି ତାଙ୍କର ଅମକ ସ୍ଥାନ (ଅଂଚଳ) ପ୍ଲେଗ୍ ରୋଗରୁ ମୁକ୍ତ ରହିବ ବୋଲି ତେବେ ନିଶ୍ଚିତ ରୂପେ ସେହି ଅଂଚଳ ପ୍ଲେଗ୍ ରୋଗର ଶିକାର ହେବ । କାରଣ ସେ ଅଲ୍ଲାଃତାଲାଙ୍କ ମୁକାବିଲାରେ ଛିଡ଼ା ହୋଇ ଅସମ୍ମାନ କରିଛି ।

କିନ୍ତୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମୁକାବିଲାରେ କେହି ଆସିଲେ ନାହିଁ । ଯେତେବେଳେ କି ଆପଣ ବିଶେଷ ଭାବରେ ଏହି ନିଦର୍ଶନର ସତ୍ୟତା ଦର୍ଶାଇ କହିଲେ-ଏହି ମହାମାରୀ ପ୍ଲେଗ୍ ରୋଗ ଆମ ଜମାଅତ୍‌କୁ ବଢ଼ାଉଛି ଏବଂ ଆମ

ବିରୋଧିମାନଙ୍କ ଧ୍ୱଂସ କରୁଅଛି । ପ୍ରତି ମାସରେ ଅତିକମ୍‌ରେ ୫୦୦ ତ କେବେ ୧୦୦୦ ଓ କେବେ ୨୦୦୦ ଲୋକ ପ୍ଲେଗ୍ ରୋଗ ଯୋଗୁଁ ଆମ ଜମାଅତ୍‌ରେ ସାମିଲ୍ ହେଉଛନ୍ତି । ସୁତରାଂ ପ୍ଲେଗ୍ ଆମ ପାଇଁ ବରଦାନ ଏବଂ ଆମ୍ଭ ବିରୋଧିଙ୍କ ପାଇଁ ଅଭିଶାପ ଓ ଦଣ୍ଡ ଅଟେ । ଯଦି ଏହା ବିପରୀତ କିଛି ପ୍ରମାଣିତ ହୁଏ ତେବେ ମୁଁ ଅଲ୍ଲାଃଙ୍କ ନିୟମ କରି କହୁଅଛି ଏଭଳି ପ୍ରମାଣ ପ୍ରଦର୍ଶନକାରୀଙ୍କୁ ମୁଁ ୧୦୦୦ ଟଙ୍କା ନଗଦ ଦେବାକୁ ପ୍ରସ୍ତୁତ ଅଛି । କିଏ ଅଛି ଯେ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ଏବଂ ଆମଠାରୁ ୧୦୦୦ ଟଙ୍କା ନେବ? *(ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୫୬୮)*

### ସାସାଂରିକ ଓ ରାଜନୈତିକ କ୍ରାନ୍ତି ଓ ଇସ୍‌ଲାମ୍ ସମଗ୍ର ବିଶ୍ୱରେ ବିଜୟ ଲାଭ କରିବାର ଭବିଷ୍ୟବାଣୀ

ସମ୍ମାନୀୟ ଶ୍ରୋତାଗଣ ! ସତର୍କସୂଚକ ଭବିଷ୍ୟବାଣୀ ସମ୍ବନ୍ଧରେ ବର୍ତ୍ତମାନ ମୁଁ ସେହି ଶ୍ରେଷ୍ଠ ଭବିଷ୍ୟବାଣୀର ଏକ ସଂକ୍ଷିପ୍ତ ଆଲୋଚନା ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ଚାହୁଁଛି ଯାହାକି ସାସଂରିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତି ସୃଷ୍ଟି କରିବା ସହ ସମ୍ପର୍କୀ, ଯାହାର ପରିଣାମ ସ୍ୱରୂପ ବିଶ୍ୱର ନକ୍ସା ହିଁ ବଦଳିଗଲା ଅତଏବ୍ ସେତେବେଳେ ବିଶ୍ୱରେ ଦୁଇଟି ମହାଶକ୍ତିଶାଳୀ ଓ ଭୟଙ୍କର ଯୁଦ୍ଧର ସମ୍ମୁଖୀନ ହୋଇଥିଲା । ଉଭୟ ଯୁଦ୍ଧ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବହୁ ବର୍ଷ ପୂର୍ବରୁ ଭବିଷ୍ୟବାଣୀ କରିଥିଲେ । ଅତଏବ ୧୯୦୪ ମସିହାରେ ଯେତେବେଳେ ପାଶ୍ଚାତ୍ୟ ଶକ୍ତି ମୁକାବିଲାରେ କୌଣସି ପୂର୍ବାଂଚଳ ଶକ୍ତିର ଅନୁମାନ ହିଁ ନଥିଲା । ଅଲ୍ଲାଃ ଆପଣଙ୍କୁ ଐଶରିକ ବାଣୀ କଲେ - "ଗୋଟିଏ ପୂର୍ବାଂଚଳ ଶକ୍ତି ଓ କୋରିଆର ଦୁର୍ବଳ ଅବସ୍ଥା" ।

ଅତଃ ୧୯୧୪ ମସିହାରେ ଯେତେବେଳେ ପ୍ରଥମ ବିଶ୍ୱଯୁଦ୍ଧ ହେଲା ସେତେବେଳେ ସଂସାରବାସୀ ଏହା ଦେଖିଲେ ଯେ ଜାପାନ ଏକ ପୂର୍ବାଂଚଳ ଶକ୍ତି ରୂପେ ପାଶ୍ଚାତ୍ୟ ଶକ୍ତି ମାନଙ୍କର ବିପକ୍ଷରେ ଛିଡ଼ା ହୋଇଗଲା । ଏବଂ କୋରିଆ ଓ ଜାପନ ସହିତ ମିଶିଗଲା । ଯେବେ କି ପ୍ରଥମେ ସେ ରୁଷିଆ ଅଧିନରେ ଥିଲା । ଏହିପରି ଆପଣ ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ବିଶ୍ୱର ଶକ୍ତିଶାଳୀ ଓ ପ୍ରଭାବଶାଳୀ ସମ୍ରାଟ (ଜାର୍), ନିଜ ରାଜକୀୟ ବଂଶଧର ସମେତ ଅତ୍ୟନ୍ତ ନିନ୍ଦନୀୟ ଭାବରେ କ୍ଷମତାରୁ ବେଦଖଲ୍ ହେଲେ । ଏବଂ ତାଙ୍କୁ ତାଙ୍କ ରାଜକୀୟ ବଂଶଧର ସହିତ ଭିନ୍ନ ସ୍ଥାନରେ ବନ୍ଦି କରି ରଖାଗଲା । ଏବଂ ଏଭଳି ହୃଦୟ ବିଦାରକ କଷ୍ଟ ଦିଆଗଲା ଯାହାକୁ ଶୁଣିଲେ ଆଜି ମଧ୍ୟ ଲୋମ ଟାଙ୍କୁରି ଉଠେ । ଶେଷରେ ଜାର୍ ଏବଂ ତାଙ୍କ ବଂଶଧରଙ୍କୁ ଭୀଷଣ ଦଣ୍ଡ ଦେବା ସହିତ ହତ୍ୟା କରିଦିଆଗଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ଅକ୍ଷରେ ଅକ୍ଷରେ ପୁରଣ ହେଲା କି *"ଜାର୍ ଭି ହୋଗା ତୋ ହୋଗା ଉସ୍ ଘଡି ବ ହାଲେ ଜାର୍"* । ଆଉଗୋଟିଏ ସ୍ଥାନରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମ୍ପର୍କରେ ଆପଣ ଆ:ସଙ୍କ ଭବିଷ୍ୟବାଣୀ ସମ୍ପର୍କରେ ବିଶ୍ୱସ୍ତରରେ ଏଭଳି ବିପର୍ଯ୍ୟୟ ଘଟିଲା ଯାହା ପ୍ରଥମ ବିଶ୍ୱଯୁଦ୍ଧଠାରୁ ଅଧିକ କ୍ଷତିଗ୍ରସ୍ତ ଓ ଭୟଙ୍କର ଥିଲା । ଏହି ଯୁଦ୍ଧରେ ଜାପାନ ପରାଜିତ ହେଲା ଓ ଜାପାନର ସହର ହିରୋସୀମା ଓ ନାଗାସାକି ଉପରେ ପରମାଣୁ ଆକ୍ରମଣ କରାଗଲା ଯଦ୍ୱାରା ତାର ଅସ୍ତିତ୍ୱ ହିଁ ନକ୍‌ସାରେ ରହିଲା ନାହିଁ । ଏପଟେ ଜାପାନ ପରାଜିତ ହେବା ପରେ ଚୀନ୍ ଗୋଟିଏ ପୂର୍ବାଂଚଳ ଶକ୍ତି ରୂପେ ବିଶ୍ୱସ୍ତରରେ ମୁଣ୍ଡ ଟେକିଲା । ଏ ସବୁ ପରିବର୍ତ୍ତନ ଅସଲରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ଅନୁଯାୟୀ ପ୍ରକାଶିତ ହେଉଅଛି । ଆଜି ପୃଥିବୀ ଦୁଇଗୋଟି ବିପଦରେ ଘେରି ରହିଛି । ଗୋଟିଏ ପାର୍ଶ୍ୱରେ ଆମେରିକା ଓ ତାହାର ସାଥିମାନେ ଅଛନ୍ତି ତ ଦ୍ୱିତୀୟ ପାର୍ଶ୍ୱରେ ରୁଷ୍ ଓ ତାହାର ସାଥିମାନେ ଅଛନ୍ତି । ଏହି ଉଭୟ ଯୁଦ୍ଧକାରୀ ଦଳ ମଧ୍ୟ ଧ୍ୱଂସ ପାଇବାର ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ରହିଛି । (ତୃତୀୟ ବିଶ୍ୱଯୁଦ୍ଧ ଦ୍ୱାରା) । ସୁତରାଂ ଆପଣ ସଂସାରବାସୀଙ୍କୁ ସତର୍କ କରି କୁହନ୍ତି - ପୃଥିବୀକୁ ପ୍ରଳୟକାରୀ ସମୟ ଚାଲିଆସୁଛି । ତାହା ପ୍ରଥମ ପ୍ରଳୟ ହେବ ଏବଂ ସମସ୍ତ ରାଜା ପରସ୍ପର ଉପରେ ଆକ୍ରମଣ କରିବେ ଏବଂ ଏଭଳି ରକ୍ତପାତ ହେବ କି ଭୁପୃଷ୍ଠ ରକ୍ତରଞ୍ଜିତ ହୋଇଯିବ ଏବଂ ପ୍ରତ୍ୟେକ ରାଜାଙ୍କ ଅଧିନରେ ଥିବା ଲୋକେ (ପ୍ରଜା) ପରସ୍ପର ସହ ଭୟଙ୍କର ଲଢ଼େଇ କରିବେ । ଏକ ବିଶ୍ୱବ୍ୟାପୀ ଅନର୍ଥ ଘଟିବ ଏବଂ ସେ ସମସ୍ତ ଘଟଣାର ମୂଳ କାରଣ ସିରିୟା ହେବ । *(ତଜକିରା, ପୃଷ୍ଠା-୭୯୮)*

ପୁନଶ୍ଚ ତୃତୀୟ ବିଶ୍ୱଯୁଦ୍ଧର ଭୟଙ୍କର କ୍ଷୟକ୍ଷତି ସମ୍ପର୍କରେ ସତର୍କ କରି ଆପଣ କୁହନ୍ତି- ହେ ୟୁରୋପ ତୁମେ ସୁରକ୍ଷିତ ନାହଁ ଓ ହେ ଏସିୟାବାସୀ ତୁମେ ମଧ୍ୟ ଶାନ୍ତିର ନାହଁ, ହେ ଉପଦ୍ୱିପରେ ରହୁଥିବା ଲୋକେ ତୁମର କୌଣସି ହାତ ତିଆରି ଇଶ୍ୱର ତୁମର ସାହାଯ୍ୟ କରିପାରିବ ନାହିଁ । ମୁଁ ସହର ଗୁଡିକୁ ଟଳିପଡ଼ିବାର ଦେଖୁଅଛି ଏବଂ ଜନବସତି ଗୁଡିକୁ ଜନଶୂନ୍ୟ ହେବାର ଦେଖୁଅଛି । ସେହି ଏକ ଓ ଅଦ୍ୱିତୀୟ ଅଲ୍ଲାଃ ଦୀର୍ଘ ସମୟ ପର୍ଯ୍ୟନ୍ତ ନୀରବ ରହିଲେ । ତାଙ୍କ ଆଖି ଆଗରେ ମନ୍ଦ ଓ ନିନ୍ଦନୀୟ କାର୍ଯ୍ୟ କରାଗଲା । ତଥାପି ସେ ନିରବ ରହିଲେ କିନ୍ତୁ ବର୍ତ୍ତମାନ ସେ ଭୟଙ୍କର ରୂପରେ ନିଜର ଚେହେରା ଦେଖାଇବେ । ଯାହାର ଶ୍ରବଣ ଶକ୍ତି ଅଛି ସେ ଶୁଣିରଖୁ । *(ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୨୯)*

ଶ୍ରୋତାଗଣ ! ଆଜି ସଂସାରର ଅବସ୍ଥା ଏପରି ହେବାଯୋଗୁ ଓ ଆରବ ସ୍ପ୍ରିଙ୍ଗ୍ ର ପରିମାଣ ସ୍ୱରୂପ ଯେଉଁ ରାଜନୈତିକ ପରିବର୍ତ୍ତନ ଆମ ସମ୍ମୁଖରେ ପ୍ରକାଶ ପାଉଛି ଏବଂ ଯେଭଳି ପାଶ୍ଚାତ୍ୟ ଶକ୍ତି ନିଜ ସ୍ୱାର୍ଥ ପାଇଁ ଏହି ଦେଶମାନଙ୍କ ଅବସ୍ଥା ଖରାପରୁ ଖରାପ କରି ଚାଲିଛନ୍ତି, ଯାହାର ପରିଣାମ ସ୍ୱରୂପ ବିଶ୍ୱ ପୁନର୍ବାର ତୃତୀୟ ବିଶ୍ୱଯୁଦ୍ଧର ଦ୍ୱାରରେ ଛିଡ଼ା ହୋଇସାରିଲାଣି । ଆଜି ପୁନଃ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ "ଗୋଟିଏ ପାଶ୍ଚାତ୍ୟ ଶକ୍ତି ଓ କୋରିଆର ଦୁର୍ବଳ ଅବସ୍ଥା" ପୂରଣ ହେବାକୁ ଯାଉଛି । ବିଶେଷ କରି କୋରିଆ ଓ ଆମେରିକାର କଳହ ସମ୍ବନ୍ଧରେ ଜମାଅତ୍‌ରେ ପଂଚମ ଖଲିଫା ସ୍ପଷ୍ଟ ଶବ୍ଦରେ କୁହନ୍ତି-

କେବଳ ମଧ୍ୟ ଏସିଆ କିମ୍ବା ଆରବ ଦେଶର ଏହା ମାମଲା ନୁହେଁ କି ଯେଉଁଠାରୁ ଯୁଦ୍ଧର ଅଗ୍ନି ଉତେଜିତ ହେଉଅଛି । ଆମେରିକା ଓ କୋରିଆର ଝଗଡ଼ା ଆସନ୍ତା ଦିନରେ ବଢ଼ିଚାଲିବ ଏବଂ ବିଶ୍ୱର ପରିସ୍ଥିତି ଉପରେ ଦୃଷ୍ଟି ରଖୁଥିବା ଲୋକେ ମୁକ୍ତ ଭାବରେ ଆଲୋଚନା କରୁଛନ୍ତି କି ଆମେରିକାର ମାମୁଲି ଧରଣର ଅସ୍ତ୍ର ପ୍ରୟୋଗ କରିବା, ଯେଉଁଥିରେ ସେ କ୍ଷତି ନକରି କେବଳ ଭୟଭିତ କରିବା ଉଦ୍ଦେଶ୍ୟ ଥିଲେ ମଧ୍ୟ ତାହା ଅତ୍ୟନ୍ତ ଭୟଙ୍କର ଯୁଦ୍ଧ ସୃଷ୍ଟି କରିବାର କାରଣ ସାବ୍ୟସ୍ତ ହେବ । (ଖୁତ୍‌ବା ଜୁମା, ୩୦ ଜୁନ୍ ୨୦୧୭)

ତେବେ ଆଜି ନିଃସନ୍ଦେହ ବିଶ୍ୱ ଏକ ଭୟଙ୍କର କ୍ଷତିହେବାର ଦ୍ୱାରଦେଶରେ ଛିଡ଼ା ହୋଇଅଛି ଓ କେଉଁ ମୁହୂର୍ତ୍ତରେ ମଧ୍ୟ ତାହା ଘଟିପାରେ । କିନ୍ତୁ ଏହା ମଧ୍ୟ ଅଲ୍ଲାଃଙ୍କର ପ୍ରତିଶୃତି କି ତୃତୀୟ ବିଶ୍ୱଯୁଦ୍ଧ ପରେ ହିଁ ଇସ୍‌ଲାମ୍ ସମଗ୍ର ବିଶ୍ୱରେ ବିଜୟର ଶୁଭାରମ୍ଭ କରିବ ।

ଏଥି ସମ୍ବନ୍ଧରେ ତୃତୀୟ ଖଲିଫା କୁହନ୍ତି - ଇସ୍‌ଲାମ୍‌ର ସୂର୍ଯ୍ୟ ପୂର୍ଣ୍ଣ ଭବ୍ୟତାର ସହିତ ଉଦୟ ହେବ ଏବଂ ବିଶ୍ୱକୁ ଉଜ୍ଜଳିତ କରିଦେବ । କିନ୍ତୁ ଏହା ପୂର୍ବରୁ ଗୋଟିଏ ଘଟଣା ନିଶ୍ଚିତ ଘଟିବ କି ସମଗ୍ର ବିଶ୍ୱରେ ଏକ ଭୟଙ୍କର କ୍ଷୟକ୍ଷତି ଆସିବ । ଏଭଳି ରକ୍ତପାତ ହେବ ଯାହାକି ମାନବଜାତିକୁ ଦୋହଲାଇ ଦେବ । କିନ୍ତୁ ଏହା ମଧ୍ୟ ପାଶୋରି ଯିବା ଉଚିତ୍ ନୁହେଁ କି ଏହା ସତର୍କ ସୂଚକ ଭବିଷ୍ୟବାଣୀ ଅଟେ ଏବଂ ତାହା କ୍ଷମା ପ୍ରାର୍ଥନା ଦ୍ୱାରା ସ୍ଥଗିତ ରହିପାରିବ, ବରଂ ଟଳିଯାଇପାରେ । ଯଦି ମାନବ ଜାତି ନିଜ ସୃଷ୍ଟିକର୍ତ୍ତାଙ୍କ ପ୍ରତି ପ୍ରତ୍ୟାବର୍ତ୍ତନ କରେ ଓ କ୍ଷମା ଭିକ୍ଷା କରି ନିଜ କାର୍ଯ୍ୟକଳାପକୁ ସୁଧାରି ନିଏ ତେବେ ବର୍ତ୍ତମାନ ମଧ୍ୟ ସେ ଅଲ୍ଲାଃଙ୍କ କୋପରୁ ରକ୍ଷା ପାଇପାରିବ ।

*(ଖୁତ୍‌ବାତେ ନାସିର୍, ଖଣ୍ଡ-୧, ପୃଷ୍ଠା-୯୩୦)*

ଶେଷରେ ଏ ଅଧମ ପଂଚମ ଖଲିଫାଙ୍କ ଗୋଟିଏ ତଥ୍ୟ ଉପସ୍ଥାପନ କରି ନିଜ ବକ୍ତବ୍ୟକୁ ଶେଷ କରିବ । ହଜୁର୍ ର:ଅ କୁହନ୍ତି-

ଆମେ ଭାଗ୍ୟବାନ ଯେ ଆମେ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ନିର୍ଦ୍ଦେଶ ମୁତାବକ ଆସିଥିବା ମସିହ୍ ଓ ମେହେଦୀଙ୍କୁ ସ୍ୱୀକାର କରିନେଇଛେ, ଯାହାଙ୍କ ମାଧ୍ୟମରେ ସଂସାରରେ ଶାନ୍ତି ଓ ସୁରକ୍ଷା ପ୍ରତିଷ୍ଠା ହେବ । ହଜ୍‌ରତ୍ ମସିହ୍ ମଉଦ୍‌ଙ୍କ ମାର୍ଗଦର୍ଶନ ଅନୁଯାୟୀ ପରିଚାଳିତ ହେଲେ ତାହା ସମ୍ଭବ । ଯଦି ଯୁଦ୍ଧର କ୍ଷୟକ୍ଷତିରୁ ରକ୍ଷା ପାଇବାକୁ ଚାହୁଁଛ ତେବେ କେବଳ ଗୋଟିଏ ମାର୍ଗ ଅଛି ତାହା ହେଉଛି ପ୍ରତ୍ୟେକ ଅହେମଦୀମାନେ ବ୍ୟାକୁଳତା ସହିତ ମାନବ ଜାତିକୁ ଉକ୍ତ କ୍ଷତିଗ୍ରସ୍ତ ହେବାରୁ ମୁକୁଳାଇବା ପାଇଁ ଦୁଆ କରିବେ ।

ହଜୁର୍ କହିଲେ ଆଜି ପ୍ରତ୍ୟେକ ଅହେମଦୀଙ୍କର କର୍ତ୍ତବ୍ୟ କି ସେ ଅତ୍ୟନ୍ତ ଦରଦର ସହିତ ମାନବଜାତି କିପରି ଉକ୍ତ କ୍ଷୟକ୍ଷତିରୁ ଉଦ୍ଧାର ପାଇବ ସେଥି ନିମନ୍ତେ ଦୁଆ କରିବ । ଯୁଦ୍ଧ ଟଳିଯିବା ପାଇଁ ଦୁଆ କରିବ । ଆମେ ଏଥିରେ ଖୁସିହେବୁ ନାହିଁ ଯେ ସଂସାରର ଗୋଟିଏ ଭାଗ ଧ୍ୱଂସ ହୋଇଯାଉ, ତା ପରେ ଅନ୍ୟମାନଙ୍କୁ ବୁଦ୍ଧି ଆସୁ ଓ ସେମାନେ ଖୁଦାତାଲାଙ୍କ ନିକଟରେ ନତମସ୍ତକ କରନ୍ତୁ ଓ ଆସିଥିବା ପ୍ରତିଶୃତ ମସିହ୍‌ଙ୍କୁ ମାନନ୍ତୁ । ବରଂ ଆମେ ତ ଏକଥାରେ ଖୁସି ହେବୁ ଓ ଆମେ ଚେଷ୍ଟା କରିବୁ ଓ ଦୁଆ କରୁଅଛୁ ଯେ ଅଲ୍ଲାଃ କାହାକୁ ମଧ୍ୟ ସେମାନଙ୍କର କୁକର୍ମ ଯୋଗୁଁ ଧ୍ୱଂସ ମୁଖରେ ନପକାନ୍ତୁ ଓ ସସଂାରବାସୀଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଯେ ସେମାନେ ଏହି କୁପରିଣାମରୁ ବଂଚିଯାଆନ୍ତୁ..... । ଅଲ୍ଲାଃ କରନ୍ତୁ କି ଆମ ଦୁଆ ଯୋଗୁ ସେମାନେ ଏକଥା ହୃଦୟଙ୍ଗମ କରନ୍ତୁ ଓ ବିଧ୍ୱଂସକାରୀ ଗାଡ଼ରେ ପଡ଼ିବାରୁ ମଧ୍ୟ ବଂଚିଯାଆନ୍ତୁ । *(ଖୁତ୍‌ବା ଜୁମା, ୩୦ ଜୁନ୍ ୨୦୧୭)*

ସାଫ୍ ଦିଲ୍ କୋ କସରତେ
ଏଜାଜ୍ କି ହାଜତ୍ ନେହିଁ
ଇକ୍ ନିସାଁ କାଫି ହୈ
ଗର୍ ଦିଲ୍ ମେ ହୋ
ଖୌଫେ କିର୍‌ଦିଗାର୍

وَاٰخِرُ دَعْوٰنَا اَنِ الْحَمْدُ لِلّٰهِ رَبِّ الْعٰلَمِيْنَ

*ଓ୍ୱ ଆଖିରୁ ଦାଓ୍ୱାନା ଅନିଲ୍ ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ।*

♦❖⌘❖♦❖⌘❖♦

# ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ଦ୍ୱିତୀୟ ୱତନ୍ (ସ୍ୱଦେଶ) - ସିଆଲକୋଟ୍

(ମୁଜିବୁର୍ ରହେମାନ୍, ମୁରବୀ ସିଲ୍‌ସିଲା ସିଆଲ୍‌କୋଟ୍)

**ସିଆଲ୍‌କୋଟ୍‌ର ସଂକ୍ଷିପ୍ତ ପରିଚୟ**

ସିଆଲ୍‌କୋଟ୍ ହେଉଛି ପାକିସ୍ତାନ୍ ଦେଶର ପଞ୍ଜାବ ପ୍ରଦେଶରେ ଅବସ୍ଥିତ ଗୋଟିଏ ପ୍ରସିଦ୍ଧ ଐତିହାସିକ ଓ ଔଦ୍ୟୋଗିକ ସହର। ହିନ୍ଦୁମାନଙ୍କର ପବିତ୍ର ପୁସ୍ତକ ମହାଭାରତର ଲେଖକ ବେଦବ୍ୟାସ ଜି ଙ୍କ ଅନୁସାରେ ଏହି ସହରର ଇତିହାସ ପାଂଚହଜାର୍ ବର୍ଷ ପୁରୁଣା ଅଟେ। ସିଆଲ୍‌କୋଟ୍‌ର ଐତିହାସିକ ବୈଭବ ବିଷୟରେ ଅନେକ ଶ୍ଳୋକ ମହାଭାରତରେ ରହିଛି। ଏହିପରି ସାରା ଦୁନିଆରେ ଏହି ସହର କ୍ରୀଡା ସାମଗ୍ରୀ ଓ ଚିକିତ୍ସା ଯନ୍ତ୍ରପାତି ପ୍ରସ୍ତୁତ କରିବା ଯୋଗୁ ଏକ ବିଶେଷ ସ୍ଥାନ ଗ୍ରହଣ କରିଛି।

**ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ଏବଂ ସିଆଲ୍‌କୋଟ୍**

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ଖୁଦାତାଲାଙ୍କ ସହିତ ସମ୍ପୂର୍ଣ୍ଣ ପ୍ରେମ ଓ ସମ୍ପର୍କ ରଖୁଥିବା ବ୍ୟକ୍ତି ବିଶେଷଙ୍କ ସମ୍ବନ୍ଧରେ କହୁଛନ୍ତି:-

"ସେମାନେ ଯେଉଁଘରେ ରୁହନ୍ତି ସେଥିରେ ଖୁଦାତାଲା ଏକ ବର୍‌କତ୍ ରଖିଦିଅନ୍ତି। ସେହି ଘର ଗୁଡିକ ବିପଦ ଆପଦରୁ ସୁରକ୍ଷିତ ରହେ। ଖୁଦାତାଲାଙ୍କ ଫରିସ୍ତା ତାର ସୁରକ୍ଷା କରିଥାନ୍ତି। ସେହିପରି ସେମାନଙ୍କ ସହର ବା ଗ୍ରାମରେ ଏକ ବର୍‌କତ୍ ଓ ଏକ ବିଶେଷତା ରହିଥାଏ। ସେହିପରି ସେହି ମାଟିକୁ ମଧ୍ୟ କିଛି ବର୍‌କତ୍ ପ୍ରଦାନ କରାଯାଏ ଯେଉଁଥିରେ ତାଙ୍କର ପାଦ ପଡ଼େ"।

(ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୧୯)

ସିଆଲ୍‌କୋଟ୍ ମଧ୍ୟ ସେହି ସୌଭାଗ୍ୟଶାଳୀ ଓ ବାବର୍‌କତ୍ ସ୍ଥାନ ମାନଙ୍କ ମଧ୍ୟରୁ ଗୋଟିଏ ଯେଉଁଠି ଏ ଯୁଗର ଇମାମ୍ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ବାବର୍‌କତ୍ ପାଦ ପଡ଼ିଛି। ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

"ମୋତେ ଏହି ମାଟି ସହିତ ଏପରି ପ୍ରେମ ରହିଛି ଯେପରି କାଦିଆନ୍ ସହିତ। କାରଣ ମୁଁ ମୋର ପ୍ରାରମ୍ଭିକ ବୟସର ସମୟ ଭିତରୁ ଗୋଟିଏ ଭାଗ ଏହିଠାରେ ହିଁ ବିତାଇଛି। ଏବଂ ଏହି ସହରର ବହୁତ ଗଳି କନ୍ଦିରେ ବୁଲିସାରିଛି"।

(ଲେକ୍‌ଚର୍ ସିଆଲ୍‌କୋଟ୍, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୨୪୩)

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ ସର୍ବପ୍ରଥମେ ୧୮୬୪ ମସିହାରେ ଚାକିରି କରିବା ଉଦ୍ଦେଶ୍ୟରେ ସିଆଲ୍‌କୋଟ୍ ଆସିଥିଲେ। ଆପଣ ସ:ଆ:ସ ୧୮୬୮ ପର୍ଯ୍ୟନ୍ତ ଏଠାରେ ରହିଥିଲେ। ଏହାପରେ ୧୮୭୭ ମସିହାରେ ମଧ୍ୟ ଆସିଛନ୍ତି, ଯେବେକି ଦାବି କରିବା ପରେ ଆପଣ ସ:ଆ:ସ ୧୮୯୨ ମସିହାରେ ଓ ୧୯୦୪ ମସିହାରେ ଏଠାକୁ ଆସିଛନ୍ତି।

**ଚାକିରୀ କରିବାର କାରଣ ଏବଂ ଅଲ୍ଲାଃଙ୍କ ଇଚ୍ଛା**

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି:-

"ହଜ୍‌ରତ୍ ମିର୍ଜା ସାହେବ୍‌ଙ୍କ ଗୋଟିଏ ଲେଖା ମିଳିଛି ଯାହାକୁ ଆପଣ ନିଜ ବାପାଙ୍କ ନାମରେ ଲେଖିଥିଲେ। ଆପଣଙ୍କ ବାପା ଆପଣଙ୍କୁ ସାଂସାରିକ ମାମଲାରେ ହୁସିଆର୍ କରିବା ନିମନ୍ତେ, ମୋକଦ୍ଦମା ଇତ୍ୟାଦିରେ ନିୟୋଜିତ ରଖିବା ପାଇଁ ଚାହୁଁଥିଲେ। ଓ ଆପଣଙ୍କର ଯେଉଁ ଲେଖାଟି ମିଳିଛି ସେଥିରେ ଆପଣ ନିଜର ବାପାଙ୍କୁ ସମ୍ବୋଧନ କରି ଲେଖିଛନ୍ତି ଯେ ଏ ସଂସାର ଓ ଏହାର ସମ୍ପତ୍ତି ସବୁକିଛି ଶେଷ ହୋଇଯିବ। (ତେଣୁ) ମୋତେ ଏହି ସବୁ କାର୍ଯ୍ୟରୁ ନିବୃତ୍ତ ରଖାଯାଉ। କିନ୍ତୁ ସେ (ଆପଣଙ୍କ ବାପା) ଆପଣ ଆ:ସଙ୍କ ପଛରେ ପଡ଼ିଗଲେ। ତେଣୁ ଆପଣ ସିଆଲକୋଟ୍ ଚାଲିଗଲେ ଯଦ୍ୱାରା ଦିନରେ ଅଳ୍ପ କିଛି କାମ କରି ରାତିରେ ଅଚିନ୍ତା ହୋଇ ଅଲ୍ଲାଃଙ୍କ ଧ୍ୟାନରେ ମଗ୍ନ ରହିପାରିବେ।

ଦ୍ୱିତୀୟ ହିକ୍‌ମତ୍ (କାରଣ) ଏଥିରେ ଏହା ଥିଲା ଯେ ସାରା କାଦିଆନ୍ ଆମର ସମ୍ପତ୍ତି ଅଟେ। ଏବଂ ବର୍ତ୍ତମାନ ମଧ୍ୟ ଯେଉଁ ଲୋକମାନେ ସେଠାରେ ଯାଗା ନେଇଛନ୍ତି ସେମାନେ ସମସ୍ତେ ମଧ୍ୟ ଅହେମଦୀ ଅଟନ୍ତି। ଏ ଦୃଷ୍ଟି କୋଣରୁ ମଧ୍ୟ ସେଠିକାର ଲୋକେ ଆମର ପ୍ରଜା ଅଟନ୍ତି। ତେଣୁ ସେଠିକାର ଲୋକମାନଙ୍କ ବିଷୟରେ ହଜ୍‌ରତ୍ ମିର୍ଜା ସାହେବ୍ ଆ:ସଙ୍କ ସମ୍ପର୍କରେ ସାକ୍ଷୀ ଦେବା ଯୋଗୁ କେହି ଏହା କହିପାରିଥାନ୍ତେ ଯେ "ଖ୍ୱାଜା କା ଗୱାହ୍ ମେଣ୍ଡକ୍" ଅର୍ଥାତ୍ ନିଜ ଲୋକ ହିଁ ନିଜପାଇଁ ସାକ୍ଷୀ। ତେଣୁ ଅଲ୍ଲାଃତାଲା ଆପଣ ଆ:ସଙ୍କୁ ସିଆଲକୋଟ୍ ନେଇ ଆସିଲା ଯେଉଁଠି ଆପଣ ଆ:ସଙ୍କୁ ଅନ୍ୟମାନଙ୍କ ମଧ୍ୟରେ ରହିବାକୁ ପଡ଼ିଲା। ଏଥିରେ ଖୁଦାତାଲାଙ୍କର ଏ ଇଚ୍ଛା ଥିଲା ଯେ ଅପରିଚିତ ଲୋକମାନଙ୍କ ମଧ୍ୟରୁ ସେହି ଲୋକମାନେ, ଯାହାଙ୍କ ଉପରେ ଆପଣଙ୍କର ବା ଆପଣଙ୍କ କୁଟୁମ୍ବର କୌଣସି ପ୍ରଭାବ ନଥିବ, (ତେଣୁ ସେମାନେ) ଆପଣଙ୍କ ପବିତ୍ର ଜିବନୀର ସାକ୍ଷୀ ରୂପେ ଛିଡ଼ା ହୋଇଯିବେ। ପୁଣି ପଞ୍ଜାବ୍‌ରେ ସିଆଲକୋଟ୍ ହେଉଛି ଇସାଇ ମାନଙ୍କର କେନ୍ଦ୍ରସ୍ଥଳୀ। (ତେଣୁ) ଆପଣଙ୍କୁ ସେଠାରେ ସେମାନଙ୍କ ସହିତ ମୁକାବିଲା କରିବା ପାଇଁ ମଧ୍ୟ ଅବସର ମିଳିଗଲା। ଆପଣ ଇସାଇ ମାନଙ୍କ ସହିତ ତର୍କ ବିତର୍କ କରନ୍ତି ଓ ମୁସଲ୍‌ମାନ୍ ମାନେ ମଧ୍ୟ ଆପଣଙ୍କ ଜିବନୀକୁ ସେଠାରେ ଦେଖିଛନ୍ତି। କାଦିଆନ୍‌ର ଲୋକମାନଙ୍କୁ ଆପଣଙ୍କ ଅଧିନସ୍ଥ କୁହାଯାଇପାରିଥାନ୍ତା କିନ୍ତୁ ସିଆଲକୋଟ୍‌ର ଲୋକମାନଙ୍କର ସେ ସ୍ଥାନ ନଥିଲା। ସେଠିକାର ସମସ୍ତ ବଡ଼ ବଡ଼ ମୁସଲ୍‌ମାନ୍ ମାନେ ଆପଣ ଆ:ସଙ୍କ ଉଚ୍ଚ ମହିମା ବିଷୟରେ ଜାଣିଛନ୍ତି"।

(ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୧୩, ପୃଷ୍ଠା-୪୦୮)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସିଆଲ୍‌କୋଟ୍‌ରେ ରହଣି ସମୟର କିଛି ଘଟଣାବଳୀ ପାଠକଙ୍କ ନିମନ୍ତେ ଉପସ୍ଥାପନ କରାଯାଉଛି।

**ଅଲ୍ଲାଃତାଲାଙ୍କର ସୁରକ୍ଷା**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

ଥରେ ରାତିରେ ଗୋଟିଏ କୋଠାର ଦ୍ୱିତୀୟ ମହଲାରେ ମୁଁ ଶୋଇଥିଲି ଓ ମୋ ସହିତ ସେହି କୋଠରୀରେ ପନ୍ଦର ଷୋହଳ ଜଣ ଲୋକ ମଧ୍ୟ ଥିଲେ। ରାତି ସମୟରେ ବଡ଼ ସେଣୀ ମଧ୍ୟରୁ ଟକ୍ ଟକ୍ କରି ଶବ୍ଦ ଆସିଲା। ମୁଁ ଲୋକମାନଙ୍କ ଜଗାଇ ଦେଲି ଯେ ଏହି ସେଣୀଟି ବିପଦପୂର୍ଣ୍ଣ ଜଣାପଡୁଛି। ତେଣୁ ଏ ଘରୁ ବାହାରିଯିବା ଉଚିତ୍ ହେବ। ସେମାନେ କହିଲେ- କୌଣସି ମୂଷା ହୋଇଥିବ, କିଛି ଭୟ କରିବାର ନାହିଁ ଏବଂ ଏହା କହି ପୁଣି ସେମାନେ ଶୋଇଗଲେ। ଅଳ୍ପ ସମୟ ପରେ ପୁଣି ସେହିଭଳି ଶବ୍ଦ ଆସିଲା। ତେଣୁ ମୁଁ ସେମାନଙ୍କୁ ପୁନର୍ବାର ଜଗାଇଦେଲି। କିନ୍ତୁ ପୁଣି ମଧ୍ୟ ସେମାନେ କିଛି ପରବାୟ କଲେନାହିଁ। ପୁଣି ତୃତୀୟ ଥର ସେହି ସେଣୀରୁ ଶବ୍ଦ ଆସିଲା। ତେଣୁ ମୁଁ ସେମାନଙ୍କୁ ପାଟି କରି ଉଠାଇଲି ଓ ସମସ୍ତଙ୍କୁ ଘରୁ ବାହାରକୁ ବାହାର କଲି ଓ ଯେତେବେଳେ ସମସ୍ତେ ବାହାରି ପଡ଼ିଲେ ତା ପରେ ମୁଁ ନିଜେ ମଧ୍ୟ ବାହାରି ପଡ଼ିଲି। ଏବେ ମୁଁ ଦ୍ୱିତୀୟ ପାହଚରେ ଥିଲି ଯେ ସେହି ଛାତଟି ଭାଙ୍ଗିଗଲା ଓ ଦ୍ୱିତୀୟ ଛାତଟିକୁ ମଧ୍ୟ ସାଥିରେ ନେଇ ତଳେ ପଡ଼ିଗଲା ଏବଂ ଖଟିଆ ଗୁଡିକ ଖଣ୍ଡ ଖଣ୍ଡ ହୋଇଗଲେ। ଆମେ ସମସ୍ତେ ବଂଚିଗଲୁ। ଏହା ଖୁଦାତାଲାଙ୍କର ଏକ ଐଶ୍ୱରିକ ସୁରକ୍ଷା ଥିଲା ଯେ ଯେପର୍ଯ୍ୟନ୍ତ ଆମେ ସେଠାରୁ ନ ବାହାରି ଯାଇଛୁ ସେ ସେଣୀଟି ସୁରକ୍ଷିତ ରହିଥିଲା।

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୨୨୬)

ଆଉଗୋଟିଏ ଘଟଣାର ଚର୍ଚ୍ଚା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

ଥରକର ଘଟଣା ମୁଁ ସେତେବେଳେ ସିଆଲ୍‌କୋଟ୍‌ରେ ଥିଲି। ଗୋଟିଏ ଦିନ ବର୍ଷା ହେଉଥିଲା। ଯେଉଁ ଘର ଭିତରେ ମୁଁ ବସିଥିଲି ତା ଭିତରକୁ ବିଜୁଳି ମାରିଲା ଓ ସମ୍ପୂର୍ଣ୍ଣ ଘରଟି ଧୂଆଁରେ ଭରିଗଲା। ଗନ୍ଧକ କରି ବାସ୍ନା ଆସୁଥିଲା। କିନ୍ତୁ ଆମକୁ କୌଣସି କ୍ଷତି ପହଂଚିଲାନାହିଁ। ସେହି ସମୟରେ ଉକ୍ତ ବିଜୁଳିଟି ଗୋଟିଏ ମନ୍ଦିରରେ ପଡ଼ିଲା। ସେଇଟି ତେଜାସିଂର ମନ୍ଦିର ଥିଲା। ଏବଂ ସେଥିରେ ହିନ୍ଦୁ ମାନଙ୍କର ପ୍ରଥା ଅନୁସାରେ ତାକୁ ପରିକ୍ରମଣ କରିବା ନିମନ୍ତେ ସ୍ଥାନେ ସ୍ଥାନେ ଓ ଚତୁଃପାର୍ଶ୍ୱରେ କାନ୍ଥ ତିଆରି ହୋଇଥିଲା ଓ ସେ ଭିତରେ ବସିଥିଲା। ବିଜୁଳିଟି ଉକ୍ତ ସବୁତକ ଚକର୍ କାଟି ଭିତରକୁ ପ୍ରବେଶ କରି ତା ଉପରେ ପଡ଼ିଲା ଓ ସେ ଜଳି କୋଇଲା କରି କଳା ହୋଇଗଲା। ଦେଖନ୍ତୁ ସେହି ବିଜୁଳିର ଅଗ୍ନି ଥିଲା। ଯିଏ ତାକୁ ଜଳାଇଦେଲା। କିନ୍ତୁ ଆମକୁ କିଛି କ୍ଷତି ପହଂଚାଇଲା ନାହିଁ। କାରଣ ଖୁଦାତାଲା ଆମର ସୁରକ୍ଷା କଲେ।

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃଷ୍ଠା-୨୨୫-୨୨୬)

**ପବିତ୍ର କୋରାନ୍ ସହିତ ପ୍ରେମ**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେବେ କଚେରୀରୁ କାମ ସାରି ଘରକୁ ଆସନ୍ତି, ଘରର କବାଟ ବନ୍ଦ୍ କରି ନିଅନ୍ତି। ଆପଣ ଆ:ସଙ୍କର ଏହିପରି କାର୍ଯ୍ୟକୁ ଦେଖି କିଛି ଗୋଇନ୍ଦାଗିରି କରୁଥିବା ଲୋକଙ୍କର ମନରେ ଏକଥା ସୃଷ୍ଟି ହେଲା ଯେ କିଛି ଲୁଚି ଛପିକରି ଦେଖିବାକୁ ପଡ଼ିବ ଯେ ସେ ଭିତରେ କଣ କରୁଛନ୍ତି। ସୁତରାଂ ଦିନେ ସେମାନେ ଦେଖିଲେ ଯେ:-

"ଆପଣ ମୁସଲ୍ଲା (ନମାଜ ପଢ଼ିବା ସ୍ଥାନ) ରେ ଛିଡ଼ା ହୋଇଛନ୍ତି। ଏବଂ ଅତ୍ୟନ୍ତ ବିନମ୍ରତାର ସହିତ ଏବଂ ବ୍ୟାକୁଳ ହୋଇ ଦୁଆ କରୁଛନ୍ତି ଯେ "ହେ ଅଲ୍ଲାଃ ଏହା ତୋର ବାଣୀ ଅଟେ। ମୋତେ ତୁ ହି ବୁଝାଇଦେବୁ, ତେବେ ମୁଁ ବୁଝିପାରିବି"

(ତାରିଖେ ଅହେମଦୀୟତ୍, ଖଣ୍ଡ-୧, ପୃଷ୍ଠା-୮୫)

କବୁଲିୟତେ ଦୁଆ (ପ୍ରାର୍ଥନାର ଗ୍ରହଣୀୟତା)

ମିଆଁ ବୁଟା କଶ୍ମିରୀ (ଯାହାଙ୍କ ଘରେ ମଧ୍ୟ ହଜୁର୍ ଆଲୈହିସ୍ ସଲାମ୍ ଅନେକ ଦିନ ପର୍ଯ୍ୟନ୍ତ ରହିଥିଲେ) କହୁଛନ୍ତି ଯେ:-

ଥରେ ମୋ ବାପା ବେମାର୍ ହୋଇଗଲେ । ସବୁ ଡାକ୍ତର ଓ ବୈଦ୍ୟମାନେ ଏକଥା କହିସାରିଥିଲେ ଯେ ଏବେ ଇଏ ଆଉ ବଂଚିବେ ନାହିଁ । ଓ ଉପଚାର କରିବା ବୃଥା ହେବ କିନ୍ତୁ ଆମେ ମିର୍ଜା ସାହେବଙ୍କୁ ଡାକିଲୁ । ଆପଣ ଆ:ସ ଦୁଆ କଲେ ଓ କିଛି ଉପଚାର ମଧ୍ୟ ବତାଇଲେ । ଅଲ୍ଲାଃତାଲା ଆପଣଙ୍କ ଦୁଆ ଯୋଗୁ ମୋ ବାପାଙ୍କୁ ଆରୋଗ୍ୟ ପ୍ରଦାନ କଲେ । ଏବଂ ତାଙ୍କର ଅନେକ ଦୁଆ ଆମ ସପକ୍ଷରେ ଗ୍ରହଣୀୟ ହୋଇଛି ।

(ଅଲ୍‌ଫଜଲ୍ ୮ ଅକ୍ଟୋବର୍ ୧୯୨୫)

**ଖିଦ୍‌ମତେ ଖଲକ୍ (ଲୋକସେବା)**

ସିଆଲ୍‌କୋଟ୍‌ରେ ରହିବା ସମୟରେ ଆପଣ ଆ:ସ ଖୁଦାଙ୍କ ସୃଷ୍ଟଜଙ୍କ ସେବା ପ୍ରତି ମଧ୍ୟ ସମ୍ପୂର୍ଣ୍ଣ ରୂପେ ଧ୍ୟାନ ରଖୁଥିଲେ । ଆପଣ ଆ:ସ ଏପରି ଲୋକସେବା କରୁଥିଲେ ଯେ ଯାହାକିଛି ଦରମା ଆଣୁଥିଲେ ସେଥିରୁ ମାମୁଲି ଓ ସାଦା ଖାଦ୍ୟ ଖାଇବା ପାଇଁ ଖର୍ଚ୍ଚ ରଖିଦେଇ ବାକି ସବୁତକ ଅର୍ଥ ମହଲାର ବିଧବା ମାନଙ୍କୁ ଲୁଗାପଟା ପ୍ରଦାନ କରୁଥିଲେ ବା ନଗଦ ଆକାରରେ ବାଂଟି ଦେଉଥିଲେ ।

(ସିରତୁଲ୍ ମେହେଦୀ
ପଂଚମ ଭାଗ, ପୃଷ୍ଠା-୯୪)

**ଦୌଡ଼ ପ୍ରତଯୋଗିତା**

ଆପଣ ଆ:ସଙ୍କ ଧାର୍ମିକ ଉଚ୍ଚ ପଦମର୍ଯ୍ୟାଦା ଏବଂ ସେଥିରେ ସମସ୍ତଙ୍କ ଠାରୁ ଆଗକୁ ବଢ଼ିଯିବା ବିଷୟରେ ସମସ୍ତେ ଜାଣିଥିଲେ । କିନ୍ତୁ ଆପଣ ଆ:ସ ଶାରିରୀକ ସ୍ତରରେ ଏତ ମଜ୍‌ବୁତ୍ ଥିଲେ ଯେ ଦୌଡରେ ମଧ୍ୟ ସମସ୍ତଙ୍କ ଠାରୁ ଆଗକୁ ଚାଲିଯାଉଥିଲେ । ସୁତରାଂ ଥରେ କଚେରୀ ବନ୍ଦ୍ ହେବା ପରେ ଯେବେ ଲୋକମାନେ ନିଜ ନିଜ ଘରକୁ ଫେରୁଥିଲେ, ସଂଯୋଗ ବଶତଃ ଦ୍ରୁତ ଗତିରେ ଦୌଡ଼ିବା ପ୍ରତିଯୋଗିତା ବିଷୟରେ ଚର୍ଚ୍ଚା ଆରମ୍ଭ ହୋଇଗଲା । ପ୍ରତ୍ୟେକ ଏ ଦାବି କଲେ ଯେ ମୁଁ ବହୁତ ଜୋର୍‌ରେ ଦୌଡ଼ି ପାରିବି ବୋଲି । ଶେଷରେ ଜଣେ ବ୍ୟକ୍ତି ଯାହାଙ୍କ ନାମ ହେଉଛି ବାଲା ସିଂ, ସେ କହିଲେ ଯେ ମୁଁ ଦୌଡ଼ିବାରେ ସମସ୍ତଙ୍କଠାରୁ ଆଗକୁ ଟପିଯାଏ । ମିର୍ଜା ସାହେବ୍ କହିଲେ ଯେ ମୋ ସହିତ ଦୌଡନ୍ତୁ, ତେବେ ପ୍ରମାଣ ହୋଇଯିବ ଯେ କିଏ ଅଧିକ ଦୌଡୁଛି । ପରିଶେଷରେ ଶେଖ୍ ଆଲାଦାଦ୍ ସାହେବ୍ ବିଚାରକ ରୂପେ ନିୟୋଜିତ ହେଲେ ଏବଂ ଏକଥା ନିର୍ଣ୍ଣୟ ହେଲା ଯେ ଏହିଠାରୁ ଆରମ୍ଭ ହୋଇ ସେହି ପୋଲ ପର୍ଯ୍ୟନ୍ତ, ଯେଉଁଟି କଚେରୀର ସଡ଼କ ଓ ସହର ମଧ୍ୟରେ ସୀମାରେଖା ରୂପେ ଅବସ୍ଥିତ, ସେପର୍ଯ୍ୟନ୍ତ ଖାଲିପାଦରେ ଦୌଡାଯିବ । ଜୋତା ଗୁଡିକ ଜଣେ ଲୋକ ଉଠାଇନେଲା ଓ ପ୍ରଥମେ ଜଣେ ବ୍ୟକ୍ତିକୁ ସେଇ ପୋଲଠାକୁ ପଠାଗଲା । ଯଦ୍ଦ୍ୱାରା ସେ ସାକ୍ଷୀ ଦେଇପାରିବା ଯେ କିଏ ଏ ପ୍ରତିଯୋଗିତାରେ ପ୍ରଥମେ ପୋଲ ଉପରେ ପହଂଚିଲା ବୋଲି । ମିର୍ଜା ସାହେବ୍ ଏବଂ ବାଲା ସିଂ ଏକ ସମୟରେ ଦୌଡିଲେ ଓ ବାକି ସମସ୍ତ ଲୋକେ ସାଧାରଣ ଗତିରେ ପଛରେ ପଛରେ ଚାଲିଲେ । ଯେତେବେଳେ ସେ ପୋଲ ଉପରେ ପହଂଚିଲେ, ପ୍ରମାଣିତ ହେଲା ଯେ ହଜ୍‌ରତ୍ ମିର୍ଜା ସାହେବ୍ ଆ:ସ ଆଗରେ ପହଂଚିଛନ୍ତି ଓ ବାଲା ସିଂ ପଛରେ ରହିଗଲେ ।

*(ସିରତୁଲ୍ ମେହେଦୀ, ପ୍ରଥମ ଭାଗ, ଦ୍ୱିତୀୟ ସଂସ୍କରଣ, ପୃଷ୍ଠା-୨୭୨)*

**ଖ୍ରୀଷ୍ଟଧର୍ମ ପ୍ରସାର କରିବା ପାଇଁ ଅଂଗ୍ରେଜ୍ ମାନଙ୍କର ଚେଷ୍ଟା**

ଉନବିଂଶ ଶତାବ୍ଦୀର ଇତିହାସରେ ଖ୍ରୀଷ୍ଟଧର୍ମ ପ୍ରସାର ହେବା ଦୃଷ୍ଟିକୋଣରୁ ବହୁତ ଗୁରୁତ୍ୱପୁର୍ଣ୍ଣ ଶତାବ୍ଦୀ ଥିଲା । ଯେଉଁଥିରେ ଖ୍ରୀଷ୍ଟଧର୍ମ ଅଂଗ୍ରେଜ୍ ସରକାରଙ୍କ ଛତ୍ରଛାୟା ତଳେ ବହୁତ ତୀବ୍ର ଗତିରେ ପ୍ରସାର କରୁଥିଲା । ଓ ଖ୍ରୀଷ୍ଟିୟ ପାଦ୍ରୀମାନେ ସମ୍ପୂର୍ଣ୍ଣ ହିନ୍ଦୁସ୍ତାନ୍‌କୁ ଖ୍ରୀଷ୍ଟଧର୍ମର କୋଳ ଭିତରକୁ ଆଣିବାର ଦାବି କରୁଥିଲେ । ଏବଂ ନିଜର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଅଗଣିତ ଲିଟରେଚର୍‌ର ପ୍ରସ୍ତୁତି ଚଳାଇଥିଲେ । ପ୍ରଥମେ ସମ୍ପୂର୍ଣ୍ଣ ହିନ୍ଦୁସ୍ତାନ୍‌କୁ ଖ୍ରୀଷ୍ଟଧର୍ମର ପତାକା ତଳେ ନେଇଆସିବାର ପଲିସି ଗୁପ୍ତରୂପେ ଗ୍ରହଣ କରାଗଲା । କିନ୍ତୁ ୧୮୬୨ ମସିହାରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଲର୍ଡ୍ ପାମରଷ୍ଟନ୍ ସ୍ପଷ୍ଟ ରୂପେ ଏହା କହିଦେଲେ ଯେ- "ମୁଁ ଭାବୁଛି ଯେ ଆମେ ସମସ୍ତେ ନିଜ ଲକ୍ଷ୍ୟ ପୁରଣ କରିବା ପାଇଁ ଏକତ୍ରିତ । ଏହା ଆମର କେବଳ ଦାୟିତ୍ୱ ନୁହେଁ ବରଂ ଏ କଥାଟି ଆମପାଇଁ ହିତକର ମଧ୍ୟ ସାବ୍ୟସ୍ତ ହେବ ଯେ ଆମେ ଖ୍ରୀଷ୍ଟଧର୍ମର ତବ୍‌ଲିଗ୍‌କୁ ପାରୁପର୍ଯ୍ୟନ୍ତ ବିକାଶ କରାଇ ପାରିବା ଓ ହିନ୍ଦୁସ୍ତାନ୍‌ର କୋଣ ଅନୁକୋଣ ପର୍ଯ୍ୟନ୍ତ ଏହାକୁ ପ୍ରସାର କରିବା" ।

(ତାରିଖେ ଅହେମଦୀୟତ,
ଖଣ୍ଡ-୧, ପୃଷ୍ଠା-୮୯)

**ସିଆଲ୍‌କୋଟ ଖ୍ରୀଷ୍ଟଧର୍ମର କେନ୍ଦ୍ରସ୍ଥଳୀ**

ପଞ୍ଜାବ ପ୍ରଦେଶକୁ ସଲିବ୍ (କୃଶ)ର ପତାକା ତଳେ ଆଣିବା ପାଇଁ ଖ୍ରୀଷ୍ଟଧର୍ମର କେନ୍ଦ୍ରୀୟ ମିଶନ୍ ପ୍ରାରମ୍ଭରେ ଲୁଧିଆନାରେ ପ୍ରତିଷ୍ଠା କରାଗଲା । ଏହାପରେ ଏହାର ପରିସୀମା ଅନ୍ୟ ଇଲାକା ପର୍ଯ୍ୟନ୍ତ ବ୍ୟାପିଗଲା । କିନ୍ତୁ ସିଆଲ୍‌କୋଟ୍‌ର ଏ ବିଶେଷତ୍ୱ ଅଛି ଯେ ଏହା ସେହି ସ୍ଥାନ ଅଟେ ଯିଏ ଇଂରେଜ ବିରୋଧରେ ଦମ୍ଭର ସହିତ ବିଦ୍ରୋହ କରିବାରେ ଭାଗ ନେଇଥିଲା । ତେଣୁ ଅଂଗ୍ରେଜ୍‌ମାନେ ଏହା ଉଚିତ୍ ମଣିଲେ ଏହି ସ୍ଥାନକୁ ମର୍କଜ୍ (Base Camp) ବନାଯାଉ । ସୁତରାଂ ଏହାକୁ ଫୌଜି ଅଫିସର୍‌ଙ୍କ ନିର୍ଦ୍ଦେଶ ମୁତାବକ ୧୮୫୬ ମସିହାରେ ସ୍ଥାପନ କରାଗଲା । ଦଶ ବର୍ଷ ଭିତରେ ଏହି ମିଶନ୍‌ଟି ନିଜ ଚେରକୁ ସୁଦୃଢ଼ କରିନେଲା ଓ ଏହି ମିଶନ୍ ଅନ୍ତର୍ଗତ ଖ୍ରୀଷ୍ଟଧର୍ମ ବହୁଳ ଭାବେ ପ୍ରଚାର ହେବାକୁ ଲାଗିଲା ।

**କସ୍‌ରେ ସଲିବ୍ (କୃଶ ଭଙ୍ଗ)**

ରସୁଲେ କରିମ୍ ସ:ଆ:ସ ପେଶ୍‌ଗୋଇ କରିଥିଲେ ଯେ ମୁସଲମାନ୍ ଉମ୍ମତ୍‌ରେ ଯେଉଁ ମସିହ୍ ଓ ମେହେଦୀ ଆସିବେ ତାଙ୍କର ଗୋଟିଏ ବହୁତ ବଡ଼ କାର୍ଯ୍ୟ ହେବ 'କୃଶ ଭଙ୍ଗ' କରିବା । କୃଶ ଭଙ୍ଗର ଅର୍ଥ ନୁହେଁ ଯେ କୃଶ ଗୁଡିକୁ ପ୍ରକାଶ୍ୟରେ ଭଙ୍ଗାଯିବ ବରଂ ଏହାର ଅର୍ଥ ହେଉଛି ଖ୍ରୀଷ୍ଟଧର୍ମର ଭୁଲ୍ ଭାବନା ଗୁଡିକର ଖଣ୍ଡନ କରିବା ଓ ଏହାର ମୁଳୋତ୍ପାଟନ କରାଯିବ । ସୁତରାଂ ଏହି କଥାକୁ ପ୍ରକାଶ କରିବା ପାଇଁ ଆପଣ ଆ:ସଙ୍କ ନିମନ୍ତେ ସିଆଲ୍‌କୋଟ୍ ହିଁ ପ୍ରଥମ କ୍ଷେତ୍ର ରୂପେ ପ୍ରମାଣିତ ହେଲା, ଯେଉଁଥିରେ ଆପଣ ଆ:ସ ବିଶେଷ ସଫଳତା ହାସଲ କଲେ, ଯାହା ଆପଣ ଆ:ସଙ୍କ ସତ୍ୟତାର ମଧ୍ୟ ସ୍ପଷ୍ଟ ପ୍ରମାଣ ଅଟେ । ସେ ସମୟରେ ଯେବେ ଅନ୍ୟ ଓ୍ୱଲେମାମାନେ ପାଦ୍ରୀମାନଙ୍କ ମୁକାବିଲା କରିବା ପାଇଁ ଭୟ କରୁଥିଲେ, ଆପଣ ଆ:ସ ଇସ୍‌ଲାମ୍‌ର ପ୍ରତିରକ୍ଷା ନିମନ୍ତେ ସେମାନଙ୍କ ସହିତ ଯୋର୍‌ଦାର୍ ମୁକାବିଲା କଲେ ।

ଥରେ ସିଆଲ୍‌କୋଟ୍ ଇଲାକାର ହାଜିପୁରାର ପାଦ୍ରୀ ଯାହାର ନାମ ଅଲ୍ ଅଇଶା ଥିଲା, ତାଙ୍କ ସହିତ ଆପଣ ଆ:ସଙ୍କର ମୁବାହିସା (ଯୁକ୍ତିଯୁକ୍ତ ତର୍କ) ହେଲା । ପାଦ୍ରୀ ସାହେବ ମୁବାହିସାର ଆରମ୍ଭ କରି କହିଲେ ଯେ ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ବିନା ମୋକ୍ଷ ପ୍ରାପ୍ତ ସମ୍ଭବ ନୁହେଁ । ହଜ୍‌ରତ୍ ଅକ୍‌ଦସ୍ ଆଲୈହିସ୍ ସଲାମ୍ କେବଳ ଏତିକି କହିଲେ ଯେ- ମୋକ୍ଷପ୍ରାପ୍ତିର ବିସ୍ତାର ରୂପେ ପରିଚୟ ପ୍ରଦାନ କରିଦିଅନ୍ତୁ । ଆପଣ କେବଳ ଏତିକି ହିଁ କହିସାରିବା ପରେ ସେହି ପାଦ୍ରୀଜଣକ ଆଶ୍ଚର୍ଯ୍ୟ ହୋଇ ରହିଗଲେ ଓ ଏହା କହି ଉଠିଗଲେ ଯେ ମୁଁ ଏଭଳି ମନ୍ତିକ୍ (ତର୍କବିଦ୍ୟା) ପଢ଼ିନାହିଁ ।

ସେହିପରି ହଜ୍‌ରତ୍ ଅକ୍‌ଦସ୍ ଆଲୈହିସ୍ ସଲାମ୍‌ଙ୍କ ସିଆଲ୍‌କୋଟ୍‌ରେ ଯେଉଁ ପାଦ୍ରୀମାନଙ୍କ ସହିତ ଭାବର ଆଦାନ ପ୍ରଦାନ ରହୁଥିଲା ସେମାନଙ୍କ ଭିତରୁ ଜଣେଥିଲେ ପାଦ୍ରୀ ବଟ୍‌ଲର୍, ଯିଏ ସ୍କାଟ୍‌ମିସନ୍‌ର ବଡ଼ ନାମଜାଦିଆ ଓ ପ୍ରସିଦ୍ଧ ପାଦ୍ରୀ ଥିଲେ ।

ପାଦ୍ରୀ ବଟ୍‌ଲର୍ ଆପଣ ଆ:ସଙ୍କ ଦଲିଲ୍ ଗୁଡିକ ଦ୍ୱାରା ଏତେ ପ୍ରଭାବିତ ହୋଇଥିଲେ ଯେ କାର୍ଯ୍ୟାଳୟର ଶେଷ ସମୟରେ ଅଧିକାଂଶ ସମୟର ଆପଣଙ୍କ ନିକଟରେ ଉପସ୍ଥିତ ହେଉଥିଲେ ଓ ପୁଣି ବାର୍ତ୍ତାଳାପ କରି କରି ଆପଣଙ୍କ ସହିତ ଆପଣ ଆ:ସଙ୍କ ଆବାସସ୍ଥଳୀ ପର୍ଯ୍ୟନ୍ତ ଚାଲିଯାଉଥିଲେ । ଏବଂ ବହୁତ ଧ୍ୟାନର ସହିତ ଆପଣ ଆ:ସଙ୍କ କଥାଗୁଡିକୁ ଶୁଣୁଥିଲେ । କିଛି ସ୍ୱଚ୍ଛ ଦୃଷ୍ଟି ସମ୍ପନ୍ନ ପାଦ୍ରୀମାନେ ତାଙ୍କୁ ଏଥିରୁ ରୋକି କହୁଥିଲେ ଯେ ଏହାଦ୍ୱାରା ଆପଣଙ୍କର ଓ ମିଶନ୍‌ର ଅପମାନ ହେଉଛି । ତେଣୁ ଆପଣ ସେଠାକୁ ଯାଆନ୍ତୁ ନାହିଁ । ଏଥିରେ ସେ କହିଲେ ଯେ ଇଏ ଜଣେ ମହାନ୍ ବ୍ୟକ୍ତି ଅଟନ୍ତି । ଅର୍ଥାତ୍ ଏହାଙ୍କର ଦୃଷ୍ଟାନ୍ତ ନାହିଁ, ତୁମେ ଯାଙ୍କୁ ବୁଝିପାରୁନାହଁ । ମୁଁ ଖୁବ୍ ବୁଝିଛି ।

(ଅଲ୍‌ହକମ୍ ୭ ଅପ୍ରେଲ୍ ୧୯୩୪)

ପାଦ୍ରୀ ବଟ୍‌ଲର୍ ସାହେବ୍ ଯେତେବେଳେ ବିଲାତ ଯିବାକୁ ବାହାରିଲେ ସେତେବେଳେ ସେ ଆପଣ ଆ:ସଙ୍କ ସହିତ ନ ମିଳି ଯିବାକୁ ଚାହିଁଲେ ନାହିଁ । ତେଣୁ ସେ ଦଫ୍‌ତର୍ ସମୟରେ କଚେରୀ ଆସିଲେ ଓ ଡେପୁଟି କମିଶନର୍ ସାହେବ୍‌ଙ୍କ ପଚାରିବାରୁ ସେ କହିଲେ ଯେ ମୁଁ ମିର୍ଜା ସାହେବ୍‌ଙ୍କୁ ସାକ୍ଷାତ୍ କରିବା ପାଇଁ ଆସିଛି ଓ ପୁଣି ଯେଉଁଠାରେ ଆପଣ ଆ:ସ ବସନ୍ତି ସେଠାକୁ ସିଧା ଚାଲିଗଲେ ଓ କିଛି ସମୟ ବସି ଫେରି ଚାଲିଗଲେ । (ତାରିଖେ ଅହେମଦୀୟତ୍, ଖଣ୍ଡ-୧, ପୃଷ୍ଠା-୯୩)

**୧୮୭୭ ମସିହାରେ ଆଗମନ**

ଏହିବର୍ଷ ଆଲୈହିସ୍ ସଲାମ୍ ହକିମ୍ ହିସାମୁଦ୍ଦିନ୍ ସାହେବ୍‌ଙ୍କ ନିମନ୍ତ୍ରଣରେ ସିଆଲ୍‌କୋଟ୍‌ର ଯାତ୍ରା ଗ୍ରହଣ କଲେ । ଏବଂ ନିଜର ବିଶେଷ ହିନ୍ଦୁ ବନ୍ଧୁ ଲାଲା ଭୀମ୍‌ସେନ୍‌ଙ୍କ ଘରେ ରହିଲେ ।

(ତାରିଖେ ଅହେମଦୀୟତ୍, ଖଣ୍ଡ-୧, ପୃଷ୍ଠା-୧୪୮)

**୧୮୯୨ ମସିହାରେ ଆଗମନ**

ଜମାତ୍ ଅହେମଦୀୟା ସିଆଲ୍‌କୋଟ୍‌ର ଏ ଇଚ୍ଛା ଥିଲା ଯେ ହଜ୍‌ରତ୍ ଅକ୍‌ଦସ୍ ଆଲୈହିସ୍ ସଲାମ୍ ପୁଣି ଥରେ

ସିଆଲ୍‌କୋଟ୍‌ରେ ବିରାଜମାନ ହୁଅନ୍ତୁ ଓ ସେମାନଙ୍କ ଦର୍ଶନ କରିବା ପାଇଁ ସୁଯୋଗ ଦିଅନ୍ତୁ । ସୁତରାଂ ଯେବେ ଆପଣ ଆ:ସ ଲାହୋର ଗଲେ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ସିଆଲକୋଟ୍‌ର ଲୋକମାନଙ୍କ ତରଫରୁ ଆପଣ ଆ:ସଙ୍କ ଗୋଚରରେ ସିଆଲ୍‌କୋଟ୍ ଆସିବା ପାଇଁ ନିମନ୍ତ୍ରଣ ଉପସ୍ଥାପନ କଲେ । ଆପଣ ଆ:ସ ସେହି ନିମନ୍ତ୍ରଣକୁ ଗ୍ରହଣ କଲେ ଓ ୧୮୯୨ ମସିହାର ଦ୍ୱିତୀୟ ସପ୍ତାହରେ ସିଆଲ୍‌କୋଟ୍‌ରେ ପହଂଚିଲେ ଏବଂ ହକିମ୍ ହିସାମୁଦ୍ଦିନ୍ ସାହେବଙ୍କ ଘରେ ରହିଲେ ।

(ତାରିଖେ ଅହେମଦୀୟତ, ଖଣ୍ଡ-୧, ପୃଷ୍ଠା-୪୬୯)

**୧୯୦୪ ମସିହାରେ ଆଗମନ**

ଦାବି କରିବା ପରେ ହଜରତ୍ ଅକ୍‌ଦସ୍ ଆଲୈହିସ୍ ସଲାମ୍ ୧୮୯୨ ମସିହା ଓ ୧୯୦୪ ମସିହାରେ ସିଆଲ୍‌କୋଟ୍ ଆସିଛନ୍ତି । ୧୯୦୪ ମସିହାର ଯାତ୍ରା ସମୟରେ ଆପଣ ଆ:ସ ୨୭ ଅକ୍ଟୋବର ଦିନ କାଦିଆନ୍‌ରୁ ଗସ୍ତ ଆରମ୍ଭ କଲେ । ଆପଣ ଆ:ସଙ୍କର ଏ ଇଛା ଥିଲା ଯେ ଏପରି ଗାଡ଼ି ଦ୍ୱାରା ଯାତ୍ରା କରାଯାଉ ଯିଏ ରାତି ସମୟରେ ସେଠାରେ ପହଂଚିବ । କିନ୍ତୁ ସିଆଲ୍‌କୋଟ୍‌ର ସଦସ୍ୟମାନଙ୍କର ଏ ଇଛା ଥିଲା ଯେ ହଜୁର୍ ଆ:ସ ଏଠାରେ ଦିନବେଳା ପହଂଚନ୍ତୁ ଯଦ୍ୱାରା ଅଧିକରୁ ଅଧିକ ଲୋକେ ଆପଣ ଆ:ସଙ୍କ ସ୍ୱାଗତ କରିପାରିବେ କିନ୍ତୁ ହଜୁର୍ ଏ କଥାକୁ ପସନ୍ଦ କଲେନାହିଁ । ଯଦି କୌଣସି ସାଂସାରିକ ବ୍ୟକ୍ତି ହୋଇଥାନ୍ତେ ତେବେ ନିଶ୍ଚିତ ରୂପେ ଦ୍ୱିପ୍ରହରକୁ ଆସିବା ପାଇଁ ପସନ୍ଦ କରିଥାନ୍ତା ଯଦ୍ୱାରା ତାଙ୍କର ଶାନୋ ଶୌକତ୍ (ସମ୍ମାନ ଓ ବୈଭବ) ଅଧିକରୁ ଅଧିକ ଲୋକମାନଙ୍କ ନିକଟରେ ହୋଇପାରିଥାଆନ୍ତା କିନ୍ତୁ ଆପଣ ଆ:ସଙ୍କର ଏପରି ସାଂସାରିକ ପାର୍ଥିବ ସମ୍ମାନ ସହିତ କୌଣସି ସମ୍ପର୍କ ନଥିଲା ।

**ସ୍ୱାଗତ ଓ ଅତିଥି ସତ୍କାର**

ବିରୋଧିମାନେ ଲୋକମାନଙ୍କୁ ଆପଣ ଆ:ସଙ୍କ ସ୍ୱାଗତ କରିବାରୁ ରୋକି ରଖିବା ପାଇଁ ବହୁତ ଚେଷ୍ଟା କଲେ କିନ୍ତୁ ଭୀଷଣ ବିରୋଧ ହେବା ସତ୍ତ୍ୱେ ମଧ୍ୟ ଆପଣ ଆ:ସଙ୍କ ସ୍ୱାଗତ ନିମନ୍ତେ ବହୁ ସଂଖ୍ୟକ ଲୋକେ ଉପସ୍ଥିତ ଥିଲେ ଓ ଷ୍ଟେସନ୍‌ରେ ବହୁତ ଭିଡ଼ ଏକତ୍ରିତ ହୋଇଥିଲା । ହଜୁର୍ ଆ:ସଙ୍କ ରହିବା ନିମନ୍ତେ ହକିମ୍ ହିସାମୁଦ୍ଦିନ୍ ସାହେବ୍‌ଙ୍କ ଆବାସସ୍ଥଳୀରେ ବ୍ୟବସ୍ଥା କରାଯାଇଥିଲା । ଅନ୍ୟ ସଦସ୍ୟମାନଙ୍କ ପାଇଁ ନିକଟରେ ଥିବା ଘରଗୁଡ଼ିକୁ ଖାଲି କରାଗଲା ଏବଂ ସିଆଲ୍‌କୋଟ୍‌ର ସଦସ୍ୟମାନେ ସେମାନଙ୍କର ଅତିଥି ସତ୍କାର କରିବାରେ କୌଣସି ପ୍ରକାର ଅଭାବ ଦେଖାଇନଥିଲେ ।

**ତକ୍‌ରିବେ ବୟତ୍ (ବୟତ୍ ଉତ୍ସବ)**

୨୮ ଅକ୍ଟୋବର ଶୁକ୍ରବାର ଦିନ ମସ୍‌ଜିଦ୍ ହକିମ୍ ହିସାମୁଦ୍ଦିନ୍‌ଠାରେ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ ସିଆଲକୋଟୀ ର:ଅ ଜୁମା ପଢ଼ାଇଲେ । ଜୁମା ନମାଜ ପରେ ବହୁତ ଲୋକେ ବୟତ୍ କଲେ । ବହୁତ ଭିଡ଼ ଥିବାରୁ ଏହା ଅସମ୍ଭବ ଥିଲା ଯେ ସମସ୍ତ ଲୋକେ ହଜୁର୍ ଆ:ସଙ୍କ ପବିତ୍ର ହସ୍ତ ଉପରେ ନିଜ ନିଜର ହାତ ରଖି ବୟତ କରିଥାଆନ୍ତେ । ସେଥିଯୋଗୁ ବାରଗୋଟି ପଗୁଡି ବିଭିନ୍ନ ଦିଗରେ ବିଛାଇ ଦିଆଗଲା ଯଦ୍ୱାରା ଲୋକମାନେ ବୟତ୍ କରିପାରିବେ । ବୟତ୍ କରିବା ପରେ ଆପଣ ଆ:ସ ଏକ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କଲେ । ଓ ନିଜ ଦାବୀର ସତ୍ୟତା ଉପରେ ଆଲୋକପାତ କଲେ ।

**ଫେରିବା ପାଇଁ ଇଛା କରିବା ଓ ପୁଣି ଏହାକୁ ସ୍ଥଗିତ କରିବା**

ହଜୁର୍ ଆଲୈହିସ୍ ସଲାମ୍ ସେହିଦିନ ଅନେକ ସମୟ ପର୍ଯ୍ୟନ୍ତ ଲୋକମାନଙ୍କ ଗହଣରେ ରହିଲେ । ଯେଉଁଥିପାଇଁ ଆପଣ ଆ:ସଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଗଲା । ଏ ସମୟରେ ଅତିଥିମାନଙ୍କର ଆହୁରି ମଧ୍ୟ ଭିଡ଼ ହେଲା । ସେଥିଯୋଗୁ ଆପଣ ଆ:ସଙ୍କ ମନରେ ଏ ଭାବନା ଆସିଲା ଯେ ଏହି ଲୋକମାନଙ୍କ ଭିଡଦ୍ୱାରା ସିଆଲକୋଟ୍‌ର ଜମାତ୍ ପାଇଁ କୌଣସି ବିପଦ ନ ହୋଇଯାଉ । ସୁତରାଂ ହଜୁର୍ ଆ:ସ ୩୧ ଅକ୍ଟୋବର ଦିନ ଫେରି ଆସିବା ପାଇଁ ମନ ବଳାଇଲେ । ଯେତେବେଳେ ଲୋକମାନଙ୍କୁ ଏ କଥା ଜଣାପଡ଼ିଲା ଲୋକମାନେ ବହୁତ ବ୍ୟାକୁଳତାର ସହିତ ଆଶ୍ଚର୍ଯ୍ୟ ହେଲେ ଓ ଆପଣଙ୍କ ନିକଟରେ ନିବେଦନ କଲେ ଯେ ଏହି ଇଛାକୁ ସ୍ଥଗିତ କରିଦିଅନ୍ତୁ । ସୁତରାଂ ଆପଣ ଆ:ସ ସେ ଇଛାକୁ ସ୍ଥଗିତ କରିଦେଲେ ।

**ଲେକ୍‌ଚର ସିଆଲ୍‌କୋଟ୍‌ର ରଚନା**

ଏହି ସ୍ଥଗିତ ଦିନ ଗୁଡିକରେ ଏ କଥା ନିଷ୍ପତି ହେଲା ଯେ ଆପଣ ଆ:ସ ଇସ୍‌ଲାମ୍ ବିଷୟରେ ଲେକ୍‌ଚର୍ ଦେବେ ଓ ୨ ତାରିଖ ଦିନ ଏହି ଲେକ୍‌ଚର୍‌କୁ ପଢ଼ି ଶୁଣାଇ ଦିଆଯିବ । ସୁତରାଂ ଭୀଷଣ ବେମାର ହେବା ସତ୍ତ୍ୱେ ମଧ୍ୟ ଆପଣ ଆ:ସ ୩୧ ଅକ୍ଟୋବର ଦ୍ୱିପ୍ରହର ପରେ ଗୋଟିଏ ଲେକ୍‌ଚର୍ ଲେଖିଲେ ଏବଂ ୨ ନଭେମ୍ବର୍ ଦିନ ଏହି ଲେକ୍‌ଚର୍‌ଟି ମଧ୍ୟ ଛପାଇ ଦିଆଗଲା ।

ଆପଣ ଆ:ସଙ୍କ ଏହି ଲେକ୍‌ଚର୍‌ଟିରେ ଯୋଗଦେବା ପାଇଁ ଲୋକମାନଙ୍କୁ ରୋକିବା ନିମନ୍ତେ କଟର୍ ଓ୍ୱଲେମା ଗଣ ବହୁତ ଜୋର୍ ଲଗାଇ ଚେଷ୍ଟା କଲେ । ଏହି ଘଟଣା ବିଷୟରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି:-

"ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସିଆଲ୍‌କୋଟ୍ ଗଲେ । ସେଠାରେ ମୌଲବୀ ମାନେ ଏ ଫତ୍‌ଓ୍ୱା ଦେଲେ ଯେ ଯିଏ ତାଙ୍କର ଲେକ୍‌ଚର୍‌ରେ ଯୋଗ ଦେବ ତାଙ୍କର ନିକାହ୍ ଭାଙ୍ଗିଯିବ କିନ୍ତୁ ଯେହେତୁ ହଜ୍‌ରତ୍ ମିର୍ଜା ସାହେବ୍ ଆ:ସଙ୍କ ଆକର୍ଷଣ ଏପରି ଥିଲା ଯେ ଲୋକମାନେ ଉକ୍ତ ଫତ୍‌ଓ୍ୱାର ମଧ୍ୟ କୌଣସି ପରବାୟ କଲେନାହିଁ । ପୁଣି ରାସ୍ତା ଗୁଡିକରେ ଏଥିଯୋଗୁ ପହରା ଲଗାଇ ଦିଆଗଲା ଯେ ଲୋକମାନଙ୍କୁ ସେଠାକୁ ଯିବା ପାଇଁ ରୋକି ପାରିବେ ଓ ସଡକ ଉପରେ ପଥର ଏକାଠି କରି ରଖିଦେଲେ । ଅର୍ଥାତ୍ ଯିଏ ନରହିବ ତାକୁ ମାରିବେ । ପୁଣି ଜଲ୍‌ସାଗାଃରୁ ଲୋକମାନଙ୍କୁ ଧରି ଧରି ନେଇଯାଉଥିଲେ । ଯଦ୍ୱାରା ସେମାନେ ଲେକ୍‌ଚର୍‌ଟିକୁ ଶୁଣି ନପାରିବେ" ।

*(ଅନ୍‌ଓ୍ୱାରୁଲ୍ ଓ୍ୱଲୁମ୍, ଖଣ୍ଡ-୭, ପୃଷ୍ଠା-୧୯୨)*

ଏହି ସବୁ ଚେଷ୍ଟା କରିବ ସତ୍ତ୍ୱେ ବହୁ ସଂଖ୍ୟକ ଲୋକ ଉକ୍ତ ଲେକ୍‌ଚର୍‌ଟିକୁ ଶୁଣିବା ପାଇଁ ଧାଇଁ ଆସିଲେ । ୨ ନଭେମ୍ବର ଦିନ ସକାଳ ୭ଟା ସମୟ, ଲେକ୍‌ଚର୍ ପାଇଁ ନିର୍ଦ୍ଧାରିତ ହେଲା । ଏହି ଜଲ୍‌ସାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ ର:ଅ ସଭାପତିତ୍ୱ କଲେ । ଏବଂ ମୌଲବୀ ଅବ୍‌ଦୁଲ୍ କରିମ୍ ସାହେବ୍ ର:ଅ ଲେକ୍‌ଚର୍‌ଟିକୁ ପଢ଼ି ଶୁଣାଇଲେ । ଏହି ଲେକ୍‌ଚର୍‌ରେ ଆପଣ ଆ:ସ ଇସ୍‌ଲାମ୍‌ର ଉତମତା ଓ ବିଶେଷତା ବହୁତ ସୁନ୍ଦର ରୂପେ ବର୍ଣ୍ଣନା କରିଛନ୍ତି ।

ଏହି ଲେକ୍‌ଚର୍‌ଟିକୁ ଶୁଣି ଜଣେ ୟୁରୋପୀୟ ପୋଲିସ୍ ଇନିସ୍‌ପେକ୍ଟର, ଯିଏ ସେ ସମୟରେ ଡ୍ୟୁଟି କରୁଥିଲେ, ସେ କହିଲେ ଯେ:-

"ଆମେ ଆଶ୍ଚର୍ଯ୍ୟ ହେଉଛୁ ଯେ ତୁମେମାନେ ସେହି ବ୍ୟକ୍ତିଙ୍କର ବିରୋଧ କାହିଁକି କରୁଛ । ବିରୋଧ ତ ଆମକୁ ବା ହିନ୍ଦୁମାନଙ୍କୁ କରିବା ଦରକାର, ଯାହାଙ୍କ ଧର୍ମର ସେ ଖଣ୍ଡନ କରୁଛନ୍ତି । ଇସ୍‌ଲାମ୍‌କୁ ତ ସେ ସତ୍ୟ ଓ ବାସ୍ତବିକ୍ ଧର୍ମ ବୋଲି ପ୍ରମାଣ କରୁଅଛି । ଖଣ୍ଡନ ତ ସେ ଆମ ଧର୍ମର କରୁଛି । ଓ ତୁମେମାନେ ବେକାରଟାକୁ ବିରୋଧ କରୁଛ" ।

*(ଅଲ୍‌ହକମ୍ ୩୦ ନଭେମ୍ବର ୧୯୪)*

**ଶ୍ରୀକୃଷ୍ଣ ହେବାର ଦାବୀ**

ସିଆଲ୍‌କୋଟ୍‌କୁ ଏ ସମ୍ମାନ ମଧ୍ୟ ହାସଲ ହୋଇଛି ଯେ ଆପଣ ଆଲୈହିସ୍ ସଲାମ୍ ଏ ସ୍ଥାନରେ ସବୁପ୍ରଥମେ ଶ୍ରୀକୃଷ୍ଣ ହେବାର ଦାବି କରିଛନ୍ତି । ଆପଣ ଆ:ସ କହୁଛନ୍ତି:-

"ଯେପରି ଖୁଦା ମୋତେ ମୁସଲ୍‌ମାନ୍ ମାନଙ୍କ ପାଇଁ ଓ ଇସାଇ ମାନଙ୍କ ନିମନ୍ତେ ମସିହ୍ ମଉଦ୍ କରି ପ୍ରେରଣ କରିଛନ୍ତି ସେହିପରି ମୁଁ ହିନ୍ଦୁ ମାନଙ୍କ ପାଇଁ ଜଣେ ଅବତାର ମଧ୍ୟ ଅଟେ । ଓ ମୁଁ କୋଡିଏ ବର୍ଷ ହେବ ବା ଏହାଠାରୁ କିଛି ଅଧିକା ବର୍ଷରୁ ଏ କଥାକୁ ପ୍ରସିଦ୍ଧି ଦେଉଅଛି ଯେ ମୁଁ ସେହି ପାପ ଗୁଡିକୁ ଦୂର କରିବା ପାଇଁ (ଆସିଛି) ଯାହାଦ୍ୱାରା ଏ ପୃଥିବୀ ଭରି ଗଲାଣି । ଯେପରି ମସିହ୍ ଇବ୍‌ନେ ମରିୟମ୍ ରୂପରେ ମୁଁ ଅଟେ ସେହିପରି ରାଜ ଶ୍ରୀକୃଷ୍ଣ ରୂପରେ ମଧ୍ୟ ମୁଁ ଆସିଛି, ଯେ ହିନ୍ଦୁ ଧର୍ମର ସମସ୍ତ ଅବତାରମାନଙ୍କ ଠାରୁ ଜଣେ ବଡ଼ ଅବତାର ଥିଲେ ବା ଏପରି କହିବା ଉଚିତ୍ ହେବ ଯେ ଆଧ୍ୟାତ୍ମିକ ବାସ୍ତବିକତା ଦୃଷ୍ଟିକୋଣରୁ ମୁଁ ହେଉଛି ସେହି ବ୍ୟକ୍ତି । ଏହା ମୋର ଭାବନା ବା ମନଗଢ଼ା କଥା ନୁହେଁ ବରଂ ସେହି ଖୁଦା ଯିଏ ଆକାଶ ଓ ପୃଥିବୀର ଖୁଦା ଅଟନ୍ତି, ସେ ମୋ ଉପରେ ଏହା ପ୍ରକାଶ କରିଛନ୍ତି । ଏବଂ ଥରେ ନୁହେଁ ବରଂ ଅନେକଥର ମୋତେ ଜଣାଇଛନ୍ତି ଯେ ତୁ ହିନ୍ଦୁମାନଙ୍କ ପାଇଁ ଶ୍ରୀକୃଷ୍ଣ ଓ ମୁସଲ୍‌ମାନ୍ ଓ ଇସାଇଙ୍କ ନିମନ୍ତେ ମସିହ୍ ମଉଦ୍ ଅଟୁ । ମୁଁ ଜାଣିଛି ମୁର୍ଖ ମୁସଲ୍‌ମାନ ମାନେ ଏକଥାକୁ ଶୁଣି ତତ୍‌କ୍ଷଣାତ୍ ଏହା କହିବେ ଯେ ଜଣେ କାଫିର୍ (ଅମାନ୍ୟକାରୀ)ଙ୍କ ନାମ ନିଜ ପାଇଁ ବ୍ୟବହାର କରି କୁଫର୍ (ଅମାନ୍ୟକାରୀ ହେବାର ଗୁଣ)କୁ ସ୍ପଷ୍ଟ ରୂପେ ଗ୍ରହଣ କରିନେଇଛି କିନ୍ତୁ ଏହା ଖୁଦାଙ୍କ ବାଣୀ ଅଟେ ଯାହାକୁ ପ୍ରକାଶ ନକରି ମୁଁ ରହିପାରିବି ନାହିଁ ଏଂ ଆଜି ଏ ପଥମ ଦିନ ଅଟେ ଯେଉଁଠି ଏପରି ବଡ଼ ଭିଡ଼ ଭିତରେ ମୁଁ ଏ କଥାକୁ ଉପସ୍ଥାପନ କରୁଅଛି । କାରଣ ଯେଉଁଲୋକମାନେ ଖୁଦାଙ୍କ ତରଫରୁ ଆସିଥାନ୍ତି ସେମାନେ କାହାର ଗାଳିଗୁଲଜ ଓ ଅଭିଷାପକୁ ଡରନ୍ତି ନାହିଁ" ।

*(ଲେକ୍‌ଚର୍ ସିଆଲ୍‌କୋଟ, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୨୨୮)*

**ଅନ୍ୟମାନଙ୍କର ସାକ୍ଷୀ**

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ତକ୍‌ଓ୍ୱା (ଧର୍ମ ପରାୟଣ), ପବିତ୍ରତା ଓ ମହାନ୍ ଆଧ୍ୟାତ୍ମିକ ଅସ୍ତିତ୍ୱ ହେବା ବିଷୟରେ କିଛି ରିଓ୍ୱାୟାତ୍ ଉପସ୍ଥାପନ କରାଯାଉଛି ।

ହକିମ୍ ମଜହର୍ ହୁସେନ୍ ସାହେବ୍ ଜଣେ ଭୀଷଣ ବିରୋଧି ହେବା ସତ୍ତ୍ୱେ ମଧ୍ୟ ଏହା କହିବା ପାଇଁ ବାଧ୍ୟ ହୋଇଗଲେ କି

*ଅବଶିଷ୍ଟାଂଶ ପୃଷ୍ଠା-୨୫ ରେ ଦେଖନ୍ତୁ...*

*ପୃଷ୍ଠା-୧ ର ଅବଶିଷ୍ଟାଂଶ*

ହେ ଅଜ୍ଞାନ କୌମ! ମୁଁ ତୁମକୁ କାହା ସହିତ ତୁଳନା କରିବି । ତୁମେମାନେ ସେହି ଅଭାଗାମାନଙ୍କ ସଦୃଶ ଅଟ ଯାହାଙ୍କ ଘର ନିକଟରେ ଜଣେ ଦାନଶୀଳ ବ୍ୟକ୍ତି ଗୋଟିଏ ବଗିଚା ତିଆରି କରି ସେଥିରେ ପ୍ରତ୍ୟେକ ପ୍ରକାରର ଫଳଗଛ ଲଗାଇଲା ଓ ତା ଭିତରେ ଗୋଟିଏ ମିଠା କେନାଲ ବୁହାଇଲା । ଯାହାର ପାଣି ଅତି ମଧୁର ଥିଲା । ଓ ସେହି ବଗିଚାରେ ବଡ଼ ବଡ଼ ଛାୟା ଦେଉଥିବା ବୃକ୍ଷମାନ ଲଗାଇଲା, ଯିଏ ହଜାର ହଜାର ଲୋକଙ୍କୁ ଖରାରୁ ବଂଚାଇ ପାରିବ । ଓ ସେହି ସମୟ ଉକ୍ତ ଦାନଶୀଳ ବ୍ୟକ୍ତିଜଣକ ସେମାନଙ୍କୁ ନିମନ୍ତ୍ରଣ କଲେ, ଯେଉଁମାନେ ରୌଦ୍ର ତାପରେ ଜଳୁଥିଲେ ତାଙ୍କ ନିକଟରେ କୌଣସି ଛାଇ ନଥିଲା, ନା କୌଣସି ଫଳ ଥିଲା, ନା ପିଇବାକୁ ପାଣିଥିଲା । ଯଦ୍ଦ୍ୱାରା ସେମାନେ ଛାଇରେ ବସିବେ, ଫଳଖାଇବେ ଓ ପାଣିପିଇବେ । କିନ୍ତୁ ଉକ୍ତ ଦୁର୍ଭାଗା ଜାତି (କୌମ୍) ସେହି ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଦେଲା । ଫଳତଃ ରୌଦ୍ରତାପ, ଶୋଷ ଓ ଭୋକରେ ସେମାନେ ମରିଗଲେ । ତେଣୁ ଖୁଦା କହୁଛନ୍ତି ଯେ ତାଙ୍କ ସ୍ଥାନରେ ମୁଁ ଅନ୍ୟ କୌମକୁ ନେଇଆସିବି ଯେଉଁମାନେ ଉକ୍ତ ବୃକ୍ଷର ଥଣ୍ଡା ଛାଇତଳେ ବସିବେ ଓ ସେହି ଫଳକୁ ଖାଇବେ ଓ ସେହି ସୁସ୍ୱାଦୁ ପାଣିକୁ ପିଇବେ । ଖୁଦା ଦୃଷ୍ଟାନ୍ତ ଦେଇ ପବିତ୍ର କୋରାନ୍‌ରେ ସୁନ୍ଦର ଭାବେ କହୁଛନ୍ତି ଯେ ଜୁଲ୍‌କର୍‌ନୈନ୍ ଗୋଟିଏ କୌମ୍ (ଜାତି) କୁ ରୌଦ୍ରତାପରେ ଜଳୁଥିବାର ଦେଖିଲେ । ସେମାନଙ୍କ ଓ ସୂର୍ଯ୍ୟ ମଧ୍ୟରେ କୌଣସି ପ୍ରତିବନ୍ଧ ନଥିଲା । ସେହି କୌମ୍ ଜୁଲ୍‌କର୍‌ନୈନ୍‌ଙ୍କ ଠାରୁ କୌଣସି ସାହାଯ୍ୟ ମାଗିଲେ ନାହିଁ, ସେଥିଯୋଗୁଁ ସେମାନେ ଉକ୍ତ ବିପତିରେ ପଡ଼ିରହିଲେ କିନ୍ତୁ ଜୁଲ୍‌କର୍‌ନୈନ୍‌କୁ ଅନ୍ୟ ଗୋଟିଏ କୌମ୍ ମିଳିଗଲା, ଯିଏ ଜୁଲ୍‌କର୍‌ନୈନ୍‌ଙ୍କ ଠାରୁ ଶତ୍ରୁ କବଳରୁ ବଂଚିବା ପାଇଁ ସାହାଯ୍ୟ ଭିକ୍ଷା କଲେ । ତେଣୁ ଗୋଟିଏ କାନ୍ଥ ତାଙ୍କ ପାଇଁ ତିଆରି ହେଲା । ଫଳତଃ ଶତ୍ରୁଙ୍କ ହାତ ପାଆନ୍ତାରୁ ସେମାନେ ବଂଚିଗଲେ । ତେଣୁ ମୁଁ ସତ୍ୟ କହୁଅଛି ଯେ ପବିତ୍ର କୋରାନ୍‌ରେ ଥିବା ଭବିଷ୍ୟବାଣୀ ମୁତାବକ ସେହି ଜୁଲ୍‌କର୍‌ନୈନ୍ ହେଉଛି ମୁଁ, ଯିଏ ପ୍ରତ୍ୟେକ ଶତାବ୍ଦିକୁ ପାଇଛି । ଏବଂ ରୌଦ୍ରତାପରେ ଜଳୁଥିବା ଲୋକେ ହେଉଛନ୍ତି ସେମାନେ ଅର୍ଥାତ୍ ମୁସଲ୍‌ମାନଙ୍କ ମଧ୍ୟରେ ଯେଉଁମାନେ ମତେ ଗ୍ରହଣ କଲେନାହିଁ ଓ କାଦୁଅରେ ପରିପୁର୍ଣ୍ଣ ଝରଣା ଓ ଅନ୍ଧାରରେ ବସିଥିବା ଲୋକେ ହେଉଛନ୍ତି ଇସାଇ (ଖ୍ରୀଷ୍ଟିଆନ୍), ଯେଉଁମାନେ ସୂର୍ଯ୍ୟଆଡକୁ ଆଖି ଉଠାଇ ମଧ୍ୟ ଦେଖିଲେ ନାହିଁ ଓ ସେହି ଜାତି ଯାହାଙ୍କ ନିମନ୍ତେ କାନ୍ଥ ତିଆରି କରାଗଲା ସେ ହେଉଛନ୍ତି ମୋ ଜମାତ୍ । ମୁଁ ସତ୍ୟ କହୁଅଛି କି ସେମାନଙ୍କ ଦୀନ୍ (ଧର୍ମ) ଶତ୍ରୁଙ୍କ ହାତପାହାନ୍ତାରୁ ବଂଚିଯିବ ଏପରି ସମସ୍ତ ମନ୍ଦ ଉଦ୍ଦେଶ୍ୟରେ ପଡ଼ିଥିବା ମୂଳଦୁଆକୁ ଶିର୍କ୍ (ଅନେକେଶ୍ୱରବାଦ) ଓ ଦହ୍‌ରିୟତ୍ (ନାସ୍ତିକବାଦ) ଖାଇ ଚାଲିବ । କିନ୍ତୁ ଏ ଜମାତ୍‌ର ବୟସ ଅଧିକା ହେବ ଓ ସଇତାନ ଏହା ଉପରେ ବିଜୟ ପାଇବ ନାହିଁ ଓ ସଇତାନି ଗୋଷ୍ଠି ଏମାନଙ୍କ ଉପରେ ବିଜୟ ଲାଭ କରିବ ନାହିଁ । ସେମାନଙ୍କର ହୁଜ୍ଜତ୍ (ତର୍କ) ତରବାରୀଠାରୁ ଅଧିକା ଧାର ଓ ନେଜାଃ (କନ୍ତ) ଠାରୁ ଅଧିକା ଭିତରକୁ ପ୍ରବେଶ କରିଯିବ । ଓ ସେମାନେ କୟାମତ (ପ୍ରଳୟ) ପର୍ଯ୍ୟନ୍ତ ପ୍ରତ୍ୟେକ ଧର୍ମ ଉପରେ ବିଜୟ ପ୍ରାପ୍ତ କରିଚାଲିବେ ।

*(ଜମିମା ବରାହିନେ ଅହେମଦୀୟା, ପଂଚମ ଭାଗ, ରୁହାନି ଖଜାଏନ୍, ଖଣ୍ଡ-୨୧, ପୃଷ୍ଠା-୩୧୨)*

**କଣ ଖୁଦାଙ୍କ ସରକାରରେ ମିଥ୍ୟାବାଦୀଙ୍କ ନିମନ୍ତେ କିଛି ବ୍ୟବସ୍ଥା ନାହିଁ**

ଅଲ୍ଲାଃତାଲା ପବିତ୍ର କୁର୍‌ଆନ୍‌ରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସମ୍ବୋଧନ କରି କହୁଛନ୍ତି ଯେ ଯଦି ଏ ନବୀ ମୋ ସମ୍ବନ୍ଧରେ ମିଛ କହିଥାନ୍ତା ତେବେ ଆମ୍ଭେ ତାକୁ ହଲାକ୍ (ନିଃଶେଷ) କରିଦେଇଥାନ୍ତୁ । ମାନି ନିଅନ୍ତୁ ଯେ ନବୁଓ୍ୱତ୍‌ର ଦାବୀ କରିବା ପରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନ ଅବଧି ଅର୍ଥାତ୍ ୨୩ ବର୍ଷ ଜଣେ ନବୀଙ୍କ ସତ୍ୟତାର ପ୍ରମାଣ ନିମନ୍ତେ ଏକ ଅବଧି ଓ ଦଲିଲ୍ ଅଟେ । ଅର୍ଥାତ୍ ମିଛୁଆ ନବୀ କଦାପି ଏତେ ସମୟ ପର୍ଯ୍ୟନ୍ତ ଅଲ୍ଲାଃଙ୍କ ହାତରୁ ବଂଚିପାରିବ ନାହିଁ । କିନ୍ତୁ ଜଣେ ହାଫିଜ୍ ସାହେବ୍ ମହମ୍ମଦ୍ ୟୁସୁଫ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗରେ ଏ ଦାବୀ କଲା ଯେ ଅନେକ ମିଥ୍ୟାବାଦୀ ନବୀ ୨୩ ବର୍ଷ ପର୍ଯ୍ୟନ୍ତ ଜିବୀତ ଥିଲେ ବରଂ ଏହାଠାରୁ ଅଧିକା ମଧ୍ୟ । ଏହାର ଉତରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

ଯେପରି ଖୁଦାଙ୍କ ସରକାରରେ ମିଥ୍ୟାବାଦୀଙ୍କ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ ଓ ସେଠାରେ ପ୍ରତ୍ୟେକ ମିଥ୍ୟାବାଦୀ ଚଳିଯାଆନ୍ତି ଓ ଏ ସମ୍ଭାବ୍ୟ ବାକି ରହନ୍ତା ଯେ ଯଦି ଖୁଦାଙ୍କ ସମ୍ବନ୍ଧରେ କୌଣସି ନବୀ ମିଥ୍ୟାରୋପ କରନ୍ତା ତେବେ ସାଂସାରିକ ଜୀବନରେ ତାକୁ କୌଣସି ଦଣ୍ଡ ନମିଳନ୍ତା । ଅର୍ଥାତ୍ ଖୁଦାଙ୍କ କାନୁନ୍‌ଠାରୁ ମନୁଷ୍ୟକୃତ ସରକାରଙ୍କ କାନୁନ୍ ଅଧିକା ଅଟେ କାରଣ ଏଠାରେ ମିଛ କାଗଜପତ୍ର ତିଆରି କରିଥିବା ବ୍ୟକ୍ତି ଧରାପଡ଼ିଥାଆନ୍ତି ଓ ଦଣ୍ଡ ପାଇଥାନ୍ତି ।

*(ତୋହଫାତୁନ୍ ନଦ୍‌ୱା, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୯୩)*

**କଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ୨୩ ବର୍ଷ ଅବଧି ଐଶିଚମତ୍କାର ଓ ଭବିଷ୍ୟବାଣୀ ନୁହେଁ?**

ଏଠାରେ ଏ ସମସ୍ୟାର ସମାଧାନ ହୋଇଗଲା ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପବିତ୍ର କୁର୍‌ଆନ୍‌ର ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଯେଉଁ ତେଇଶି ବର୍ଷର ଅବଧି ଥିଲା, ଏହି ମହଲତ ମିଳିବା ଓ ତାଙ୍କୁ ନିଃଶେଷ କରିବା ପାଇଁ ବିରୋଧିମାନଙ୍କର ଯେଉଁ ଚେଷ୍ଟା ଥିଲା, ସେଥିରୁ ସୁରକ୍ଷା ମିଳିବା ଓ ଜୀବନ (ବୟସ) ଶେଷକରି ଖୁଦାଙ୍କ ନିର୍ଦ୍ଦେଶ ଅନୁସାରେ (ଏ ସଂସାରରୁ) ଯିବା ଯେପରି ମୋ ପାଇଁ ମଧ୍ୟ ଅଶୀ ବର୍ଷ ଜୀବନ ପାଇବା ନିମନ୍ତେ ଭବିଷ୍ୟବାଣୀ ଅଛି । ଯେପର୍ଯ୍ୟନ୍ତ ମୁଁ ସବୁକିଛି ପୂରଣ କରିନେବି । ଏ ସବୁ କଥା ହାଫିଜ୍ ସାହେବଙ୍କ ଦୃଷ୍ଟିରେ ମୋଜେଜା (ଐଶିଚମତ୍କାର) ରୂପରେ ନୁହେଁ ଓ ନା ଏପରି ଭବିଷ୍ୟବାଣୀ ପୂରଣ ହେବାଦ୍ୱାରା କେହି ସତ୍ୟବାଦୀ ବୋଲି ବୁଝାପଡ଼ିବେ । ସୁତରାଂ କଣ ମୁଁ ଓ କଣ ଆଁ ହଜ୍‌ରତ୍ ସ:ଆ:ସ, କେହି ମଧ୍ୟ ହାଫିଜ୍ ସାହେବ୍‌ଙ୍କ ସିଦ୍ଧାନ୍ତ ଅନୁସାରେ ଉକ୍ତ ସୁରକ୍ଷା ଓ ଅଲ୍ଲାଃଙ୍କ ସମ୍ମାନକୁ ନିଜ ସତ୍ୟତା ପାଇଁ ପ୍ରମାଣ ସ୍ୱରୂପ ଉପସ୍ଥାପନ କରିପାରିବେ ନାହିଁ । ବରଂ ମିଥ୍ୟାବାଦୀ ମଧ୍ୟ ଏଥିରେ ସମ୍ମିଳିତ ହୋଇପାରିବେ । କିନ୍ତୁ ଏପରି ହେବା ଦ୍ୱାରା ପବିତ୍ର କୋରାନ୍‌ର ସମସ୍ତ ବର୍ଣ୍ଣନା ଭୁଲ୍ ପ୍ରମାଣିତ ହେଉଛି । କାରଣ ପବିତ୍ର କୋରାନ୍‌ରୁ ପ୍ରମାଣିତ ହେଉଛି ଯେ ପ୍ରତ୍ୟେକ ମିଥ୍ୟାଚାରୀ ଧରାପଡ଼ିବେ, ତିରସ୍କୃତ ହେବେ, ନିଃଶେଷ ହେବେ ।

*(ତୋହ୍‌ଫତୁନ୍ ନଦ୍‌ୱା ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୯୩)*

**ଯଦି ମିଥ୍ୟାବାଦୀଙ୍କୁ ସମର୍ଥନ ସତ୍ୟବାଦୀଙ୍କ ପରି ହୋଇପାରେ ତେବେ ପୁଣି ସତ୍ୟବାଦୀ ଓ ମିଥ୍ୟାବାଦୀଙ୍କ ମଧ୍ୟରେ କଣ ଫରକ ରହିଲା?**

କଣ ଅଲ୍ଲାଃଙ୍କ ନିକଟରେ ସତ୍ୟବାଦୀ ଓ ମିଥ୍ୟାବାଦୀଙ୍କ ମଧ୍ୟରେ କୌଣସି ଅନ୍ତର ନାହିଁ? ନିଶ୍ଚୟ ଅଛି । ଅଲ୍ଲାଃତାଲା ନିଜ ମାମୁର୍ (ପ୍ରେରିତ) ଓ ମୁର୍‌ସଲ୍ (ଦୂତ)ଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମର୍ଥନ ଓ ସହଯୋଗ କରିଥାଏ । ଯେବେକି ମିଥ୍ୟାବାଦୀଙ୍କୁ ସେ ନିଜ ପ୍ରତିଶ୍ରୁତି ମୁତାବକ ହଲାକ୍ (ନିଃଶେଷ) କରିଥାଏ । ସୁତରାଂ ପ୍ରତ୍ୟେକ କ୍ଷେତ୍ରରେ ଅଲ୍ଲାଃତାଲାଙ୍କ ସମର୍ଥନ ଓ ସହଯୋଗ କରିବା ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟବାଦୀ ହେବାର ପ୍ରମାଣ ଅଟେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

ଯେବେକି ହାଫିଜ୍ ସାହେବ୍‌ଙ୍କ ନିକଟରେ ମିଛୁଆ ପୈଗମ୍ବରଙ୍କ ମଧ୍ୟ ଏତେ ମାତ୍ରାରେ ସାହାଯ୍ୟ ପାଇପାରେ କି ଶତ୍ରୁମାନଙ୍କ ଅହରହ ଚେଷ୍ଟା ହେବା ସତ୍ତ୍ୱେ, ସେମାନେ ନିଜ ଦୀନ୍‌କୁ ପୃଥିବୀର ପ୍ରତିଷ୍ଠା କରିବା ପର୍ଯ୍ୟନ୍ତ ଜୀବିତ ରହିପାରିବେ, ତେବେ ଏହି ନିୟମ ଦ୍ୱାରା ସଚ୍ଚା ନବୀ ସବୁ ମାଟିରେ ମିଶିଗଲେ । ମିଛ ଓ ସତ ମଧ୍ୟରେ କିଛି ପାର୍ଥକ୍ୟ ରହିଲା ନାହିଁ । ଏବଂ ପ୍ରକାଶ୍ୟ ଅଟେ ଯେ ହଜାର ହଜାର ଶତ୍ରୁଙ୍କ ମିଥ୍ୟା ଓ ଅପଚେଷ୍ଟାର ବିପରୀତ ଜଣେ ମାମୁର୍‌ଙ୍କୁ ଜୀବିତ ରଖିବା ଓ ଦୀନ୍‌କୁ ଭୂପୃଷ୍ଠରେ ପ୍ରତିଷ୍ଠା କରିଦେବା ଏହା ଖୁଦାତାଲାଙ୍କ ବଡ଼ ଚମତ୍କାର ଅଟେ ଯାହା ସତ୍ୟବାଦୀ ଓ ସମ୍ପୂର୍ଣ୍ଣ ନବୀମାନଙ୍କୁ ଦିଆଯାଏ । ସୁତରାଂ ଯେହେତୁ ଏହି ଚମତ୍କାରରେ ମିଥ୍ୟାବାଦୀ ପୈଗମ୍ବର ମଧ୍ୟ ସାମିଲ୍ ଅଟନ୍ତି ତେବେ ଏପରି ଅବସ୍ଥାରେ ମୋଜେଜା (ଐଶିଚମତ୍କାର) ଇଶ୍ୱରୀୟ ମଧ୍ୟ ବିଶ୍ୱାସଯୋଗ୍ୟ ରହିଲା ନାହିଁ ଓ ସଚ୍ଚା ନବୀଙ୍କ ସତ୍ୟତା ଉପରେ କୌଣସି ସୁନିଦର୍ଶନ ବାକି ରହିଲା ନାହିଁ । ବାଃ ହାଫିଜ୍ ସାହେବ୍ ଆପଣ ଇସ୍‌ଲାମ୍‌କୁ ଶେଷ କରିଦେଲେ । ହାଫିଜ୍ ହେବ ତ ଏପରି

ହେବ ।

*(ତୋହ୍‌ଫତୁନ୍ ନଦ୍‌ୱା, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୯୩)*

**ମସିହ୍ ମଉଦ୍‌ଙ୍କ ବିନାଶ ନିମନ୍ତେ କୌଣସି ପ୍ରକାରର ଉଣା ରଖାଯାଇନାହିଁ । କିନ୍ତୁ ଅଲ୍ଲାଃ ତାଙ୍କର ସୁରକ୍ଷା କଲେ ଓ ତାଙ୍କ ସିଲ୍‌ସିଲା ଉନ୍ନତି କଲା**

ସମ୍ପୂର୍ଣ୍ଣ ସିଧାସଳଖ କଥା ଏହା କି ଯିଏ ଅଲ୍ଲାଃଙ୍କ ତରଫରୁ ଆସିଥାଏ ତା ବିରୁଦ୍ଧରେ ଶତୃମାନଙ୍କର କୌଣସି ଯୋଜନା ସଫଳ ହୁଏନାହିଁ । ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

ପୁଣି ଆଉ ଏକ ନିଦର୍ଶନ ତାଙ୍କ ପାଇଁ ଥିଲା ଯେ ସେମାନେ ମୋତେ ବିନାଶ କରିବା ପାଇଁ ଜୀବନ ଲଗାଇ ଚେଷ୍ଟା କଲେ ଓ ଏପରି କୌଣସି ଛଳ କପଟ ଓ କୁଟକର୍ମ ନାହିଁ ଯାହାକୁ ସେ ବ୍ୟବହାର ନକରିଥିବେ ଓ ମୁଖାଲିଫତ୍ (ବିରୋଧ) କୁ ପ୍ରକାଶ କରିବାରେ ନିଜର ସମସ୍ତ ସାମର୍ଥ୍ୟକୁ ବିନିଯୋଗ କଲେ । ଓ ନଖ ପର୍ଯ୍ୟନ୍ତ (ତିଳରୁ ତାଳ ପର୍ଯ୍ୟନ୍ତ) ଚେଷ୍ଟା କଲେ ଓ ଉଚିତ ଓ ଅନୁଚିତ ମାର୍ଗ ସବୁକୁ ଗ୍ରହଣ କଲେ ଓ ଗାଳିମନ୍ଦ, ଅପମାନ ଓ ତିରସ୍କାର ଦ୍ୱାରା ସମ୍ପୂର୍ଣ୍ଣ କାମ ନେଲେ । ସରକାରଙ୍କ ନିକଟରେ ମୋକଦ୍ଦମା କଲେ, ହତ୍ୟାର ଆରୋପ ଲଗାଇଲେ । କିନ୍ତୁ ଶେଷରେ ଫଳ ଏହା ହେଲା କି ଯେଉଁ ଯମାତ ପ୍ରଥମ ଦିନ ଚାଳିଶି ଜଣ ଲୋକଙ୍କଠାରୁ ମଧ୍ୟ କମ୍ ଥିଲା ଆଜି ସତୁରି ହଜାର ପାଖାପାଖି ହୋଇଗଲେଣି ।

*(ନୁଜୁଲେ ମସିହ୍, ରୁହାନି ଖଜାଏନ୍, ଖଣ୍ଡ-୧୮, ପୃଷ୍ଠା-୪୦୮)*

**ମୁସେଲିମା ଗୋଟିଏ ଯୁଦ୍ଧରେ ନିଃଶେଷ ହୋଇଗଲା କିନ୍ତୁ ତୁମେମାନେ କୋଡିଏ ବର୍ଷ ଯୁଦ୍ଧ କରି ଅସଫଳ ହେଲ**

ତୁମେ ମୋ ନାମ ମୁସେଲିମା କଜ୍ଜାବ (ମିଥ୍ୟାବାଦୀ ମୁସେଲିମା) ରଖିଲ । କିନ୍ତୁ ମୁସେଲିମା ତ ସେହି ବ୍ୟକ୍ତି ଥିଲା, ଯିଏ ଗୋଟିଏ ଯୁଦ୍ଧରେ ଶେଷ ହୋଇଗଲା । କିନ୍ତୁ ତୁମେ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ କରିଚାଲିଲ ଓ ପ୍ରତ୍ୟେକ ଯୁଦ୍ଧରେ ଅସଫଳ ହେଲ । କଣ ସତ୍ୟବାଦୀ ଓ ମୋମିନ୍‌ଙ୍କର ଏହି ଲକ୍ଷଣ ହୋଇଥାଏ ? କଣ ତୁମେ ଦେଖୁନାହଁ ଯେ ତୁମେ କମ ହୋଇଯାଉଛ ଆଉ ଆମେ ବଢ଼ି ଚାଲିଛୁ । ଯଦି ତୁମର ପାଦ କୌଣସି ସତ୍ୟ ଉପରେ ଆଧାରିତ ଥାଆନ୍ତା ତେବେ କଣ ତୁମର ଫଳ ଏପରି ହୋଇଥାଆନ୍ତା ।

*(ନୁଜୁଲେ ମସିହ୍, ରୁହାନି ଖଜାଏନ୍, ଖଣ୍ଡ-୧୮, ପୃଷ୍ଠା-୪୦୯)*

**ଶତୃଙ୍କ ନିପାତ ହେବା ମସିହ୍ ମଉଦ୍‌ଙ୍କ ମୁକାବିଲାରେ ଥିବା ତାଙ୍କ ଶତୃମାନଙ୍କର ଜଣକ ପରେ ଜଣେ ନିପାତ ହୋଇଯିବା ଓ ମସିହ୍ ମଉଦ୍‌ଙ୍କୁ ସମ୍ମାନର ସହିତ ପ୍ରସିଦ୍ଧି ମିଳିବା କଣ ତାଙ୍କ ସତ୍ୟତାର ନିଦର୍ଶନ ନୁହେଁ ?**

ନିଜ ମାମୁର୍ ଏବଂ ମୁରସଲ୍ (ପ୍ରେରିତ ଦୂତ)ଙ୍କ ଖାତିର୍ ଯଦି ସେମାନଙ୍କର ଶତୃମାନଙ୍କୁ ନିପାତ କରିବାକୁ ପଡ଼େ ତେବେ ଅଲ୍ଲାଃତାଲା ଏଥିରେ ପଛାନ୍ତି ନାହିଁ । ଶତୃମାନଙ୍କର ନିପାତ ହେବା ଖୁଦାଙ୍କ ମାମୁର୍ ଏବଂ ମୁରସଲଙ୍କର ସତ୍ୟତାର ଗୋଟିଏ ବହୁତ ବଡ଼ ପ୍ରମାଣ ଅଟେ । ନିଜର କିଛି ଶତୃମାନଙ୍କ ନିପାତ ହେବା ବିଷୟରେ ଚର୍ଚ୍ଚା କରି ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

ପ୍ରଥମତଃ ତୁମମାନଙ୍କ ମଧ୍ୟରୁ ମୌଲବୀ ଇସ୍‌ମାଇଲ୍ ଅଲିଗଡ଼ ମୋ ମୁକାବିଲାରେ ଆସି କହିଲେ ଯେ ଆମ ମଧ୍ୟରୁ ଯିଏ ମିଥ୍ୟାବାଦୀ ଅଟେ ସେ ପ୍ରଥମେ ମରିଯିବ । ସୁତରାଂ ତୁମେମାନେ ଜାଣିସାରିଛ ଯେ ବୋଧହୁଏ ଦଶବର୍ଷ ହେବ ସେ ମରିସାରିଛନ୍ତି । ବର୍ତମାନ ମାଟିରେ ତାଙ୍କର ହାଡ ମଧ୍ୟ ମିଳିପାରିବ ନାହିଁ । ପୁଣି ପଞ୍ଜାବ୍‌ରେ ମୌଲବୀ ଗୁଲାମ୍ ଦସ୍ତଗୀର୍ କସୁରୀ ଆବିର୍ଭାବ ହୋଇ ନିଜକୁ କିଛି ଗୋଟେ ଭାବିନେଲେ ଏବଂ ସେ ତାଙ୍କ ପୁସ୍ତକରେ ମୋ ବିରୁଦ୍ଧରେ ଲେଖିଲେ ଯେ ଆମ ଦୁଇଜଣଙ୍କ ମଧ୍ୟରୁ ଯିଏ ମିଥ୍ୟାବାଦୀ ଥିବ ସେ ପ୍ରଥମେ ମରିଯିବ । ସୁତରାଂ ମୌଲବୀ ଗୁଲାମ୍ ଦସ୍ତଗୀର୍ ମଧ୍ୟ ଅନେକ ବର୍ଷ ହେବ ମରିଗଲେଣି । ସେହି ପୁସ୍ତକଟି ବର୍ତମାନ ବିଦ୍ୟମାନ ଅଛି । ସେହିପରି ମୌଲବୀ ରଶିଦ୍ ଅହେମଦ୍ ଗଙ୍ଗୋହୀ ଗୋଟିଏ ଇସ୍ତେହାର୍ ମୋ ମୁକାବିଲାରେ ଛପାଇଲେ ଏବଂ ମିଥ୍ୟାବାଦୀଙ୍କ ଉପରେ ଲାନତ୍ (ଅଭିଶାପ) ପ୍ରେରଣ କଲେ । କିନ୍ତୁ ସେ ଅଳ୍ପ ଦିନ ପରେ ଅନ୍ଧ ହୋଇଗଲେ । ଦେଖନ୍ତୁ ଏବଂ ଏଥିରୁ ଶିକ୍ଷା ନିଅନ୍ତୁ । ପୁଣି ଏହାପରେ ମୌଲବୀ ଗୁଲାମ୍ ମୁହିଉଦ୍ଦିନ୍ ଲଖୋକେୱାଲା ଉଠିଲେ, ସେ ମଧ୍ୟ ଏହିପରି ଏଲହାମ୍ ଛପାଇଲେ । ପରିଶେଷରେ ସେ ମଧ୍ୟ ଶିଘ୍ର ଏ ଦୁନିଆରୁ ଚାଲିଗଲେ । ପୁଣି ଅବ୍‌ଦୁଲ୍ ହକ୍ ଗଜନୱି ମୋ ମୁକାବିଲାରେ ମୁବାହିଲା କରି ଦୁଆ କଲେ କି ଯିଏ ମିଥ୍ୟାବାଦୀ ହୋଇଥିବ, ଖୁଦାଙ୍କ ଲାନତ୍ ତାଙ୍କ ଉପରେ ହେଉ, ସେ ବର୍‌କତ୍‌ରୁ ବଂଚିତ ରହୁ ଓ ଦୁନିଆରେ ତା ଗ୍ରହଣୀୟତାର ଚିହ୍ନବର୍ଣ୍ଣ ନରହୁ । ସୁତରାଂ ତୁମେ ନିଜେ ଦେଖିନିଅ ଯେ ସେହି ଦୁଆ ର ଫଳ କଣ ବାହାରିଲା ଓ ଏବେ ତାର ଏବଂ ଆମର କି ପ୍ରକାର ଅବସ୍ଥା ଅଛି । ଦେଖ ଏହି ମୁବାହିଲା ପରେ ଖୁଦା ଆମର ଉନ୍ନତି କଲେ ବଡ଼ ବଡ଼ ନିଦର୍ଶନ ଆକାଶରୁ ଓ ଭୂପୃଷ୍ଠାରୁ ପ୍ରକାଶ କଲେ । ଓ ବହୁତ ଲୋକଙ୍କୁ ମୋ ଆଡକୁ ଟାଣିଆଣିଲେ । କିନ୍ତୁ ଯେତେବେଳେ ମୁବାହିଲା ହୋଇଥିଲା ସେତେବେଳେ ବୋଧ ହୁଏ ମୋ ସାଙ୍ଗରେ ୪୦ ଜଣ ଥିଲେ । କିନ୍ତୁ ଆଜି ୭୦୦୦୦ ପାଖାପାଖି ସେମାନଙ୍କର ସଂଖ୍ୟା ଅଟେ । ଏବଂ ମାଲି ଫତୁହାତ୍ (ଆର୍ଥିକ ବିଜୟଧାରା) ଏପର୍ଯ୍ୟନ୍ତ ଦୁଇଲକ୍ଷ୍ୟ ଟଙ୍କାରୁ ମଧ୍ୟ ଅଧିକା । ଏବଂ ଗୋଟିଏ ସଂସାରକୁ କ୍ରୀତଦାସଙ୍କ ପରି ଶ୍ରଦ୍ଧାଳୁ କରିଦେଲେ ଏବଂ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ମୋତେ ପ୍ରସିଦ୍ଧି ପ୍ରଦାନ କଲେ । ମଜା ତ ସେତେବେଳେ ଆସିବ । ପ୍ରଥମେ କାଦିଆନ୍ ଆସନ୍ତୁ ଓ ଦେଖନ୍ତୁ ଯେ ଶ୍ରଦ୍ଧାଳୁମାନଙ୍କର ସେନା କିପରି ଏଠାରେ ଛାଉଣୀ ମାରି ରହିଛନ୍ତି ଓ ପୁଣି ଅମୃତସରରେ ଅବ୍‌ଦୁଲ୍ ହକ୍ ଗଜନୱିଙ୍କୁ କେଉଁ ଦୋକାନରେ ବା ବଜାରରେ ବୁଲୁଥିବାର ଦେଖ ଯେ ସେ କି ଅବସ୍ଥାରେ ବୁଲୁଛି । ବଡ଼ ଦୁଃଖର କଥା କି ଖୁଦାଙ୍କ ଶକ୍ତି ଓ କରୁଣା ସ୍ୱଷ୍ଟ ରୂପେ ମୋତେ ସାହାଯ୍ୟ କରିବା ପାଇଁ ଅବତୀର୍ଣ୍ଣ ହେଉଅଛି କିନ୍ତୁ ଏ ଲୋକମାନେ ମୋତେ ଚିହ୍ନିପାରୁନାହାଁନ୍ତି ।

*(ନୁଜୁଲୁଲ୍ ମସିହ୍, ରୁହାନି ଖଜାଏନ୍, ଖଣ୍ଡ-୧୮, ପୃଷ୍ଠା-୪୦୯)*

**ଯିଏ ମସିହ୍ ମଉଦ୍‌ଙ୍କ ମୃତ୍ୟୁ ବିଷୟରେ ପେଶ୍‌ଗୋଇ କଲା ସେ ମଲା**

କିଛି ମସ୍‌ଜିଦ୍‌ରେ ମୋ ମୃତ୍ୟୁ ନିମନ୍ତେ ନାକ ରଗଡ଼ା ଯାଉଛି । କିଛି ଲୋକେ ଯେପରି ମୌଲବୀ ଗୁଲାମ୍ ଦସ୍ତଗୀର୍ କସୁରୀ ନିଜ ପୁସ୍ତକରେ ଓ ମୌଲବୀ ଇସ୍‌ମାଇଲ୍ ଅଲୀଗଡ଼ୱାଲେ ମୋ ସମ୍ବନ୍ଧରେ ନିଶ୍ଚିତ ନିର୍ଦ୍ଦେଶ ଦେଲେ ଯେ ଯଦି ସେ ମିଥ୍ୟାବାଦୀ ତେବେ ଆମ ପୂର୍ବରୁ ସେ ମରିଯିବ ଓ ନିଶ୍ଚିତ ରୂପେ ଆମ ପୂର୍ବରୁ ସେ ମରିବ କାରଣ ସେ ହେଉଛି ମିଥ୍ୟାବାଦୀ । କିନ୍ତୁ ଯେତେବେଳେ ସେହି ଲେଖାଗୁଡିକୁ ସେମାନେ ଦୁନିଆରେ ଛପାଇ ପ୍ରକାଶ କରିଦେଲେ, ଫଳସ୍ୱରୂପ ବହୁତ ଶିଘ୍ର ସେମାନେ ନିଜେ ହିଁ ମରିଗଲେ । ଓ ଏହିପରି ସେମାନଙ୍କର ମୃତ୍ୟୁହେବା ନିଷ୍ପତି କରିଦେଲା ଯେ ମିଥ୍ୟାବାଦୀ କିଏ ଥିଲା । କିନ୍ତୁ ପୁଣି ମଧ୍ୟ ଏ ଲୋକମାନେ ଶିକ୍ଷା ନେଉନାହାଁନ୍ତି । ଅତଏବ ଏହା କଣ ଗୋଟିଏ ମହାନ୍ ଚମତ୍କାର ନୁହେଁ କି ମୋହିଉଦ୍ଦିନ୍ ଲଖୋକେୱାଲେ ମୋ ପାଇଁ ମୃତ୍ୟୁର ଏଲହାମ୍ ଛପାଇଲା, ସେ ନିଜେ ମରିଗଲା । ମୌଲବୀ ଇସ୍‌ମାଇଲ୍ ଛପାଇଲା, ସେ ମରିଗଲା । ମୌଲବୀ ଗୁଲାମ୍ ଦସ୍ତଗୀର୍ ଗୋଟିଏ ପୁସ୍ତକ ଲେଖି ନିଜ ମୃତ୍ୟୁ ପୂର୍ବରୁ ମୋ ମରିବା କଥା ବହୁତ ଉତ୍ସାହର ସହିତ ଛାପିଲା (କିନ୍ତୁ) ସେ ମରିଗଲା । ପାଦ୍ରୀ ହମିଦ୍‌ଲ୍ଲାଃ ପେଶାୱରି ମୋ ମୃତ୍ୟୁ ନିମନ୍ତେ ଦଶମାସର ଅବଧି ରଖି ପେଶ୍‌ଗୋଇ ଛପାଇଥିଲା, (କିନ୍ତୁ) ସେ ମରିଗଲା । ଲେଖରାମ୍ ମୋ ମୃତ୍ୟୁ ନିମନ୍ତେ ତିନିବର୍ଷର ଅବଧି ରଖି ପେଶ୍‌ଗୋଇ କଲା, (କିନ୍ତୁ) ସେ ମରିଗଲା ।

*(ଜମିମା ତୋହ୍‌ଫା ଗୋଲଡ଼ିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୪୫)*

**ନବୀ ସ:ଆ:ସଙ୍କ ଯୁଗ ପରେ କୌଣସି ବିରୋଧିଙ୍କୁ ଏପରି ସ୍ୱଷ୍ଟ ପରାଜୟ ଓ ତିରସ୍କାର ମିଳିନାହିଁ**

ମୁଁ କଦାପି ବିଶ୍ୱାସ କରୁନାହିଁ ଯେ ନବୀଙ୍କ ଯୁଗ ପରେ କୌଣସି ଅହଲୁଲ୍ଲାଃ ଓ ଅହଲେ ହକ୍ (ସତ୍ୟ ପୁରୁଷ/ ଈଶ୍ୱର ପୁରୁଷ) ଙ୍କ ମୁକାବିଲାରେ କଦାପି କୌଣସି ବିରୋଧିଙ୍କୁ ଏପରି ସ୍ୱଷ୍ଟ ପରାଜୟ ଓ ତିରସ୍କାର ପହଂଚିଥିବ ଯେପରି ମୋ ଶତୃମାନଙ୍କୁ ମୋ ମୁକାବିଲାରେ ପହଂଚିଛି । ଯଦି ସେମାନେ ମୋ ସମ୍ମାନ ଉପରେ ଆକ୍ରମଣ କରିଛନ୍ତି ତେବେ ପରିଶେଷରେ ସେମାନେ ନିଜେ ହିଁ ଅପମାନିତ ହୋଇଛନ୍ତି । ଯଦି ମୋ ଜୀବନ ଉପରେ ଆକ୍ରମଣ କରି ଏହା କହୁଛନ୍ତି କି ଏହି ବ୍ୟକ୍ତିଙ୍କ ସତ୍ୟତା ଓ ମିଥ୍ୟାର ସ୍ତର ଏହା ଅଟେ ଯେ ଆମ ପୂର୍ବରୁ ସେ ମରିବ, କିନ୍ତୁ ସେମାନେ ନିଜେ ହିଁ ମରିଗଲେ । ମୌଲବୀ ଗୁଲାମ୍ ଦସ୍ତଗୀରଙ୍କ ପୁସ୍ତକ

ଦୂରରେ ନାହିଁ । ବହୁତ ସମୟରୁ ଛପା ହୋଇ ପ୍ରକାଶ ହୋଇସାରିଛି । ଦେଖନ୍ତୁ ସେ କେଡ଼େ ସାହସର ସହିତ ଲେଖୁଛି କି ଆମ ଦୁଇଜଣଙ୍କ ମଧ୍ୟରୁ ଯିଏ ମିଥ୍ୟାବାଦୀ ସେ ପ୍ରଥମେ ମରିଯିବ । କିନ୍ତୁ ସେ ନିଜେ ହିଁ ମରିଗଲା । ଏଥିରୁ ସ୍ପଷ୍ଟ ହେଉଛି ଯେ ଯେଉଁମାନେ ମୋ ମୃତ୍ୟୁର ଇଚ୍ଛା କରୁଥିଲେ ଓ ଖୁଦାଙ୍କ ପାଖରେ ପ୍ରାର୍ଥନା କରୁଥିଲେ ଯେ ଆମ ଦୁଇଜଣଙ୍କ ମଧ୍ୟରୁ ଯିଏ ମିଥ୍ୟାବାଦୀ ସେ ପ୍ରଥମେ ମରିବ । ପରିଶେଷରେ ସେ ନିଜେ ମଲେ । ନା ଜଣେ ନା ଦୁଇଜଣ ବରଂ ପାଂଚଜଣ ଏପରି କହିଲେ ଓ ଏ ଦୁନିଆକୁ ଛାଡ଼ି ଚାଲିଗଲେ ।

*(ଜମିମା ତୋହ୍‌ଫା ଗୋଲଡ଼ିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୪୬)*

**୩୦ ଜଣ ଦଜ୍ଜାଲ୍ ଆସିବାର ଉତର କିପରି ବିଶ୍ୱାସ ରଖୁଛନ୍ତି ଯେ ଦଜ୍ଜାଲ୍ ତ ୩୦ ଜଣ ଆସିବେ କିନ୍ତୁ ନବୀ ବା ମୁଜଦ୍ଦିଦ୍ ଜଣେ ମଧ୍ୟ ଆସିବେ ନାହିଁ ।**

ମୁସଲମାନ୍ ଓ୍ୱଲେମାମାନେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଭୀଷଣ ବିରୋଧ କଲେ । ଏପରି ବିରୋଧ କଲେ ଯେ କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ନବୀଙ୍କ ନିକଟରେ ଏପରି କୌଣସି ଦୃଷ୍ଟାନ୍ତ ମିଳେନାହିଁ । ନିଃସଙ୍କୋଚ ଗାଳିଗୁଲଜ ଆପଣଙ୍କୁ ଦିଆଗଲା, ଦଜ୍ଜାଲ୍ କୁହାଗଲା । ଦଜ୍ଜାଲ ବିଷୟରେ ଉତର ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

କୁହାଯାଉଛି ଯେ ହଦିସ୍‌ରେ ଆସିଛି ଏହି ଉମ୍ମତ୍‌ରେ ୩୦ ଜଣ ଦଜ୍ଜାଲ୍ ଆସିବେ ଯଦ୍ୱାରା ଉମ୍ମତ୍‌କୁ ପୁରାପରି ଶେଷ କରିଦେବେ । କେଡ଼େ ବଢ଼ିଆ ବିଶ୍ୱାସ!!! ହେ ଅଜ୍ଞାନମାନେ! କଣ ଏହି ଉମ୍ମତ୍‌ର ଏପରି ଫଟା କପାଳ ଓ ଏପରି ଦୁର୍ଭାଗ୍ୟ କି ତାହା ଭାଗରେ ତିରିଶି ଜଣ ଦଜ୍ଜାଲ ହିଁ ପଡ଼ିଲେ । ଦଜ୍ଜାଲ୍ ତ ୩୦ଟି କିନ୍ତୁ କୃଶ ଝଡ଼କୁ ଏଡାଇ ଦେବାପାଇଁ ଜଣେ ମଧ୍ୟ ମୋଜଦ୍ଦିଦ୍ ଆସିପାରିଲେ ନାହିଁ । କି ଭାଗ୍ୟ । ଖୁଦା ପ୍ରଥମ ଉମ୍ମତ୍‌ଙ୍କ ନିମନ୍ତେ ଓ ଗୋଟିକ ପରେ ଗୋଟିଏ ନବୀ ଓ ରସୁଲ୍ ପଠାଇଛନ୍ତି କିନ୍ତୁ ଯେତେବେଳେ ଏ ଉମ୍ମତ୍‌ର ବାରି ଆସିଲା ତେବେ ତାକୁ ୩୦ ଟି ଦଜ୍ଜାଲର ଶୁଭ ସମାଚାର ଶୁଣାଇ ଦିଆଗଲା । ପୁଣି ଏହା ମଧ୍ୟ ପ୍ରମାଣିତ ପେଶଗୋଇ ଅଟେ କି ପରିଶେଷରେ ଏହି ଉମ୍ମତ୍‌ର ଓ୍ୱଲେମାମାନେ ମଧ୍ୟ ୟୁହୁଦୀ ହୋଇଯିବେ ଓ ଏହା ମଧ୍ୟ ସ୍ପଷ୍ଟ ଯେ ଏପର୍ଯ୍ୟନ୍ତ ଲକ୍ଷ୍ୟ ଲକ୍ଷ୍ୟ ଲୋକ ମୁର୍‌ତଦ୍ (ଧର୍ମଛଡା) ହୋଇସାରିଛନ୍ତି, ଯେଉଁମାନେ ଇସ୍‌ଲାମ୍ ଧର୍ମକୁ ପରିତ୍ୟାଗ କରିସାରିଛନ୍ତି । ସୁତରାଂ ଏପରି ପଥଭ୍ରଷ୍ଟତା ହୋଇଯିବା ପରେ ମଧ୍ୟ କଣ ଖୁଦା ଖୁସି ହେଲେନାହିଁ ଏବଂ ତାର ମନବୋଧ ହେଲା ନାହିଁ କି ଯେପର୍ଯ୍ୟନ୍ତ ସେ ନିଜେ ଏହି ଉମ୍ମତ୍‌ରେ ଶତାବ୍ଦୀର ପ୍ରାରମ୍ଭରେ ଗୋଟିଏ ଦଜ୍ଜାଲ୍ ନ ପଠେଇ ଦେଇଛି । ଏହା ତେବେ ତ ବଢ଼ିଆ ଉମ୍ମତ୍! ଯାହା ପାଇଁ ଏପରି ଅବଦାନ! ପୁଣି ଏପରିକି ସେହି ଦଜ୍ଜାଲ୍‌କୁ ମାରିବା ପାଇଁ ସଜ୍‌ଦା କରିକରି ନାକ ଛିଣ୍ଡିଗଲାଣି ଓ ତାକୁ ଧ୍ୱଂସ କରିବା ପାଇଁ ମାତ୍ରାଧିକ ଦୁଆ ଓ ଲକ୍ଷ୍ୟାଧିକ କୌଶଳ କରାଗଲାଣି । କିନ୍ତୁ ଖୁଦା ଶୁଣୁନାହାଁନ୍ତି, ମୁହଁ ଫେରାଇ ନେଉଛନ୍ତି ବରଂ ଏହାର ଓଲଟା ଏହି ଦଜ୍ଜାଲ୍ ତିରିଶି ବର୍ଷ ହେବ ଉନ୍ନତି କରିଚାଲିଛି ! ଏବଂ ଏ ସଂସାରରେ ଆକାଶର ଜ୍ୟୋତି ଭଳି ପ୍ରସାର କରି ଚାଲିଛି । ଏଥିରୁ ପ୍ରମାଣିତ ହେଉଛି ଯେ ଏ ଉମ୍ମତ ଅତ୍ୟନ୍ତ ଅଭାଗା ଅଟେ ଓ ଖୁଦାଙ୍କର ଏ ଦୃଢ଼ ଇଚ୍ଛା ଯେ ତାକୁ ନିଃଶେଷ କରିଦେବେ । ଏହା ବଡ଼ ଦୁର୍ଭାଗ୍ୟର କଥା କି ପ୍ରଥମତଃ ତାକୁ ଦଜ୍ଜାଲ୍‌ର ହାତରେ ଦିଆଗଲା ଓ ଏପର୍ଯ୍ୟନ୍ତ ସଚ୍ଚା ମସିହ୍ ଓ ମେହେଦୀର ଠିକଣା ନା ତ ଆକାଶରେ ମିଳୁଛି ନା ତ ପୃଥିବୀରେ ମିଳୁଛି । ଯେତେ ପାଟି କରି ଡାକିଲେ ମଧ୍ୟ ସେହି ହଜିଯାଇଥିବା ଦୁଇଜଣ ଉତର ମଧ୍ୟ ଦେଉନାହାଁନ୍ତି ଯେ ଆମେ ଜୀବିତ ଅଛୁ ବା ମରିଗଲୁଣୁ ଓ କେଉଁଠାରେ ଅଛୁ ବୋଲି । ନବୀମାନଙ୍କର ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସମୟ ମଧ୍ୟ ବିତିଗଲାଣି ଓ ଏ ଉମ୍ମତ୍‌କୁ ଇସାଇ ଧର୍ମ ଖାଇସାରିଲାଣି । (କିନ୍ତୁ) ନା ତ ଖୁଦାଙ୍କୁ ଦୟା ଆସିଲା ଓ ନା ମେହେଦୀ ଓ ମସିହଙ୍କ ହୃଦୟ ନରମ ହେଲା ।

*(ନୁରୁଲୁଲ୍ ମସିହ୍, ରୁହାନି ଖଜାଏନ୍, ଖଣ୍ଡ-୧୮, ପୃଷ୍ଠା-୪୧୧)*

**ଅକିଦା (ଆସ୍ଥା ଓ ବିଶ୍ୱାସ) ଯେତେବେଳେ ଅଭ୍ୟାସରେ ପରିଣତ ହୋଇଯାଏ ତାକୁ ଛାଡ଼ିବା ବହୁତ କଷ୍ଟ ହୋଇଥାଏ ।**

ପ୍ରତ୍ୟେକ ଅକିଦା (ଆସ୍ଥା ଓ ବିଶ୍ୱାସ) ଯେତେବେଳେ ଅଭ୍ୟାସରେ ପରିଣତ ହୋଇଯାଏ ତାକୁ ଛାଡ଼ିବା ବହୁତ କଷ୍ଟ ହୋଇଥାଏ । ଏହି କାରଣ ଯୋଗୁ ହଜ୍‌ରତ୍ ମସିହ୍ ଯିଏ କେଉଁ କାଳରୁ ମରିସାରିଛନ୍ତି (କିନ୍ତୁ) ଆପଣମାନଙ୍କ ମନ ଭିତରେ ସେ ଏପର୍ଯ୍ୟନ୍ତ ସଶରୀରେ ଆକାଶରେ ବସିଛନ୍ତି । କିନ୍ତୁ ସତ୍ୟ ହେଉଛି ଏହା ଯେ ଆକାଶରେ ନୁହେଁ ବରଂ (ସେ) ଆପଣମାନଙ୍କ ମନ ଭିତରେ ବସିଛନ୍ତି । ଓ ପୁରୁଣା ବିଶ୍ୱାସ ଯୋଗୁ ସବୁବେଳେ ମୁଖ ଦ୍ୱାରା ଅବତୀର୍ଣ୍ଣ ହେଉଛନ୍ତି । *(ନୁରୁଲୁଲ୍ ମସିହ୍, ରୁହାନି ଖଜାଏନ୍, ଖଣ୍ଡ-୧୮, ପୃଷ୍ଠା-୪୧୩)*

**ମୁକାବିଲା ପାଇଁ ନିମନ୍ତ୍ରଣ ଓ ଏ ସିଲ୍‌ସିଲାର ଉନ୍ନତିର ମହାନ୍ ପେଶ୍‌ଗୋଇ ଆସନ୍ତାକୁ ଇସ୍‌ଲାମ୍‌ର ପରିଭାଷା ଏହି ସିଲ୍‌ସିଲା ହେବ ଅର୍ଥାତ୍ ସିଲ୍‌ସିଲା ଆଲିଆ ଅହେମଦୀୟା**

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ସତ୍ୟତାକୁ ପ୍ରମାଣିତ କରିବା ପାଇଁ ପ୍ରତ୍ୟେକ ପ୍ରକାର ମାର୍ଗକୁ ଗ୍ରହଣ କରିଛନ୍ତି । ସବୁ ପ୍ରକାରେ ବୁଝାଇଛନ୍ତି । ଏବଂ ପ୍ରତିକ୍ଷେତ୍ରରେ ମୁକାବିଲା କରିବା ପାଇଁ ନିମନ୍ତ୍ରଣ ଦେଇଛନ୍ତି । ଆପଣଙ୍କ ବିରୋଧି ମାନଙ୍କୁ ନିମନ୍ତ୍ରଣ ଦେବା ନିଜର ଜ୍ଞାନର ଅହଂକାର ନିମନ୍ତେ ନଥିଲା ବରଂ କେବଳ ଏଥିଯୋଗୁ ଥିଲା ଯେ ଏହି ଉପାୟରେ ଲୋକମାନେ ସତ୍ୟକୁ ପାଇ ଯାଆନ୍ତୁଏବଂ ବୁଝି ଯାଆନ୍ତୁ । ଆପଣ ଆ:ସ ପବିତ୍ର କୋରାନ୍‌ର ତଫସିର (ବ୍ୟାଖ୍ୟା)ର ମୁକାବିଲା କରିବା ପାଇଁ ନିମନ୍ତ୍ରଣ ଦେଲେ । ନିଦର୍ଶନ ଦେଖାଇବା ପାଇଁ ମୁକାବିଲାର ନିମନ୍ତ୍ରଣ ଦେଲେ, ଦୁଆ ଗ୍ରହଣୀୟ ହେବା ପାଇଁ ମୁକାବିଲା କରିବାକୁ ନିମନ୍ତ୍ରଣ ଦେଲେ । ନିମ୍ନରେ ଆପଣ ଆ:ସଙ୍କ ଗୋଟିଏ ବିଶ୍ୱାସବର୍ଦ୍ଧକ ଲେଖା ଉପସ୍ଥାପନ କରାଯାଉଛି । ଆପଣ କହୁଛନ୍ତି:-

କେଜାଣି କାହିଁକି ମୋତେ ମିଛୁଆ କରିବା ପାଇଁ ଏତେ ମାତ୍ରାରେ କଷ୍ଟ ଉଠାଉଛନ୍ତି । ଯଦି ଆକାଶ ତଳେ ମୋ ପରି କେହି ଆଉ ସାହାଯ୍ୟ ପାଇବାବାଲା ଥିବେ ଏବଂ ମୋ ମସିହ୍ ମଉଦ୍ ହେବା ଦାବିକୁ ମିଥ୍ୟା ବୋଲି ଅଭିହିତ କରୁଥିବେ ତେବେ କାହିଁକି ସେ ମୋ ମୁକାବିଲା କରିବା ପାଇଁ ଆସୁନାହିଁ? ସ୍ତ୍ରୀ ଲୋକଙ୍କ ଶୈଳୀରେ କଥା କହିବା କାହାକୁ ଆସେନାହିଁ । ସବୁବେଳେ ନିର୍ଲଜ୍ଜ ବିରୋଧି ଏପରି ହିଁ କରିଥାନ୍ତି । କିନ୍ତୁ ଯେବେ କି ମୁଁ ପଡ଼ିଆରେ ଛିଡ଼ା ହୋଇଛି ଓ ତିରିଶି ହଜାର ପାଖାପାଖି ବୁଦ୍ଧିମାନ୍, ଜ୍ଞାନୀ, ସାଧୁ ଓ ବିବେକି ମାନଙ୍କର ଗୋଷ୍ଠୀ ସମୂହ ମୋ ସହିତ ଅଛନ୍ତି ଓ ବର୍ଷାପରି ସ୍ୱର୍ଗୀୟ ନିଦର୍ଶନ ପ୍ରକାଶ ହେଉଅଛି । ତେବେ କଣ କେବଳ ମୁହଁର ପବନ ଦ୍ୱାରା ଏହି ଐଶ୍ୱରିକ ସିଲ୍‌ସିଲା ଧ୍ୱଂସ ହୋଇପାରିବ? କଦାପି ବିନାଶ ହେବନାହିଁ ଯେଉଁମାନେ ଖୁଦାଙ୍କ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଚାହୁଁଛନ୍ତି ସେମାନେ ନିଜେ ଧ୍ୱଂସ ହୋଇଯିବେ । (୧)ଖୁଦା ମୋତେ ପବିତ୍ର କୋରାନ୍‌ର ଜ୍ଞାନ ଅର୍ପଣ କରିଛନ୍ତି (୨)ଖୁଦା ମୋତେ ପବିତ୍ର କୋରାନ୍‌ର ଭାଷା ଦ୍ୱାରା ଅଲୌକିକ ଜ୍ଞାନ ପ୍ରଦାନ କରିଛନ୍ତି (୩) ଖୁଦା ମୋର ଦୁଆ ଗୁଡ଼ିକ ସବୁଠାରୁ ଅଧିକ ଗ୍ରହଣ କରିଛନ୍ତି (୪)ଖୁଦା ମୋତେ ଆକାଶରୁ ନିଦର୍ଶନ ପ୍ରଦାନ କରିଛନ୍ତି (୫)ଖୁଦା ମୋତେ ପୃଥିବୀରୁ ନିଦର୍ଶନ ପ୍ରଦାନ କରିଛନ୍ତି (୬)ଖୁଦା ମୋତେ ଏ ପ୍ରତିଶୃତି ଦେଇଛନ୍ତି ଯେ ମୋ ସହିତ ମୁକାବିଲା କରୁଥିବା ପ୍ରତ୍ୟେକ ବ୍ୟକ୍ତି ପରାଜୟ ବରଣ କରିବେ (୭)ଖୁଦା ମୋତେ ସୁସମାଚାର ଦେଇଛନ୍ତି ଯେ ତୋର ଅନୁଗାମୀମାନେ ସର୍ବଦା ନିଜ ସତ୍ୟତାର ଦଲିଲ୍ ଯୋଗୁ ବିଜୟୀ ହେବେ ଓ ସେମାନଙ୍କ ମଧ୍ୟରୁ ଅଧିକାଂଶ ଓ ସେମାନଙ୍କର ସନ୍ତାନମାନେ ବଡ଼ ବଡ଼ ସମ୍ମାନରେ ଭୂଷିତ ହେବେ । ଯଦ୍ୱାରା ସେମାନଙ୍କ ଉପରେ ଏହା ପ୍ରମାଣିତ ହୋଇଯିବ ଯେ ଯିଏ ଖୁଦାଙ୍କ ନିକଟରୁ ଆସେ ସେ କିଛି କ୍ଷତି ଉଠାଏ ନାହିଁ (୮)ଖୁଦା ମୋତେ ଏ ପ୍ରତିଶୃତି ଦେଇଛନ୍ତି ଯେ କୟାମତ୍ ପର୍ଯ୍ୟନ୍ତ ଓ ଯେପର୍ଯ୍ୟନ୍ତ ଏ ସଂସାର ଶେଷ ନହୋଇଯାଇଛି ମୁଁ ତୋର ବର୍‌କାତ୍‌କୁ ପ୍ରକାଶ କରିଚାଲିବି ଏପରିକି *ବାଦ୍‌ଶାହ୍ ତେରେ କପଡୋଁ ସେ ବର୍‌କତ୍ ଢୁଣ୍ଡେଗେଁ* ଅର୍ଥାତ୍-ସମ୍ରାଟମାନେ ତୋ ବସ୍ତ୍ରରୁ ବିଭୁତି ଖୋଜିବେ (୯)ଖୁଦା ଆଜିଠାରୁ ୨୦ ବର୍ଷ ପୂର୍ବେ ମୋତେ ସୁସମାଚାର ଦେଇଛନ୍ତି କି ତୁମକୁ ଅମାନ୍ୟ କରାଯିବ ଏବଂ ଲୋକେ ତୁମକୁ ଗ୍ରହଣ କରିବେ ନାହିଁ କିନ୍ତୁ ମୁଁ ତୁମକୁ ଗ୍ରହଣ କରିବି ଏବଂ ବହୁତ ଶକ୍ତିଶାଳୀ ଆକ୍ରମଣ ଦ୍ୱାରା ତୁମର ସତ୍ୟତାକୁ ପ୍ରକାଶ କରିଦେବି (୧୦) ଏବଂ ଖୁଦା ମୋତେ ପ୍ରତିଶୃତି ଦେଇଛନ୍ତି କି ତୁମ ବର୍‌କତ୍‌ର ପୁନର୍ବାର ଜ୍ୟୋତି ପ୍ରକାଶ କରିବା ନିମନ୍ତେ ତୁମଠାରୁ

ହିଁ ଓ ତୁମ ସନ୍ତାନ ମାନଙ୍କ ଭିତରୁ ଜଣକୁ ଛିଡ଼ା କରାଇ ଦିଆଯିବ ଯାହାଙ୍କ ଭିତରେ ମୁଁ ରୁହୁଲ୍ କୁଦୁସ୍ (ପବିତ୍ର ଆତ୍ମା)ର ବର୍‌କାତ୍ ଫୁଙ୍କିବି । ସେ ଅତ୍ୟନ୍ତ ପବିତ୍ର ଓ ଖୁଦାଙ୍କ ସହିତ ଅତ୍ୟନ୍ତ ପବିତ୍ର ସମ୍ପର୍କ ରଖିଥିବା ବ୍ୟକ୍ତି ହେବ ଓ ମଜହରୁଲ୍ ହକ୍ ୱଲ୍ ଆଲା (ସତ୍ୟର ପ୍ରକାଶକାରୀ) ହେବ, ଯେପରି ଖୁଦା ସ୍ୱର୍ଗରୁ ଅବତୀର୍ଣ୍ଣ ହେଲେ । ଓ ଏହି ଦଶଟି ସମ୍ପୂର୍ଣ୍ଣ ହେଲା ।

ଦେଖନ୍ତୁ ଏପରି ସମୟ ଆସୁଅଛି ବରଂ ନିକଟତର ଅଛି ଯେ ଖୁଦା ଏହି ସିଲ୍‌ସିଲାକୁ ସଂସାରରେ ବହୁତ ଗ୍ରହଣୀୟ କରି ପ୍ରସାର କରିବେ । ଏବଂ ଏହି ସିଲ୍‌ସିଲା ପୂର୍ବ ପଶ୍ଚିମ ଓ ଉତର ଦକ୍ଷିଣରେ ବ୍ୟାପିଯିବ ଓ ଦୁନିଆରେ ଇସ୍‌ଲାମ୍‌ର ପରିଭାଷା ଏହି ସିଲ୍‌ସିଲା ହିଁ ହେବ । ଏକଥା ମଣିଷର କଥା ନୁହେଁ । ଏହା ସେହି ଖୁଦାଙ୍କ ୱହି (ବାଣୀ) ଅଟେ, ଯାହାଙ୍କ ନିକଟରେ କୌଣସି କଥା ଅସାଧ ନୁହେଁ ।

*(ତୋହଫା ଗୋଲଡିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୧୮୧)*

**ସତ୍ୟବାଦୀ ଓ ମିଥ୍ୟାବାଦୀଙ୍କ ଭିତରେ ଫଇସଲା କରିବାର ଆଉଗୋଟିଏ ମାର୍ଗ ମୋ ଉପରେ ବଦ୍ ଦୁଆଏଁ (ଅଭିଶାପ) ପ୍ରେରଣ କର ଏବଂ କାନ୍ଦି କାନ୍ଦି ମୋର ମୁଳୋତ୍ପାଟନ କରିବା ନିମନ୍ତେ ଇଚ୍ଛା କର ।**

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବାରମ୍ବାର ଅନେକ ସ୍ଥାନରେ ଏକଥା କହିଛନ୍ତି ଯେ ଯିଏ ମଧ୍ୟ ମୃତ୍ୟୁ ମାଧ୍ୟମରେ ଆପଣଙ୍କ ସତ୍ୟବାଦୀ ବା ମିଥ୍ୟାବାଦୀ ହେବା ପାଇଁ ନିଷ୍ପତି ଚାହିଁଛନ୍ତି ଖୁଦା ନିସଙ୍କୋଚ ତାର ଜୀବନ ନେଇଛନ୍ତି । ଖୁଦା ସତ୍ୟବାଦୀଙ୍କ ମୁକାବିଲାରେ ହଜାର ହଜାର ଜୀବନର ମଧ୍ୟ କିଛି ପରବାୟ କରେନାହିଁ । ଶହଶହ ବିରୋଧି ଆପଣଙ୍କ ସହିତ ମୁକାବିଲା କରି, ମୋବାହିଲା କରି, ଆପଣଙ୍କ ଉପରେ ବଦ୍‌ଦୁଆ ପ୍ରେରଣ କରି ଓ ଖୁଦାଙ୍କ ଠାରୁ ଆପଣଙ୍କ ମୃତ୍ୟୁକୁ ମାଗି (ସ୍ୱୟଂ) ଧ୍ୱଂସ ହେଲେ । ଯଦି କେହି ବଦ୍‌ଦୁଆ ଜରିଆରେ ହଜ୍‌ରତ୍ ମସିହ୍ ମଉଦ୍‌ଙ୍କୁ ସତ୍ୟବାଦୀ ବା ମିଥ୍ୟାବାଦୀ ରୂପେ ପରଖିବାକୁ ଚାହେଁ ତେବେ ଏବେ ବି ଏହି ମାର୍ଗ ଖୋଲା ଅଛି । ଏ ସମ୍ବନ୍ଧରେ ଆପଣ ଆ:ସଙ୍କ ଗୋଟିଏ ବିଶ୍ୱାସ ବର୍ଦ୍ଧକ ଲେଖା ଦେଖିନିଅନ୍ତୁ ।

ଯଦି ଆପଣମାନେ ମୋତେ ମିଥ୍ୟାବାଦୀ ବୋଲି ଭାବୁଛନ୍ତି ତେବେ ଆପଣମାନଙ୍କୁ ଏହା ମଧ୍ୟ ଅଧିକାର ଅଛି ଯେ ମସ୍‌ଜିଦ୍‌ରେ ଏକତ୍ରିତ ହୋଇ ବା ଅଲଗା ଅଲଗା ମୋ ପାଇଁ ବଦ୍‌ଦୁଆ (ଅଭିଶାପ) ପ୍ରେରଣ କରନ୍ତୁ । ଏବଂ କାନ୍ଦି କାନ୍ଦି ମୋର ମୁଳୋତ୍ପାଟନ କରିବା ପାଇଁ ଇଚ୍ଛା କରନ୍ତୁ । ଏବେ ଯଦି ମୁଁ ମିଥ୍ୟାବାଦୀ ଥିବି ତେବେ ନିଶ୍ଚିତ ରୂପେ (ତୁମର) ଉକ୍ତ ଦୁଆଗୁଡିକ ଗ୍ରହଣ ହୋଇଯିବ ଓ ଆପଣମାନେ ସବୁବେଳେ ଦୁଆ ମଧ୍ୟ କରୁଛନ୍ତି, କିନ୍ତୁ ମନେରଖ ଯେ ଯଦି ଆପଣମାନେ ଏଭଳି ଦୁଆ କରିବେ କି ଜିଭ ଖଣ୍ଡିଆ ମଧ୍ୟ ହୋଇଯିବ ଏବଂ ଏଭଳି କାନ୍ଦି କାନ୍ଦି ସଜ୍‌ଦାରେ ପଡ଼ିରହିବେ ଯେ ନାକ ଘୋରି ହୋଇଯିବ ଓ ଅଶ୍ରୁ ଦ୍ୱାରା ଆଖିର ଗୋଲକ ସଢ଼ିଯିବ ଏବଂ ପଲକ ଝଡ଼ିଯିବ ଏବଂ ମାତ୍ରାଧିକ ବିଳାପ କରିବା ଦ୍ୱାରା ଦୃଷ୍ଟି ଶକ୍ତି କମ୍ ହୋଇଯିବ ଏବଂ ପରିଶେଷରେ ବୁଦ୍ଧି ଶେଷ ହୋଇଯାଇ ମିର୍ଗି (ଅପସ୍ମାର ରୋଗ) ହୋଇଯିବ ବା ବୁଦ୍ଧିଶୂନ୍ୟ ହୋଇଯିବ, ତେବେ ମଧ୍ୟ (ତୁମର) ଉକ୍ତ ଦୁଆ ଗୁଡିକ ଶୁଣାଯିବ ନାହିଁ । କାରଣ ମୁଁ ଖୁଦାଙ୍କ ନିକଟରୁ ଆସିଅଛି । ଯେଉଁ ବ୍ୟକ୍ତି ମୋ ବିପକ୍ଷରେ ବଦ୍‌ଦୁଆ କରିବ ସେହି ବଦ୍‌ଦୁଆ ତା ଉପରେ ପଡ଼ିବ । ଯେଉଁ ବ୍ୟକ୍ତି ମୋ ବିଷୟରେ ଏହା କହୁଛି କି ତା ଉପରେ ଲାନତ୍ (ଅଭିଶାପ) ହେଉ ବୋଲି (ତେବେ) ସେହି ଲାନତ୍ ତା ହୃଦୟ ଉପରେ ପଡ଼ିବ କିନ୍ତୁ (ଏ ବିଷୟରେ) ତାକୁ କିଛି ଖବର ନାହିଁ । ଓ ଯେଉଁ ବ୍ୟକ୍ତି ମୋ ସହିତ ନିଜକୁ ମଲ୍ଲ ଯୋଦ୍ଧା ରୂପେ ଭାବି ଏ ଦୁଆ କରୁଛି ଯେ ଆମ ମାନଙ୍କ ଭିତରୁ ଯିଏ ମିଥ୍ୟାବାଦୀ ସେ ପ୍ରଥମେ ମରିଯିବ ବୋଲି (ତେବେ) ଏହାର ଫଳାଫଳ ତାହା ହିଁ ହେବ ଯାହାକୁ ମୌଲବୀ ଗୁଲାମ୍ ଦସ୍ତଗୀର୍ କସୁରି ଦେଖିସାରିଛନ୍ତି ।

*(ଅରବଇନ, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୪୭୧)*

ମସିହ୍ ମଉଦ୍‌ଙ୍କ ବିରୋଧ ଖୁଦାଙ୍କ ବିରୋଧ ଅଟେ । ତେଣୁ ଖୁଦାଙ୍କ ସହିତ ଲଢ଼ାଇ କରନାହିଁ ! ମୋତେ ନିଃଶେଷ କରିଦେବା ତୁମର କାମ ନୁହେଁ ।

ମୁଁ ଯେତେ ପଛକୁ ହଟିବାକୁ ଚାହୁଁଛି, ଖୁଦାତାଲା ମୋତେ ସେତିକି ଆଗକୁ ଆଗକୁ ଭିଡ଼ି ଆଣୁଛନ୍ତି । ମୋ ଉପରେ କୌଣସି ଏପରି ରାତି ବିତୁନାହିଁ ଯେଉଁଥିରେ ମୋତେ ସନ୍ତୋଷତା ନମିଳୁଥିବ ଅର୍ଥାତ୍ (ଖୁଦା କହୁଛନ୍ତି) ମୁଁ ତୋ ସହିତ ଅଛି ଓ ମୋର ସ୍ୱର୍ଗୀୟ ସେନା ତୋ ସହିତ ଅଛନ୍ତି । ଯଦିଚ ଯେଉଁ ଲୋକମାନଙ୍କର ହୃଦୟ ପବିତ୍ର ଅଟେ ସେମାନେ ମରିବା ପରେ ଖୁଦାଙ୍କୁ ଦେଖିବେ କିନ୍ତୁ ମୁଁ ତା ଶ୍ରୀମୁଖ ରାଣ ଖାଇ କହୁଛି ଯେ ମୁଁ ଏବେ ମଧ୍ୟ ତାକୁ ଦେଖୁଅଛି । ଏ ସଂସାର ମୋତେ ଚିହ୍ନୁନାହିଁ କିନ୍ତୁ ସେ ମୋତେ ଜାଣିଛି ଯିଏ ମୋତେ ପଠାଇଛି । ଏହା ସେହି ଲୋକମାନଙ୍କର ଭୁଲ୍ ଅଟେ ଓ ସମ୍ପୂର୍ଣ୍ଣ ଦୁର୍ଭାଗ୍ୟ ଅଟେ ଯେ ସେମାନେ ମୋତେ ବିନାଶ କରିବାକୁ ଚାହୁଁଛନ୍ତି । ମୁଁ ସେହି ବୃକ୍ଷ ଅଟେ ଯାହାକୁ ବାସ୍ତବିକ ମାଲିକ ନିଜ ହାତରେ ଲଗାଇଛନ୍ତି । ଯେଉଁ ବ୍ୟକ୍ତି ମୋତେ କାଟିବାକୁ ଚାହୁଁଛି ତାର ଫଳ ଏହାଛଡ଼ା ଆଉ କିଛି ହେବନାହିଁ ଅର୍ଥାତ୍ ସେ କାରୁନ୍, ୟହୁଦା, ଇସ୍‌କ୍ରୀୟୁତି ଏବଂ ଅବୁଜହଲ୍‌ର ଭାଗ୍ୟରୁ କିଛି ଭାଗ ନେବାକୁ ଚାହୁଁଛି । ମୁଁ ପ୍ରତ୍ୟେକ ଦିନ ଅଶ୍ରୁଭରା ନୟନରେ ଏହା ଚାହୁଁଛି ଯେ କେହି ଏ କ୍ଷେତ୍ରରେ ବାହାରୁ ଏବଂ ମିନ୍‌ହାଜେ ନବୁଓ୍ୱତ୍ (ନବୁଓ୍ୱତ୍‌ର ମାର୍ଗରେ) ମୋ ସହିତ ଫଇସଲା କରିବାକୁ ଚାହୁଁ । ପୁଣି ଦେଖୁ କି ଖୁଦା କାହା ସହିତ ଅଛନ୍ତି । କିନ୍ତୁ ଏ କ୍ଷେତ୍ରରେ ବାହାରିବା କୌଣସି ନପୁଂସକଙ୍କ କାର୍ଯ୍ୟ ନୁହେଁ । ହଁ ଗୁଲାମ୍ ଦସ୍ତଗୀର୍ ଆମ ରାଜ୍ୟ ପଞ୍ଜାବ୍‌ରେ କୁଫର୍ ସେନାର ଜଣେ ସିପାହୀ ଥିଲା ଯିଏ କାମରେ ଆସିଲା । ଏବେ ଏ ଲୋକମାନଙ୍କ ମଧ୍ୟରେ ତା ଭଳିଆ ବାହାରିବା ଅସମ୍ଭବ । ହେ ଲୋକମାନେ ! ତୁମେ ନିଶ୍ଚିତ ରୂପେ ବୁଝିନିଅ କି ମୋ ସହିତ ସେହି ହାତ ରହିଛି ଯିଏ ଶେଷ ପର୍ଯ୍ୟନ୍ତ ମୋ ଉପରେ ଆଶିର୍ବାଦ କରିବ । ଯଦି ତୁମର ପୁରୁଷ, ତୁମର ସ୍ତ୍ରୀ, ତୁମର ଯୁବକ, ତୁମର ବୃଦ୍ଧ, ତୁମର ଛୋଟ ଓ ତୁମର ବଡ଼ ସମସ୍ତେ ମିଶି ମୋତେ ନିଃଶେଷ କରିବା ପାଇଁ ପ୍ରାର୍ଥନା କରିବେ ଏପରିକି ସଜ୍‌ଦା କରିକରି ନାକ ସଢ଼ିଯିବ ଏବଂ ହାତ ଶିଥିଳ ହୋଇଯିବ ତେବେ ମଧ୍ୟ ଖୁଦା କଦାପି ତୁମର ଦୁଆକୁ ଶୁଣିବେ ନାହିଁ ଓ ସେପର୍ଯ୍ୟନ୍ତ ରୋକିବେ ନାହିଁ ଯେପର୍ଯ୍ୟନ୍ତ ନିଜର କାର୍ଯ୍ୟକୁ ପୁରା ନକରିଦେଇଛି । ଯଦି ମନୁଷ୍ୟମାନଙ୍କ ଭିତରୁ କେହି ମଧ୍ୟ ମୋ ସହିତ ନରହିବ ତେବେ ଖୁଦାଙ୍କ ଫରିସ୍ତା ମୋ ସହିତ ରହିବେ । ଓ ଯଦି ତୁମେ ସାକ୍ଷୀକୁ ଲୁଚାଇବ ତେବେ ସମ୍ଭବ ଯେ ପଥର ମଧ୍ୟ ମୋ ପାଇଁ ସାକ୍ଷୀ ଦେଇଦେବେ । ତେଣୁ ନିଜ ଜୀବନ ଉପରେ ଜୁଲମ୍ କରନାହିଁ । ମିଥ୍ୟାବାଦୀଙ୍କ ମୁହଁ ଅଲଗା ହୋଇଥାଏ ଓ ସତ୍ୟବାଦୀଙ୍କର ଅଲଗା ହୋଇଥାଏ । ଖୁଦା କୌଣସି କଥାକୁ ବିନା ଫଇସଲାରେ ଛାଡ଼େନାହିଁ । ମୁଁ ଏପରି ଜୀବନକୁ ଭର୍ତ୍ସନା କରୁଛି ଯିଏ ମିଥ୍ୟା ଓ ମିଥ୍ୟାରୋପ ସହିତ ଥାଏ । ଏହା ସହିତ ଏପରି ଅବସ୍ଥା ଉପରେ ମଧ୍ୟ (ଲାନତ୍ ପଠାଉଛି) କି ସୃଷ୍ଟଜଙ୍କ ଭୟରେ ସେ ସ୍ରଷ୍ଟାଙ୍କ କଥାରୁ ଅଲଗା ରହୁଛି । ସେହି ଖିଦ୍‌ମତ୍ (ସେବା)ଯାହାକୁ ଠିକ୍ ସମୟରେ ଶକ୍ତିଶାଳୀ ଖୁଦା ମୋତେ ସମର୍ପିଛନ୍ତି ଯାହାପାଇଁ ମୋତେ ଜନ୍ମ ଦେଇଛନ୍ତି, ଯଦିଚ ସୂର୍ଯ୍ୟ ଗୋଟିଏ ପଟୁ ଓ ପୃଥିବୀ ଆଉ ଗୋଟିଏ ପଟୁ ଦୁଇଟିଯାକ ମିଶି ମୋତେ ଦଳିଦେବାକୁ ଚାହିଁବେ ତେବେ କଦାପି ସମ୍ଭବ ନୁହେଁ କି ମୁଁ ଏଥିରେ ଅବହେଳା କରିବି । ମନୁଷ୍ୟ କଣ, କେବଳ ଗୋଟିଏ କୀଟ ଅଟେ । ଏବଂ ବଶର୍ (ବ୍ୟକ୍ତି) କଣ, କେବଳ ଗୋଟିଏ ମାଂସ ପିଣ୍ଡୁଳା । ତେଣୁ କାହିଁକି ମୁଁ ହୈୟୁ ଓ୍ୱ କୟୁମ୍ (ସଦାସର୍ବଦା ଜୀବନ୍ତ ଓ ସ୍ଥାପିତ ଖୁଦା) ଙ୍କ ନିର୍ଦ୍ଦେଶକୁ ଗୋଟିଏ କୀଟ ବା ଗୋଟିଏ ମାଂସ ପିଣ୍ଡୁଳା ପାଇଁ ମୁଁ ଟାଳିଦେବି । ଯେପରି ଖୁଦା ପୂର୍ବେ ନିୟୋଜିତ କରିଥିବା ଦୂତ ଓ ସେମାନଙ୍କ ଅମାନ୍ୟକାରୀଙ୍କ ମଧ୍ୟରେ ଶେଷରେ ଦିନେ ଫଇସଲା କରିଦେଇଥିଲା । ସେହିପରି ସେ ଏବେ ମଧ୍ୟ ଫଇସଲା କରିବ । ଖୁଦାଙ୍କ ମାମୁରେନ୍ (ପ୍ରେରିତ ଦୂତ)ଙ୍କ ଆସିବାର ଗୋଟିଏ ମୌସମ୍ (ସମୟ) ଥାଏ ଓ ପୁଣି ଯିବାର ମଧ୍ୟ ଗୋଟିଏ ସମୟ ଥାଏ । ତେଣୁ ନିଶ୍ଚିତ ରୂପେ ଏହା ଜାଣିନିଅ କି ନା ମୁଁ ଅସମୟରେ ଆସିଛି ଓ ନା ମୁଁ ଅସମୟରେ ଯିବି । ଖୁଦାଙ୍କ ସହିତ ଲଢ଼ନାହିଁ ! ମୋତେ ନିଃଶେଷ କରିଦେବା ତୁମର କାମ ନୁହେଁ ।

*(ଜମିମା ତୋହ୍‌ଫା ଗୋଲଡିୟା, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୪୯)*

**ବିରୋଧିମାନେ ଅକାରଣେ ନିଜକୁ ଧ୍ୱଂସ କରୁଛନ୍ତି**

**ମୁଁ ଏପରି ଚାରା ନୁହେଁ କି ତାଙ୍କ ହାତରେ ଉପୁଡିଯିବି**

ମୋ ରୁହ୍ (ଆତ୍ମା) ରେ ସେହି ସତ୍ୟତା ଅଛି ଯାହା ଇବ୍ରାହିମ୍ ଆଲୈହିସ

ସଲାମ୍‌ଙ୍କୁ ପ୍ରଦାନ କରାଯାଇଥିଲା । ମୋତେ ଖୁଦାଙ୍କ ନିକଟରେ ଇବ୍ରାହିମ୍‌ଙ୍କ ସହିତ ତୁଳନା କରାଯାଇଛି । କିନ୍ତୁ ଖୁଦାଙ୍କ ବ୍ୟତୀତ କେହି ମୋ ଭେଦକୁ ଜାଣନ୍ତିନାହିଁ । ବିରୋଧିମାନେ ଅକାରଣେ ନିଜକୁ ଧ୍ୱଂସ କରୁଛନ୍ତି । ମୁଁ ଏପରି ଚାରା ନୁହେଁ କି ସେମାନଙ୍କ ହାତ ଦ୍ୱାରା ଉପୁଡ଼ିଯିବ । ଯଦି ସେମାନଙ୍କ ପୂର୍ବ ଓ ସେମାନଙ୍କ ପର ଓ ସେମାନଙ୍କ ଜୀବିତ ଓ ସେମାନଙ୍କର ମୃତ ସମସ୍ତେ ଏକାଠି ହୋଇଯିବେ ଓ ମୋତେ ମାରିବା ପାଇଁ ପ୍ରାର୍ଥନା କରିବେ ତେବେ ମୋ ଖୁଦା ସେହି ସମସ୍ତ ପ୍ରାର୍ଥନାକୁ ଅଭିଶାପ ରୂପରେ ସେମାନଙ୍କ ମୁହଁ ଉପରେ ମାରିବ । ଦେଖ ଶହ ଶହ ବୁଦ୍ଧିଜିବୀ ଆପଣମାନଙ୍କ ଜମାତ୍‌ରୁ ବାହାରି ଆମ ଜମାତ୍‌ରେ ମିଶୁଛନ୍ତି । ଆକାଶରେ ଏକ କୋଳାହଳ ସୃଷ୍ଟି ହୋଇଛି ଓ ଫରିସ୍ତାମାନେ ପବିତ୍ର ଆତ୍ମାଗୁଡିକୁ ଟାଣି ଏ ଆଡକୁ ନେଇଆସୁଛନ୍ତି । ତେବେ ଏପରି ଆକାଶୀୟ କାର୍ଯ୍ୟକ୍ରମକୁ କଣ ମଣିଷ ରୋକିପାରିବ ? ଯଦି କିଛି ଶକ୍ତି ଅଛି ତେବେ ରୋକ । ସେହି ସବୁ ଛଳକପଟ ଓ ଧୃଷ୍ଟତା ଯାହାକୁ ନବୀ ମାନଙ୍କର ବିରୋଧି କରିଆସୁଛନ୍ତି ସେ ସବୁକୁ କର ଏବଂ କୌଣସି ପ୍ରକାରର ଚେଷ୍ଟାକୁ ହାତଛଡ଼ା କରନାହିଁ । ପାରୁପର୍ଯ୍ୟନ୍ତ ଚେଷ୍ଟା କର । ଏତେ ବଦ୍‌ଦୁଆ କର ଯେ ମୃତ୍ୟୁ ପର୍ଯ୍ୟନ୍ତ ପହଂଚିଯାଓ । ପୁଣି ଦେଖ କଣ ବିଗାଡ଼ିପାରୁଛ ? ଖୁଦାଙ୍କ ସ୍ୱର୍ଗୀୟ ନିଦର୍ଶନ ବର୍ଷା ସଦୃଶ ବରଷୁଛି । କିନ୍ତୁ ଅଭାଗା ବ୍ୟକ୍ତି ଦୂରରୁ ଆପତି କରନ୍ତି । ଯେଉଁମାନଙ୍କ ହୃଦୟରେ ମୋହର ଲାଗିସାରିଛି ସେମାନଙ୍କର ଆମେ କି ଉପଚାର କରିପାରିବୁ । ହେ ଖୁଦା ! ତୁମେ ଏହି ଉମ୍ମତ୍ ଉପରେ ଦୟା କର । ଆମିନ୍ !

*(ଅରବଇନ୍ ନଂ-୪, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୪୭୨)*

ଅଲ୍ଲାହତାଲା ଉମତେ ମୁସଲିମାକୁ ହିଦାୟତ୍ ଦିଅନ୍ତୁ ଯେ ସେ ଏ ଯୁଗର ଇମାମ୍ ସୟଦ୍‌ନା ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ମସିହ୍ ମଉଦ୍ ଓ ମେହ୍‌ଦୀ ମାହୁଦ୍ ଆଲୈହିସ୍ ସଲାମ୍‌ଙ୍କ ସତ୍ୟତାକୁ ବୁଝି ଆପଣ ଆ:ସଙ୍କ ଉପରେ ବିଶ୍ୱାସ ଆଣନ୍ତୁ ଓ ନିଜର ଇହକାଳ ଓ ପରକାଳକୁ ସଜାଡନ୍ତୁ । ଆମିନ୍ !

*(ମନ୍‌ସୁର୍ ଅହେମଦ୍ ମସରୁର୍)*

*ପୃଷ୍ଠା-୨୦ ର ଅବଶିଷ୍ଟାଂଶ...*

"ବିଶ୍ୱସନୀୟ ଚେହେରା, ଉଚ୍ଚତମ ସାହସ ଏବଂ ଉଚ୍ଚ ଭାବନା ସମ୍ପନ୍ନ ବ୍ୟକ୍ତିତ୍ୱ ନିଜର ଅଦମ୍ୟ ସାହସର ମୁକାବିଲାରେ କାହାକୁ ମଣନ୍ତି ନାହିଁ" ।

*(ଅଲ୍‌ହକମ୍ ୭ ଏପ୍ରିଲ୍ ୧୯୩୪)*

ମୌଲବୀ ଜଫର୍ ଅଲୀ ସାହେବ୍‌ଙ୍କ ବାପା ମୁନ୍‌ସି ସିରାଜୁଦ୍ଦିନ୍ ସାହେବ୍ କହୁଛନ୍ତି ଯେ:-

"ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ଆ:ସ ୧୮୬୦ ବା ୧୮୬୧ ମସିହାରେ ଜିଲା ସିଆଲକୋଟ୍‌ରେ ମୋହରିର ଥିଲେ । ସେ ସମୟରେ ଆପଣ ଆ:ସଙ୍କର ବୟସ ବାଇଶି ତେଇଶି ବର୍ଷ ହେବ । ଆମେ ନିଜ ଆଖି ଦେଖା କଥା ସାକ୍ଷୀ ଦେଇ କହିପାରିବୁ ଯେ ସେ ଯୁବକ ଅବସ୍ଥାରେ ମଧ୍ୟ ଅତ୍ୟନ୍ତ ପୁଣ୍ୟବାନ୍ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ଚାକିରୀ ସମୟ ପରେ ତାଙ୍କର ସବୁତକ ସମୟ ଧର୍ମପୁସ୍ତକର ଅଧ୍ୟୟନରେ ଅତିବାହିତ ହେଉଥିଲା । ଲୋକମାନଙ୍କ ସହିତ କମ୍ ମିଳାମିଶା କରୁଥିଲେ" ।

*(ଅଖ୍‌ବାର୍ ଜମିଁଦାର୍ ମଇ ୧୯୦୮, ବହୱାଲା ବଦର୍ ୨୫ ଜୁନ୍ ୧୯୦୮)*

ମୌଲନା ସୟଦ୍ ମୀର୍ ହସନ୍ ସାହେବ୍ ସିଆଲକୋଟୀ ହଜରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ସିଆଲକୋଟ୍‌ରେ ରହିବା ସମୟ ଆଡକୁ ଇଙ୍ଗିତ କରି ଲେଖୁଛନ୍ତି ଯେ:-

"ଅଳ୍ପ ଭାବନାଦ୍ୱାରା ମଧ୍ୟ ଦେଖିବାବାଲାଙ୍କ ଉପରେ ଏହା ସ୍ପଷ୍ଟ ହୋଇଯାଉଥିଲା ଯେ ହଜରତ୍ ଆ:ସ ନିଜର ପ୍ରତ୍ୟେକ କଥନ ଓ କାର୍ଯ୍ୟରେ ଅନ୍ୟମାନଙ୍କ ଠାରୁ ଭିନ୍ନ ଅଟନ୍ତି" ।

*(ସିରତୁଲ୍ ମେହେଦୀ ପ୍ରଥମ ଖଣ୍ଡ, ପୃଷ୍ଠା-୨୭୦)*

ହଜରତ୍ ଶେଖ୍ ୟାକୁବ୍ ଅଲୀ ଇର୍‌ଫାନୀ ସାହେବ୍ ର:ଅ ସିଆଲକୋଟ୍‌ରେ ମୀର୍ ହସନ୍ ସାହେବ୍ ସିଆଲକୋଟୀଙ୍କ ସହିତ ଯେବେ ମିଳିଲେ, ସେ କହିଲେ:-

"ଦୁଃଖର ବିଷୟ ଆମେ ତାଙ୍କର ସମ୍ମାନ କରିଲୁ ନାହିଁ । ତାଙ୍କର ଆଧ୍ୟାତ୍ମିକ ପୂର୍ଣ୍ଣତାକୁ ବର୍ଣ୍ଣନା କରିପାରିବି ନାହିଁ । ତାଙ୍କର ଜିବନୀ ମାମୁଲି ମାନବୀୟ ଜିବନ ପରି ନଥିଲା ବରଂ ସେ ଏପରି ଲୋକମାନଙ୍କ ଭଳି ଥିଲେ ଯେଉଁମାନେ ଖୁଦାତାଲାଙ୍କ ବିଶେଷ ଭକ୍ତ ହୋଇଥାନ୍ତି ଓ ଏ ସଂସାରକୁ କୋଚିତ୍ ଆସିଥାନ୍ତି" ।

*(ଅଲ୍‌ହକମ୍ ୭ ଏପ୍ରିଲ୍ ୧୯୩୪)*

**ବାବରକତ୍ ସ୍ଥଳ**

**ମସ୍‌ଜିଦ୍ ହକିମ୍ ହିସାମୁଦ୍ଦିନ୍:-** ଏହି ମସ୍‌ଜିଦ୍‌ରେ ଆପଣ ଆଲୈହିସ୍ ସଲାମ୍ ଚାକିରୀ କରିବା ସମୟରେ ଓ ଦାବି କରିବା ପରେ ମଧ୍ୟ ନମାଜ ପାଠ କରୁଥିଲେ ।

**ମକାନ୍ ଅବ୍‌ଦୁଲ୍ ଅଜିଜ୍ ସାହେବ୍:-** ଏହି ଘରେ ଆପଣ ଆ:ସ ଚାକିରୀ କରିବା ସମୟରେ ରହୁଥିଲେ ।

**ମକାନ୍ ହକିମ୍ ହିସାମୁଦ୍ଦିନ୍ ସାହେବ୍:-** ଏହି ଘରେ ଆପଣ ଆ:ସ ୧୮୯୨ ଓ ୧୯୦୪ ମସିହାରେ ସିଆଲ୍‌କୋଟ୍ ଆସିବା ସମୟରେ ରହିଥିଲେ ।

**କଚେରୀ:-** ଏହି ସ୍ଥାନରେ ଆପଣ ଆଲୈହିସ୍ ସଲାମ୍ ଚାକିରୀ କରୁଥିଲେ ।

**ସରାଏ ମହାରାଜା:-** ଏହି ସ୍ଥାନରେ ଲେକ୍‌ଚର୍ ସିଆଲକୋଟ୍ ଆପଣ ଆ:ସଙ୍କ ଉପସ୍ଥିତିରେ ପଢ଼ାଯାଇଥିଲା ।

**ରେଲ୍‌ୱେ ଷ୍ଟେସନ୍:-** ୧୯୦୪ ମସିହାରେ ଯେବେ ଆପଣ ଆ:ସ ସିଆଲ୍‌କୋଟ୍ ଆସିଲେ ସେତେବେଳେ ଟ୍ରେନ୍‌ଟି ଏହି ଷ୍ଟେସନ୍‌ରେ ଆସି ରହିଥିଲା । ବିରୋଧ ହେବା ସତ୍ତ୍ୱେ ମଧ୍ୟ ସ୍ୱାଗତ କରିବା ନିମନ୍ତେ ଷ୍ଟେସନ୍‌ରେ ବହୁତ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ ।

ଅଲ୍ଲାହଙ୍କ ନିକଟରେ ପ୍ରାର୍ଥନା ଯେ ସେ ଆମ ଜମାତ୍‌କୁ ପ୍ରତ୍ୟେକ ଦିନ ଅଗଣତି ଉନ୍ନତି ପ୍ରଦାନ କରନ୍ତୁ ଓ ଆମେ ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍‌ଙ୍କ ବାବରକତ୍ ଶିକ୍ଷା ଗୁଡିକରୁ ଲାଭ ଉଠାଇପାରିବୁ । ଆମିନ୍ !

## ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରେମରେ ଲେଖା ଯାଇଥିବା ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମନ୍‌ଜୁମ୍ କଲାମ୍ (କବିତା)

ୱହ୍ ପେଶ୍‌ୱା ହମାରା ଜିସ୍ ସେ ହେ ନୁର୍ ସାରା
ନାମ୍ ଉସ୍‌କା ହେ ମୁହମ୍ମଦ୍ ଦିଲ୍‌ବର୍ ମେରା ୟହି ହେ
ସବ୍ ପାକ୍ ହେଁ ପୟମ୍ବର୍ ଇକ୍ ଦୁସୁରେ ସେ ବେହ୍‌ତର୍
ଲେକ୍ ଅଜ୍ ଖୁଦାଏ ବରତର୍ ଖେଏରୁଲ୍ ୱରା ୟହି ହେ
ପହ୍‌ଲୋଁ ସେ ଖୁବ୍ ତର୍ ହେ ଖୁବି ମେଁ ଇକ୍ କମର୍ ହେ
ଉସ୍‌ପର୍ ହର୍ ଇକ୍ ନଜର୍ ହେ ବଦ୍‌ରୁଦ୍ ଦୁଜା ୟହି ହେ
ପହ୍‌ଲେ ତୋ ରହ୍ ମେଁ ହାରେ ପାର୍ ଉସ୍‌ନେ ହେଁ ଉତାରେ
ମେଁ ଯାଉଁ ଇସ୍‌କେ ୱାରେ ବସ୍ ନାଖୁଦା ୟହି ହେ
ପରଦେ ଯୋ ଥେ ହଟାଏ ଅନ୍ଦର୍ କି ରହ୍ ଦିଖାଏ
ଦିଲ୍ ୟାର୍ ସେ ମିଲାଏ ୱହ୍ ଆଶନା ୟହି ହେ
ୱହ୍ ୟାରେ ଲାମକାନି ୱହ୍ ଦିଲ୍‌ବରେ ନେହାନି
ଦେଖା ହେ ହମ୍‌ନେ ଉସ୍ ସେ ବସ୍ ରହ୍‌ନୁମା ୟହି ହେ
ୱହ୍ ଆଜ୍ ଶାହେ ଦୀଁ ହେ ୱହ୍ ତାଜେ ମୁରସଲାଁ ହେ
ୱହ୍ ତୈୟବୋ ଅମିଁ ହେ ଉସ୍‌କି ସନା ୟହି ହେ
ଉସ୍ ନୁର୍ ପର୍ ଫିଦା ହୁଁ ଉସ୍ କା ହି ମେଁ ହୁଆ ହୁଁ
ୱହ୍ ହେ ମେଁ ଚିଜ୍ କ୍ୟା ହୁଁ ବସ୍ ଫୈସଲା ୟହି ହେ
ୱହ୍ ଦିଲ୍‌ବରେ ୟଗାନା ଇଲ୍‌ମୋ କା ହେ ଖଜାନା
ବାକି ହେ ସବ୍ ଫସାନା ସଚ୍ ବେଖତା ୟହି ହେ
ସବ୍ ହମ୍‌ନେ ଉସ୍ ସେ ପାୟା ଶାହିଦ୍ ହେ ତୁ ଖୁଦାୟା
ୱହ୍ ଜିସ୍‌ନେ ହକ୍ ଦିଖାୟା ୱହ୍ ମହ୍ ଲିକା ୟହି ହେ

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**

**୧୮୦୦ ୩୦୧୦ ୨୧୩୧**

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.....*

ମୌଲବୀ ଫଜଲ୍ ଦୀନ୍ ସାହେବ୍‌ଙ୍କ ମୁହଁରେ ହାତ ରଖିଦେଲେ ଓ କହିଲେ ଯେ ମୋ ତରଫରୁ ଏ ପ୍ରକାରର ପ୍ରଶ୍ନ ପଚାରିବାର ନା ତ କୌଣସି ନିର୍ଦ୍ଦେଶ ଅଛି ନା ଏହାର ଅନୁମତି ଅଛି । ଆପଣ ନିଜ ଦାୟିତ୍ୱରେ ଅଦାଲତଙ୍କ ଅନୁମତି କ୍ରମେ ଯଦି ଏପରି ପଚାରିବାକୁ ଚାହାଁନ୍ତି ତେବେ ଆପଣଙ୍କୁ ତାହା ଅଧିକାର ଅଛି । ଏଥିରେ ସ୍ୱତଃ ଡେପୁଟି କମିଶନର୍ ସାହେବ୍‌ଙ୍କର ଉତ୍ସାହ ହେଲା ଏବଂ ସେ ନିଜର ମିସଲ୍ ଖାଁ ରାଜା ଗୁଲାମ୍ ହଏଦର୍ ଖାନ୍ ସାହେବ୍‌ଙ୍କ ଠାରୁ ପଚାରି ବୁଝିଲେ ଯେ ଏହି ପ୍ରଶ୍ନ ବାବଦରେ ତୁମକୁ କିଛି ଜଣା ଅଛି କି ? ସେ ନାହିଁର ଉତର ଦେଲା । ମଧ୍ୟାହ୍ନ ଭୋଜନର ଛୁଟି ସମୟରେ ରାଜା ଗୁଲାମ୍ ହଏଦର୍ ଖାନ୍ ସାହେବ୍ ଶେଖ୍ ରହେମତୁଲ୍ଲାଃ ସାହେବ୍‌ଙ୍କ ମାରଫତ୍‌ରେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଠାରୁ ଏହି ପ୍ରଶ୍ନ ବାବଦରେ ପଚାରି ବୁଝିଲେ । ହଜରତ୍ ମସିହ୍ ମଉଦ୍ ଆ:ସ ବତାଇଲେ କି ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଇ ସାହେବ୍‌ଙ୍କ ବାପାଙ୍କର ଗୋଟିଏ ଚିଠି ଆମ ନିକଟରେ ଅଛି । ସେଥିରେ କିଛି ନିକାହ୍ ବାବଦରେ ଓ ମୌଲବୀ ମୁହମ୍ମଦ୍ ହୁସେନଙ୍କ କୁବ୍ୟବହାରର ଘଟଣା ବର୍ଣ୍ଣିତ ହୋଇଛି, ଯାହା ଅତ୍ୟନ୍ତ ଆପତିଜନକ ଅଟେ । ଆମେ କଦାପି ଏହା ଚାହୁଁନାହୁଁ କି ସେହି ଘଟଣାର ବିଷୟ ମିସଲ୍‌ରେ ଅଣାଯାଉବୋଲି ।

ପ୍ରୀୟ ଶ୍ରୋତାଗଣ ! ଆପଣମାନେ ଜାଣିଛନ୍ତି ଯେ ହଜରତ୍ ମସିହ୍ ମଉଦ୍ ଆ:ସ ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ଯେବେ "ମସିହ ମଉଦ୍" ହେବାର ଘୋଷଣା କରିଥିଲେ ସେତେବେଳେ ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୁଇ ପ୍ରଥମ ବ୍ୟକ୍ତି ଥିଲା ଯିଏ ଆପଣ ଆ:ସଙ୍କର ପ୍ରତ୍ୟାଖ୍ୟାନ କରିଥିଲା ଏବଂ ପୁଣି କୁଫର(ଅମାନ୍ୟକାରୀ) ହେବାର ଫତ୍‌ୱା ତିଆରି କରି ନିଜର ମିତ୍ର ଓ ସହଯୋଗୀ ମୁଲା ମାନଙ୍କର ଦସ୍ତଖତ କରାଇଲା । ସାଧାରଣ ଲୋକମାନଙ୍କୁ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଖିଲାଫରେ ଭଡ଼କାଇଲା । ସେହି ସବୁ ବିରୋଧ ଓ ଦୁଃଖ କଷ୍ଟ ତାଠାରୁ ମିଳିବା ସତ୍ୱେ ମଧ୍ୟ ଯେତେବେଳେ ତାର ମିଛୁଆ ଇଜ୍ଜତ୍‌କୁ ଅଦାଲତ ସମ୍ମୁଖରେ ମାଟିରେ ମିଶାଇ ଦେବାର ସମୟ ଆସିଲା ସେତେବେଳେ ଆପଣ ଆ:ସ ନିଜ ଓକିଲ ସାହେବ୍‌ଙ୍କୁ ଏହା କରିବା ପାଇଁ ମନା କରିଦେଲେ ଓ ତା ମାମଲାକୁ ଅଲ୍ଲାଃତାଲାଙ୍କ ନିକଟରେ ପେଶ୍ କଲେ ।

ସମ୍ମାନୀୟ ଶ୍ରୋତାଗଣ ! ହଜରତ୍ ମସିହ୍ ମଉଦ୍ ଆ:ସ ଆଜିଠାରୁ ୧୧୭ ବର୍ଷ ପୂର୍ବେ ୨୯ ଡିସେମ୍ବର୍ ୧୯୦୦ ମସିହା ଦିନ ଅହେମଦୀୟତ୍‌ର ବିରୋଧିମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ "ଏହି ସ୍ୱର୍ଗୀୟ କାର୍ଯ୍ୟକ୍ରମକୁ କଣ ମନୁଷ୍ୟ ରୋକିପାରିବ ? ଯଦି କାହା ପାଖରେ କୌଣସି ଶକ୍ତି ଅଛି ତେବେ ରୋକନ୍ତୁ, ସେ ସମସ୍ତ ଛଳକପଟ ଯାହା ନବୀମାନଙ୍କ ବିରୋଧିମାନେ କରିଆସିଛନ୍ତି, ସେ ସବୁକୁ ମଧ୍ୟ କରନ୍ତୁ । ଏବଂ କୌଣସି ପ୍ରକାରର ଚେଷ୍ଟାକୁ ହାତ ଛଡ଼ା କରନ୍ତୁ ନାହିଁ । ପ୍ରାଣପଣେ ଚେଷ୍ଟା କରନ୍ତୁ । ଏତେ ବଦ୍‌ଦୁଆ (ଅଭିଶାପ) କରନ୍ତୁ ଯେ ଏହା ଦ୍ୱାରା ତୁମେ ମୃତ୍ୟୁ ପର୍ଯ୍ୟନ୍ତ ପହଂଚିଯିବ । ପୁଣି ଦେଖ କି କଣ ତୁମେ ବିଗାଡ଼ି ପାରୁଛ ?" (ଅରବଇନ୍ ନଂ-୪, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୪୭୩)

ହେ ଅହେମଦୀୟତ୍‌ର ବିରୋଧିଗଣ ! ବିଗତ ୧୧୭ ବର୍ଷରେ ଜମାତ୍ ଅହେମଦୀୟାକୁ ତବାହ୍ ବର୍‌ବାଦ୍ (ନିଃଶେଷ) କରିଦେବା ପାଇଁ ଆପଣମାନେ କୌଣସି ଉପାୟକୁ ମଧ୍ୟ ହାତଛଡ଼ା କରିନାହିଁ । ପ୍ରଥମେ ମୌଲବୀ ମାନେ ପୁଣି କାର୍ଯ୍ୟାଳୟ ଗୁଡ଼ିକ, ପୁଣି ଆସେମ୍ବ୍‌ଲି ଗୁଡ଼ିକରେ, ପୁଣି ଇସ୍‌ଲାମୀୟ ଜଗତ ସହିତ ସମ୍ବନ୍ଧ ରଖୁଥିବା ଲୋକେ, ଜମାତ୍ ଉପରେ କୁଫର୍ (ଅମାନ୍ୟକାରୀ)ର ଫତ୍‌ୱା ଲଗାଇଲେ । ଅହେମଦୀ ମାନଙ୍କୁ ନିଃଶେଷ କରିଦେବା ପାଇଁ ଯୋଜନା ପ୍ରସ୍ତୁତ କଲେ । ପ୍ରାଣପଣେ ଚେଷ୍ଟା କଲେ । ଖୁଦାଙ୍କୁ ସର୍ବଶକ୍ତିମାନ୍ ଜାଣି ସାକ୍ଷୀ ଦିଅ ! କଣ ଆପଣମାନେ ଅହେମଦୀୟତ୍‌ର ମୁଳୋତ୍ପାଟନ କରିବାରେ ସଫଳତା ପାଇଲେ ? ଅଥବା ପୁଣି ଆପଣମାନଙ୍କର ଏ ସବୁ ଯୋଜନା ଓ ପ୍ରତିବନ୍ଧକ ସତ୍ୱେ ଜମାତ୍ ଅହେମଦୀୟା ଗୋଟିଏ ପରେ ଆଉ ଗୋଟିଏ ଉନ୍ନତିର ଲକ୍ଷ୍ୟ ସ୍ଥଳକୁ ଅତିକ୍ରମ କରିଚାଲିଛି ଓ ଆପଣମାନଙ୍କର ସମସ୍ତ ଯୋଜନା ଅସଫଳ ହୋଇଚାଲିଛି । ଆପଣମାନେ ପ୍ରାଣପଣେ ଚେଷ୍ଟା କରି ବିରୋଧ କରି ଏହା ଦେଖିସାରିଛନ୍ତି କିନ୍ତୁ ଅଲ୍ଲାଃତାଲାଙ୍କର ପ୍ରତିଶ୍ରୁତି *କତବଲ୍ଲାହୋ ଲଅଗ୍‌ଲିବନ୍ନା ଆନା ୱ ରୁସୁଲି (ସୁରତୁଲ୍ ମୋଜାଦଲା : ୨୨)* ଅର୍ଥାତ୍- ଅଲ୍ଲାଃତାଲା ଏହା ଧାର୍ଯ୍ୟ କରି ରଖିଛି ଯେ ନିଶ୍ଚିତ ରୂପେ ମୁଁ ଓ ମୋର ଦୂତ ଜୟଯୁକ୍ତ ହେବୁ । ଏହା ମୁତାବକ ହଜରତ୍ ମସିହ୍ ମଉଦ୍ ଆ:ସ ବିଜୟ ହେଲେ ଓ ଆପଣ ଆ:ସଙ୍କ ଜମାତ୍ ଧାର୍ମିକ, ଆଧାତ୍ମିକ, ଚାରିତ୍ରିକ ଦୃଷ୍ଟିକୋଣରୁ ସଂସାରରେ ବିଜୟୀ ହୋଇଚାଲିଛି ।

ହଜରତ୍ ମସିହ୍ ମଉଦ୍ ଆ:ସ ପୁଣି କହୁଛନ୍ତି ଯେ "ବିରୋଧି ଲୋକେ ବୃଥାଚାରେ ନିଜକୁ ଧ୍ୱଂସ କରୁଛନ୍ତି । ମୁଁ ଏପରି ଚାରା ନୁହେଁ କି ସେମାନଙ୍କ ହାତଦ୍ୱାରା ଉପୁଡ଼ିଯିବି । ଯଦି ତାଙ୍କ ପୂର୍ବ ଏବଂ ପର ଓ ତାଙ୍କର ଜିବୀତ ଓ ମୃତ ସମସ୍ତେ ଏକାଠି ହୋଇଯିବେ ଓ ମୋତେ ମାରିବା ପାଇଁ ପ୍ରାର୍ଥନା କରିବେ । ତେବେ ଖୁଦା ତାଙ୍କର ସମସ୍ତ ପ୍ରାର୍ଥନାକୁ ଅଭିଶାପ ରୂପରେ ଫେରାଇଦେଇ ତାଙ୍କ ମୁହଁରେ ମାରିବେ । ଦେଖନ୍ତୁ ଶହ ଶହ ବୁଦ୍ଧିଜିବୀ ଆପଣମାନଙ୍କ ଜମାତ୍‌ରୁ ବାହାରି ଯାଇ ଆମ ଜମାତ୍‌ରେ ମିଶୁଛନ୍ତି । ଆକାଶରେ ଏକ କୋଳାହଳ ହେଉଅଛି ଓ ଫରିସ୍ତାମାନେ ପବିତ୍ର ହୃଦୟ ଗୁଡ଼ିକୁ ଟାଣି ଏ ଆଡକୁ ନେଇ ଆସୁଛନ୍ତି" । *(ଅରବଇନ୍ ନଂ-୪, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୪୭୩)*

ଶେଷରେ ପ୍ରାର୍ଥନା ଯେ ଅଲ୍ଲାଃତାଲା ଜମାତ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନ ଚରିତକୁ ଅନୁସରଣ କରି ସାହସ, ଆତ୍ମସଞ୍ଜମ, ଧୈର୍ଯ୍ୟ ଓ ସହନଶୀଳତାର ସହିତ ବିରୋଧି ମାନଙ୍କର ବିରୋଧକୁ ବରଦାସ୍ତ କରି ଦାୱତେ ଇଲଲ୍ଲାଃ (ଅଲ୍ଲାଃତାଲାଙ୍କ ଆଡକୁ ଡାକିବାର କାର୍ଯ୍ୟ) କରିବାର ଶକ୍ତି ପ୍ରଦାନ କରିଚାଲନ୍ତୁ । ଓ ଏହା ଫଳରେ ଅଧିକରୁ ଅଧିକ ପୁଣ୍ୟ ପ୍ରକୃତିର ଲୋକେ ଜମାତ୍ ଅହେମଦୀୟାରେ ସାମିଲ୍ ହୋଇ ନିଜ ଇହକାଳ ଓ ପରକାଳକୁ ସଜାଡ଼ି ଚାଲନ୍ତୁ । ଓ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଏହି ସାରଗର୍ଭକ ବାର୍ତାକୁ ବୁଝି ଆଗକୁ ମାଡ଼ି ଚାଲନ୍ତୁ ।

ସିଦିକ୍ ସେ ମେରି ତରଫ୍ ଆଓ
ଇସି ମେ ଖୈର୍ ହୈ
ହୈଁ ଦରିନ୍ଦେ ହରତରଫ୍
ମୈଁ ଆଫିୟତ୍ କା ହୁଁ ହିସାର୍

*ପୃଷ୍ଠା-୩ ର ଅବଶିଷ୍ଟାଂଶ..................*

ପବିତ୍ର କୋରାନ୍‌ର ଜ୍ଞାନ ପ୍ରଦାନ କରିଛନ୍ତି ଓ ନିଜ ପୁସ୍ତକର ବାସ୍ତବିକ ତତ୍ୱଜ୍ଞାନକୁ ମୋ ଉପରେ ସ୍ପଷ୍ଟ କରିଛନ୍ତି । ଏବଂ ଅଲୌକିକତା ମୋତେ ପ୍ରଦାନ କରାଯାଇଛି । ତେଣୁ ମୋ ଆଡକୁ ଆସ । ଯଦ୍ୱାରା ଏହି ନେମତ୍ (ପୁରସ୍କାର)ରୁ ତୁମେ ଭାଗ ପାଇବ । ମୋତେ ତା ରାଣ, ଯାହା ହାତରେ ମୋ ଜୀବନ ଅଛି କି ମୁଁ ଖୁଦାତାଲାଙ୍କ ତରଫରୁ ପ୍ରେରଣ କରାଯାଇଅଛି । କଣ ଏହା ଆବଶ୍ୟକ ନଥିଲା ଯେ ଏପରି ବିରାଟ ବିପତିପୂର୍ଣ୍ଣ ଶତାବ୍ଦୀର ପ୍ରାରମ୍ଭରେ ଜଣେ ମୋଜଦିଦ୍ (ସଂସ୍କାରକ) ସ୍ପଷ୍ଟ ଦାବି କରି ନଆସନ୍ତା, ଯେଉଁଥିରେ ଖୋଲା ବିପଦ ଆପଦ (ପ୍ରକାଶ) ହେଉଅଛି । ସୁତରାଂ ଅତି ନିକଟରେ ମୋ କାର୍ଯ୍ୟ ଦ୍ୱାରା ତୁମେ ମୋତେ ଚିହ୍ନି ନେବ । ପ୍ରତ୍ୟେକ ଯିଏ ଖୁଦାତାଲାଙ୍କ ତରଫରୁ ଆସିଛନ୍ତି, ସେ ସମୟର ଅଜ୍ଞାନ ଓ୍ୱଲେମାମାନେ ତାଙ୍କର ବାଟ ଜଗିଥିଲେ । ପରିଶେଷରେ ସେମାନେ ନିଜର କର୍ମ ଦ୍ୱାରା ଚିହ୍ନିତ ହେଲେ । ଅର୍ଥାତ୍- ପିତା ବୃକ୍ଷରେ ମିଠା ଫଳ ଆସେନାହିଁ ଏବଂ ଖୁଦା ଅନ୍ୟମାନଙ୍କୁ ସେହିସବୁ ବରକତ୍ (ବୈଭବ) ପ୍ରଦାନ କରେ ନାହିଁ ଯାହା ତାର ବିଶେଷ ବ୍ୟକ୍ତିମାନଙ୍କୁ ଦିଆଯାଏ । ହେ ଲୋକମାନେ ! ଇସ୍‌ଲାମ୍ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି । ଏବଂ ଦୀନର ଶତ୍ରୁମାନେ ଚାରିଆଡୁ ଘେରି ଯାଇଛନ୍ତି ଓ ତିନିହଜାର୍‌ରୁ ଅଧିକା ଏତେରାଜାତ୍ (ଆପତି ଅଭଯୋଗ) ହୋଇସାରିଛି । ଏପରି ସମୟରେ ସହାନୁଭୁତିର ସହିତ ନିଜର ଇମାନ୍‌କୁ ଦେଖାଓ ଓ ଇଶ୍ୱର ପୁରୁଷଙ୍କ ମଧ୍ୟରେ ସ୍ଥାନ ପାଅ । ଓ୍ୱସ୍ ସଲାମ୍ ଆଲା ମନିତ୍ ତବଇଲ୍ ହୁଦା

*(ବରକାତୁଦ୍ ଦୁଆ, ରୁହାନି ଖଜାଏନ୍, ଖଣ୍ଡ-୬, ପୃଷ୍ଠା-୩୬)*

## ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଫଟୋକୁ ଦେଖି

(ମୋକରମ୍ ମୌଲାନା ଜଫର୍ ମୁହମ୍ମଦ୍ ଜଫର୍ ସାହେବ୍ ମରହୁମ୍, ରବୱା)

ଅକ୍‌ସେ ଜମିଲ୍ ୱ ସୁରତେ ଜେବା ୱ ବାଓ୍ୱକାର୍
ପଡ଼ତି ହୈ କ୍ୟୁଁ ନିଗାହେଁ ମେରି ତୁଝ୍‌ପେ ବାର୍‌ବାର୍
ଦୁନ୍‌ୟାଁ ମେଁ ହମ୍‌ନେ ଦେଖେ ବହତ୍ ଖୁବ୍‌ରୁ ମଗର୍
ସୁରତ୍ ତେରି ହୈ ସନ୍‌ଅତେ ସାନେ କା ଶାହ୍‌କାର୍
ତେରି ଜବିଁ ପେ ହୁସ୍‌ନେ ଅଜଲ୍ କି ତଜଲ୍ଲିୟାଁ
ତଲ୍‌ଅତ୍ ସେ ତେରି ନୁରେ ସଦାକତ୍ ହୈ ଆଶ୍‌କାର୍
ଦୁନ୍‌ୟାଁ ସେ ବେନିୟାଜ୍ ନିଗାହେଁ ଝୁକି ଝୁକି
ଗଜେ ବସର୍ କେ ହୁସୁନ୍ କି ତଫ୍‌ସିର୍ ଶାନ୍‌ଦାର୍
ଆକା ତେରି ଦୁଆଓଁ ସେ ୱହ୍ ଦୀନ୍ କରିବ୍ ହୈଁ
ତେରି ଝୁକି ନିଗାହୋଁ କୋ ହୈ ଜିନ୍‌କା ଇନ୍ତେଜାର୍
ଇସ୍‌ଲାମ୍ ଗାଲିବ୍ ଆଏଗା ଦୁନ୍‌ୟାଁ ମେଁ ଅନ୍‌କରୀବ୍
ଦଜ୍ଜାଲ୍ କୋ ହୈ ଆଜ୍ ତଲାଶ୍ ରହେ ଫରାର୍
ଅବ୍ ସାଅତେ ହଲାକତେ ବାତିଲ୍ କରିବ୍ ହୈ
ଯାଜୁଜ୍ ବେକରାର୍ ହୈ ମାଜୁଜ୍ ବେକରାର୍
ମଗରିବ୍ କେ ବୁତ୍‌କଦୋଁ ମେଁ କୟାମତ୍ ହୁଇ ବପା
ତସ୍‌ଲିସ୍ ହୋତି ଜାତି ହୈ ତୌହିଦ୍ କା ଶିକାର୍

*(ରୋଜ୍‌ନାମା ଅଲ୍‌ଫଜଲ୍ ୨୫ ଜୁଲାଇ ୧୯୭୯, ପୃଷ୍ଠା-୨)*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**